

ସିକ୍ୱେଲ୍ ଫିଲ୍ମ କରିବେ ଅମିର୍

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-329 ◆BHUBANESWAR ◆WEDNESDAY ◆28 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୨୯ ◆ଭୁବନେଶ୍ୱର ◆ବୁଧବାର ◆୨୮ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ମାଦକ ଦ୍ରବ୍ୟ ବିରୋଧରେ 'ଆମର ହାତଚିହ୍ନ' ଅଭିଯାନ



ବାଲେଶ୍ୱର,୨୭।୫(ସମିସ): କୁରୁଡା ବାଇପାସ ନିକଟରେ ଥିବା ନିୟୁଲାଇଫ୍ ୱେଲନେସ ଟ୍ରଷ୍ଟ (ନିଶାମୁକ୍ତ କେନ୍ଦ୍ର) ପକ୍ଷରୁ 'ମାଦକ ଦ୍ରବ୍ୟ ବିରୋଧରେ ଆମର ହାତଚିହ୍ନ' ନାମକ ଏକ ଅଭିଯାନ ଆଜି ଆରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଥାନା ଅଧିକାରୀ ସାଲଖାନ ମୁର୍ମୁ ଯୋଗଦେଇ ମାଦକ ଦ୍ରବ୍ୟ ବିରୋଧରେ ଏପରି ଅଭିଯାନ ଏବଂ ସଚେତନତା ବୃଦ୍ଧି ଆବଶ୍ୟକ ବୋଲି କହିଥିଲେ। ବିଶେଷ ଅତିଥି ବିଶେଷ ଭାବେ ପୂର୍ବତନ ପୌରପାଳିକା ଅଧ୍ୟକ୍ଷ ଆଲୋକ କୁମାର ସାହୁ, ସାମାଜିକ କର୍ମୀ ସଲିମ୍ ରାଜା, ଅଶୋକ ଦାସ, ବିଜୟ ସେଠୀ, ଅଜୀମ୍ ବାଲେଶ୍ୱରୀ ଓ ଅସିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନିୟୁଲାଇଫ୍ ୱେଲନେସ ଟ୍ରଷ୍ଟ ସମ୍ପାଦକ ବିକ୍ରମ କିଶୋରୀ ଦାସ ଅତିଥି ପରିଚୟ ଦେଇଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରସାନ୍ତ ମହାରଣା ଏହି ଅଭିଯାନର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ।

## ୨ ଚୋରା ବାଲି ବୋଝେଇ ଟ୍ରକ ଜବତ

ବାଲେଶ୍ୱର,୨୭।୫(ସମିସ): ବାଲେଶ୍ୱର ଜିଲ୍ଲା ମାଇନିଂ (ଖଣି) ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ୬୦ନମ୍ବର ଜାତିୟ ରାଜପଥର ରୁପ୍ସା ଥାନା ଓ ହଳଦିପଦା ଫାଣ୍ଡି ସମ୍ମୁଖ ରାସ୍ତା ଉପରୁ ଦୁଇଟି ଚୋରା ବାଲି ବୋଝେଇ ଟ୍ରକକୁ ଜବତ କରି ପୁଲିସକୁ ହସ୍ତାନ୍ତର କରିଛନ୍ତି। କନିଷ୍ଠ ମାଇନିଂ ଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି ଓ ପର୍ଶୁରାମ ଜେନା ପ୍ରମୁଖ ଅଧିକାରୀ ଗାଡିରେ ଚୋରା ବାଲି ବୋଝେଇ ଟ୍ରକ ଦୁଇଟିର ପିଛା କରିଥଲେ। ରୁପ୍ସା ଥାନା ନିକଟସ୍ଥ ଜାତୀୟ ରାଜପଥ ଉପରୁ ବାର ଚକିଆ ବାଲି ବୋଝେଇ ଟ୍ରକକୁ ଅଟକାଇ ଥିଲେ। ପରେ ଏହି ବାଲି ବୋଝେଇ ଟ୍ରକକୁ ମାଇନିଂ ଅଧିକାରୀମାନେ ରୁପ୍ସା ଥାନା ପୁଲିସକୁ ହସ୍ତାନ୍ତର କରିଛନ୍ତି। ସେହିଭଳି ଅନ୍ୟ ଏକ ଛଅ ଚକିଆ ଚୋରା ବାଲି ବୋଝେଇ ଟ୍ରକକୁ ହଳଦୀପଦା ଫାଣ୍ଡି ନିକଟସ୍ଥ ଜାତୀୟ ରାଜପଥ ଉପରେ ଅଟକାଇ ଥିଲେ ଅଧିକାରୀ ମାନେ। ପରେ ଏହି ଟ୍ରକକୁ ଯାଞ୍ଚ କରିବା ପୂର୍ବକ ହଳଦିପଦା ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଛନ୍ତି।

### ଆଉ ଦୁଇଟି ପାଟ୍ରୋଲିଂ ଗାଡ଼ି ମିଳିବା ସତ୍ତ୍ୱେ ବଦଳୁନି ଚିତ୍ର

# ସହରରେ ପୁଲିସ ପାଟ୍ରୋଲିଂ ଢିଲା; ବଢୁଛି ଅପରାଧ

ବାଲେଶ୍ୱର,୨୭।୫(ସମିସ)

ବାଲେଶ୍ୱର ସହରର ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଟାଉନ ଓ ସହଦେବଖୁଣ୍ଟା ଥାନା ପାଖରେ ନଥିଲା ଆବଶ୍ୟକତା ଅନୁଯାଇ ପାଟ୍ରୋଲିଂ ଗାଡ଼ି। ଏହି ଦୁଇଟି ଥାନା ପୁଲିସ ପକ୍ଷରୁ ମାତ୍ର ଚାରିଟି ଗାଡିରେ ସହରରେ ପାଟ୍ରୋଲିଂ କରୁଥିଲେ। ଯେଉଁଥି ପାଇଁ ଖବର ପାଇ ବି ପୁଲିସ ପାଟ୍ରୋଲିଂ ଗାଡ଼ି ସଠିକ ସମୟରେ ଘଟଣାସ୍ଥଳରେ ପହଞ୍ଚି ପାରୁ ନଥିଲା। ସହରର ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ ପୁଲିସ ବିଭାଗ ସୁଦୃଢ଼ କରିପାରି ନଥିଲା। ଗତ କିଛିଦିନ ତଳେ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଥାନା ଗୁଡିକୁ ଗୋଟିଏ ଲେଖାଏଁ ସ୍କର୍ପିଓ ଗାଡ଼ି ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ସହରବାସୀଙ୍କୁ ସୁରକ୍ଷା ଦେବା ପାଇଁ ଟାଉନ ଓ ସହଦେବଖୁଣ୍ଟା ଥାନା ପାଖରେ ରହିଛି ଛଅଟି ଗାଡ଼ି। ତଥାପି ସହରରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସହଦେବଖୁଣ୍ଟା ଓ ଟାଉନ ଥାନା ପୁଲିସ ପକ୍ଷରୁ କଡାକଡି କରାଯାଉନି କାହିଁକି ବୋଲି ଜନସାଧାରଣରେ ପ୍ରଶ୍ନ ହେଉଛି।



ସମ୍ପ୍ରତି ବାଲେଶ୍ୱର ସହରରେ ଅଢେଇ ଲକ୍ଷରୁ ଉଦ୍ଧ୍ୱର୍ ଲୋକ ବସବାସ କରୁଛନ୍ତି। ଏହି ଅଢେଇ ଲକ୍ଷ ସହରବାସୀଙ୍କ ସୁରକ୍ଷା ପାଇଁ ଆବଶ୍ୟକତା ଅନୁସାରେ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉନି। ଏହା ସହରରେ ରହୁଥିବା ଅପରାଧୀଙ୍କ ସମେତ ଅସମାଜିକ ବ୍ୟକ୍ତିଙ୍କୁ ସୁହାଉଛି। କିଛିମାସ ହେଲା ସହରରେ ଅପରାଧୀ ଓ ଅସାମାଜିକ ବ୍ୟକ୍ତିମାନେ ସକ୍ରିୟ ହୋଇ ଉଠିଛନ୍ତି। ରାତି ୧୦ଟା ପରେ ସହରର ବିଭିନ୍ନ ସ୍ଥାନରେ ସେମାନଙ୍କ ଆଡ୍ଡା ଜମୁଛି। ଗତ ଦୁଇ ମାସ ଭିତରେ ସହର ସମେତ ସହର ଉପକଣ୍ଠସ୍ଥ ବିଭିନ୍ନ ଅଞ୍ଚଳରେ ଅପରାଧ ମୂଳକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାର ଦେଖାଯାଇଛି। ସହରର ଆଖପାଖ ଅଞ୍ଚଳରେ ପ୍ରତିଦିନ କିଛିନା କିଛି ଅଘଟଣ ଓ ଅପରାଧ ଘଟୁଛି। ଏକଥା ସ୍ଥାନୀୟ ପୁଲିସ ପ୍ରଶାସନ ଖୋଲାଖୋଲି ଭାବେ ସ୍ୱୀକାର କରନ୍ତୁକି ନ କରନ୍ତୁ, ଲୋକେ କିନ୍ତୁ ଏଭଳି ଅପରାଧ ଓ ଅଘଟଣକୁ ନେଇ ବେଶ ଚିନ୍ତିତ ରହିଛନ୍ତି। ଗତ ପାଞ୍ଚ ଦିନ ମଧ୍ୟରେ ଏଡିଏମ ଛକ ନିକଟରୁ ବିର୍ଲା ଟାୟାର୍ସର ଜଣେ ପୂର୍ବତନ କର୍ମଚାରୀଙ୍କ ହାତରୁ ଲୁଟେରା ମାନେ ମୋବାଇଲ ଫୋନ ଲୁଟି ନେଇଥିଲେ। ସେହିପରି ଟାଉନ ଥାନା ଅନ୍ତର୍ଗତ ବୈରାମ ନଗର ରାସ୍ତାରେ ମୋବାଇଲ ଫୋନ ଜଣେ ମହିଳାଙ୍କ ହାତରୁ ଝାମ୍ପି ନେଇ ଯାଇଥିଲେ ଦୁର୍ବୃତ୍ତ ମାନେ। ସେହିଭଳି ସଦର ଥାନା ଅନ୍ତର୍ଗତ ଫକୀରମୋହନ ନଗର ଅଞ୍ଚଳରେ ଘର ମାଲିକ ସପରିବାରେ ଦିଲ୍ଲୀ ଯାଇଥିବା ବେଳେ ରାତି ତିନିଟାରେ କବାଟ ତାଡି ଲୁଟେରା ନଗଦ ପଚାଶ ହଜାର ଟଙ୍କା ଓ ଗହଣା ଲୁଟିଥିବା ସିସିଟିଭିରେ ରେକର୍ଡ ହୋଇଛି। ପୁଣି ସହଦେବଖୁଣ୍ଟା ଆଦର୍ଶ ଥାନାଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଥିବା ଏକ ବାରର କାନ୍ଥ କଣା କରି ଜଣେ ଆସାମୀ ନଗଦ ତିରିଶ ହଜାର ଟଙ୍କା ଓ କିଛି ବିଦେଶୀ ମଦ ଲୁଟି ନେଇଥିବା ଥାନାରେ ଅଭିଯୋଗ ହେଇଛି। ପ୍ରତିଦିନ ଏଭଳି ଲୁଟ ତରାଜ ଚାଲିଛି କହିଲେ ଭୁଲ ହେବ ନାହିଁ। ଥାନାରେ ଏତଲା ମଧ୍ୟ ଦିଆଯାଉଛି। ବାଇକ ଚୋରି ମଧ୍ୟ ବେଧଡକ ଭାବେ ଚାଲିଛି। ପୁଲିସ ମଧ୍ୟ ପାରୁ ପର୍ଯ୍ୟନ୍ତ ଅପରାଧୀ ମାନଙ୍କୁ ଗିରଫ କରୁଛନ୍ତି। ଏସ୍‌ପି ସବୁ ଥାନାରେ ଥିବା ଏତଲା ଉପରେ ସମୀକ୍ଷା କରୁଛନ୍ତି। ପୁଲିସ ପ୍ରଶାସନ ଜନ ସାଧାରଣଙ୍କୁ ସୁରକ୍ଷା ଦେବାରେ କେତେ ଦୂର ସକ୍ଷମ ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଥାନା ଗୁଡିକରେ ଯେତିକି ପଦବୀ ରହିଛି ତାହା ପୂରଣ ହୋଇପାରୁନାହିଁ। ପାଟ୍ରୋଲିଙ୍ଗ ଗାଡିର ସଂଖ୍ୟା ମଧ୍ୟ ସୀମିତ। ତେବେ ସହଦେବଖୁଣ୍ଟା ଓ ଟାଉନ ଥାନାର ଚାରିଟି ଗାଡ଼ି ସହରର ସିଂହ ଭାଗ ଅଞ୍ଚଳକୁ ପାଟ୍ରୋଲିଂ କରୁଥିଲା। ଯେଉଁଥି ପାଇଁ ଏହି ଦୁଇଟି ଥାନା ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇ ପାରି ନଥିଲା। ମାତ୍ର ଗତ କିଛି ଦିନ ତଳେ ସରକାର ପ୍ରତ୍ୟେକ ଥାନାକୁ ଗୋଟିଏ ଲେଖାଏଁ ସ୍କର୍ପିଓ ଗାଡି ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ଏହି ଦୁଇଟି ଥାନାରେ ପାଟ୍ରୋଲିଂ କରିବା ପାଇଁ ଛଅଟି ଗାଡ଼ି ରହିଛି। ହେଲେ ସହରରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହେବା ପରିବର୍ତ୍ତେ ପୂର୍ବ ଭଳି ଢିଲା ହେଉଥିବା ଜନ ସାଧାରଣରେ ଅଭିଯୋଗ ଉଠୁଛି।

ଏ ବାବଦରେ ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ପାଢ଼ୀ କୁହନ୍ତି, ବାଲେଶ୍ୱର ସହରର ଭିନ୍ନଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସି ଟିଭି ଲଗାଇ ଦିଆଯିବା ସହିତ ୱାର୍ଡ ଗୁଡ଼ିକର ଗଳିକନ୍ଦିରେ ଘଟୁଥିବା କ୍ରାଇମ ସ୍ପଟରେ ପହଞ୍ଚିବା ପାଇଁ ମୋଟରସାଇକେଲ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉ। ଏହା ଦ୍ୱାରା ସମଗ୍ର ସହରରେ ପାଟ୍ରୋଲିଂ କରିବା ପୁଲିସ ପକ୍ଷରେ ସହଜ ହେବା ସହିତ ବସ୍ତି ଅଞ୍ଚଳରେ ମଧ୍ୟ ପାଟ୍ରୋଲିଂ କରାଯାଇ ପାରିବ।

## ଆଲଫାର ମେଧା ସମ୍ମାନ ଉତ୍ସବ




ବାଲେଶ୍ୱର,୨୭।୫(ସମିସ): ରେମୁଣାସ୍ଥିତ ଅଣସରକାରୀ ବିଜ୍ଞାନ ଭିତ୍ତିକ ଶିକ୍ଷାନୁଷ୍ଠାନ ଆଲଫା ପକ୍ଷରୁ ମେଧା ସମ୍ମାନ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆଲଫାର ନିର୍ଦ୍ଦେଶକ ସନ୍ଦୀପ କୁମାର ମିଶ୍ରଙ୍କ ସଭିପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଉପଦେଷ୍ଟା ଡ. ଭାଗବତ ପ୍ରସାଦ ଦାସ ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ବିଆରସିସି ବଳରାମ ନାୟକ, ମୁଖ୍ୟବକ୍ତା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଂସ୍କାର ପ୍ରଦାନର ମହନୀୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ ଚନ୍ଦ୍ର ବେହେରା, ନିରଞ୍ଜନ ସାହୁ, ପ୍ରଦୀପ କୁମାର ମିଶ୍ର, ମନ୍ମଥ କୁମାର, ଗୋବିନ୍ଦ ଚନ୍ଦ୍ର ଭୋଇ, ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଆଲଫାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୪ ଜଣ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏଠାରେ ସେକେଣ୍ଡାରୀ ବିଦ୍ୟାଳୟରେ ୧୫ ଜଣ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନରେ ସ୍ୱର୍ଣ୍ଣଶ୍ରୀ ପାଣିଗ୍ରାହୀ, ଦ୍ୱିତୀୟରେ ଲକ୍ଷ୍ମୀ ନାରାୟଣ ପୋଥାଲ, ତୃତୀୟରେ ରାଜନନ୍ଦୀନି ପ୍ରଧାନ ପ୍ରମୁଖ ଆଲଫାର ଶ୍ରେଷ୍ଠତମ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହାବ୍ୟତୀତ ଆଲଫାର ଅନ୍ୟ ୨୫ ଜଣ କୃତୀ ଛାତ୍ରଛାତ୍ରୀଙ୍କ ସହ ରେମୁଣା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଶ୍ରେଷ୍ଠତମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ରେମୁଣା କଲେଜ ଯୁକ୍ତ ଦୁଇ କଳାର ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ସଙ୍ଗୀତା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀ ସଂଜିତା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରୀତମ କୁମାର ବାରିକ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କ୍ଷିତେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟମ୍ ପରିଡ଼ା, ରସାନନ୍ଦ ସାହୁ, ଅଂଶୁମାନ ବାଗୁଡ଼ି, ମାମାଲୀ ସେଠୀ, ଜ୍ୟୋତ୍ସ୍ନାରାଣୀ ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ଚଳନ୍ତା ବସ୍‌ରୁ ଚୋରି ଭିଡିଓ ଭାଇରାଲ

ବାଲେଶ୍ୱର,୨୭।୫(ସମିସ): ବାଲେଶ୍ୱରରେ ଏବେ ଚୋରି ଡକାୟତି ବୃଦ୍ଧି ପାଇଥିବା ବେଳେ ଚଳନ୍ତା ବସରୁ ମଧ୍ୟ ଚୋରି ହେଉଥିବା ଏକ ଭିଡିଓ ଭାଇରାଲ ହୋଇଛି। ଚଳନ୍ତା ବସରେ କିଛି ମହିଳା ଚୋରି କରୁଥିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖନ୍ତାପଡା ଅଂଚଳରେ। ପୁଲିସ ଏହି ଭିଡିଓକୁ ନେଇ ଏବେ ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବାଲେଶ୍ୱରରୁ ଖନ୍ତାପଡା ଅଭିମୁଖେ ଯାଉଥିବା ଏକ ବସ୍‌ରେ କିଛି ଯାତ୍ରୀ କରୁଥିଲେ। ସେଇ ବସ୍ ମଧ୍ୟରେ ଜଣେ ମହିଳାଙ୍କ ବ୍ୟାଗରୁ କିଛି ମହିଳାମାନେ ଖନ୍ତାପଡାଠାରେ ଚୋରି କରୁଥିଲେ। ବସ୍‌ରେ ଲାଗିଥିବା ସିସିଟିଭିରୁ ଏହି ଚୋରି ଘଟଣା ଜଣାପଡିଥିଲା। ଏ ନେଇ ଖନ୍ତାପଡା ଥାନାରେ ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଫୁଟେଜକୁ ଆଧାର କରି ଚୋରି କରିଥିବା ମହିଳା ଓ ତାଙ୍କ ସହଯୋଗୀକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଅଟକ ରହିଥିବା ମହିଳାମାନେ ଅଣଓଡ଼ିଆ। ଏହି ଘଟଣାରେ ତିନି ଜଣ ମହିଳା ଥିବା ବେଳେ ସାଥିରେ ୫ରୁ ଅଧିକ ନାବାଳକ ଓ ନବାଳିକା ମଧ୍ୟ ରହିଥିବା ଜଣାଯାଇଛି।

## ଅନ୍ତର୍ଜାତୀୟ ମେଗା ଚିତ୍ର କର୍ମଶାଳାରେ ବାଲେଶ୍ୱରର ୮ ଶିଳ୍ପୀ

ବାଲେଶ୍ୱର,୨୭।୫(ସମିସ): ଅନ୍ତର୍ଜାତୀୟ ମେଗା ଚିତ୍ର କର୍ମଶାଳାରେ ବାଲେଶ୍ୱରର ଆଠ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ଚଳିତ ମାସ ୨୫, ୨୬ ଓ ୨୭ ତାରିଖ ତିନିଦିନ ଧରି ବାରାଣାସୀର କାଶୀକା ଆର୍ଟିଷ୍ଟ ଗ୍ରୁପ ଏବଂ ପୂର୍ବୋଦୟ ଆର୍ଟିଷ୍ଟ ଫାଉଣ୍ଡେସନ ସହଯୋଗିତାରେ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ, ଲଳିତ କଳା ବିଭାଗ କକ୍ଷରେ ଏକ ମେଗା ଅନ୍ତର୍ଜାତୀୟ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ








ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରଦେଶରୁ ଏବଂ ବିଦେଶରୁ ଅନେକ ସୁନାମଧନ୍ୟ ବରିଷ୍ଠ ଚିତ୍ରଶିଳ୍ପୀ ତଥା ସୁନାମଧନ୍ୟ ଯୁବ ଚିତ୍ର ଶିଳ୍ପୀମାନେ ଭାଗନେଇ ସେମାନଙ୍କର ଉତ୍କୃଷ୍ଟ କଳା ସୃଜନ ସହ ତାହା ପ୍ରଦର୍ଶନ କରିଥିଲେ। ବନାରସ ତଥା ଭାରତର ସୁନାମଧନ୍ୟ ଶିଳ୍ପୀ ପ୍ରଫେସର ସୁନିଲ ବିଶ୍ୱକର୍ମା, ଡ. ସଂଜୟ ସାହାଣୀ, ଡ. ଓମ୍ ପ୍ରକାଶ ଗୁପ୍ତା, ପ୍ରଫେସର ପ୍ରଣାମ ସିଂ, ପ୍ରଫେସର ସୁନିଲ କଷବା, ପ୍ରଫେସର ଉତ୍ତମା ଦୀକ୍ଷୀତ ତଥା ଉଦ୍ଧବ ଗୁରୁଙ୍ଗ (ନେପାଳ) ପ୍ରମୁଖ କଳାକାର ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ତଥା ବାଲେଶ୍ୱରର ବରିଷ୍ଠ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ, ଶଶଧର ପତି, ବିନୟ ମହାନ୍ତି, ଯୁବ ଚିତ୍ରଶିଳ୍ପୀ ପ୍ରତାପ ରାଉତ, ନବୀନ ପଣ୍ଡା, ପୁର୍ଣ୍ଣେନ୍ଦୁ ପ୍ରକାଶ ପତି, ସୁବ୍ରତ ଦତ୍ତ, ଆଶିଷ ସାହୁ, ପ୍ରଦୀପ ପାତ୍ର, କୁଳଦୀପ ରାୟ, କୁନାଲ ସାହୁ ଓ ପପୁ କୁମାର କର କର୍ମଶାଳାରେ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ ମାଧ୍ୟମରେ ପ୍ରଶଂସା ସାଉଁଟିଥିଲେ।

## ମାଗୁଣିଚରଣ ବାଳାଶ୍ରମର ବାର୍ଷିକ ଉତ୍ସବ

ରାଜଘାଟ, ୨୭।୫ (ସମିସ): ବସ୍ତା ବ୍ଲକ ମଥାନୀସ୍ଥିତ ମାଗୁଣିଚରଣ ବାଳାଶ୍ରମର ୪୯ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ପ୍ରତାପଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଭାର ଆୟୋଜନ ହୋଇଥିଲା। ଆଶ୍ରମର ସଭାପତି ବିଜୟକୁମାର ସିଂହଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା କୋମଳମତି ଅନ୍ତେବାସୀ ପିଲା ମାନଙ୍କର ପାଠପଢା ଖେଳ ନାଚ ଗୀତର ପାରଦର୍ଶିତା ଦେଖି ବିମୋହିତ ହେବା ସହିତ ଏହି ଆଶ୍ରମ ମାଧ୍ୟମରେ ପିଲା ନିଜର ଭବିଷ୍ୟତ ଗଢି ବଡ ମଣିଷ ହେବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଜିଲ୍ଲା ଶିଶୁ ମଙ୍ଗଳକମିଟିର ଚେୟାର ପର୍ସନ ଡା ମୃତ୍ୟୁଞ୍ଜୟ ପଣ୍ଡା. ସମ୍ମାନିତ ଅତିଥି ଡିସିପିଓ




ଖୁସିରାମ ଗହିର, ବାଲେଶ୍ୱର ମାଇକ୍ରୋ ସଲ୍ୟୁସନ କମ୍ପ୍ୟୁଟର ଏକାଡେମି ଅଧ୍ୟକ୍ଷ ଡା ରାମଶଙ୍କର ମହାପାତ୍ର, ବିଶିଷ୍ଟ ଅତିଥି ଅବସର ବ୍ୟାଙ୍କ ମ୍ୟାନେଜର ଚକ୍ରଧର ସେଠୀ, ମଥାନୀ ସରପଞ୍ଚ ମମତାରାଣୀ ସିଟ, ପିଓ ଏନ ଆଇସି ସତ୍ୟ ରଞ୍ଜନ ସ୍ୱାଇଁ, ସୁମନକୁମାର ଗିରି, ଆଶ୍ରମର ଭାଇସ ପ୍ରେସିଡେଣ୍ଟ ପରମେଶ୍ୱର ଭୋଇ ଯୋଗ ଦେଇ ଥିଲେ। ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ଡା. ହରିହର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷାବିତ ଅଭିରାମ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଶାଳୀ ମହାନ୍ତି, ବିଜୟିନୀ ରାଜ, ସସ୍ମିତା ରାଉତ, ସସ୍ମୀତା ଜେନା. ମିନାକ୍ଷୀ ଜେନା, ପୁଷ୍ପଲତା ଜେନା, ପ୍ରଜ୍ଞାପିତା ବେହେରା, କାଜଲ ଘଡେଇ, ଅର୍ଚ୍ଚନା ମହାପାତ୍ର, ଫୁଲମଣୀ ଗିରି ଉପସ୍ଥିତ ଥିଲେ। ପ୍ରଦୀପ ବାରିକ. ଡା ପ୍ରସନ୍ନ ସେନାପତି, ପ୍ରଭାତ ବେହେରା ଉପସ୍ଥିତ ଥିଲେ।

## ପୂର୍ବଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀ ଉଦ୍‌ଘାଟିତ

ବାଲେଶ୍ୱର,୨୭।୫ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ, କେନ୍ଦ୍ରୀୟ ସଂସ୍କୃତ ବିଭାଗ-ନୂଆଦିଲ୍ଲୀ ଓ ପୂର୍ବଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ମିଳିତ ସହଯୋଗରେ ତିନିଦିନିଆ ପୂର୍ବଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ପଞ୍ଚମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସଂସ୍କୃତ ବିଷୟକୁ ପ୍ରାଧାନ୍ୟ ଦିଆଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀ ଉତ୍କଳୀୟ ପରମ୍ପରାର ବିଶ୍ୱ-ଦର୍ଶନ ସଂପର୍କରେ ଆଲୋଚନା କରିବା ସହ ଅନେକ ମହାମନିଷୀଙ୍କ ଜନ୍ମଭୂମି ଏହି ଭୂଖଣ୍ଡର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗର ସଂଯୋଜକ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ସମ୍ମିଳନୀର ସଂପାଦକ ପ୍ରଫେସର ହରେକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଭାବେ ଯୋଗଦେଇ ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫେସର ହରେକୃଷ୍ଣ ଶତପଥୀ, ପ୍ରଫେସର ଅରୁଣ ରଞ୍ଜନ ମିଶ୍ର, ପ୍ରଫେସର କ୍ଷିତିଶ୍ୱର ଦାଶ, ପ୍ରଫେସର କରୁଣାକର ଦାସ, ଡ. କୁମାରଚନ୍ଦ୍ର ମିଶ୍ର ପ୍ରମୁଖ ଚର୍ଚ୍ଚା କରିଥିଲେ। ଆସନ୍ନ ଅଧିବେଶନ ଗୁଡ଼ିକରେ ଅଥର୍ବ ବେଦର ପୈପ୍ପଲାଦ ସଂହିତା, ବ୍ୟାସକବି ଫକୀରମୋହନ ସେନାପତି ଓ ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଚର୍ଚ୍ଚା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ୪୦ ରୁ ଊର୍ଦ୍ଧ୍ୱ ଗବେଷକ ନିବନ୍ଧ ଉପସ୍ଥାପନା କରିବା ସହିତ ଦେଶର ବିଭିନ୍ନ ପ୍ରାନ୍ତର ସାହିତ୍ୟ ବିଶେଷଜ୍ଞ ଓ ବିଦ୍ୱାନଗଣ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଭାଗର ଅଧ୍ୟାପକ ଡ. ଦେବାଶିଷ ମିଶ୍ର ଓ ଅଧ୍ୟାପକ ପ୍ରୀତିରଞ୍ଜନ ମାଝୀ ପରିଚାଳନା କରିଥିଲେ।




## କବାଟ ଭାଙ୍ଗି ଘରୁ ଲୁଟ୍ ଅଭିଯୋଗ

ରାଜଘାଟ, ୨୭।୫ (ସମିସ): ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ନରଣପୁର ଗ୍ରାମର ଜୈନିକା ମହିଳାଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଏତଲା ଅନୁଯାୟୀ ଗ୍ରାମର ସ୍ୱର୍ଗତ କରୁଣାକର ବେହେରାଙ୍କ ପତ୍ନୀ ସୁବର୍ଣ୍ଣମଣି କୌଣସି କାମରେ ବନ୍ଧୁ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ପୁଅର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍, ଏଲଇଡି ଟିଭି, ବାସନକୁସନ, ନଗଦ ୭ ହଜାର ଟଙ୍କା ସମେତ କିଛି ଜରୁରୀ କାଗଜପତ୍ରକୁ ଚୋରି କରି ନେଇଛନ୍ତି। ଆଜି ସକାଳେ ସୁବର୍ଣ୍ଣମଣି ଘରକୁ ଫେରି ଚୋରି ବାବଦରେ ଜାଣିବାକୁ ପାଇଥିଲେ। ତେବେ ଗତକାଲି ବିଳମ୍ବିତ ରାତିରେ ଗାଁ ଭିତରେ କିଛି ବାଇକ ଶବ୍ଦ ଶୁଣିଥିବାର ଗ୍ରାମବାସୀ ପୁଲିସକୁ ସୂଚନା ଦେଇଛନ୍ତି। ଚୋରି ସମ୍ପର୍କରେ ସୁବର୍ଣ୍ଣମଣି ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଏତଲା ଦେବା ପରେ ଫାଣ୍ଡି ଅଧିକାରୀ ବିଜୟକୁମାର ବାରିକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଅବ୍ୟବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରତୀକ୍ଷା ଗୃହ

ବାଲେଶ୍ୱର,୨୭।୫(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ କିଛି ନା କିଛି ସମସ୍ୟାରେ ଘାଣ୍ଟି ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ। କେତେବେଳେ ଲିଫ୍ଟ ଅଚଳ ତ କେତେବେଳେ ପିଇବା ପାଣି ସମସ୍ୟା। ସେହିପରି ମୁଖ୍ୟ ଚିକିତ୍ସାଳୟ ପରିସରରେ ନୂଆ କରି ନିର୍ମାଣ ହୋଇଥିବା ପ୍ରତୀକ୍ଷା ଗୃହ ଭିତରର ପରିବେଶ ଅପରିଷ୍କାର ହୋଇପଡୁଥିବା ବେଳେ ପିଇବା ପାଣି ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ପ୍ରତୀକ୍ଷା ଗୃହରେ ରୋଗୀ ସମ୍ପର୍କୀୟମାନେ ବସିବା ସମୟରେ ସେଠାରେ ପକାଉଥିବା ପ୍ୟାକେଟ୍, ପଲିଥିନ୍ ଆଦି ପଡିରହୁଛି। ଯାହାକୁ ପକେଇବା ପାଇଁ ନା ଡଷ୍ଟବିନ୍ ନା ସଫେଇ ହେଉଛି। ଫଳରେ ପ୍ରତୀକ୍ଷା ଗୃହ ଅଧିକାଂଶ ସମୟରେ ଅପରିଷ୍କାର ଅବସ୍ଥାରେ ପଡିରହୁଛି। ଅନ୍ୟପଟେ ହସପିଟାଲ୍ ପକ୍ଷରୁ ମଧ୍ୟ ଲୋକମାନଙ୍କୁ ସ୍ୱଚ୍ଛତା ନେଇ ସଚେତନ କରାଯାଉନାହିଁ। ଫଳରେ ଯିଏ ଯେଉଁଠି ପାରୁଛି ଅଳିଆ ପକେଇ ଦେଉଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ୱାର୍ଡରେ ଭର୍ତ୍ତି ହେଉଥିବା ରୋଗୀମାନଙ୍କର ସମ୍ପର୍କୀୟଙ୍କ ପାଇଁ ଚିକିତ୍ସାଳୟର ପ୍ରବେଶ ପଥ ନିକଟରେ ଏକ ପ୍ରତୀକ୍ଷା ଗୃହ ନିର୍ମାଣ କରାଯାଇଛି। ଏହି ଗୃହକୁ ଦିନବେଳେ ଅନେକ ଲୋକ ଆସୁଛନ୍ତି। ଏହି ଗୃହ ରାତି ସମୟରେ ବନ୍ଦ ରହୁଛି। ହେଲେ ଏହି ଦିନବେଳେ ପ୍ରତୀକ୍ଷା ଗୃହରେ ବସୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ କରି ତିଆରି ହୋଇଥିବା ଏହି ପ୍ରତୀକ୍ଷା ଗୃହରେ ନା ଶୌଚାଳୟ ଅଛି ନା ପିଇବା ପାଣି ବ୍ୟବସ୍ଥା ଅଛି। ଶୌଚାଳୟ ନିର୍ମାଣ ହୋଇଥିଲେ ବି ତାହା ବ୍ୟବହାର ପାଇଁ ଦିଆଯାଉନି।





**ଅପରିଷ୍କାର ଅବସ୍ଥାରେ ଭିତର ପରିବେଶ**

**ମେସିନ୍ ଅଛି, ବାହାରୁଛି ପିଇବା ପାଣି**

ସେହିପରି ଗୃହ ଭିତରେ ଥଣ୍ଡା ପାନୀୟ ଜଳ ମେସିନ୍ ତ ଅଛି। ହେଲେ ସେଥିରୁ ପାଣି ବାହାରୁନି। ଉଭୟ ସୁବିଧା ଗୃହ ଭିତରେ ଥିଲେ ବି ଅଚଳ। ଅନ୍ୟପଟେ ଗୃହର ସଫେଇ ବ୍ୟବସ୍ଥା ଠିକ୍ ନାହିଁ। ଭିତରେ ବସୁଥିବା ଲୋକେ ଯେଉଁଠି ପାରୁଛନ୍ତି ଅଳିଆ ପକାଉଛନ୍ତି। ଫଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅଳିଆ ପକାଇବା ପାଇଁ ଡଷ୍ଟବିନ୍ ରଖିବା ସହ ଲୋକଙ୍କୁ ଏ ନେଇ ହସ୍ପିଟାଲ ପକ୍ଷରୁ ସଚେତନ କରାଇବା ଉଚିତ। ଏହାବ୍ୟତୀତ ଅନେକ ସମୟରେ ପ୍ରତୀକ୍ଷା ଗୃହ ସମ୍ମୁଖରେ ନୋ ପାର୍କିଂ ଲେଖାଥିଲେ ବି ଗେଟ୍ ସାମ୍ନାରେ ବାଇକ୍ ଛିଡା ହେଉଛି। ଫଳରେ ଗୃହ ଭିତରକୁ ଯିବା ନେଇ ସମସ୍ୟା ଭୋଗୁଛନ୍ତି ଲୋକେ। ଏଥିପ୍ରତି ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ଅବହେଳିତ ପଦ୍ମପୁର ଉପଖଣ୍ଡ**

# ଶୀତଳଭଣ୍ଡାରରେ ଜିଲ୍ଲା ମାନ୍ୟତା; ପ୍ରତିଶ୍ରୁତିରେ ସୀମିତ କେନ୍ଦ୍ରୀୟ ବିଦ୍ୟାଳୟ

ବରଗଡ଼,୨୭।୫(ସମିସ)

ମରୁଡି ପ୍ରପୀଡ଼ିତ ଆଦିବାସୀ ବହୁଳ ପଦ୍ମପୁର ଉପଖଣ୍ଡ ସମ୍ପୂର୍ଣ୍ଣ ଅବହେଳିତ ହୋଇ ରହିଛି । ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଜଳସେଚନର ବ୍ୟବସ୍ଥା ହୋଇପାରି ନଥିବା ବେଳେ ଶୀତଳ ଭଣ୍ଡାରରେ ରହିଯାଇଛି ଜିଲ୍ଲା ମାନ୍ୟତା । ପାନୀୟ ଜଳ ପ୍ରକଳ୍ପ ସହ ଚାଷ ଜମିକୁ ଜଳସେଚନର ସୁବିଧା ପାଇଁ ଦୁଇ ଦୁଇଟି ନଦୀବନ୍ଧ ଯୋଜନା ପାଇଁ ଭିତ୍ତିପ୍ରସ୍ତର ହୋଇଥିଲେ ମଧ୍ୟ ପଥରଟିଏ ମଧ୍ୟ ପଡିପାରିନାହିଁ । ଯାହାକୁ ନେଇ ପଦ୍ମପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆଦିବାସୀ ବହୁଳ ଏହି ଉପଖଣ୍ଡବାସୀଙ୍କ ପାଇଁ ଏତେ ଅବହେଳା କାହିଁକି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ।

୧୯୭୫ ମସିହାରେ ଜଷ୍ଟିସ ରାଜକିଶୋର ଦାସ କମିଶନଙ୍କ ସୁପାରିଶରେ ବୋରାସମ୍ବର(ବର୍ତ୍ତମାନର ପଦ୍ମପୁର) ଜିଲ୍ଲା କଥା ଉଲ୍ଲେଖ ଅଛି । ୧୯୯୦ ମସିହାରେ ବିଜୁ ପଟ୍ଟନାୟକ ନୂତନ ଜିଲ୍ଲା ଗଠନ ପାଇଁ ଜିଲ୍ଲା ପୁର୍ନଗଠନ କମିଟି ବସାଇଲେ । ସେହିସମୟରେ ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପାଇଁ ଜୋରଦାର ଆନ୍ଦୋଳନ ହେଲା । ପରିଶେଷରେ, ଅନ୍ୟ ଛୋଟ ଛୋଟ ଉପଖଣ୍ଡ ଜିଲ୍ଲା ମାନ୍ୟତା ପାଇଲେ, କିନ୍ତୁ ପଦ୍ମପୁର ଜିଲ୍ଲା ଘୋଷଣା ହେଲାନାହିଁ । ବରଂ ଏହାକୁ ଏକ ଜଳସେଚିତ ଉନ୍ନତ ଉପଖଣ୍ଡରେ ମିଶାଇ ଦେଇ ଏହି ଅଞ୍ଚଳର ବିକାଶକୁ ଅଟକାଇ ଦିଆଗଲା । ବିଜୟରଞ୍ଜନ ସିଂ ବରିହାଙ୍କ ଅକାଳ ମୃତ୍ୟୁ ପରେ




ଉପନିର୍ବାଚନ ଘୋଷଣା ହେଲା । ଜିଲ୍ଲା ଦାବି ଏକ ପ୍ରମୁଖ ପ୍ରସଙ୍ଗ ହୋଇ ଛିଡାହେଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନିଜେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସଭାରେ ଜିଲ୍ଲା ଗଠନ ପ୍ରତିଶୃତି ଦେଇଥିଲେ । ବିଜୟ ପରେ ଡିସେମ୍ବର ୨୦୨୩ ସୁଦ୍ଧା ଜିଲ୍ଲା ଦାବି ସାକାର ହେବ ବୋଲି କହିଥିଲେ । ପୂର୍ବ ସରକାର ସମୟରେ ତତ୍ କାଳୀନ ଆରଡିସି ଆସି ପଦ୍ମପୁରରେ ବରିକେଲ ପାଖରେ ଜାଗା ଚିହ୍ନଟ କଲେ । ସଙ୍ଗେ ସଙ୍ଗେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ପଦ୍ମପୁରଠାରେ ଏଡିଏମ୍ ଭାବରେ ନିଯୁକ୍ତି ମଧ୍ୟ ଦେଲେ । କିନ୍ତୁ ପଦ୍ମପୁର ଉପଖଣ୍ଡଙ୍କୁ ଜିଲ୍ଲା ମାନ୍ୟତା ପାଇଁ କିଛି ପଦକ୍ଷେପ ପୂର୍ବରୁ ରାଜ୍ୟରେ ସରକାର ବଦଳିଲା । ପୂର୍ବ ଶାସକ ଦଳର ବିଧାୟିକା ଜିତିଲେ, ହେଲେ ରାଜ୍ୟର ସରକାରଙ୍କ ପରିବର୍ତ୍ତନ ପରେ ପଦ୍ମପୁର ଜିଲ୍ଲା ଘୋଷଣା ସ୍ୱପ୍ନ ଅଧୁରା ରହିଗଲା । ଏହାବ୍ୟତିତ ଉପଖଣ୍ଡରେ ଗୋଟିଏ ବି ସରକାରୀ ମହାବିଦ୍ୟାଳୟ ନଥିବାରୁ ଶିକ୍ଷାର ଅବସ୍ଥା ଅତି ଶୋଚନୀୟ ହୋଇଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏଠି ଭଲ ଶିକ୍ଷାନୁଷ୍ଠାନଟିଏ ବି ନାହିଁ । ନାଗରିକ କମିଟିର ଦାବି ଉପନିର୍ବାଚନ ବେଳେ ଖୋରାକ ଯୋଗାଇଲା । ପଦ୍ମପୁରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବ ବୋଲି ଘୋଷଣା ହେଲା ଓ ସେଥିନିମିତ୍ତ ସ୍ଥାନ ମଧ୍ୟ ନିରୂପଣ ହେଲା । ନୂତନ କୋଠାଘର ଓ ପରିସର ନିର୍ମାଣ ପର୍ଯ୍ୟନ୍ତ ସ୍ଥାନୀୟ ରାଜବୋରାସମ୍ବର ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଶିକ୍ଷାଦାନ ପାଇଁ କମିଟି ଆସି ସ୍ଥାନ ନିରୂପଣ କରିକି ଗଲେ । କିନ୍ତୁ ବିଜ୍ଞପ୍ତି ପ୍ରକାଶ ପାଇବା ବେଳକୁ ପଦ୍ମପୁରର ନାମ ସେଥିରେ ସ୍ଥାନିତ ହୋଇନଥିଲା । କୁଚିଣ୍ଡା ପରି ଜାଗାରେ କିଛିଦିନ ପୂର୍ବରୁ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ହୋଇଗଲା, ହେଲେ ଆଜି ପର୍ଯ୍ୟନ୍ତ ପଦ୍ମପୁରରେ ହୋଇ ପାରିଲା ନାହିଁ । ପଡୋଶୀ ବଲାଙ୍ଗୀର ଜିଲ୍ଲାରେ ପାଟଣାଗଡ଼ ଓ କଣ୍ଟାବାଞ୍ଜିରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ହେଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦ୍ମପୁର ମାଟିରେ ଖୋଦ ନିଜେ ଘୋଷଣା କରିଥିଲେ । ବିଡମ୍ବନାର ବିଷୟ, ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହି ଅଞ୍ଚଳର ଭବିଷ୍ୟତ ବିକାଶକୁ ରାଜନୀତିର ପଶାପାଲିରେ ଜଳାଞ୍ଜଳି ଦିଆଗଲା ।

### ଭିତ୍ତିପ୍ରସ୍ତରରେ ରହିଗଲା ଚିରୋଲି ଓ ଅଙ୍ଗନଦୀବନ୍ଧ ଯୋଜନା

ଜଳସେଚନ ଓ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଚିରୋଲି ନଦୀ ବନ୍ଧ ଯୋଜନା ପାଇଁ ଶୁଭ ଦିଆଯାଇଥିଲା । ପରେ ତାହାକୁ ପରିବର୍ତ୍ତନ କରାଯାଇ ଅଙ୍ଗନଦୀ ଉପରେ ପୂଝାରୀପାଲି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏପରିକି ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଅଙ୍ଗ ନଦୀବନ୍ଧ ଯୋଜନା ପାଇଁ ଅର୍ଥରାଶି ଘୋଷଣା କରିଥିଲେ । ଖବରକାଗଜ ପୃଷ୍ଠାରେ ଏହା ପ୍ରକାଶ ପାଇଲା । ଲୋକ ଖୁସିହେଲେ; ମାତ୍ର ଆଜି ମଧ୍ୟ ପଦ୍ମପୁର ଉପଖଣ୍ଡର ମାତ୍ର ୧୭ ପ୍ରତିଶତ ଜମି ଜଳସେଚନ ସୁବିଧା ପାଇଲା । ଏବେ ବି ଅନେକ ଜମିରେ ଜଳସେଚନ ଅଭାବରୁ କ୍ରମାଗତ ଭାବେ ଚାଷୀକୁଳ ମରୁଡିର ଶିକାର ହୋଇଅସୁଛନ୍ତି । ଯାହାଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି । ରୋଜଗାର ଅଭାବରୁ ଲୋକେ ଭିଟାମାଟି ଛାଡି ଦାଦନ ଖଟି ଯାଉଛନ୍ତି । ଲୋକଙ୍କର ଆର୍ଥିକ ସ୍ଥିତି ଅତି ଦୁର୍ବଳ ହୋଇଛି । ତଥାପି ରାଜନୈତିକ ବୟାନ ବାଜି ଜୋରରେ ଚାଲିଥିବାବେଳେ ଜଳ ସେଚନ କି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ କୌଣସି ବ୍ୟବସ୍ଥା କରାଗଲା ନାହିଁ । ଅଙ୍ଗନଦୀରେ ଜଳସେଚନ ବଦଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଲା । ପଦ୍ମପୁର ଉପଖଣ୍ଡବାସୀ ଆଉ କେତେଦିନ ପ୍ରତାରଣାର ଶିକାର ହେବେ ବୋଲି ପ୍ରଶ୍ନ କରି ପଦ୍ମପୁର ବରିଷ୍ଠ ଆଇନଜୀବୀ ଅଜିତ ଶତପଥୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପଦ୍ମପୁର ଉପଖଣ୍ଡବାସୀ ଖୁବ୍ ସରଳ ଆଉ ସରକାର ଏମାନଙ୍କ ସରଳତାର ସୁଯୋଗ ନନେଇ ଏ ଅଞ୍ଚଳର ସମସ୍ୟା ଗୁଡ଼ିକ ତୁରନ୍ତ ସମାଧାନ କରନ୍ତୁ । ପୂର୍ବ ସରକାରଙ୍କ ସମୟରେ ବିଜୁ ଏକ୍ସପ୍ରେସ ୱେ ଏକ ଜୀବନରେଖା ପାଲଟି ଯାଇଛି । ତାସହ ଅନେକ ଉନ୍ନୟନ କାର୍ଯ୍ୟ ହୋଇଛି, କିନ୍ତୁ ଏବେ ପୁଣି ଅବହେଳିତ ହୋଇପଡ଼ିଛି ପଦ୍ମପୁର ଉପଖଣ୍ଡ । ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଥିଲେ ମଧ୍ୟ କୌଣସି ବି ଆଖିଦୃଶିଆ କାମ ହୋଇପାରିନି ବୋଲି ଆଇନଜୀବୀ ଶ୍ରୀ ଶତପଥି କ୍ଷୋଭ ପ୍ରକାଶ କରିଛନ୍ତି ।

## ଡଙ୍ଗାଛଞ୍ଚାରେ ଗ୍ରାମ୍ୟ କମିଟି ଗଠିତ



ଦହିତା,,୨୭।୫(ସମିସ): ପଦ୍ମପୁର ଉପଖଣ୍ଡ ଦହିତା ପଞ୍ଚାୟତ ଅଧୀନ ଡଙ୍ଗାଛଞ୍ଚା ଗାଁରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ ସହ ଗାଁର ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି । ସୋମବାର ଗ୍ରାମବାସୀଙ୍କ ବୈଠକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବସିଥିଲା । ଏଥିରେ ଗାଁର ଗୌନ୍ତିୟା ଡୋଲମଣି ବାରିକ ସଭାପତିତ୍ୱ କରିଥିଲେ । ସର୍ବସମ୍ମତି କ୍ରମେ ଗ୍ରାମ୍ୟ କମିଟି ସଭାପତି ଭାବେ ପ୍ରେମାନନ୍ଦ ବାରିକ, ଉପସଭାପତି ଝସକେତନ ବାରିକ, ସମ୍ପାଦକ ବୈଶାଖୁ ସେଠ, ସହସମ୍ପାଦକ ସୁଦାମ ସାହା ମନୋନୀତ ହୋଇଥିଲେ । ସେହିପରି କୋଷାଧ୍ୟକ୍ଷ ଏବଂ ନିରିକ୍ଷକ ଭାବେ ଯଥାକ୍ରମେ ମୁରଲିଧର ପଟେଲ ଓ ଓଁକାର ପଟେଲ ମନୋନୀତ ହୋଇଥିଲେ । ମନୋନୀତ କର୍ମକର୍ତ୍ତାଙ୍କୁ ପଣ୍ଡିତ ଟିକେଶ୍ୱର ହୋତା ଶପଥ ପାଠ କରାଇଥିଲେ । ଏଥିରେ ମୁରଲିଧର ସାହୁ, ସତ୍ୟନାରାୟଣ କମାତି, ବନମାଳୀ ବାରିକ, ସଞ୍ଜୟ ପଟେଲ, ଅଧିକାରୀ ବାଗ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

**● ପାଣିଛତ୍ରରୁ ଜମୁର୍ଡାରାସ୍ତା ଶୋଚନୀୟ**

## ପ୍ରଶାସନ ଚୁପ୍, ଲୋକେ ଭୋଗୁଛନ୍ତି ଯମ ଯନ୍ତ୍ରଣା




ବରଗଡ଼,୨୭।୫(ସମିସ): ବରଗଡ଼ର ପାଣିଛତ୍ରରୁ ଜମୁର୍ଡା ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । ରାସ୍ତା ଉପରେ ଦୈନନ୍ଦିନ ନିର୍ଭର କରୁଥିବା ହଜାର ହଜାର ଲୋକ ଦୀର୍ଘ ଦିନରୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ବିରାଟ ଗାତ ହୋଇଥିବାରୁ ସାମାନ୍ୟ ବର୍ଷାରେ ପାଣି ଭର୍ତ୍ତି ହୋଇ ରହୁଛି । ଫଳରେ ଏହି ରାସ୍ତାଦେଇ ଯା'ଆସ କରୁଥିବା ଲୋକେ ଯମ ଯନ୍ତ୍ରଣା ଭୋଗୁଛନ୍ତି । ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜିଲ୍ଲା ପ୍ରଶାସନକୁ ରାସ୍ତା ମରାମତି ପାଇଁ ବହୁବାର ଦାବି କରାହୋଇଛି । ଗତବର୍ଷ ବର୍ଷା ସମୟରେ ବିଧାୟକ ଏହି ରାସ୍ତା ପରିଦର୍ଶନ କରିବା ପରେ କିଛିଟା ମରମତି କରାଇଥିଲେ । କିନ୍ତୁ ବର୍ଷେ ପରେ ପୁଣି ରାସ୍ତାରେ ଯେମିତି କୁ ସେମିତି ପାଣି ଜମା ହେବା ସହ ଜନସାଧାରଣ କଲବଲ ହେଉଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**● ୪୦ ଅଭିଯୋଗର ଶୁଣାଣି**

ଭେଡେନ.୨୭।୫(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଗ୍ରାମରୁ ୧୭ଟି ସାମୁହିକ ଓ ୨୩ଟି ବ୍ୟକ୍ତିଗତ ମୋଟ ୪୦ ଅଭିଯୋଗର ଶୁଣାଣି କରିଥିଲେ । ଅତିଶୀଘ୍ର ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ବରଗଡ ଏସ୍‌ପି ପ୍ରହ୍ଲାଦ ଏସ୍ ମିନା, ଭେଡେନ ବ୍ଲକ ଉପାଧ୍ୟକ୍ଷ ଡୋଲାମଣି ଖେତି, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ଦାଶଙ୍କ ସହ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଜଙ୍ଗଲ, ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ, ଅବକାରୀ ବିଭାଗ, ପଶୁ ଉନ୍ନୟନ ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ବରଗଡ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ତାହୀର ହୁସେନ, ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ରଶ୍ମିତା ସ୍ୱାଇଁ, ଏବିଡିଓ ପ୍ରିତେସ କୁମାର ଦୋରା,



ବିଏସ୍‌ଏସ୍‌ଓ ଚକ୍ରପାଣି ଦାଶଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜଳ ଯୋଗଣ, ଉଠା ଜଳ ସେଚନ, ରାସନ କାର୍ଡ, ରାସ୍ତା ନିର୍ମାଣ, ଭତ୍ତା, ଭେଡେନ ଅଞ୍ଚଳର ଦନ୍ତା ଓ ଜିରା ନଦୀରେ ହେଉଥିବା ବାଲି ଚୋରା ଚାଲାଣ ସମ୍ବନ୍ଧରେ ହୋଇଥିବା ଅଭିଯୋଗର ଶୁଣାଣି ହୋଇଥିଲା । ଅଞ୍ଚଳର ଦନ୍ତା ଓ ଜିରା ନଦୀରେ ବାଲି ମାଫିଆମାନେ ଅସ୍ଥାୟୀ ରାସ୍ତା ନିର୍ମାଣ କରି ବାଲି ଚୋରାଚାଲାଣ କରୁଥିବା ଅଭିଯୋଗକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଉପଜିଲ୍ଲାପାଳ ଶ୍ରୀ ପାଣ୍ଡେ, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ ଦନ୍ତା ନଦୀରେ ହେଉଥିବା ଅସ୍ଥାୟୀ ରାସ୍ତା ନିର୍ମାଣ କରି ବାଲି ଚୋରା ଚାଲାଣ କରୁଥିବା ସ୍ଥାନରେ ପହଞ୍ଚି ପରିଦର୍ଶନ କରିଥିଲେ ।

## ଜିଲ୍ଲାପାଳଙ୍କ କପାଶିରା କ୍ରାଫ୍ଟ ଭିଲେଜ୍ ପରିଦର୍ଶନ

ବରଗଡ଼,୨୭।୫(ସମିସ): ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଅମ୍ବାଭୋନା ବ୍ଲକ୍ ଅଧୀନ କ୍ରାଫ୍ଟ ଭିଲେଜ ସସ୍ତ୍ରୀକ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଖଡ଼ିପଥର, କାଷ୍ଠ ପଥର, ବାଉଁଶ ହସ୍ତଶିଳ୍ପ, ମହାରଣା ପାରମ୍ପରିକ କାଷ୍ଠକଳା ଆଦି ପରିଦର୍ଶନ କରିବା ସହିତ ଶିଳ୍ପୀ ମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ବୈଷ୍ଣବ ଭୋଇଙ୍କ ଗାଁ ପାଠାଗାର ମ୍ୟୁଜିୟମ୍ ମଧ୍ୟ ବୁଲି ଦେଖିଥିଲେ । ଶ୍ରୀ ଭୋଇ ଜିଲ୍ଲାପାଳ ଗୋୟଲଙ୍କୁ ପଶ୍ଚିମ ଓଡ଼ିଶାର ଢ଼ଗଢ଼ମାଳି ପୁସ୍ତକ ଉପହାର ଦେଇଥିଲେ । ସେହିପରି ଯୁବ ସ୍ଥପତି ଅମୂଲ୍ୟ ଭୋଇ ଦୁର୍ଗାଙ୍କ ଏକ ପ୍ରତିମୂର୍ତ୍ତି ଜିଲ୍ଲାପାଳଙ୍କ ପତ୍ନୀଙ୍କୁ ପ୍ରଦାନ କରିଥିଲେ । ଏବେ କପାଶିରା ଗାଁର ହସ୍ତଶିଳ୍ପ କେନ୍ଦ୍ର ନିର୍ମାଣାଧୀନ ଅଛି । ଅର୍ଦ୍ଧ ନିର୍ମିତ ପ୍ରଦର୍ଶନୀ ଗୃହ, ହସ୍ତଶିଳ୍ପୀ ମାନଙ୍କ କର୍ମଶାଳା ହଲ୍, ହସ୍ତଶିଳ୍ପ କେନ୍ଦ୍ରକୁ ରୟତ ଜମି ବାଧକ ଥିବା ପ୍ରସ୍ତାବିତ ରାସ୍ତା ନିର୍ମାଣ ବିଷୟ ଜିଲ୍ଲାପାଳ ଅମ୍ବାଭୋନା ତହସିଲଦାର୍ ରଘୁନାଥ ପାଣିଗ୍ରାହୀଙ୍କ ସହିତ ଆଲୋଚନା କରିଥିଲେ । ଏହି ରାସ୍ତା ନିର୍ମାଣ



ପାଇଁ ଅମ୍ବାଭୋନା ବ୍ଲକ୍‌ର ସମସ୍ତ ନେତୃମଣ୍ଡଳୀ ବାରମ୍ବାର ଆଲୋଚନା କରି ବିଫଳ ହେଉଛନ୍ତି । ହସ୍ତଶିଳ୍ପ କେନ୍ଦ୍ର ସମ୍ମୁଖରାସ୍ତା ନିର୍ମାଣ ପାଇଁ କପାଶିରା ଗାଁ କମିଟି ଏବଂ ଗାଁଲୋକ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ ମଧ୍ୟ ସୁଫଳ ମିଳିନାହିଁ । ରାସ୍ତା ନିର୍ମାଣ ପ୍ରତିବଦଳରେ ସଂପୃକ୍ତ ଜମି ପାଇଁ ସେହି ପରିବାରର ଜଣକୁ ଜିଆର୍‌ଏସ୍ ପଦବୀ ଦିଆହୋଇଛି । ଏହାସହ ସେହି ପରିବାରର ଜଣେ ପ୍ରାର୍ଥୀନୀଙ୍କୁ କପାଶିରା ପଞ୍ଚାୟତ ସମିତି ସଭ୍ୟା ଭାବେ ନିର୍ବିରୋଧରେ ମନୋନୀତ କରାଯାଇଛି । ଅମ୍ବାଭୋନା ବ୍ଲକ୍ କର୍ତ୍ତୃପକ୍ଷ ମଧ୍ୟ ଚେଷ୍ଟାକରି ବିଫଳ ହୋଇଛନ୍ତି । ଏହି ବିଷୟରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ଆଗମନ ସମୟରେ ସର୍ବଶ୍ରୀ ସୁରେଶ ପଧାନ, ସୁଧାଂଶୁ ପଧାନ, ଅରୁଣ ପଧାନ, ଅମୂଲ୍ୟ ଭୋଇ, ବିପିନ ଭୋଇ, ସଙ୍କରା ଗାଁର ଲୋକନାଥ ଗୁରୁଜୀ ଏବଂ ସୁବଳ ଦିୱାନ୍ ପ୍ରମୁଖ ଉପସ୍ଥିତ ଥିଲେ । ସଙ୍କରା-କପାଶିରା-ଭୁକ୍ତା ରାସ୍ତା ପାଇଁ ସଙ୍କରା ଗ୍ରାମବାସୀ ବହୁ ଦିନରୁ ଆଶା ବାନ୍ଧି ରହିଛନ୍ତି । ଏହି ରାସ୍ତା କପାଶିରା ଏବଂ ସଙ୍କରା ଉଭୟଗାଁର ଜୀବନରେଖା ହୋଇ ଥିବାରୁ ଏହାର ଶୀଘ୍ର ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ।

## ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ଖୋଳା ହେଲା ନଳକୂପ

ବରଗଡ଼,୨୭।୫(ସମିସ): ସୋମବାର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ପ୍ରମୁଖ କର୍ମକର୍ତ୍ତା ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଭେଟି କାର୍ଯ୍ୟାଳୟରେ ଚାଲିଥିବା କେତେକ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୁର୍ଣ୍ଣ କରିବା ସହ କାର୍ଯ୍ୟାଳୟ ପରିସରରେ ଏକ ନଳକୂପ ଖନନ ପାଇଁ ଅନୁରୋଧ କରିଥିଲେ । ବରିଷ୍ଠମାନଙ୍କ ଅନୁରୋଧକୁ



ସମ୍ମାନ ଜଣାଇ ଏକ ନଳକୂପ ଖନନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫୋନ କରି ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଏକ ନଳକୂପ ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ଖନନ କରାଯାଇଛି । ଏହାପରେ ଏଠାରେ ହେଉଥିବା କାର୍ଯ୍ୟକ୍ରମମାନଙ୍କରେ ଆଉ ପାଣିର ସଙ୍କଟ ରହିବ ନାହିଁ ବୋଲି ସଭାପତି ପ୍ରମୋଦ ଝାଙ୍କର ପ୍ରକାଶ କରିଛନ୍ତି । ବିଧାୟକଙ୍କୁ ସା।କ୍ଷାତ କରିଥିବା ପ୍ରତିନିଧି ମଣ୍ଡଳୀରେ ସର୍ଦ୍ଦାର ପ୍ରିତମ ସିଂ, ପ୍ରମୋଦ ଝାଙ୍କର, କେଦାର ମିଶ୍ର, ଭାରତ ଭୂଷଣ ଦାଶ, ଗୋବିନ୍ଦ ଦାଶ, ନିର୍ମଳ କିଶୋର କର, ଦେବୀ ପଟ୍ଟନାୟକ, ସାମ୍ବାଦିକ ବିରେନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ସମସ୍ୟାର ତ୍ୱରିତ ସମାଧାନ କରିଥିବାରୁ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଦସ୍ୟମାନେ ଧନ୍ୟବାଦ୍ ଜଣାଇଛନ୍ତି ।

## ଲଘୁଚାପ ବର୍ଷାକୁ ନେଇ ଚିନ୍ତାରେ ଚାଷୀ



ଭେଡେନ,୨୭।୫(ସମିସ): ଲଘୁଚାପ ପ୍ରଭାବରେ ଭେଡେନ ବ୍ଲକ୍‌ରେ ମଙ୍ଗଳବାର ତୁହାକୁ ତୁହା ବର୍ଷା ଲାଗିରହିଛି । ଯାହାକୁ ନେଇ ଚାଷୀଙ୍କୁ ଚିନ୍ତା ଘାରିଛି । ବର୍ତ୍ତମାନ ଧାନ ଅମଳ ଚାଲିଥିବାବେଳେ ବର୍ଷା ହେବାରୁ ବ୍ୟାପକ ମାତ୍ରାରେ ଧାନ କ୍ଷତି ହୋଇଥିବା ଦେଖାଦେଇଛି । ମୌସୁମୀ ଆଗୁଆ ଆସିବାରୁ ଅମଳ ଧାନର ସୁରକ୍ଷା ଓ ଶୀଘ୍ର ବିକିବାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ଆଗୁମୀ ମୌସୁମୀ ଆସିବାର ସୁଚନା ପାଇ ଚାଷୀମାନେ ଧାନ କାଟିବା ଆରମ୍ଭ କରିଥିଲେ । କିନ୍ତୁ ଏବେ ଚାଷୀଙ୍କ ପାଚିଲା ଧାନ ଜମିରେ, ଖଳାରେ, କାହାର ଚୁନା ଧାନ ରାସ୍ତାରେ ତ କାହାର ମଣ୍ଡିରେ ଧାନ ପଡ଼ିଥିବା ବେଳେ ମୌସୁମୀ ବର୍ଷା ଆସିଯାଇଛି । ଯାହା ଏବେ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି । ଜମି ମାନଙ୍କରେ ମଧ୍ୟ ପାଣି ଜମି ରହିଥିବାରୁ କଟା ଯାଇଥିବା ଧାନ ଗଛ ସେଠାରେ ପଡ଼ିଛି । ଯାହାଦ୍ୱାରା ପାଚିଲା ଧାନ ଜମିରେ ପଡ଼ି ଗଜା ହେବାର ସମ୍ଭାବନା ରହିଥିବାରୁ ଅଞ୍ଚଳର ସମସ୍ତ ଚାଷୀ ଚିନ୍ତାରେ ପଡିଯାଇଛନ୍ତି ।

**ବରପାଲିର ଶୀତଳ ଷଷ୍ଠୀ ଶିବପାର୍ବତୀ ବିବାହ ମହୋତ୍ସବ ଆରମ୍ଭ**

# ଭଣ୍ଡାର ଗୃହରେ ବିଜେ କଲେ ବାବା କପିଳେଶ୍ୱର ଓ ମା' ପାର୍ବତୀ

ବରପାଲି,୨୭।୫(ସମିସ)

ବରପାଲିର ୧୪୮ ତମ ଶୀତଳ ଷଷ୍ଠୀ ଶିବ ପାର୍ବତୀ ବିବାହ ମହୋତ୍ସବ ସୋମବାର ବିଳମ୍ବିତ ରାତ୍ରରେ ଆରମ୍ଭ ହୋଇଛି । ସୋମବାର ରାତ୍ର ଠିକ୍ ୧୨ଘଣ୍ଟା ସମୟରେ ସାରା ସହରରେ ବାଣ ଫୁଟାଇ ଯାତ୍ରାର ଆରମ୍ଭକୁ ସ୍ୱାଗତ କରାଯାଇଥିଲା । ରାତ୍ର ୧୨ଟାରେ ସ୍ଥାନୀୟ ନୃପରାଜ କ୍ଲବ (ଭଣ୍ଡାର ଗୃହ) ଠାରେ ବମ୍ କପିଳେଶ୍ୱର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କ ଜୟ ଜୟକାର କରିବା ସହ ପୂଜକ ଗୋପାଳ ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ । ସାରା ସହରରେ ବାଣ ଫୁଟାଇ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା । କମିଟି ପକ୍ଷରୁ ଆନନ୍ଦ ବାବୁ ସମ୍ପାଦକ ଜୟନ୍ତ ତ୍ରିପାଠୀ ଓ ବହୁସଭ୍ୟ ସହ ବହୁ ଭକ୍ତ ବୃନ୍ଦ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସକାଳ ୧୦ଟାରେ ଭଣ୍ଡାର ଗୃହ ସମ୍ମୁଖରେ ନଟରାଜ ମୂର୍ତ୍ତି ସଂସ୍ଥାପନ କରି ଶତ ଆରତୀ ପ୍ରଦାନ କରାଯାଇଥିଲା । ଅପରାହ୍ନରେ ଭଣ୍ଡାର ଗୃହରୁ ଯାତ୍ରା କମିଟିର ଏକ ଭବ୍ୟ ଶୋଭାଯାତ୍ରା ବାହାରି କପିଳେଶ୍ୱର ମନ୍ଦିର ପହଞ୍ଚି ସେଠାରେ କପିଳେଶ୍ୱର ବାବା ଓ ମାତା ପାର୍ବତୀଙ୍କୁ ପୂଜା ଅର୍ଚ୍ଚନା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଭଣ୍ଡାର ଗୃହକୁ ଅଣାଯାଇଥିଲା । ଏହି ଶୋଭାଯାତ୍ରାରେ ଦୁଲ୍ ଦୁଲି ବାଜା, ଘଣ୍ଟ ବାଦ୍ୟ, ଡିଜେ ଆଦି ସାମିଲ ହୋଇଥିଲେ ।



ବରପାଲି ଗାନ୍ଧୀ ଛକ ଠାରେ ଭକ୍ତମାନଙ୍କ ଦ୍ୱାରା ଦେବ ଦମ୍ପତ୍ତିଙ୍କୁ ସହସ୍ର ଆରତୀ ଅର୍ପଣ କରାଯାଇଥିଲା । ମଧ୍ୟରାତ୍ରରେ କପିଳେଶ୍ୱର ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା । ଭଣ୍ଡାର ଗୃହ ସମ୍ମୁଖରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହୋତ୍ସବ ପାଇଁ ସାରା ବରପାଲି ସହର ସୁନ୍ଦର ତୋରଣରେ ସଜେଇ ହୋଇ ପଡ଼ିଛି । ଚଳିତ ବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ଏକ ହଜାର କଳାକାର ଯୋଗ ଦେବେ ବୋଲି ଜଣାପଡ଼ିଛି । ଏହି ଯାତ୍ରା ୨ ତାରିଖ ଯାଏଁ ଚାଲିବ । ବୁଧବାର କନ୍ୟା ମନୋନୟନ ବା ପତର ପେଣ୍ଡି, ଗୁରୁବାର ଭୈରବ ବାବାଙ୍କ ଦେବ ନିମନ୍ତ୍ରଣ ଶୋଭାଯାତ୍ରା, ୩୦ ତାରିଖ ସକାଳେ ଗଣ୍ଠି ଆଳ ଫିଟା ଓ ସନ୍ଧ୍ୟାରେ ବରାନୁଗମନ ଶୋଭାଯାତ୍ରା ହେବ । ଚଳିତ ବର୍ଷ ସ୍ଥାନୀୟ ତହସିଲ ଛକରୁ ବରାନୁଗମନ ଶୋଭାଯାତ୍ରା ଆରମ୍ଭ ହୋଇ ହିମାଦ୍ରି ନଗର ପହଞ୍ଚିବା ପରେ ପରଦିନ ବୈଦିକ ରୀତିରେ ଦେବ ଦମ୍ପତ୍ତିଙ୍କ ବୈବାହିକ କାର୍ଯ୍ୟ ଅନୁଷ୍ଠିତ ହେବ । ୩୧ ତାରିଖରେ ଦେବ ଦମ୍ପତ୍ତିଙ୍କ ଯୁଗଳ ମୂର୍ତ୍ତି ଦର୍ଶନ ବା ବୈଠକୀ ଯାତ୍. ୧ ତାରିଖ ସନ୍ଧ୍ୟାରେ ଲମ୍ବାନି ଶୋଭାଯାତ୍ରା, ୨ ତାରିଖ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ବା ଦେବ ଦମ୍ପତ୍ତିଙ୍କ ମନ୍ଦିର ପ୍ରବେଶ ସହ ଯାତ୍ରାର ବିରତି ହେବ । ଚଳିତ ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଓଡ଼ିଶାର ଢେଙ୍କାନାଳ ଘଣ୍ଟ ବାଦ୍ୟ, କଳାହାଣ୍ଡି ଘୁମୁରା, ସହ ମହାରାଷ୍ଟ୍ର, କେରଳ, ଛତିଶଗଡ଼, ପଶ୍ଚିମ ବଙ୍ଗାଳ ଆଦି ରାଜ୍ୟର ଏକ ହଜାର କଳାକାର ଯୋଗ ଦେବେ । ସେହିପରି ଯାତ୍ରାର ଅନ୍ୟ ଏକ ମୁଖ୍ୟ ଆକର୍ଷଣ ତାରକାସୁରର ଦରବାର, ହାଇସ୍କୁଲ ପଡିଆରେ ମୀନା ବଜାର, ନଟରାଜ ଉତ୍ସବ ଆଦି ଅନୁଷ୍ଠିତ ହେବା ସହ ସହରର ବିଭିନ୍ନ ଛକ ଜାଗାରେ ପ୍ରତ୍ୟହ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ତଥା ବରପାଲି ଶୀତଳ ଷଷ୍ଠୀ ମହୋତ୍ସବର ସମସ୍ତ କମିଟିର ସଦସ୍ୟ ପ୍ରସ୍ତୁତିରେ ନିଜକୁ ସାମିଲ କରିଛନ୍ତି । ଅନ୍ୟପଟରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ବରପାଲିର ବିଭିନ୍ନ ଛକ ଗୁଡ଼ିକରେ ସିସି କ୍ୟାମେରା ଲଗାଯାଇଥିବା ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ କହିଛନ୍ତି ।

### କନ୍ୟା ପିତାମାତା ଦାୟିତ୍ୱ ପାଇ ଧନ୍ୟ ମନେକଲେ ସଞ୍ଜୟ ଓ ସସ୍ମିତା

ବରପାଲି,୨୭।୫(ସମିସ): ବରପାଲିର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ସୋମବାର ବିଳମ୍ବିତ ରାତ୍ରରୁ ଆରମ୍ଭ ହୋଇଛି । ସମ୍ପୂର୍ଣ ପୌରାଣିକ କଥା ବସ୍ତୁକୁ ନେଇ ଦୀର୍ଘ ୧୪୮ ବର୍ଷ ଧରି ଅନୁଷ୍ଠିତ ହୋଇଅସୁଥିବା ଏହି



ମହୋତ୍ସବରେ ଚଳିତ ବର୍ଷ ବରଗଡ଼ର ୧ ନମ୍ବର ୱାର୍ଡର କଲେଜ ଗଳିର ସଞ୍ଜୟ କୁମାର ମେହେର ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ମେହେର ମାତା ପାର୍ବତୀଙ୍କ କନ୍ୟା ପିତାମାତା ଦାୟିତ୍ୱ ନିର୍ବାହ କରୁଛନ୍ତି । ଦୀର୍ଘ ଏକ ବର୍ଷ ପୂର୍ବେ ତାଙ୍କ ପରିବାର ଏହି ଦାୟିତ୍ୱ ପାଇବା ପରେ ମାତା ପାର୍ବତୀଙ୍କ ବିବାହ ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ କିପରି ହେବ ସେଥିପାଇଁ ସମସ୍ତେ ଲାଗିପଡିଛନ୍ତି । ବିଗତ ଅକ୍ଷୟ ତୃତୀୟା ଦିନରୁ ସଞ୍ଜୟ ମେହେର ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ମେହେର ନିଜେ ପଣ୍ଡିତଙ୍କ କହିବାନୁସାରେ ଗୋଟିଏ ବେଲା ଅନ୍ନ ଭୋଗ ଗ୍ରହଣ କରିବା, ଘର ବାହାରେ କୌଣସି ପ୍ରକାର ଖାଦ୍ୟ ଗ୍ରହଣ ନକରିବା, ତଳେ ଶୋଇବା ଭଳି ନୀତି ନିୟମ ପାଳନ କରିଆସୁଛନ୍ତି । ନିଜର ଏକମାତ୍ର ଝିଅ ଇସିକା ମେହେର ଥିବା ସତ୍ତ୍ୱେ ଆଜି ମାତା ପାର୍ବତୀଙ୍କୁ କନ୍ୟା ଭାବରେ ପାଇ କୋଟି ଜନ୍ମର ଫଳ ପାଇଥିବା ପ୍ରକାଶ କରିଛନ୍ତି । ମାତା ପାର୍ବତୀଙ୍କ ପିତାମାତା ଦାୟିତ୍ୱ ପାଇ ନିଜକୁ ଧନ୍ୟ ମନେ କରିବା ସହ ପୁରା ପରିବାର ଆଜି ବହୁତ୍ ଖୁସି ବୋଲି ଉଭୟ ପତିପତ୍ନୀ କୋହଭରା କଣ୍ଠରେ କହିଛନ୍ତି । ସାଙ୍ଗ ସାଥି, ବନ୍ଧୁ ବାନ୍ଧବ ସମସ୍ତଙ୍କୁ ଏହି ବିବାହ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ସମସ୍ତେ ଏହି ଶିବ ପାର୍ବତୀଙ୍କ ବିବାହ ମହୋତ୍ସବରେ ଯୋଗ ଦେବାକୁ ଅନୁରୋଧ କରିଛନ୍ତି ।

# ମାଟି ସଂଗ୍ରହକୁ ବିରୋଧ

● ଥାନାର ଦ୍ୱାରସ୍ଥ ହେଲେ ଶତାଧିକ କୁମ୍ଭକାର



ଜଳେଶ୍ୱର ବ୍ଲକ, ୨୭।୫(ସମିସ) : ଜଳେଶ୍ୱର ବ୍ଲକ ଦକ୍ଷିଣ ପହରାଜପୁର ଗ୍ରାମ ପଞ୍ଚାୟତର ମାଗୁଣିଆପଡା ଗ୍ରାମର ୯ ୱାର୍ଡବାସୀ କୁମ୍ଭକାର ଅଟନ୍ତି। ସେମାନେ ଗ୍ରାମରୁ ମାଟି ସଂଗ୍ରହ କରି ସେଥିରୁ ହାଣ୍ଡି, ମାଠିଆ, ମୂର୍ତ୍ତି ଧୁଣାସରା, ଦୀପ, ସରା, ଘଟ ମାଟି କଣ୍ଢେଇ ଆଦି ଗଢ଼ି ହାଟବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଗ୍ରାମର କିଛି ଲୋକ ମାଟି ସଂଗ୍ରହକୁ ବିରୋଧ କରିବା ସହିତ କୁମ୍ଭାର କାରିଗରଙ୍କୁ ଟଙ୍କା ଦାବି କରୁଛନ୍ତି। ଫଳରେ ଆଜି ଗ୍ରାମର ଜନନୀ କାନ୍ତ ଦାସ, ଯୋଗେଶ ଦାସ, ପ୍ରତାପ ଚନ୍ଦ୍ର ଦାସ, ନିରଞ୍ଜନ ଦାସ, ଲକ୍ଷ୍ମୀଧର ବେହେରା, ଶମ୍ଭୁନାଥ ବେହେରା, ରତ୍ନାକର ଦାସ, ହରିହର ବେହେରା, ସୁବୋଧ ବେହେରା, ଖରବିନ୍ଦ୍ ବେହେରା, ଝୁନା ବେହେରା, ସନ୍ୟାସୀ ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ରାଇବଣିଆ ଥାନାରେ ଉପସ୍ଥିତ ରହି ଲମ୍ବୋଦର ଘୋଷ, ସତ୍ୟବ୍ରତ ଦିନ୍ଦାଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

ଲଙ୍ଗଳେଶ୍ୱର, ୨୭।୫ (ସମିସ)



ଗ୍ରାମାଞ୍ଚଳର ରାସ୍ତାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା। କିନ୍ତୁ ଲୋକଙ୍କୁ ଅନ୍ଧାର ରେ ରଖି ଠିକାଦାର ଓ ଯନ୍ତ୍ରୀ ହେଉଛନ୍ତି ମାଲେମାଲ। ଏମିତି ଏକ ଘଟଣା ପରିଲକ୍ଷିତ ହେଉଛି ଲଙ୍ଗଳେଶ୍ୱରଠାରୁ କଷାଫଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ। ଏହି ରାସ୍ତାର ବଳଙ୍ଗ ଗ୍ରାମ ନିକଟରେ ଥିବା ସାତ ନାଳୁଆ ପୋଲ ନିକଟରେ ରାସ୍ତାକୁ ସିଧା କରି ନୂଆ ପୋଲ ନିର୍ମାଣ ହେବା କଥା କିନ୍ତୁ ନିଜକୁ ସୁହାଇଲା ଭଳି ଭୁଲ ଜାଗାରେ ଏଇ ପୋଲ ନିର୍ମାଣ ହେଉଛି। ଲୋକଙ୍କ ସହ ପରାମର୍ଶ ନ କରି ଲୋକଙ୍କ ଯାତାୟାତ ଗ୍ରାମ ରାସ୍ତାକୁ କାଟି ଘାଇ କରିବା ଦ୍ୱାରା ଲୋକଙ୍କ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ଘାଇ ହେବା ଦ୍ୱାରା ଚାଷ ଜମିରେ ଲୁଣି ପାଣି ପଶି ଜମିକୁ ନଷ୍ଟ ହେଉଛି। କାର୍ଯ୍ୟ ତଦାରଖ କରୁଥିବା ସୁପର ଭାଇଜରକୁ କହିବାରୁ ସେ ଓଲଟି ଧମକ ଦେଉଛି। ତେଣୁ ଗ୍ରାମବାସୀ ଉତ୍ୟକ୍ତ ହୋଇ ଏକ ଜେସିବିକୁ ଅଟକ ରଖିବା ସହିତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ପ୍ରକାଶ ଥାଉ କି ଉକ୍ତ ରାସ୍ତା ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାପରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୩୦ କୋଟି ଟଙ୍କା। ପାଞ୍ଚ କିମି କଂକ୍ରିଟ ଓ ୧୦କିମି ପିଚୁ ଓସାରିଆ ଦୁଇ ଟିକିଆ ରାସ୍ତା ନିର୍ମାଣ ହେବ। ପ୍ରାୟ ଏକ ବର୍ଷ ହେବ ରାସ୍ତା କାମ ଆରମ୍ଭ ହୋଇ ଚାଲିଥିଲେ ହେଁ ଏଯାଏ ସୂଚନା ଫଳକ ଲାଗିନାହିଁ। ରାସ୍ତା ଦୁଇ ପାଖରେ ଲୁଣି ମାଟି ପଡିବା ସହିତ ମଲା ପଥର ଗେଟି ପଡିବା ସହିତ କାର୍ଯ୍ୟ ନିମ୍ନ ମାନର ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର ସୂଚନା ଫଳକ ଲଗାଇବା ସହିତ ପୋଲ ଓ ରାସ୍ତା କାର୍ଯ୍ୟ ଠିକ ନ କଲେ ଅଞ୍ଚଳ ବାସୀ ଓ ବିଭିନ୍ନ ସଂଗଠନ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ସାହୁ କାମ ଠିକ୍ ହେଉଛି ବୋଲି କହିଛନ୍ତି।

# ରେସନାଲାଇଜେସନ୍ ନାଁରେ ଅଧ୍ୟାପକ ପଦ ଉଚ୍ଛେଦ ଷଡଯନ୍ତ୍ର

ଭୋଗରାଇ, ୨୭।୫(ସମିସ): ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକରେ ରେସନାଲାଇଜେସନ୍ ନୀତି ଲାଗୁ କରିବା ଲକ୍ଷ୍ୟରେ କୁଳପତି ମାନଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ନମ୍ବର ୨୨୨୫୯ ଜାରି କରଛନ୍ତି। ଏହି ଚିଠିରେ ରେସନାଲାଇଜେସନ୍ ନୀତି କିପରି ଲାଗୁ ହୋଇ ପାରିବ ତାହା ବିଷୟରେ ସ୍ୱଷ୍ଟ ନକସା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିକୁ ବିରୋଧ କରି ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଏହି ଚିଠିରେ ଏହା ସ୍ୱଷ୍ଟ ପ୍ରତୀୟମାନ କି ଆଗାମୀ ଦିନରେ ଏହି ରେସନାଲାଇଜେସନ ଆଳରେ ଅଧ୍ୟାପକ ପଦବୀ ଉଚ୍ଛେଦ ହେବ ଓ ସଂପୂର୍ଣ୍ଣ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପାଠ୍ୟଦାନ ବ୍ୟାହତ ହେବ। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜରିଆରେ ରାଜ୍ୟ ସରକାରଙ୍କ ଏହି ଖଳ ଯୋଜନାକୁ ଦୃଢ ଭାଷାରେ ନିନ୍ଦା କରିଛନ୍ତି। ଏହି ଷଡଯନ୍ତ୍ର ବିରୁଦ୍ଧରେ ସମଗ୍ର ରାଜ୍ୟର ସଚେତନ ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟାପକ ତଥା ସର୍ବସ୍ତରର ଜନଗଣ ଆଗେଇ ଆସିବା ସହ ସରକାରୀ ଶିକ୍ଷାକୁ ରକ୍ଷା କରିବା, ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଆବଶ୍ୟକ ଅଧ୍ୟାପକ ପଦବୀ ପୂରଣ କରିବା ଦାବିରେ ଆନ୍ଦୋଳନ ଗଢି ତୋଳିବାକୁ ଏଆଇଡିଏସ୍ଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ମରାମତି ଅଭାବରୁ ଗ୍ରାମ୍ୟ ରାସ୍ତା କାଦୁଅ ପଚ ପଚ



କାଳିପଦା, ୨୭।୫ (ସମିସ): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଘଣ୍ଟିଆଡ଼ି ଗ୍ରାମ୍ୟ ରାସ୍ତା ଏବେ ମରାମତି ଅଭାବରୁ କାଦୁଅ ପଚ ପଚ ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ଏବେ କଷ୍ଟସାଧ ହୋଇଛି। କାଳବୈଶାଖୀ ଓ ଲଘୁଚାପ ବର୍ଷା ଯୋଗୁଁ ରାସ୍ତା କାଦୁଅ ଓ ପାଣି ହୋଇଛି। ରାସ୍ତା ଶୋଚନୀୟ ଯୋଗୁଁ ସାଇକେଲ, ମଟର ସାଇକେଲ, ଚାରି ଚକିଆ, ଛ ଚକିଆ ଆଦି ଯାନ ଯିବା ତ ଦୁରୂହ କଥା ପାଦରେ ଚାଲି କରି ଯିବା ମଧ୍ୟ କଷ୍ଟକର ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ବ୍ଲକ ପ୍ରଶାସନ ମଧ୍ୟ କୌଣସି ପଦକ୍ଷେପ ନ ନେଇ ନୀରବ ରହୁଛି। ଏହି ରାସ୍ତା ଉପରେ ଗ୍ରାମର ଦୁଇ ଶହ ପରିବାର ନିର୍ଭର କରନ୍ତି। ୧୦୮ ଓ ଜନନୀ ପ୍ରସୂତି ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ଯାଇପାରୁନି। ଛୋଟ ପିଲା ଓ ବୟସ୍କ ଲୋକ ମାନେ ଏହି ରାସ୍ତାରେ ଯା ଆସ କରି ପାରୁ ନାହାଁନ୍ତି। ବାଲେଶ୍ୱର ସାଂସଦ, ବସ୍ତା ବିଧାୟିକା ଏଥି ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ନିର୍ମାଣକୁ ବର୍ଷେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିଲା



ଜଳେଶ୍ୱର ବ୍ଲକ, ୨୭।୫ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା କୁଆଁରପୁରଠାରୁ ପଶ୍ଚିମବଙ୍ଗ ସୀମାନ୍ତ ଚୂଡ଼ାମଣିପୁର ମୁଖ୍ୟ ରାସ୍ତା ନିର୍ମାଣକୁ ବର୍ଷେ ନ ପୁରୁଣୁ ରାସ୍ତାରୁ ପିଚୁ ଉଠିଲା। ଏହି ରାସ୍ତାଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟା ବଳରେ ୨୦୨୧/୨୨ ଆର୍ଥିକ ବର୍ଷରେ ୮କିଲୋମିଟର ୬୦୦ ମିଟର ରାସ୍ତା ଉନ୍ନତୀକରଣ ପାଇଁ ୫କୋଟି ୬୨ ଲକ୍ଷ୍ୟ ୭୭ ହଜାର ଟଙ୍କା ମିଳିଥିଲା । କାର୍ଯ୍ୟର ଅବଧି ଶେଷ ୨୦୨୩ ମସିହା ଥିବା ସତ୍ତ୍ୱେ କାମ ବିଳମ୍ବରେ ସାରିଥିଲେ ଠିକାଦାର। କାର୍ଯ୍ୟ ଶେଷ ହେବାଠାରୁ ରକ୍ଷଣା ବେକ୍ଷଣ ପାଇଁ ୫ବର୍ଷର ଅବଧି ରହିଥିବା ବେଳେ କାମ ହେବାର ୧ ବର୍ଷ ପରେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଗଲାଣି ତ ଆଉ କେଉଁଠାରେ ଆଣ୍ଠୁଏ ଆଣ୍ଠୁଏ ଗାତ ହୋଇ ପାଣି ଛିଡା ହେଲାଣି । ଏ ନେଇ ଜଳେଶ୍ୱର ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ କହିଛନ୍ତି ଯେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବି।

# ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭାଇ ଆଣିଲେ ହତ୍ୟା ଅଭିଯୋଗ**

ଭୋଗରାଇ, ୨୭।୫(ସମିସ): ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ କୁଲ୍ଲା ଗ୍ରାମରେ ଚାଲୁଥିବା ଏଲ୍ଏନଟି କ୍ରେନ ଡ୍ରାଇଭର ଯୁବକଙ୍କୁ ହତ୍ୟା ଅଭିଯୋଗ ହୋଇଛି। କିଛି ବର୍ଷ ହେବ ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ ହେଉଛି। ସେହି ପୋଲ ନିର୍ମାଣ କାର୍ଯ୍ୟ ପାଇଁ ନିୟୋଜିତ ଚେନ ମେସିନରେ ଅନୁଗୁଳ ଜିଲ୍ଲା ଜରପଡା ଥାନା ତୁବେ ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ପୁଅ ସୁବ୍ରତ ସାହୁ (୨୦) ଦୁଇ ବର୍ଷ ହେବ ଡ୍ରାଇଭର ଭାବେ କାର୍ଯ୍ୟ କରି ଆସୁଥିଲା। ଗତ ସୋମବାର ଦିନ ପରିବାର ଲୋକଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହେବାପରେ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ଯାଇଥିଲା। ରାତ୍ରି ୯ ଟା ସମୟରେ ଉକ୍ତ ଚେନ ମେସିନର ଅପରେଟର ସୁବ୍ରତଙ୍କ ମୃତ୍ୟୁ ହୋଇଥିବା ଖବର ସମ୍ପର୍କୀୟଙ୍କୁ ଫୋନ କରି କହିଥିଲେ। ଖବର ପାଇ ପରିବାର ଲୋକ ଆସି ଦେଖିବା ବେଳକୁ ସୁବ୍ରତ ତାଙ୍କର ରହିବା ଭଡ଼ା ଘରରେ ଗଳାରେ ଗାମୁଛା ଦେଇ ମୃତ୍ୟୁ ବରଣ କରିଛନ୍ତି। ଏ ବାବଦରେ ଗଗନ ବିହାରୀ ସାହୁ ତାଙ୍କର ଭାଇ ସୁବ୍ରତକୁ କେହି ଜଣେ ମାରିଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୁଲିସ ଶବଟିକୁ ଜବତ କରିବା ସହିତ ମୃତ ଶରୀରକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ବୁଧବାର ଦିନ ଶବ ବେବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ବୈଦ୍ୟୁତିକ ସୁରକ୍ଷା ସଚେତନତାକୁ ବ୍ୟାପକ କରିବ ଟିପିଏନ୍ଓଡିଏଲ



**କ୍ଷୁଦ୍ର ଓ ପଥପ୍ରାନ୍ତ ନାଟକରେ ବାଣ୍ଟିବ ସଚେତନତା ବାର୍ତ୍ତା**

ବାଲେଶ୍ୱର,୨୭।୫(ସମିସ): ସୁରକ୍ଷା ହେଉଛି ଟିପିଏନ୍ଓଡିଏଲର ମୂଳମନ୍ତ୍ର। କର୍ମଚାରୀଙ୍କ ସହ ଜନସାଧାରଣଙ୍କ ସୁରକ୍ଷାକୁ ଟିପିଏନଓଡିଏଲ ବିଶେଷ ଗୁରୁତ୍ୱ ଦେଉଛି। ଜନସାଧାରଣଙ୍କ ସଚେତନତା ଅଭାବରୁ ଅଧିକାଂଶ ବୈଦ୍ୟୁତିକ ଦୁର୍ଘଟଣା ଘଟୁଥିବା ସୂଚନା ମିଳିଥିବା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମର ନିକଟରେ ନିର୍ମାଣ କାର୍ଯ୍ୟ, ହୁକିଂ ଆଦି ପାଇଁ ଅଧିକ ଦୁର୍ଘଟଣା ଘଟୁଥିବା ଟିପିଏନଓଡିଏଲ ପକ୍ଷରୁ ଏକ ସର୍ଭେକ୍ଷଣ ଦ୍ୱାରା ସୂଚନା ହସ୍ତଗତ ହେବା ପରେ ଏହାକୁ ଭିତ୍ତି କରିବା ସହ ଏ ନେଇ ଅଧିକ ଜନସଚେତନତା ବୃଦ୍ଧି କରିବାକୁ ଗୁରୁତ୍ୱ ଦେଉଛି। ଏଥି ଲାଗି ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବାବେଳେ ସୁରକ୍ଷା ସଚେତନତା ସମ୍ପର୍କିତ ପଦକ୍ଷେପ ଏହି ଟିମ୍ ଗ୍ରହଣ କରିବ। ବିଦ୍ୟାଳୟ ସ୍ତରରେ ପିଲାଙ୍କୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନ କରିବାକୁ ବ୍ୟାପକ ପଦକ୍ଷେପ ନିଆଯିବାକୁ ଥିବାବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ମଧ୍ୟ ସଚେତନତାକୁ ଗୁରୁତ୍ୱ ଦିଆଯିବ। କ୍ଷୁଦ୍ର ନାଟକ, କାନ୍ଥରେ ସଚେତନତା ବାର୍ତ୍ତା ଆଦିକୁ ମଧ୍ୟ ସ୍ଥାନିତ କରାଯିବ। ଏ ନେଇ ସବିଶେଷ ରଣନୀତି ପ୍ରସ୍ତୁତ ହୋଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ବୈଦ୍ୟୁତିକ ସୁରକ୍ଷା ନେଇ ସଚେତନତା ବ୍ୟାପକ କରିବା ଓ ଧନଜୀବନ ହାନିକୁ ସମ୍ପୂର୍ଣ୍ଣ ରୋକିବା ଟିପିଏନଓଡିଏଲର ଲକ୍ଷ୍ୟ ରହିଥିବା ବେଳେ ଏହି ଟିମ୍ ପଦକ୍ଷେପ ଗ୍ରହଣ କରିବ। ଅପରପକ୍ଷେ ନିଜ କର୍ମଚାରୀଙ୍କ ସୁରକ୍ଷାକୁ ଟିପିଏନଓଡିଏଲ ଗୁରୁତ୍ୱ ଦେଇ ସେମାନଙ୍କୁ ହେଲମେଟ, ହର୍ନେସ, ସୁରକ୍ଷା ଜୋତା, ଗ୍ଲୋଭ୍ସ ଆଦି ସମସ୍ତ ପ୍ରକାରର ସୁରକ୍ଷା ଉପକରଣ ଯୋଗାଇର ବ୍ୟବସ୍ଥା କରିଛି। ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଥିବାବେଳେ ଜନସାଧାରଣଙ୍କୁ ମଧ୍ୟ ଏହାର ତଦାରଖ ଦାୟିତ୍ୱ ଦେଇଛି। ଟିପିଏନଓଡିଏଲ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣ ବ୍ୟବହାର ନ କରନ୍ତି ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିଲେ ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସଆପ୍ ଯୋଗେ ପଠାଇ ଏହାର ଅଭିଯୋଗ କରି ପାରିବେ। ଏଥି ଲାଗି ଟିପିଏନଓଡିଏଲ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥାଏ।

# ଘର ଭାଙ୍ଗିଦେଲେ ଦୁର୍ବୃତ୍ତ, କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

ବାହାନଗା, ୨୭।୫ (ସମିସ) : ସୁଦର୍ଶନ ପଣ୍ଡା ଏବଂ ସ୍ତ୍ରୀ ସନ୍ଧ୍ୟାରାଣୀ ପରିବାର ସହ ଦୀର୍ଘବର୍ଷ ଧରି ଗୋପାଳପୁର ଥାନା ସାହାସପୁରା ଗ୍ରାମର ଏକ ସରକାରୀ ଜାଗାରେ ଘରକରି ରହି ଆସୁଥିଲେ। ସେ ରହୁଥିବା ଜମିକୁ ଲାଗି ଜୈନିକ ବ୍ୟକ୍ତିଙ୍କ ଜମି ରହିଥିବା ବେଳେ ସାହାସପୁରା ଗ୍ରାମର ମଲ୍ଲିକ କାମାଲୁଦ୍ଦିନ ନାମକ ବ୍ୟକ୍ତି କିଣିଥିଲେ। ସୁଦର୍ଶନ ପଣ୍ଡା ରହିଥିବା ସରକାରୀ ଜାଗାକୁ ନିଜ ଜମି ବୋଲି ଦାବି କରି ଆରମ୍ଭ ହୋଇଥିଲା ବାକ ବିତଣ୍ଡା ଏବଂ ଭାଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଘର ଭଙ୍ଗା ବେଳର ଭିଡିଓକୁ ଆଧାର କରି ମଲ୍ଲିକ କାମାଲୁଦ୍ଦିନଙ୍କ ସହ ୪ ଜଣଙ୍କ ନାମରେ ଗୋପାଳପୁର ଥାନାରେ ୨ ତାରିଖରେ ସୁଦର୍ଶନଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ଲିଖିତ ଅଭିଯୋଗ କରିଥିଲେ। ଗୋପାଳପୁର ଥାନା ପୁଲିସ ଥାନାରେ ଏକ ମାମଲା ରୁଜୁ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ମାମଲା ରୁଜୁ ହେବାକୁ ଦୀର୍ଘଦିନ ବିତିଥିଲେ ମଧ୍ୟ ପୁଲିସ ସୁଦର୍ଶନଙ୍କ ପରିବାରକୁ ନ୍ୟାୟ ଦେଇନି।



ଧମକ ଚମକ। ଏ ନେଇ ଗୋପାଳପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ସୁଦର୍ଶନ ପଣ୍ଡାଙ୍କ ପରିବାର। ଗୋପାଳପୁର ଥାନା ପୁଲିସ ଘଟଣାକୁ ହାଲୁକା ନେଉଥିବାର ଜାଣିପାରି ଗତ ମେ ୧ ତାରିଖରେ ସୁଦର୍ଶନ ପଣ୍ଡା ବାଲେଶ୍ୱର ଏସପି ନିକଟରେ ଗୁହାରି ପାଇଁ ଯାଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଘରେ କେହି ନ ଥିବାର ସୁଯୋଗ ନେଇ ମଲ୍ଲିକ କାମାଲୁଦ୍ଦିନ ଏବଂ ତାଙ୍କ ପରିବାର ଲୋକେ ସୁଦର୍ଶନ ପଣ୍ଡାଙ୍କ ଘରକୁ ସଂପୂର୍ଣ୍ଣ ଆସନ୍ତା ୭ ଦିନ ମଧ୍ୟରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସୁଦର୍ଶନ ପଣ୍ଡାଙ୍କ ପରିବାର ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଘଟଣା ବାବଦରେ ଗୋପାଳପୁର ଥାନା ଓଆଇସି ଅଶୋକ ବାରିକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରି ରହିଛି, ଆବଶ୍ୟକୀୟ ତଥ୍ୟ ମଗା ଯାଇଛି। ତଥ୍ୟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଟ୍ରାକ୍ଟର ଚୋରି ଘଟଣାରେ ଆଉ ଜଣେ ଗିରଫ

ଔପଦା,୨୭।୫ (ସମିସ) : ଗତ ୧୫ ତାରିଖ ବିଳମ୍ବିତ ରାତିରେ ଔପଦା ଅଞ୍ଚଳରୁ ଚୋରି ହୋଇଥିବା ଟ୍ରାକ୍ଟର ଜବତ ଓ ୩ ଜଣ ଅଭିଯୁକ୍ତ ଗିରଫ ପରେ ଆଜି ଅନ୍ୟ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଗତ ୧୫ ତାରିଖ ବିଳମ୍ବିତ ରାତ୍ରିରେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମର ଭାରତ ଚନ୍ଦ୍ର ପ୍ରଧାନଙ୍କ ଟ୍ରାକ୍ଟର ଚୋରି ଘଟଣାର ନେଇ ଔପଦା ଥାନାରେ ମାମଲା ରୁଜୁ ହୋଇ ପୁଲିସ ମୁଖ୍ୟ ଅଭିଯୁକ୍ତ ଉଜ୍ଜ୍ୱଳ ପ୍ରଧାନ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୧୮ ତାରିଖ ସନ୍ଧ୍ୟାରେ ଦର୍ଜି ବଜାରରୁ ଟ୍ରାକ୍ଟର ଡାଲା ଜବତ କରିଥିବା ବେଳେ ଗତ ୨୫ ତାରିଖ ବିଳମ୍ବିତ ରାତ୍ରିରେ ଝାଡ଼ଖଣ୍ଡ ଅଞ୍ଚଳ ବଡ଼ଶୂଳ ଥାନା ଦରଖୋଳି ଗାଁର ସ୍ୱରପ କୁମାର ସଙ୍କ ଘରୁ ଟ୍ରାକ୍ଟର ଇଞ୍ଜିନ ଜବତ ହୋଇଥିଲା। ତେବେ



ପୁନର୍ବାର ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏସଆଇ ସୁଶୀଲ କୁମାର ମହନ୍ତ, ଏଏସଆଇ ଖୋର୍ଦ୍ଧା ସୋରେନ, ସୁହାଗୀ ହାସଦା, କନେଷ୍ଟବଳ କୈଳାସ ଚନ୍ଦ୍ର ମହାରଣା, ରାଜୁ ହନ୍ତାଳ ପ୍ରମୁଖ ଏକ ଟିମ୍ ଜଳେଶ୍ୱର ଥାନା ଅଞ୍ଚଳ ପଞ୍ଚୁଗଣ୍ଡା ଗାଁର କାର୍ତ୍ତିକ ଦାସ(୩୫)ଙ୍କ ଘରେ ପହଞ୍ଚି କାର୍ତ୍ତିକ ଙ୍କୁ ଗିରଫ କରିଥିଲେ। କାର୍ତ୍ତିକ ଏହି ଟ୍ରାକ୍ଟରକୁ ଝାଡ଼ଖଣ୍ଡ ଅଞ୍ଚଳର ସ୍ୱରୂପକୁ ବିକ୍ରି କରିବାରେ ମଧ୍ୟସ୍ଥତା ସାଜିଥିଲେ। ଏହି ଘଟଣାରେ ପୁଲିସ ଆହୁରି ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜାଖୋଜି ଜାରି ରଖିଛି।

# କାଦମ୍ବିନୀ ବାରିକଙ୍କୁ ବିଧାୟିକାଙ୍କ ଶ୍ରଦ୍ଧାଞ୍ଜଳି



କାଳିପଦା, ୨୭।୫ (ସମିସ): ବାଲିଆପାଳ ବ୍ଲକ ଉଗରାର ସ୍ୱର୍ଗତ ବ୍ରଜେନ୍ଦ୍ର ବାରିକଙ୍କ ସହଧର୍ମିଣୀ ଧର୍ମପ୍ରାଣା ମହିଳା କାଦମ୍ବିନୀ ବାରିକଙ୍କ ଉଦ୍ଦେଶ୍ୟରେ ସୋମବାର ଅନୁଷ୍ଠିତ ଏକାଦଶାହରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପରିବାର ପକ୍ଷରୁ ଆୟୋଜିତ ଏହି ସ୍ମୃତି ଚାରଣ ସଭାରେ ବିଧାୟିକା ଜେନା ଯୋଗଦେଇ ସ୍ୱର୍ଗତା ବାରିକଙ୍କ ସ୍ମୃତି ଚାରଣ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତା ଆତ୍ମାର ସଦ୍ଗତି ପାଇଁ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଜେନା, ରତ୍ନାକର ନାୟକ, କ୍ଷେତ୍ର ମୋହନ ପାତ୍ର, ରତ୍ନାକର ରାଉତ, ବୁଲୁ ଜେନା, ସଦାଶିବ ଦାସ, ନାରାୟଣ ପାତ୍ର, ଅଶୋକ କୁଅଁର, ଜୟନ୍ତ ଦଳାଇ, ଜଗବନ୍ଧୁ ନାୟକ, କାଶୀନାଥ ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଓ ଗ୍ରାମବାସୀଙ୍କ ସମେତ ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ଆନୀୟ ସ୍ୱଜନ ଉପସ୍ଥିତ ରହି ସ୍ୱର୍ଗତା ବାରିକଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତା ବାରିକଙ୍କ ବଡ ପୁଅ ଅର୍ଜୁନ ଚରଣ ବାରିକ ଏବଂ ସାନ ପୁଅ ଅନନ୍ତ ବାରିକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦୟପୁର ବେଳାଭୂମିରେ ଚାଲିଛି ଅବାଧ ନିଶା କାରବାର

ଭୋଗରାଇ, ୨୭।୫ (ସମିସ)



ପ୍ରଶାସନର ଅବହେଳା ପାଇଁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସମୁଦ୍ର ବେଳାଭୂମି ତଥା ତତ ସଂଲଗ୍ନ ଗାଁ ଗୁଡ଼ିକରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଅନେକ ସ୍ଥାନରେ ମହିଳା ଓ ଗ୍ରାମବାସୀ ବିରୋଧ କରୁଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ବେଳାଭୂମି ସମେତ ଗାଁ ଗାଁରେ ଦେଶୀ, ବିଦେଶୀ ମଦ ଚୋରାରେ ବିକ୍ରି ହେଉଥିଲା ବେଳେ ଅସାମାଜିକ ବ୍ୟକ୍ତିମାନେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଗାଁକୁ ଆଣି ସେମାନଙ୍କୁ ଆପ୍ୟାୟିତ କରିବା ପାଇଁ ନିଶା ଯୋଗାଇବା ସହିତ ରୂପଜୀବୀ ଯୋଗାଡ଼ କରୁଛନ୍ତି। ଯାହା ଫଳରେ ଗ୍ରାମ୍ୟ ସଂସ୍କୃତି ସଙ୍କଟରେ ପଡ଼ିବା ସହିତ ସାମାଜିକ ଓ ପାରିବାରିକ ବିଶୃଙ୍ଖଳା ବଢ଼ିଲାଣି।

ଉଦୟପୁର ସମୁଦ୍ର ବେଳାଭୂମି ସଂଲଗ୍ନ ଭୋଗରାଇ ବ୍ଲକ ସାହାବାଜିପୁର ଗ୍ରାମରେ ଚୋରା ଗଞ୍ଜେଇ, ବ୍ରାଉନସୁଗର ଓ ରୂପଜୀବୀଙ୍କ ଦେହ ବେପାର କାରବାର ବଢ଼ିବାରେ ଲାଗିଛି। କେହି ପ୍ରତିବାଦ କଲେ ତାଙ୍କୁ ହତ୍ୟା ଧମକ ସହିତ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେଉଥିଲେ ସୁଦ୍ଧା ପୁଲିସ ନିଦାବିଷ୍ଟ ସାଜି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଗାଁଗୁଡ଼ିକରେ ଏହି ଅସାମାଜିକ କାର୍ଯ୍ୟକଳାପ ଓ ବ୍ୟବସାୟ ବହୁଳ ଭାବେ ଚାଲିଥିବାରୁ ବହୁ ସଂଖ୍ୟାରେ ନାବାଳକ ତଥା ଯୁବଗୋଷ୍ଠୀ ଏହି କାରବାରରେ ଯୋଡ଼ି ହେବା ସହ ନିଶା ପାନ କରୁଛନ୍ତି। ଏଥିଯୋଗୁ ଗାଁର ସାମାଜିକ ସ୍ଥିତି ବିଗିଡ଼ିବା ସହ ଅନେକ ସମୟରେ ଅପରାଧମାନ ଘଟୁଛି। ତାଳସାରି ସାମୁଦ୍ରିକ ଥାନା ଅଞ୍ଚଳର ଉଦୟପୁର ବେଳାଭୂମି ଓ ସାହାବାଜିପୁର ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢୁଛି। ଏଭଳି ସ୍ଥିତିରେ ସାହାବାଜିପୁର ଗାଁର ଅଜୟ ସାମଲଙ୍କ ପରିବାର ଏଇ ନିକଟରେ ଅସାମାଜିକ ଯୁବକଙ୍କ ଆକ୍ରୋଶର ଶିକାର ହୋଇ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ସେ ତାଳସାରି ସାମୁଦ୍ରିକ ଥାନା ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ସାହାବାଜିପୁର ଗାଁର ଜଣେ ଯୁବକ ତାଙ୍କ ଘରେ ପଶ୍ଚିମବଙ୍ଗର ରୂପଜୀବୀମାନଙ୍କୁ ନେଇ ଦେହ ବ୍ୟବସାୟ ଚଳାଇ ଆସୁଛନ୍ତି। ରୂପଜୀବୀମାନଙ୍କ ଦ୍ୱାରା ବ୍ରାଉନ ସୁଗର ଓ ଗଞ୍ଜେଇ ବେପାର ମଧ୍ୟ ଚଳାଇ ଆସୁଛି। ଏ ନେଇ ଅଜୟ ପ୍ରତିବାଦ କରି ଗାଁରେ ବିଚାର ଦେବାରୁ ସମ୍ପୃକ୍ତ ଯୁବକ ତାଙ୍କ ଘର ସମ୍ମୁଖରେ ଗତ ଦୁଇଦିନ ଧରି ପାଇଖାନା ଚାମ୍ବରର ଢ଼ାଙ୍କୁଣୀ ଖୋଲି ଦେବା ଫଳରେ ଅଜୟଙ୍କ ପରିବାର ଲୋକେ ପାଇଖାନା ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡିଛନ୍ତି। ଅଜୟ ବାଧ୍ୟ ହୋଇ ସୋମବାର ସନ୍ଧ୍ୟାରେ ତାଳସାରି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା; ବିଜେଡିର ପ୍ରତିବାଦ

ଗଞ୍ଜାମ,୨୭।୫(ସମିସ)



ଗଞ୍ଜାମ ବ୍ଲକରେ ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବା ନେଇ ମଙ୍ଗଳବାର ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ବିଜେଡି ନେତା ଓ କର୍ମୀ ମାନେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଏନେଇ ପୂର୍ବାହ୍ନ ସମୟରେ ବିଡ଼ିଓଙ୍କ କାର୍ଯ୍ୟାଳୟ ନିକଟରେ ବିଜେଡି ନେତା ଓ କର୍ମୀ ମାନେ ଧାରଣାରେ ବସିଥିଲେ। ପଞ୍ଚାୟତ ସ୍ତରରେ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧିଙ୍କ ଗୋଚରରେ କରାଯାଉ ନାହିଁ। ଉନ୍ନୟନ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ କରାଯାଉଛି। ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନରେ ଏବଂ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି ଏବଂ ବିଜେପି ସମର୍ଥିତ ବ୍ୟକ୍ତିଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ପୂର୍ବତନ ବିଧାୟକ ହାତ ପାଣ୍ଠି କାର୍ଯ୍ୟାଦେଶ ଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ ମାନ ସେହି କାର୍ଯ୍ୟ ଗୁଡ଼ିକ ଲାଟ ଦେଉନାହାନ୍ତି ଏବଂ କିଛିଦିନ ପରେ ତୁମେ କରିପାରିବ ନାହିଁ କହି ବିଜେପି କର୍ମୀ ମାନଙ୍କୁ ଦେଇ କାର୍ଯ୍ୟ କରୁଛନ୍ତି କ୍ଷ ବ୍ଲକ ପ୍ରଶାସନ ସ୍ତରରେ ପିସି କାଟବାର ସମସ୍ତ ସୀମା ଉଲଂଘନ କରିଛି କ୍ଷ ସରପଞ୍ଚ, ସମିତି ସଭ୍ୟ /ସଭ୍ୟା ଏବଂ ଜିଲ୍ଲା ପରିଷଦ ମାନଙ୍କ କ୍ଷମତାକୁ ସଂକୁଚିତ କରାଯାଉଥିବା ଲିଖିତ ଏକ ସ୍ମାରକପତ୍ରକୁ ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହାର ସମାଧାନ ନହେଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ପରେ ଗଞ୍ଜାମ ଥାନାରେ ପହଞ୍ଚି ଆଇନ ଶୃଙ୍ଖଳା ରକ୍ଷା କରିବା ନେଇ ଥାନା ଅଧିକାରୀ ସସ୍ମିତା ପାତ୍ରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଭ୍ରୁଗୁବକ୍ସିପାତ୍ର, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଧା ପାହାନ, ୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ବରିଷ୍ଠ ନେତା ବାନାମ୍ବର ପଲାଇ, ପ୍ରଶାନ୍ତ କର, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଗଞ୍ଜାମ ନଗର ଯୁବ ସଭାପତି ସୁଧୀର କୁମାର ପାତ୍ରୀ, ପୋଗରାଶି ସରପଞ୍ଚ ରବିନ୍ଦ୍ର ନାଥ ବେହେରା, ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ସୁବଳୟା ସମିତି ସଭ୍ୟା ମାମି ଦାସ, ସରପଞ୍ଚ ସସ୍ମିତା ବେହେରା, ପୂର୍ବତନ କାଉନ ସିଲର ଦଣ୍ଡପାଣି ପରିଡା, ରଞ୍ଜିତ ପଲାଇ, ପୂର୍ବତନ ସରପଞ୍ଚ ଡି. ଗୋବିନ୍ଦ ରେଡି, ସୁଦାମ ଜେନା, ବନବାସୀ ଖୁଣ୍ଟିଆ, ମାସେନ୍ଦ୍ର ରେଡି, ଘନଶ୍ୟାମ ରେଡି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

● ନାକେଦମ କଲେଣି ସାଇବର ଅପରାଧୀ

# ଠକଙ୍କ କୌଶଳ ଆଗରେ ପୁଲିସ ବଳ ଫିକା

**୫ମାସରେ ଲୁଟିଲେଣି ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା**

ବ୍ରହ୍ମପୁର,୨୭।୫(ସମିସ): ଦିନକୁ ଦିନ ବଢିବାରେ ଲାଗିଛି ସାଇବର ଅପରାଧ। ପୁଲିସ ଡାଳେ ଡାଳେ ଗଲେ ସାଇବର ଅପରାଧୀ ପତ୍ରେ ପତ୍ରେ ଯାଇ ବିଛାଉଛନ୍ତି ଜାଲ। ଫଳରେ ଏମିତି ମନେ ହେଉଛି ଯେମିତି ସାଇବର ଅପରାଧିଙ୍କ କୌଶଳ ଆଗରେ ଫିକା ପଡିଯାଉଛି ପୁଲିସର ବଳ। ଅନଲାଇନ୍ ଟ୍ରେଡ଼ିଂ, ଅର୍ଥନୈତିକ ଠକେଇ, ଡିଜିଟାଲ ଆରେଷ୍ଟ, ଶିଶୁ ତଥା ବୟସ୍କ ବ୍ୟକ୍ତିଙ୍କୁ ଶୋଷଣ ବା ବ୍ଲାକମେଲ ଭଳି ଅଭିନବ ତରିକାରେ ଲୁଟୁଛନ୍ତି କୋଟି କୋଟି ଟଙ୍କା। ବ୍ରହ୍ମପୁର ପୁଲିସ ଜିଲ୍ଲାରେରତ ୫ମାସରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଲେଣି ଅଦୃଶ୍ୟ ଅପରାଧୀ ଗ୍ୟାଙ୍ଗର ସଦସ୍ୟ। ଏହି ଅଦୃଶ୍ୟ ଅପରାଧୀଙ୍କୁ ଗିରଫ କରିବା ପାଇଁ ବ୍ରହ୍ମପୁର ପୁଲିସ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନଥିବା ପରିଲକ୍ଷିତ ହେଉଛି। ବର୍ତ୍ତମାନ ସୁଦ୍ଧା ସାଇବର ଥାନାରେ ମୋଟ ୩୫ଟି ଠକେଇ ମାମଲା ରୁଜୁ ହୋଇଛି। ସେଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି, ଇଞ୍ଜିନିୟର, ଡାକ୍ତର ଓ ବ୍ୟବସାୟୀଙ୍କ ସମେତ ବହୁ ଯୁବପିଢୀ ମଧ୍ୟ ଠକେଇର ଶିକାର ହୋଇଛନ୍ତି। ଗତ ଫେବୃଆରୀ ୧୫ତାରିଖରେ ସ୍ଥାନୀୟ ଲୋଚପଡା ଅଞ୍ଚଳର ଜଣେ (୪୦)ବର୍ଷୀୟ ମହିଳାଙ୍କର ସୋସିଆଲ ମିଡିଆ ମାଧ୍ୟମରେ ଡା ସତୀଶ କୁମାର ନାମକ ଜଣେ ଯୁବକଙ୍କ ସହ ପରିଚୟ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହେବାପରେ ସମ୍ପୃକ୍ତ ଯୁବକ ଜଣକ ମହିଳାଙ୍କ ଠାରୁ ୪ଲକ୍ଷ ୭୫ହଜାର ଅନଲାଇନରେ ଠକି ନେବାରେ ସଫଳ ହୋଇଥିଲା। ପରେ ମହିଳା ଜଣକ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏବଂ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଠକମାନେ ଜାନୁଆରୀ ପହିଲାରୁ ଏଯାବତ ୨କୋଟିରୁ ଉଦ୍ଧର୍ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି। ଏଭଳି ଭାବେ ଗୋଟିଏ ପରେ ଗୋଟିଏ ଠକେଇ ହେବାରେ ଲାଗିଛି। ପୁଲିସ ହାତ ଗଣିତ ଦୁଇଟି କିମ୍ବା ୩ଟି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ହେଁ ଅନ୍ୟ ସମସ୍ତ ମାମଲାରେ ସାଇବର ଠକଙ୍କୁ ଗିରଫ କରିବାରେ ବିଫଳ ରହିଛି। ଏଭଳି ଭାବେ ଅଦୃଶ୍ୟ ଅପରାଧୀମାନେ ବ୍ରହ୍ମପୁର ପୁଲିସକୁ ନାକେଦମ କରିସାରିଲେଣି। ବ୍ରହ୍ମପୁର ପୁଲିସ ପାଇଁ ଚିନ୍ତା ବଢାଇଛନ୍ତି ସାଇବର ଅପରାଧି। ସେମାନଙ୍କୁ ଧରିବା

# ନୂଆ ପ୍ରଜାତିର ୨ ମାଛ ଚିହ୍ନଟ





ବ୍ରହ୍ମପୁର,୨୭।୫(ସମିସ): ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର (ଗୋପାଳପୁର ଏବଂ ଚେନ୍ନାଇ ଜେଡ୍‌ଏସ୍‌ଆଇ ଦ୍ୱାରା ଦୁଇଟି ପ୍ରଜାତିର ମାଛ ପ୍ରଥମ ଥର ପାଇଁ ଭାରତୀୟ ଉପ ସାଗରୀୟ ସୀମାରେ ଗଭୀର ଜଳରୁ କଲୋକାଙ୍ଗର ସ୍କୋଲୋସି ଏବଂ ଓପିକଥସ ଇରାବୋ ମାଛ ଚିହ୍ନଟ ହୋଇଛି। କେରଳର କୋଲ୍ଲମ୍ ସମୁଦ୍ର ତଟ ଅଞ୍ଚଳର ୫ ଶହରୁ ୬ ଶହ ମିଟର ଗଭୀର ଜଳରୁ ସୁନୀଲ କୁମାର ରାଜ ଟ୍ରଲରରେ ମାଛ ମାରୁଥିବା ବେଳେ ଧରିଥିଲେ। ଏହାକୁ ତାଙ୍କ ଠାରୁ ସଂଗ୍ରହ କରାଯାଇଥିଲା। ଗୋପାଳପୁର ଜେଡ ଏସ ଆଇକୁ ଅକ୍ଟୋବର ୨୦୨୩ରେ ଆଣି ଏଠାରେ ବୈଜ୍ଞାନିକ ଡ. ଅନୀଲ ମିହାପାତ୍ର, ଡ. କେ. କେ. ବିନିଶ ଏବଂ ଗବେଷକ ଡ. ସ୍ୱରୂପ ରଞ୍ଜନ ମହାନ୍ତି, ରାଜେଶ କୁମାର ବେହେରା, ଶ୍ୱେତା ବେଉରା, ମୌମିତା ଦାସ, ପ୍ରବୀନ ରୋଜାରିଓ ଏବଂ ସ୍ମୃତିରେଖା ଆଚାର୍ଯ୍ୟ ମିଳିତରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଆବିଷ୍କାର ପୂର୍ବରୁ ଏହି ପ୍ରଜାତି ମାଛ ଭାରତୀୟ ତଟରେ କେବେ ରିପୋର୍ଟ ହୋଇନଥିଲା। ଏହି ପ୍ରଜାତିର ମାଛ ପ୍ରଥମ ଭାରତୀୟ ରେକର୍ଡ ଭାବେ ଗ୍ରହଣ କରାଯାଇଛି। ଏହି ପ୍ରଜାତି ପୂର୍ବରୁ ଦକ୍ଷିଣ ଆଫ୍ରିକା, ଜାପାନ, ଓଗାସାୱାରା ଦ୍ୱୀପ, ରାୟୁକ୍ୟୁ ତାଇୱାନରୁ ମିଳିଥିଲା। ଏହି ଦୁଇଟି ମାଛର ବିଶେଷ ବିବରଣୀ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପତ୍ରିକା ଜର୍ଣ୍ଣାଲ ଅଫ ମେରାଇନ ବାଇଓଲୋଜି ଆସିଓସେସନ (ୟୁ.କେ) ଏବଂ ନ୍ୟାସନାଲ ଏକାଡେମୀ ଅଫ ସାଇନ୍ସ ଲେଟରରେ ଆଜି ପ୍ରକାଶିତ ହୋଇଛି। ଏହି ମାଛର ଅଧିକ ତଥ୍ୟ ଜାଣିବା ପାଇଁ ଗବେଷଣା ଜାରି ରହିଛି ବୋଲି ଗୋପାଳପୁର ଜେଡ ଏସ ଆଇ କେନ୍ଦ୍ରର ବୈଜ୍ଞାନିକ ଡ. ମହାପାତ୍ର କହିଛନ୍ତି।

# ବିଏସ୍‌ଏଫ୍ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ଫୁଲବାଣୀ,୨୭।୫(ସମିସ): ବିଏସଏଫ ୧୧୬ ବାଟାଲିୟନର ୩୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏ ଉପଲକ୍ଷେ ସ୍ଥାନୀୟ ବୃଦ୍ଧାଶ୍ରମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କନ୍ଧମାଳ ଏସପି ହରିଶ ବି ସି ଦେଶର ସୁରକ୍ଷା ପାଇଁ ବିଏସଏଫର ଅବଦାନ ପ୍ରଶଂସନୀୟ ବୋଲି କହିଥିଲେ।



ଜରାନିବାସର ୮୦ ଜଣ ବୟସ୍କ ମହିଳା ଯବାନଙ୍କ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସ୍ଥାନୀୟ ପୁଲିସ ରିଜର୍ଭ ସ୍ଥିତ ବିଏସଏଫ ହସ୍ପିଟାଲରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ କମାଣ୍ଡାଣ୍ଟ ଅଜୟ କୁମାର ଉଦଘାଟନ କରିଥିବା ବେଳେ ରକ୍ତଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷ ଏବଂ ବିଏସଏଫର ସ୍ୱାସ୍ଥ୍ୟ ଅଧିକାରୀ ଡା. ଯୋଗେଶ ଭାଟିଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା। ବହୁ ସଂଖ୍ୟାରେ ବିଏସଏଫ ଅଧିକାରୀ, ଯବାନ ଏବଂ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଶିବିରରେ ସମୁଦାୟ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବିଏସଏଫ ପକ୍ଷରୁ କୁହାଯାଇଛି। ଏଭଳି କାର୍ଯ୍ୟକ୍ରମ ବିଏସଏଫର ସାମାଜିକ ଦାୟିତ୍ୱବୋଧର ନିଦର୍ଶନ ବୋଲି କମାଣ୍ଡାଣ୍ଟ ଅଜୟ କୁମାର କହିଛନ୍ତି।

● ଆଇନଜୀବୀଙ୍କ ବିରୁଦ୍ଧରେ ମାମଲା ରୁଜୁ ଘଟଣା

# ନିରପେକ୍ଷ ତଦନ୍ତ ନେଇ ଏସ୍‌ପିଙ୍କୁ ଭେଟିଲା ଓକିଲ ସଂଘ



ବ୍ରହ୍ମପୁର,୨୭ ।୫(ସମିସ): ଜନୈକା ମହିଳାଙ୍କ ନାମରେ କର୍ପୋରେଟର ଅପପ୍ରଚାର କରୁଥିବା ନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ସମ୍ପୃକ କର୍ପୋରେଟର ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସୁବୁଦ୍ଧିଙ୍କ ନାମରେ ମାମଲା ରୁଜୁ କରିଥିଲା। ସୂର୍ଯ୍ୟକାନ୍ତ ସୁବୁଦ୍ଧି ଜଣେ ଆଇନଜୀବୀ ହୋଇଥିବାରୁ ମଙ୍ଗଳବାର ବ୍ରହ୍ମପୁର ଏସପିଙ୍କୁ ଭେଟି ଉକ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏସପିଙ୍କୁ ସାକ୍ଷାତ ବେଳେ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି. ଭେଙ୍କେଟ ରାଓ ଏବଂ ସହ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନଥିବା କହିଛନ୍ତି ଆଇନଜୀବୀ ସୂର୍ଯ୍ୟକାନ୍ତ ସୁବୁଦ୍ଧି। କେବଳ ତାଙ୍କୁ ବଦନାମ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ସେ ପାଲଟା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସମ୍ପୃକ୍ତ ମହିଳାଙ୍କ ଦ୍ୱାରା ବହୁ ସ୍ଥାନୀୟ ଲୋକେ ଠକେଇର ଶୀକାର ହୋଇଥିବା ସେ ଅଭିଯୋଗ ଆଣିଛନ୍ତି।

# ଗ୍ରୀଷ୍ମ କାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ




ବ୍ରହ୍ମପୁର,୨୭ ।୫(ସମିସ): ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମ କାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ ହୋଇଛି। ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା. ଏମ୍ ଶ୍ରବଣା ବିବେକ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ହକି ଖେଳାଳି ରଞ୍ଜନ କୁମାର ଶର୍ମା ଯୋଗଦେଇ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଉକ୍ତ ଶିବିର ଚଳିତ ମାସ ୭ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ବାସ୍କେଟବଲ, ଫୁଟବଲ ଓ ଏଥଲେଟିକ ଖେଳର ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ସହରର ବିଭିନ୍ନ ଅଞ୍ଚର ବହୁ ଖେଳାଳି ଶିବିରରେ ଭାଗ ନେଇ ପ୍ରଶିକ୍ଷଣ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପଟ୍ଟନାୟକ, ଡି. ଆପ୍ପା ରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ ବାବୁ, ପ୍ରମୋଦ ମହାରଣା, ପ୍ରଶାନ୍ତ ରାଉତ, ଏଲ୍. କେ ରାଓ ରେଡ୍ଡୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ବେହେରା ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର ଏବଂ ଜିଲ୍ଲାର ବହୁ ବରିଷ୍ଠ ଖେଳାଳି ଯୋଗଦେଇଥିଲେ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ମୁମ୍ବାଇ ଦମ୍ପତି

ପାରଳାଖେମୁଣ୍ଡି,୨୭ ।୫(ସମିସ): ଗଜପତି ଜିଲ୍ଲାରୁ ୭୦ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ମୁମ୍ବାଇର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ତିନିମାସ ତଳେ ପାରଳାଖେମୁଣ୍ଡି ରେଳ ଷ୍ଟେସନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ରାଣୀପେଣ୍ଠ ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ ଅନୁଷ୍ଠାନରେ ରଖାଯାଇଥିଲା। ପରବର୍ତ୍ତି ସମୟରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ। ଏହାପରେ ଶିଶୁର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଅନଲାଇନ୍‌ରେ ଆବେଦନ କରି ଅପେକ୍ଷା କରିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ମଙ୍ଗଳବାର ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରୀପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ ଗାଡ଼ି ଜବତ, ଜଣେ ଗିରଫ

ଆସିକା,୨୭ ।୫(ସମିସ): ଆସିକା ଥାନା ଅନ୍ତର୍ଗତ ପାଟିଳିଗୁଡା -କାଳକଣ୍ଠପୁର ଗାଁ ନିକଟରେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ଆସିକା ପୁଲିସ। ଫୁଲବାଣୀରୁ ବ୍ରହ୍ମପୁର ରାସ୍ତାରେ ଏକ ମେକ୍ସ ପିକଅପରେ ବସ୍ତା ବୋଝେଇ ହୋଇ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୁଲିସର ପାଟ୍ରୋଲିଂ ବେଳେ ମେକକ୍ସ ପିକଅପ ଗାଡିକୁ ଯାଞ୍ଚ କରିବା ବେଳେ ବେଆଇନ ଗଞ୍ଜେଇ ବସ୍ତା ପୁଲିସକୁ ମିଳିଥିଲା। ପାଖାପାଖି ଚାରିସହ କ୍ୱିଣ୍ଟାଲ ସତର କେଜି ଯାହାର ଆନୁମାନିକ ମୂଲ୍ୟ ବାର ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆସିକା ଥାନା ଅଧିକାରୀ କୁଳ ମଣି ସେଠି ସୂଚନା ଦେଇଛନ୍ତି। ଗିରଫ ଗଞ୍ଜେଇ ମାଫିଆ ହେଲେ ଅକ୍ଷଙ୍କୁଶପୁର ଅଞ୍ଚଳର ଚଢେଇ ମରା ଗାଁର ପି. ମୋହନ ବୋଲି ଜଣାପଡିଛି। ଆସିକା କେଶ ନମ୍ବର ୩୪୭/୨୦୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି।

# ୭ ବନ୍ଧୁକ ସହ ମାରଣାସ୍ତ୍ର ଜବତ, ୯ ଗିରଫ



ଭଞ୍ଜନଗର,୨୭ ।୫(ସମିସ): ଭଞ୍ଜନଗର ପୁଲିସକୁ ବଡ଼ ସଫଳତା। ଏକାଥରକେ ୭ଟି ପିସ୍ତଲ, ୧୫ ରାଉଣ୍ଡ ଜୀବନ୍ତ ଗୁଳି, ଏବଂ ୨ଟି କାତି ଜବତ କରିବା ସହ ୯ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଛି। ମଙ୍ଗଳବାର ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ ଦେ ଭଞ୍ଜନଗର ଥାନା ପରିସରରେ ଆୟୋଜିତ ଏକ ପ୍ରେସ୍ ମିଟ୍‌ରେ ଏହି ସୂଚନା ଦେଇଛନ୍ତି। ଏଏସପିଙ୍କ ସୂଚନା ଅନୁଯାୟୀ, ସୋମବାର ସ୍ଥାନୀୟ ପୁଲିସ ଏସଆଇ ଲକ୍ଷ୍ମୀଧର ମହାନ୍ତି କିଛି ଷ୍ଟାଫ୍‌ଙ୍କୁ ନେଇ ଜିଲୁଣ୍ଡି ଇଲାକାରେ ସକାଳ ସାଢେ ୧୦ଟାରେ ପାଟ୍ରୋଲିଂ କରୁଥିବା ବେଳେ କେତେକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଜିଲୁଣ୍ଡି ତାରିଣୀ ମନ୍ଦିରରେ ଚଢ଼ାଉ କରିଥିଲେ। ଆଉ ପୁଲିସକୁ ଦେଖି ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ଏମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆଉ ଏମାନଙ୍କ ଠାରୁ ସୂଚନା ପାଇ ପରେ ଲଣ୍ଡେଇ ସାହିର ଏକ ଘରେ ଚଢ଼ଉ କରି ଅନ୍ୟ ୫ ଜଣକୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ସରୋଜ ଦାଶ(୨୩), ଭଏନଗର ଥାନା କଇଣ୍ଡି ଗ୍ରାମର ଅନୀଲ ବେହେରା (୩୦), ବିଞ୍ଝିଗିରି ଗ୍ରାମର ଟୁକୁନା ପାତ୍ର (୩୭), ଲାଲ ସିଂ ଗ୍ରାମର ସନାତନ ପ୍ରଧାନ (୨୩), ଜିଲୁଣ୍ଡି ଗ୍ରାମର ବାଦଲ ସାହୁ(୧୮), ବେଲଗୁଣ୍ଠା ଥାନା ଅନ୍ତର୍ଗତ ବେଲଗୁଣ୍ଠା ଆଶା ସାହିର ବୈଜ ମୋହନ ସାହୁ ଓରଫ ବାଜାରା(୨୫), ଭଞ୍ଜନଗର ଥାନା ଜାମପଲ୍ଲୀ ଗ୍ରାମର ସୁନୀଲ କୁମାର ସାବତ(୩୦), ଲଣ୍ଡେଇସାହି ଚିଦାନନ୍ଦ ମାର୍ଗର ସଂଗ୍ରାମ କିଶୋର ଭୂୟାଁ (୩୧) ଓ ଅଗଝୋଳ ଗ୍ରାମର ଦିବ୍ୟାଙ୍ଗ ଆରୁଖ (୧୯) । ଏମାନଙ୍କ ନିକଟରୁ ପୁଲିସ ୨ଟି ୯ ଏମ୍‌ଏମ୍ ପିସ୍ତଲ୍, ୨ଟି ଦେଶୀ ସିଙ୍ଗଲ୍ ସଟ୍ ପିସ୍ତଲ୍, ଗୋଟିଏ ୭.୬୨ ଏମ୍‌ଏମ୍ ପିସ୍ତଲ୍ ଓ ୨ଟି ପ୍ଲାଷ୍ଟିକ୍ ଲାଇଟର୍ ପିସ୍ତଲ୍ ସହ ୧୫ଟି ଜୀବନ୍ତ ଗୁଳି, ୨ଟି କାତି ଜବତ କରିଛି। ଏମାନଙ୍କ ମଧ୍ୟରୁ ୫ ଜଣ ପେଶାଦାର ଅପରାଧୀଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ଅତିରିକ୍ତ ଏସପି ରଞ୍ଜନ ଦେ କହିଛନ୍ତି। ମଙ୍ଗଳବାର ଆୟୋଜିତ ପ୍ରେସ ମିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି ଜୀବନାନନ୍ଦ ଜେନା, ଏସଆଇ ଲକ୍ଷ୍ମୀଧର ମହାନ୍ତି, ସମୀର ସେଠୀ, ଲିପିନା ବିଶ୍ୱାଳଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱର୍ଣ୍ଣ ବିଜେତା ହର୍ଷବର୍ଦ୍ଧନଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୭ ।୫(ସମିସ): ବିଜେପି ପକ୍ଷରୁ ଭାରତ୍ତୋଳକ ତଥା ଖେଲୋ ଇଣ୍ଡିଆର ସ୍ୱର୍ଣ୍ଣ ପଦକ ବିଜେତା ହର୍ଷବର୍ଦ୍ଧନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ ପରିସରରୁ ଏକ ଶୋଭାଯାତ୍ର ବାହାରି ଅନ୍ନପୂର୍ଣ୍ଣା ବଜାର, ହନୁମାନ ବଜାର, ସାନ ବଜାର, ଆସିକା ରୋଡ଼, ରଜା ସାହି ଦେଇ ଶଙ୍କରପୁର ସାହି ସ୍ଥିତ ଶଙ୍କର ଫିଜିକାଲ କାଲଚୁରାଲ କ୍ଲବରେ ପହଞ୍ଚିଥିଲା। ଶୋଭାଯାତ୍ର ହର୍ଷବର୍ଦ୍ଧନଙ୍କ କୋଚ ଉଦୟ ନାଥ ସେଠୀ, ଜିତେନ୍ଦ୍ର ସାହୁ, ରାଜ କୁମାର ସେଠୀ, ବାପା ଘନେଶ୍ୱର ସାହୁ, ମା' ରାଜଲକ୍ଷ୍ମୀ ସାହୁ, ଭଉଣୀ ଦୀପିକା ସାହୁ, ଜିଜ୍ଞାସା ସାହୁ, ପ୍ରେମ ମଞ୍ଜରୀ ସାହୁ ଏବଂ ଜ୍ୱାଇଁ ଶିବାନନ୍ଦ ସାହୁଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। କିଛି ଦିନ ପୂର୍ବେ ବିହାରର ଚାଲିଥିବା ଖେଲୋ ଇଣ୍ଡିଆରେ ୪୯କେଜି ବର୍ଗରେ ହର୍ଷବର୍ଦ୍ଧନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କ ସଫଳତାରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ବନମାଳୀ ସେଠୀ, ଚିତ୍ତରଞ୍ଜି ସାହୁ, ମଦନ ସାହୁ ଓ କର୍ପୋରେଟର ସବିତା ସାହୁଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ପଥ ବିକ୍ରେତା ସଙ୍ଘର ବିକ୍ଷୋଭ

ଦିଗପହଣ୍ଡି,୨୭ ।୫(ସମିସ): ଆନ୍ତର୍ଜାତିକ ହକ୍କର ଦିବସ ଅବସରରେ ସୋମବାର ଦିଗପହଣ୍ଡି ପଥ ବିକ୍ରେତା ସଙ୍ଘ ମିଳିତ ହକ୍କର କାର୍ଯ୍ୟ ପ୍ରକ୍ରିୟା କମିଟି ପକ୍ଷରୁ ବିଭିନ୍ନ ଦାବୀ ହାସଲ ପାଇଁ ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଅଶୋକ କୁମାର କର୍ଣ୍ଣଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏନଏସି ପକ୍ଷରୁ ଟାଉନ ଭେଣ୍ଡିଂ କମିଟି ଗଠନ କରାଯାଇ ଡିଜିଟାଲ ସର୍ଭେ ଅନୁସାରେ ସହରର ସମସ୍ତ ପଥ ବିକ୍ରେତା ମାନଙ୍କୁ ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବା। ସେମାନଙ୍କୁ ବ୍ୟବସାୟ ନିମନ୍ତେ ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ଭଳି ଅନ୍ୟାନ୍ୟ ଋଣ ମଞ୍ଜୁର ପାଇଁ ଏନଏସି ଗ୍ୟାରେଣ୍ଟର ରହିବା। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୀତ ୨୦୧୪ ପଥ ବିକ୍ରେତା ସୁରକ୍ଷା ଓ ଥଇଥାନ ଆଇନ କାର୍ଯ୍ୟକାରୀ କରାଯିବା ପ୍ରଭୃତି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଜି.କୃଷ୍ଣ, ଜି.ରାଜେଶ, ଜି.ଦଣ୍ଡପାଣି, ଏନ୍.ସନ୍ତୋଷ, ଆର.ସବିତା, କେ.ବାଲାଜୀ, ଆର. ପୂର୍ଣ୍ଣ ପ୍ରମୁଖ ବହୁ ସଂଖ୍ୟକ ପଥ ବିକ୍ରେତା ଉପସ୍ଥିତ ଥିଲେ।

# ଯୁବକଙ୍କ ମୃତ୍ୟୁ, ମାମଲା ରୁଜୁ

ବ୍ରହ୍ମପୁର,୨୭।୫(ସମିସ): ଗୋପାଳପୁର ଥାନା ପଥରା ଗ୍ରାମରେ ଗତକାଲି ଜଣେ ଯୁବକଙ୍କ ମୃତ ନେଇ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ଦୀପକ ବେହେରା (୨୨)। ଗତକାଲି ରାତିରେ ଦୀପକ ଘରକୁ ଫେରି ବାନ୍ତି କରି ଗୁରୁତର ହୋଇଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ନେଇ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମା ନମିତା ବେହେରା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୨/୨୫ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ କହିଛି।

# ପୃଥକ୍ ଦୁର୍ଘଟଣାରେ ୩ ମୃତ, ୩୧ ଆହତ

ମୋହନା,୨୭।୫(ସମିସ)



ଗଜପତି ଜିଲ୍ଲା ମୋହନା ଏବଂ ଅଡ଼ବା ଥାନା ଅଞ୍ଚଳରେ ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଜଣ ଆହତ ହୋଇଛନ୍ତି। ମୃତକ ମାନେ ହେଲେ ଗୁବେଲ ଗାଁର ଶ୍ୟାମ ମାଝୀ (୨୨), ପୋଡାମାରି ଗାଁର ଗଣେଶ ମହାନ୍ତି (୨୨) ଓ ବଦାକୁଆ ଗାଁର ବିନୋଦ ଗମାଙ୍ଗ (୧୭)। ଆହତ ୩୧ ଜଣଙ୍କ ମଧ୍ୟରୁ ପ୍ରାଥମିକ ଚିକିତ୍ସା ପରେ ୧୦ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅଡବା ଥାନା ମାଣ୍ଡିମେରା ଡେଙ୍ଗିଲି ଗ୍ରାମରେ ଆୟୋଜିତ ବିବାହ ଭୋଜି ଖାଇ ୩୦ରୁ ଉର୍ଦ୍ଧ୍ୱ ଲୋକ ଏକ ପିକଅପ ଭ୍ୟାନ୍‌ରେ ଫେରୁଥିବା ବେଳେ ଲେଖାରିଗାଁ ଘାଟିରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହି ଘଟଣାରେ ଗୁବେଲ ଗାଁର ଶ୍ୟାମ ମାଝୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୭ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ବିରିକୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିଭଳି ଗଞ୍ଜାମ ଜିଲ୍ଲା ପୋଡାମାରିରୁ ଏକ ରାସନ ବୋଝେଇ ମିନିଟ୍ରକ ମୋହନା ଅଭିମୁଖେ ଆସୁଥିବା ବେଳେ ଲୁହାଗୁଡ଼ି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଡ୍ରାଇଭର ଗାଡି ତଳେ ଚାପି ହୋଇ ରହିଯାଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୋହନା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭର ଜଣକ ପାଟପୁର ଥାନା ପୋଡାମାରି ଗ୍ରାମର ଗଣେଶ ମହାନ୍ତି ବୋଲି ଜଣାପଡିଛି। ସେହିପରି ଅନ୍ତରବା ଡେଙ୍ଗମା ଛକରେ ଏକ ବାଇକକୁ ପିକଅପ ଭ୍ୟାନ ଧକ୍କା ଦେବାରୁ ବାଇକ ଚାଳକ ବଦାକୁଆ ଗାଁର ବିନୋଦ ଗମାଙ୍ଗଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଏନେଇ ଅଡବା ଏବଂ ମୋହନା ଥାନାରେ ପୃଥକ ପୃଥକ ୩ ମାମଲା ରୁଜୁ ହେବା ସହ ଘଟଣା ର ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଓ ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

ସକାଳ THE SAKALA
ଆମ ଜିଲ୍ଲା
www.sakalaepaper.com

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ଚାରିଛକ ସାମ୍ବାଦିକ ସଂଘର ନିନ୍ଦା

ଚାରିଛକ,୨୭।୫(ସମିସ): ବଲାଙ୍ଗିରରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଜଣେ ଠିକାଦାର ଓ ତାଙ୍କର କିଛି ସମର୍ଥକଙ୍କ ଆକ୍ରମଣକୁ ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ପୁଇଁତଳା ଥାନା କୁଲଥିପାଲି ଗାଁରେ ଗତ ଶୁକ୍ରବାର ଖବର ସଂଗ୍ରହ ପାଇଁ ଯାଇଥିବାବେଳେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଗାଁ ଦାଣ୍ଡରେ ଠିକାଦାର ଓ ତାଙ୍କର ସମର୍ଥନମାନେ ମାଡ଼ ମାରିଥିଲେ। ଏନେଇ ସାମ୍ବାଦିକ ଶ୍ରୀ ପ୍ରଧାନ ପୁଇଁତଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ଆଜି ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇନାହିଁ। ବାରମ୍ବାର ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ଚାରିଛକ ସାମ୍ବାଦିକ ସଂଘ ତରଫରୁ ଦୃଢ଼ ନିନ୍ଦା କରିବା ସହ ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ବସନ୍ତ ଦାସ, ସାମ୍ବାଦିକ ପ୍ରତାପ ମଲ୍ଲିକ, ସନ୍ତୋଷ ଦାଶ, ସୌମ୍ୟରଞ୍ଜନ ତ୍ରିପାଠୀ, ବସନ୍ତ ମଲ୍ଲ, ପ୍ରଫୁଲ୍ଲ ସାହୁ, ବିଜୟ ବେହେରା, ରାଜେଶ ଲେଙ୍କା, ଅଚ୍ୟୁତାନନ୍ଦ ମିଶ୍ର, ସୁବାସ ସାହୁଙ୍କ ସମେତ ସଭ୍ୟମାନେ ଦାବି କରିଛନ୍ତି। ସେହିପରି ଏହି ଘଟଣାକୁ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ସମ୍ପାଦକ ରମାକାନ୍ତ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସଭ୍ୟମାନେ ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର କହିଛନ୍ତି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ତୁରନ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ଯଦି ଆଗାମୀ ଦିନରେ କୌଣସି ସ୍ଥାନରେ ବିନା କାରଣରେ ଜଣେ ବି ସାମ୍ବାଦିକଙ୍କ ଉପରେ କେହି ବ୍ୟକ୍ତି ଆକ୍ରମଣ କରନ୍ତି, ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଛତୁ ଚାଷୀଙ୍କ ୧୫ ଦିନିଆ ପ୍ରଶିକ୍ଷଣ ଶିବିର



ପିପିଲି,୨୭।୫(ସମିସ): ଓଡ଼ିଶାରେ କୃଷି ଓ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ଚଳାଇଛନ୍ତି। ସେହି ସବୁ ଯୋଜନାର ଏକ ଅଂଶ ସ୍ୱରୂପ ୧୫ଦିନିଆ ତାଲିମ ଶିବିର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ଏହି ଶିବିରରେ ସାରା ରାଜ୍ୟରୁ ପ୍ରାୟ ୩୦ ଜଣ ଚାଷୀ ଯୋଗଦେଇଛନ୍ତି। ଆସନ୍ତା ୨୯ ତାରିଖରେ ଏହା ଉଦ୍‌ଯାପନ ହେବ। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନାରେ ଓଡ଼ିଶାର ଅଗ୍ରଣୀ ଛତୁ ଉଦ୍ୟୋଗ କଳିଙ୍ଗ ଛତୁ ଉଦ୍ୟୋଗ, ଦାଣ୍ଡମୁକୁନ୍ଦପୁର, ପିପିଲି ପରିସରରେ ଏକ ପ୍ରଶିକ୍ଷଣ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଛତୁଚାଷର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କଳିଙ୍ଗ ଛତୁ ଉଦ୍ୟୋଗର ସତ୍ତ୍ୱାଧିକାରୀ ସନ୍ତୋଷ ମିଶ୍ର ପ୍ରଶିକ୍ଷାର୍ଥୀମାନଙ୍କୁ ସବିଶେଷ ଜ୍ଞାନ ପ୍ରଦାନ କରିଥିଲେ। ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମ (ଆପିକଲ) ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ କୃଷି ବିଭାଗର ଶିକ୍ଷା ଓ ସମ୍ପ୍ରସାରଣ ଶାଖା ପରିଚାଳିତ କରୁଛି। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଭାଗୀୟ ଅଧିକାରୀ ଦେବାଶିଷ ଦୀକ୍ଷିତ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରୁଛନ୍ତି।

# କଙ୍ଗାରୁ କୋର୍ଟ ବାସନ୍ଦ ଘଟଣାକୁ ଗ୍ରାମବାସୀଙ୍କ ଖଣ୍ଡନ

କଣାସ, ୨୭।୫(ସମିସ): କଣାସ ବ୍ଲକ୍ ବଡ଼ାଲ ପଞ୍ଚାୟତ ଅନ୍ତର୍ଗତ ଓଗାଳପୁର ଗ୍ରାମରେ କଙ୍ଗାରୁ କୋର୍ଟ ବସାଇ ଲକ୍ଷ୍ମୀଧର ପଲାଇଙ୍କ ପରିବାରକୁ ଗାଁରୁ ବାସନ୍ଦ କରାଯିବା ଘଟଣାକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି ଯେ ଲକ୍ଷ୍ମୀଧରଙ୍କ ପରିବାରକୁ ଗାଁରୁ ବାସନ୍ଦ କରାଯାଇନାହିଁ। ଏ ସଂପର୍କରେ ଗ୍ରାମ ମୁଖିଆ ରାମଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସାହୁ, ଅଶ୍ୱିନୀ ସାହୁ, ଗଦାଧର ସାହୁ, ପ୍ରମୋଦ ମାନସିଂହ, ନିରଞ୍ଜନ ମହାପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର, ବାବୁଲି ମହାପାତ୍ର, ବୁଲୁ ସାହୁ, ଜଳନ୍ଧର ସାହୁ, ମାଗୁଣି ସାହୁ, ରମାକାନ୍ତ ମହାପାତ୍ର ଏକ ପତ୍ର ଲେଖି ଜଣାଇଛନ୍ତି।

ସୂଚନାନୁଯାୟୀ, ଲକ୍ଷ୍ମୀଧରଙ୍କ ପୁଅ ମନୋଜ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ-ପ୍ରତାରଣା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ କେନ୍ଦ୍ର କରି ଗାଁରେ କଙ୍ଗାରୁକୋର୍ଟ ବସାଇ ଲକ୍ଷ୍ମୀଧରଙ୍କ ପରିବାରକୁ ଗାଁରୁ ବାସନ୍ଦ କରାଯାଇଥିବା ଲକ୍ଷ୍ମୀଧର ଗଡ଼ିଶାଗୋଡା ଥାନାରେ ଏତଲା ଦେଇଥିଲେ।

# ଜୁନ୍ ୩ ଓ ୪ରେ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ




ନିମାପଡ଼ା,୨୭।୫(ସମିସ): ଆସନ୍ତା ଜୁନ୍ ୩ ଓ ୪ ତାରିଖ ୨ଦିନ ବ୍ୟାପୀ ନିମାପଡ଼ା ଇନ୍‌ଡୋର ଷ୍ଟାଡିୟମ୍‌ସ୍ଥିତ ନୂଆ ବାରବାଟୀ ପଡ଼ିଆରେ ଉତ୍କର୍ଷ ନିମାପଡ଼ା-୨୦୨୫ ସମ୍ମିଳନୀ ଆୟୋଜିତ ହେବ। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ଉତ୍କର୍ଷ ନିମାପଡ଼ା ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଯୋଗଦେଇ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବିକଶିତ ଭାରତ, ବିକଶିତ ଓଡ଼ିଶା ଆଧାରରେ ନିମାପଡ଼ାକୁ ବିକଶିତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ସେଥିପାଇଁ ଦୁଇ ଦିନ ଧରି ଏହି ସମ୍ମିଳନୀ(କନ୍‌କ୍ଲେଭ) ଆୟୋଜିତ ହେବ। ଉତ୍କର୍ଷ ଗ୍ରାମ, ମହିଳା ସଶକ୍ତୀକରଣ, ସୁସ୍ଥ ନିମାପଡ଼ା, କୃଷକ ସଶକ୍ତୀକରଣ, ପର୍ଯ୍ୟଟନ, ଶିଳ୍ପ ଅଭିବୃଦ୍ଧି, ଅପରାଧ ନିୟନ୍ତ୍ରଣ, ସ୍ମାର୍ଟ ନିମାପଡ଼ା ଭଳି ୧୧ଟି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଗୋପ ବିଡିଓ ଛବିରାଣୀ ସାହୁ, ନିମାପଡ଼ା ତହସିଲ୍‌ଦାର ମନୋଜ ପ୍ରଧାନ, ଗୋପ ତହସିଲ୍‌ଦାର ଅନୀଲ ମହାନ୍ତି, ଫୋରମ୍ ପ୍ରୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ତୁଷାଲ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଦିନ ବ୍ୟାପୀ ଆୟୋଜିତ ଏହି ସମ୍ମିଳନୀ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଭାଗ ନେଇପାରିବେ ବୋଲି ସୂଚନା ଦିଆଯାଇଛି।

# କାକଟପୁର ବ୍ଲକ୍ ସାଂସଦ ପ୍ରତିନିଧି କୈଳାଶ

ବାଙ୍ଗୁରିଗାଁ/ଗମ୍ଭାରିପଦା,୨୭।୫(ସମିସ): ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ କୈଳାଶ ନାୟକଙ୍କୁ କାକଟପୁର ବ୍ଲକ୍ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଛନ୍ତି। ଶ୍ରୀ ନାୟକ କାକଟପୁର ବ୍ଲକ୍ ସାଂସଦଙ୍କ ପ୍ରତିନିଧି ହେବା ପରେ ମୋ ଉପରେ ଭରସା ଓ ବିଶ୍ୱାସ ରଖି ମୋତେ କାକଟପୁର ବ୍ଲକ୍ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଥିବାରୁ ଶ୍ରୀ ତରାଇଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ନବନିଯୁକ୍ତ ପ୍ରତିନିଧି ଶ୍ରୀ ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ସମସ୍ୟା ଘେରରେ ଡେଲାଙ୍ଗ ଆଦର୍ଶ ବିଦ୍ୟାଳୟ

# କାମରେ ଲାଗୁନି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ



ଡେଲାଙ୍ଗ,୨୭।୫(ସମିସ): ବିଭିନ୍ନ ସମସ୍ୟା ଘେରରେ ରହିଛି ଡେଲାଙ୍ଗ ବ୍ଲକ୍ ବେରବୋଇସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଅଭିଭାବକମାନେ ଦୀର୍ଘଦିନ ହେବ ଅଭିଯୋଗ କରିଆସୁଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରୁନଥିବାରୁ ଏବେ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ ମଣ୍ଡଳୀ। ଏନେଇ ଅଭିଭାବକ ମହାସଂଘର ସଭାପତି ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ୫୦ରୁ ଅଧିକ ଅଭିଭାବକ ଆଲୋଚନା କରିବା ସହିତ ସମସ୍ୟାର ସମାଧାନ ସ୍ୱରୂପ ପୁରୀ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିବା ଜଣାପଡ଼ିଛି।

ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ତୁରନ୍ତ ପଢ଼ା ବହି ଯୋଗାଇଦେବା, ଛୁଟିଦିନଗୁଡ଼ିକରେ ପିଲାମାନଙ୍କୁ ଅନ୍‌ଲାଇନ୍ ଜରିଆରେ ଶିକ୍ଷାଦାନ କରିବା, ବାହାରୁ ଆସୁଥିବା ନିମ୍ନମାନର ମଧ୍ୟାହ୍ନ ଭୋଜନ ପରିବର୍ତ୍ତେ ବିଦ୍ୟାଳୟରେ ପିଲାଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିବା, ପିଲାମାନଙ୍କ ପାଇଁ ଆଧୁନିକ ଶ୍ରେଣୀଗୃହ ଏବଂ ଅତ୍ୟାଧୁନିକ ବିଜ୍ଞାନାଗାରର ବ୍ୟବସ୍ଥା କରିବା, ଅଭିଭାବକମାନଙ୍କ ମଧ୍ୟରୁ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିବା, ବିଦ୍ୟାଳୟର ସୀମା ସରହଦ ପ୍ରାଚୀର କାର୍ଯ୍ୟ ତୁରନ୍ତ ସମାପ୍ତ କରି ପିଲାମାନଙ୍କ ପାଇଁ ଖେଳପଡ଼ିଆର ବ୍ୟବସ୍ଥା କରିବା, ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରିବା ଆଦି ସମସ୍ୟା ଉପରେ ଆଲୋଚନା କରାଯାଇଥିବା ଅଭିଭାବକ ମହାସଂଘ ସଭାପତି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

### ଅସନ୍ତୋଷ ବ୍ୟକ୍ତ କଲେ ଅଭିଭାବକ ମହାସଂଘ

ଅନ୍ୟପକ୍ଷରେ ବିଦ୍ୟାଳୟକୁ ସଂଲଗ୍ନ ହୋଇ ରହିଥିବା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ କାର୍ଯ୍ୟ ଦୀର୍ଘଦିନ ହେବ ସମାପ୍ତ ହୋଇଥିଲେ ମଧ୍ୟ ଏଥିରେ ପିଲାମାନଙ୍କୁ ରଖା ନ ଯିବା ଅଭିଭାବକମାନଙ୍କ ଚିନ୍ତା ବଢ଼ାଇଛି। ତେବେ ଦୂରଦୂରାନ୍ତରୁ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀମାନଙ୍କୁ ଏହି ଛାତ୍ରୀନିବାସରେ ରହିବା ଏବଂ ପାଠ ପଢ଼ିବା ପାଇଁ ନିର୍ମାଣ କରାଯାଇଥିବା ବେଳେ ଅଦ୍ୟାବଧି ଏହା ପିଲାଙ୍କ ରହିବା ଉପଯୋଗୀ ହୋଇପାରି ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟ ପ୍ରତିଷ୍ଠାଠାରୁ ଜଣେ ଶିକ୍ଷୟିତ୍ରୀ ଅଧ୍ୟକ୍ଷାଙ୍କ କାର୍ଯ୍ୟଭାର ତୁଲାଇ ଆସୁଥିବାବେଳେ ବିଦ୍ୟାଳୟର ଉନ୍ନତି ପାଇଁ ଜଣେ ସ୍ଥାୟୀ ଅଧ୍ୟକ୍ଷା/ଅଧ୍ୟକ୍ଷ ନିୟୋଜିତ କରାଯିବା ଜରୁରୀ ହୋଇପଡ଼ିଥିବା ଅଭିଭାବକ ସଂଘ ସଭାପତି ଶ୍ରୀ ପ୍ରଧାନ କହିଛନ୍ତି। ଏହି ସବୁ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ସଂଘ ଏକ ସ୍ମାରକପତ୍ର ପ୍ରଦାନ କରିବ ବୋଲି ଏହି ଅଲୋଚନାରେ ସ୍ଥିର କରାଯାଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ମୋହନ ଚରଣ ମହାନ୍ତି, ପ୍ରକାଶ ସାହୁ, ଦେବେନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ବିଶ୍ୱନାଥ ନାୟକ, ମାମିନା ସାହୁ ପ୍ରମୁଖଙ୍କ ସମେତ ୫୦ରୁ ଅଧିକ ଅଭିଭାବକ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମନମୁଖୀ କାର୍ଯ୍ୟ ପାଇଁ ଡାକ୍ତରଙ୍କ ବିରୋଧରେ ଅଭିଯୋଗ

ଅସ୍ତରଙ୍ଗ,୨୭।୫(ସମିସ): ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ସୁବ୍ରଜିତ୍ ମାହାରୀଙ୍କ ମନମୁଖୀ କାର୍ଯ୍ୟକଳାପ ପାଇଁ ମଙ୍ଗଳବାର ଅସ୍ତରଙ୍ଗର କିଛି ବୁଦ୍ଧିଜୀବୀ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଡା. ମାହାରୀ ରୋଗୀଙ୍କୁ ଚିକିତ୍ସା ଦେବା ଆଳରେ ନିଜର ବ୍ୟବସାୟ ବୃଦ୍ଧି କରିବାକୁ ସାଧାରଣ ଓ ଗରିବ ଲୋକମାନଙ୍କୁ ବିଭିନ୍ନ ସମୟରେ ଭୟଭୀତ କରାଇ ତାଙ୍କଠୁ ଅର୍ଥ ହରିଲୁଟ୍ କରୁଛନ୍ତି। ଗୋଟେପଟେ ସରକାରଙ୍କ ତରଫରୁ ଦରମା ନେଉଥିବାବେଳେ ଅନ୍ୟପଟେ କାକଟପୁର ଓ ବାଙ୍ଗୁରିଗାଁରେ ନିଜେ ୨ଟି ଫିଜିଓଥେରାପି କ୍ଲିନିକ୍ ଖୋଲି ଅନେକ ରୋଗୀଙ୍କୁ ସେଠାକୁ ଯିବା ପାଇଁ ପରାମର୍ଶ ଦେଉଛନ୍ତି। ଉକ୍ତ ସ୍ଥାନକୁ ଚାଲ ଫିଜିଓଥେରାପି କର ତୁମ ସ୍ୱାସ୍ଥ୍ୟ ଠିକ୍ ହେଇଯିବ। ଯଦି କୌଣସି ରୋଗୀ ଏକଥାରେ ରାଜି ନ ହେଲେ; ତାହେଲେ ତାଙ୍କ ଉପରେ କ୍ରୋଧାନ୍ୱିତ ହେଉଛନ୍ତି। ଠିକ୍ ସେହିପରି ଅସ୍ତରଙ୍ଗରେ ରାଜ୍ୟ ସରକାରଙ୍କ ନିଦାନ କେନ୍ଦ୍ର ଥିବାବେଳେ ଡା. ମାହାରୀ ଗୋଟେ ନିର୍ଦ୍ଦିଷ୍ଟ ପାଥୋଲ୍ୟାବ୍‌କୁ ରୋଗୀଙ୍କୁ ପଠାଉଛନ୍ତି ରକ୍ତ ପରୀକ୍ଷା କରିବାକୁ। ଏଠି ପ୍ରଶ୍ନ ଉଠୁଛି ଚାକିରି କରିବେ ସରକାରଙ୍କ ପାଖରେ କିନ୍ତୁ ପରୀକ୍ଷା କରିବେ ବେସରକାରୀ ଲ୍ୟାବ୍‌ରେ। ରୋଗୀଙ୍କୁ ଅନେକ ସମୟରେ ମଧ୍ୟ କୁହନ୍ତି ନିଦାନରେ ସବୁ ନକଲି, ତୁମେ ସେହି ଲ୍ୟାବ୍‌କୁ ଯାଅ ସେଠି ରିପୋର୍ଟ ସବୁଠୁ ଭଲ। କାରଣ ଡାକ୍ତର ବାବୁଙ୍କର ସେହି ଲ୍ୟାବ୍ ସହିତ କମିଶନ ବେପାର ଚାଲୁଛି। ଯାହା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଅନ୍ୟ ଅଭିଯୋଗ ମୁତାବକ, ସରକାରଙ୍କ ଔଷଧ ଭଣ୍ଡାରରେ ଔଷଧ ମହଜୁଦ ଥିବାବେଳେ କିଛି ନିର୍ଦ୍ଦିଷ୍ଟ ହାତଗଣତି ଔଷଧ ଦୋକାନକୁ ମଧ୍ୟ ରୋଗୀଙ୍କୁ ପଠାଉଛନ୍ତି ଦାମୀ ଔଷଧ କିଣିବାକୁ। ଅନ୍ୟପଟେ ସରକାର ଔଷଧ ନାଁରେ ଚକ୍ ଗୁଣ୍ଡ ଦେଉଛନ୍ତି ବୋଲି ରୋଗୀଙ୍କୁ ପ୍ରବର୍ତ୍ତାଉଛନ୍ତି। ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାକିରି କରିବେ ଆଉ ସରକାରଙ୍କ ବ୍ୟବସ୍ଥାକୁ ନକଲି କହିବା କେତେଦୂର ଯଥାର୍ଥ। ଏପରିକି ସରକାରୀ ପ୍ରେସ୍‌କ୍ରିପ୍‌ସନରେ ନିଜ ଫିଜିଓଥେରାପିର ଭିଜିଟିଙ୍ଗ୍ କାର୍ଡକୁ ଯୋଡ଼ିକି ରୋଗୀଙ୍କୁ ଦେଇଥିବାର ଅନେକ ଫଟୋଚିତ୍ର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଅନେକ ଅଭିଯୋଗ ତାଙ୍କ ନାମରେ ଚର୍ଚ୍ଚା ହେଉଥିବାବେଳେ ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ଆଗରୁ ମଧ୍ୟ ଏହିଭଳି ଅଭିଯୋଗ ଆମେ ପାଇଛୁ ଆଉ ସମ୍ପୃକ୍ତ ଡାକ୍ତରଙ୍କୁ ତାଗିଦ୍ ମଧ୍ୟ କରିଛୁ। ଯଦି ଏହିଭଳି ଘଟଣା ପୁନର୍ବାର ଆସୁଛି, ତେବେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ଅସ୍ତରଙ୍ଗ ଅଞ୍ଚଳର ରାଜ କିଶୋର ପ୍ରଧାନ, କୃତିବାସ ଛାଟୋଇ, ରମାକାନ୍ତ ବସ୍ତିଆ, ତ୍ରିନାଥ ସ୍ୱାଇଁ, ପ୍ରଶାନ୍ତ ମୁଦୁଲି, ଲକ୍ଷ୍ମୀଧର ଛାଟୋଇ ଓ ଅନ୍ୟାନ୍ୟ ବ୍ୟକ୍ତି ଲିଖିତ ଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କରିବା ସହିତ ଏହାର ନକଲ ରାଜ୍ୟ ଉପମୁଖ୍ୟମନ୍ତ୍ରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି।

# ବରିଷ୍ଠ ଆଇନଜୀବୀଙ୍କ ପରଲୋକ



ପିପିଲି,୨୭।୫(ସମିସ): ପିପିଲି ବାର୍ ଆସୋସିଏସନର ପୂର୍ବତନ ସଭାପତି ତଥା ପିପିଲି କୋର୍ଟର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପରିଡ଼ା ଆଉ ନାହାନ୍ତି। ମଙ୍ଗଳବାର ସକାଳ ପ୍ରାୟ ୧୦ଟା ସମୟରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ଉତ୍ତରା ନିକଟ ଭଉଳ ଗ୍ରାମରେ ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, ଦୁଇ କନ୍ୟା ଓ ଜାମାତା ଉପସ୍ଥିତ ଥିଲେ। ଗତବର୍ଷ ତାଙ୍କ ପତ୍ନୀଙ୍କ ବିୟୋଗ ଘଟିଥିଲା। ତାଙ୍କ ପାର୍ଥିବ ଶରୀରକୁ ପିପିଲି କୋର୍ଟ ପରିସରକୁ ଅଣାଯାଇଥିଲା। ସେଠାରେ ଆଇନଜୀବୀମାନେ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମସତ୍କାର କରାଯାଇଛି।

# ରାସ୍ତାରେ ଫସିଲା କାର୍



ନୟାହାଟ,୨୭।୫(ସମିସ): ସାଧାରଣ ଜନତା ଯାତାୟାତ କରିବା ପାଇଁ ରାଜ୍ୟ ସରକାର ରାସ୍ତା ନିର୍ମାଣ କରୁଥିବାବେଳେ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ବା ନାୟାହାଟର ଧୂମାଳ ଗଳିଠାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ବର୍ଷା ପାଣି ଜମୁଛି। ସେଥିରେ ଯାନବାହନ ଓ ପାରାଦୀପଠାରୁ ପୁରୀକୁ ଯାତାୟାତ କରୁଥିବା ବସ୍ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ରାସ୍ତାରେ ପ୍ରଶାସନ ପକ୍ଷରୁ ବାଲି ପକାଇବା ଫଳରେ ଗାଡ଼ିଗୁଡ଼ିକ ବାଲିରେ ଫସିରହୁଛି। ଜନସାଧାରଣ ଚାଲିକି ଯିବା ମଧ୍ୟ ସମ୍ଭବପର ହେଉନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ନବୀନ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ବାଲି ଆମେ ପକାଇ ନାହୁଁ। କିଏ ପକାଇଛି ଆମେ ଜାଣିନୁ। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ କରାଯାଇ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରାଯିବ। ଉକ୍ତ ରାସ୍ତା ମାସକ ମଧ୍ୟରେ ଯଦି ନବୀକରଣ କରା ନ ଯାଏ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ସମାଜସେବୀ ଅଭିମନ୍ୟୁ ସିଂହ, ଧୂମାଳର ନାଏବ ସରପଞ୍ଚ ଅଶୋକ କୁମାର ସାହୁ, ଧୂମାଳ ସଭାପତି ଦିଲ୍ଲୀପ ରାୟ ପ୍ରମୁଖ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

# କୋଣାର୍କରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋଣାର୍କ,୨୭।୫(ସମିସ): ମଙ୍ଗଳବାର ସ୍ଥାନୀୟ ଯାତ୍ରୀନିବାସଠାରେ ସାମାଜିକ ଆନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଆନୁକୁଲ୍ୟରେ ୪ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଯୁବ ନେତୃତ୍ୱ ଓ ଭାଗିଦାରୀ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ ଗ୍ରାମାଞ୍ଚଳର ଯୁବକମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ବିକଶିତ ଭାରତକୁ କିଭଳି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଉପାଧ୍ୟକ୍ଷ ଶୁଭ୍ରୋ ରାଓ, କାର୍ଯ୍ୟକ୍ରମର ନିର୍ଦ୍ଦେଶକ ତଥା ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ସାମାଜିକ ସଂଗଠନ ୟଙ୍ଗ୍ ଇଣ୍ଡିଆର ସଭାପତି ଏନ୍.ଏ.ଶାହା ଅନ୍‌ସାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୧ ଜଣ ଯୁବ ପ୍ରତିଭା ଯୋଗଦେଇଛନ୍ତି। ଗଣତାନ୍ତ୍ରିକ ଯୋଗାଯୋଗ, ନେତୃତ୍ୱ ବିକାଶ, ସାଂସ୍କୃତିକ ବିନିମୟ ଏବଂ ଅଭିନବ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱାଧୀନ ନାୟକ, ବିକ୍ରମ କେଶରୀ ସାମନ୍ତରାୟ, ନିରଞ୍ଜନ ତ୍ରିପାଠୀ, ଅଭିନୀତ ସ୍ୱାଇଁ, ରାକେଶ ମଲ୍ଲିକ, ସୁଭଦ୍ରା ସାହୁ, ରାଜଶ୍ରୀ ନାଥ ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭ୍ୟ ଭାଗିରଥୀ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।




# ନାହିଁ ସୂଚନାଫଳକ; ଚାଲିଛି କୋଟି କୋଟି ଟଙ୍କାର ରାସ୍ତା କାର୍ଯ୍ୟ

ନିରାକାରପୁର,୨୭।୫(ସମିସ): କୋଟି କୋଟି ଖର୍ଚ୍ଚ କରାଯାଇ ଗମନାଗମନ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ କରାଯାଉଥିବାବେଳେ ମୁଷ୍ଟିମେୟ ଠିକାଦାର ଓ ସରକାରୀ ବାବୁମାନଙ୍କ ଲାଗି ତା'ର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହିପରି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡ଼ା ପଞ୍ଚାୟତର ମୋଟାଠାରୁ ନରଣଗଡ଼ ପଞ୍ଚାୟତର କଞ୍ଚିଲୋ ଦେଇ ଭୋଗପୁରକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟରେ। ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ପାଇଁ ଏହି ୬ କିଲୋମିଟର ରାସ୍ତା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୫କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଛି।

ବିଭାଗୀୟ ସୂଚନା ଅନୁସାରେ, ନିର୍ମାଣାଧୀନ ଉକ୍ତ ରାସ୍ତାର ୪କିଲୋମିଟର ପିଚୁ ଥିବାବେଳେ ଅବଶିଷ୍ଟ ରହିଛି ଢଳେଇ କାର୍ଯ୍ୟ। ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହେଉଥିବାବେଳେ ଏହି ଢଳେଇ ରାସ୍ତା ନିର୍ମାଣର କିଛି ଦିନ ଭିତରେ ସ୍ଥାନେ ସ୍ଥାନେ ଢଳେଇ ଉଠି ଚିପ୍‌ସ ଓ ମୋରମ୍ ଦେଖାଦେଇଛି। ସେହିପରି ଢଳେଇ ପରେ ରାସ୍ତାର ଉଭୟପାର୍ଶ୍ୱରେ ମୋରମ୍ ମାଧ୍ୟମରେ ପ୍ୟାଚିଂର ବ୍ୟବସ୍ଥା ଥିବାବେଳେ ରାସ୍ତା ପାର୍ଶ୍ୱରୁ ବିଲ ମାଟି ଖୋଳାଯାଇ ସେଥିରେ ଚାଲୁଛି ଏହି କାର୍ଯ୍ୟ। ଯାହା ଦ୍ୱାରା ଆଗକୁ ଆସୁଥିବା ବର୍ଷା ଋତୁରେ ବିଲମାଟି ସବୁ ଧୋଇ ଯିବା ପରେ ରାସ୍ତାରୁ ଅତଡ଼ା ଖସି ରାସ୍ତା ନଷ୍ଟ ହେବା ସହ ଗମନାଗମନ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନେ ସ୍ଥାନେ ରାସ୍ତା ଉପରେ ପୁରୁଣା ପିଚୁପକା କାର୍ଯ୍ୟ ଚାଲୁ ରହିଥିବା ମଧ୍ୟ ଅଭିଯୋଗ ହେଉଛି। ସବୁ ଜାଣତରେ ଏହିଭଳି ନିମ୍ନମାନର



### ● ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

କାର୍ଯ୍ୟ ନିର୍ମାଣକୁ ନେଇ ସାଧାରଣରେ ଏବେ ଅନେକ ପ୍ରଶ୍ନ ଉଠିଛି। ବେଳହୁଁ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ବିଭାଗ ପକ୍ଷରୁ ଆସିଥିବା କୋଟି କୋଟି ଟଙ୍କାର ସିଂହଭାଗ ଲାଭ ଠିକାଦାର ପେଟକୁ ଯିବ ବୋଲି ଆଲୋଚନା ହେଉଛି। ଏନେଇ ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ (୨ ନମ୍ବର) ଯନ୍ତ୍ରୀ ସମିଦା ସାହୁ ସୂଚନାଫଳକ କାଲି ଲଗାଇଦେବା ସହ କାର୍ଯ୍ୟ ପ୍ରତି ଦୃଷ୍ଟି ଦେବେ ବୋଲି ସୂଚନା ଦେଇଛନ୍ତି।










# ଡ୍ରିମ୍ସ ଆଇଟିଆଇର ୯୧ ଛାତ୍ରଙ୍କୁ ନିଯୁକ୍ତି

**କଟକ, ୨୭।୫(ସମିସ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷ ତାଲିମ୍ ପ୍ରତିଷ୍ଠାନ 'ଡ୍ରିମ୍ସ ଆଇଟିଆଇ' ୨୦୨୫ ବ୍ୟାଚ୍ ୯୧ ଜଣ ଛାତ୍ରଙ୍କୁ ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ମିଳିଥିବା ଜଣାଯାଇଛି। ଏଥି ମଧ୍ୟରେ ସର୍ବାଧିକ ୫୨ ଜଣ ଇଲେକ୍ଟ୍ରିସିଆନ୍ ଟ୍ରେଡର ଛାତ୍ରଙ୍କୁ ଟାଟା ଅଟୋକମ୍, ଇଲୋକ୍ଟ୍ରୋ-ଏମ୍ ଟେକ୍ନୋ ସର୍ଭିସ, ଏଚ୍ଏଫସିଏଲ ଲିମିଟେଡ୍, ଭାମନ୍ ଇଂଜିନିୟରିଂ, ଦେବକୀ ୱାଟର ବର୍କିଂରେ ନିଯୁକ୍ତି ପାଇଥିବାବେଳେ ୩୧ଜଣ ଫିଟର ଓ ୮ଜଣ ଏମ୍ଏମ୍ଭି ଟ୍ରେଡ୍ର ଛାତ୍ର ନିଯୁକ୍ତି ପାଇଛନ୍ତି। ଶିକ୍ଷାନୁଷ୍ଠାନର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା। ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଓ ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରଶାନ୍ତ ନାୟକ ପ୍ରମୁଖ ନିଯୁକ୍ତି ପାଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ନିଯୁକ୍ତି ପ୍ରାପ୍ତ ଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ବଡ଼ ମେଡିକାଲ**

## ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପିଜି ସିଟ୍ ବଢ଼ିବ

**କଟକ, ୨୭।୫(ସମିସ):** ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପିଜି ସିଟ୍ ବୃଦ୍ଧି ପାଇବ। ଏବେ ଏଠାରେ ପିଜି ସିଟ୍ ସଂଖ୍ୟା ୫ ରହିଛି। ଆଗାମୀ ଦିନରେ ସିଟ୍ ସଂଖ୍ୟା ୮ରେ ପହଞ୍ଚିବ ବୋଲି ଜଣାପଡ଼ିଛି। ତିନୋଟି ସିଟ୍ ବୃଦ୍ଧି ନିମନ୍ତେ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ମେଡିକାଲ କମିଶନ(ଏନଏମସି)କୁ ଚିଠି ଲେଖାଯାଇଥିଲା। ଏନଏମସି ସବୁଜ ସଙ୍କେତ ଦେଇଛି। ଆସନ୍ତା ଶିକ୍ଷାବର୍ଷରୁ ୮ଟି ସିଟ୍‌ରେ ପିଜି ନାମ ଲେଖା ହେବ। ସେହିପରି ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପ୍ରତି ସ୍ୱତନ୍ତ୍ର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ପିଜି ସିଟ୍ ବୃଦ୍ଧି କରାଯିବା ଦିଗରେ ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

**ବୃଦ୍ଧାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ଘଟଣା**

# ଡକାୟତି ପାଇଁ ହତ୍ୟା

**କଟକ, ୨୭।୫(ସମିସ)**

ବାରଙ୍ଗ ଥାନା ଠାରୁ ଅଳ୍ପ ଦୂରରେ ଥିବା ଏକ ଆଜବେଷ୍ଟସ ଘର ଭିତରୁ ଜଣେ ବୃଦ୍ଧାଙ୍କ ଉଲଗ୍ନ ଅବସ୍ଥାରେ ଥିବା ରକ୍ତାକ୍ତ ମୃତ ଦେହ ମିଳିବା ଘଟଣାର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୁଲିସ। ବୃଦ୍ଧା ମହିଳାଙ୍କୁ କେହି ପିଟିପିଟି ହତ୍ୟା କରିଥିବା ନେଇ ଥାନାରେ ତାଙ୍କ ପୁଅ ବିଭୂତିଭୂଷଣ ବେହେରା ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ମୃତା ବୃଦ୍ଧା ଜଣକ ହେଉଛନ୍ତି, ଉତ୍ତମା ବେହେରା ଓରଫ ବାସନ୍ତୀ(୭୫)। ୬ଦିନର ତଦନ୍ତ ପରେ ଆଜି କମିଶନରେଟ୍ ପୁଲିସ ହତ୍ୟାକାରୀକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗଣ୍ଡରପୁର ଗାଁର ଯମୁନା ରାଉତ(୨୮)। ତାକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ବାରଙ୍ଗ ଆନନ୍ଦ ବଜାରରେ ଏକା ରହୁଥିବା ବୃଦ୍ଧା ବାସନ୍ତୀଙ୍କ ଘରୁ ଡକାୟତି କରିବାକୁ ଅଭିଯୁକ୍ତ ଯମୁନା ପୂର୍ବରୁ ରେକି କରିଥିଲା। ବାସନ୍ତୀଙ୍କ ପାଖରେ କିଛି ଟଙ୍କା ଓ ସୁନା ଅଳଙ୍କାର ରହିଥିବା ନେଇ ସେ ସୂଚନା ପାଇଥିଲା। ପୂର୍ବରୁ ବହୁ ଥର ସାଇକେଲ ଯୋଗେ ଆସି ବାସନ୍ତୀଙ୍କ ସହିତ କାମ କରିବାକୁ ଆସିଥିବା ନେଇ କଥା ମଧ୍ୟ ହୋଇଥିଲା। ଯେହେତୁ ବୃଦ୍ଧାଙ୍କ ପୁଅ, ବୋହୂ ଓ ନାତି/ନାତୁଣୀ ପାଖରେ ରହୁନଥିଲେ, ତାଙ୍କୁ ଜୀବନରୁ ମାରି ଦେଇ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେବା ସହଜ ହେବ ବୋଲି ଯମୁନା ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲା। ସେ ଛୁରୀ ବଜାରରୁ କିଣିଥିଲା। ପୂର୍ବ ପ୍ରସ୍ତୁତି ମୁତାବକ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଲୋକ ଚଳାଚଳ ତଥା ଗହଳି କମିଗଲା ପରେ ନିର୍ଜନରେ ଏକ ସାଇକେଲ୍‌ରେ ଜମୁନା ଆସି ବାସନ୍ତୀଙ୍କ ଘର ବାହାରେ ପହଞ୍ଚିଥିଲା। କବାଟ ବାରମ୍ବାର ବାଡେଇବା ପରେ ଭିତରୁ ବୃଦ୍ଧା ଜଣକ କବାଟ ଖୋଲି ଦେଇଥିଲେ। ଏହାପରେ ଅତର୍କିତ ଭାବେ ଛୁରୀରେ ଯମୁନାକୁ ଆକ୍ରମଣ କରିଥିଲା। ପେଟ ଓ ଛାତିକୁ ବାରମ୍ବାର ଛୁରୀ ଭୁସିଥିଲା। ବୃଦ୍ଧାଙ୍କ ଦେହରୁ ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ଘର ଭିତରେ ଥିବା ଟଙ୍କା ଓ ସୁନା ଅଳଙ୍କାର ନେଇ ଫେରାର୍ ହୋଇଯାଇଥିଲା। ଏହା ପରେ ପୁଲିସ, ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୁଖ୍ୟତଃ ସାଇବର ଏକ୍ସପର୍ଟଙ୍କ ଜରିଆରେ ତଦନ୍ତ ଆଗକୁ ବଢ଼ିଥିଲା। ସ୍ଥାନୀୟ ଅଞ୍ଚଳର ସିସିଟିଭି ଓ ଅଭିଯୁକ୍ତର କଲ୍ ଡିଟେଲ୍ସ ଯାଞ୍ଚ ପରେ ଘଟଣା ସାମ୍ନାକୁ ଆସିଥିଲା। ଡକାୟତି ଉଦ୍ଦେଶ୍ୟରେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିଲା ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ହତ୍ୟାକାରୀକୁ ଧରାଇ ଦେଲା ସିସିଟିଭି ଫୁଟେଜ୍**

ଏଠାରେ ସୂଚନାଯୋଗ୍ୟ, ଗତ ୨୦ ତାରିଖ ରାତିରେ ବାସନ୍ତୀ ଖାଇପିଇ ଘରେ ଶୋଇଥିଲେ। ବୁଧବାର ସକାଳୁ ବାସନ୍ତୀଙ୍କ ମଝିଆ ପୁଅ ଅକ୍ଷୟ ବେହେରା ମା'ଙ୍କ ଘର ପାଖରୁ ଅଳ୍ପଦୂରରେ କରିଥିବା ସାଇକେଲ ଦୋକାନ ଖୋଲିବାକୁ ଆସିଥିଲେ। ମା'ଙ୍କୁ ନଦେଖି ଆଉଜା ହୋଇଥିବା ଘରର କବାଟ ଖୋଲିବା ପରେ ମା ରକ୍ତାକ୍ତ ଅବସ୍ଥାରେ ଉଲଗ୍ନ ହୋଇ ପଡ଼ିଥିବାର ଦେଖିବାକୁ ପାଇଥିଲେ। ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇ ଘରର କେତେକ ସ୍ଥାନରେ ରକ୍ତ ଛିଟା ପଡ଼ିଥିବାର ଦେଖିଥିଲେ। ତାଙ୍କ ମାଙ୍କୁ କେହି ହତ୍ୟା କରିଥିବା ଅନୁମାନ କରି ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ଜୋନ ୪-ଏସିପି ଅମିତାଭ ମହାପାତ୍ର, ବାରଙ୍ଗ ଥାନା ପୁଲିସ ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କ୍ୱାର୍ଡ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।



# ମାନବାଧିକାର ଉଲ୍ଲଂଘନ ଓ ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନାଚକ୍ର



**କଟକ, ୨୭।୫(ସମିସ):** ସେଣ୍ଟର୍ ଫର ଡେମୋକ୍ରାଟିକ ରାଇଟସ୍ ଆଣ୍ଡ ସିକ୍ୟୁଲାରିଜିମ (ସିପିଡିଆରଏସ) ପକ୍ଷରୁ ଗାନ୍ଧୀ ଭବନ ଠାରେ ଓଡ଼ିଶାରେ ମାନାବାଧିକାର ଉଲ୍ଲଙ୍ଘନ ଓ ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଅବସରପ୍ରାପ୍ତ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସିପିଡିଆରଏସର ସର୍ବଭାରତୀୟ ଉପଦେଷ୍ଟା ଦ୍ୱାରିକାନାଥ ରଥ ମୁଖ୍ୟଅତିଥି ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ କ୍ଷୀରୋଦ କୁମାର ରାଉତ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସଂଗଠନର ରାଜ୍ୟ ଆବାହକ ବିଶ୍ୱାବସୁ ଦାସ ପାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଶା ସମେତ ସମସ୍ତ ଦେଶରେ ନାଗରିକମାନଙ୍କର ବାକ୍ ସ୍ୱାଧୀନତା, ସାମ୍ବିଧାନିକ ଅଧିକାର ଓ ମାନବାଧିକାର ଗୁରୁତର ଭାବରେ ଉଲ୍ଲଙ୍ଘନ ହେଉଥିବାରୁ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମହାନ୍ତି, ଡାକ୍ତର ବିଶ୍ୱଜିତ୍, ଆଇନଜୀବୀ ସୁକାନ୍ତ ନାୟକ, କବୀର୍ ଜେନା, ବିଜୟ ରାଉତରାୟ, ଅରବିନ୍ଦ ମଲ୍ଲିକ, କୈଳାସ ଚନ୍ଦ୍ର ଦାସ, ଶର୍ମିଷ୍ଠା ନାଥ, ସାଇ ସୁମନ, ପ୍ରତାପ ମିଶ୍ର, ସଚ୍ଚିରଞ୍ଜନ ବେହେରା, ଚିତ୍ତରଞ୍ଜନ ବାରିକ, ଦୀପକ ମହାପାତ୍ର, ଜନକଲ୍ୟାଣ ମହାନ୍ତି, ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, କ୍ଷୀରୋଦ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ରାଜେନ୍ଦ୍ର ବର୍ମା, ମଞ୍ଜୁଲତା ଜେନା, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ନିରାକାର ପଣ୍ଡା, ସିଦ୍ଧାର୍ଥ ରଥ, ତରୁଣସେନ୍ ନାୟକ, ବିନୋଦ ସେଠୀ, ପ୍ରଭାତ ଦାସ, ସୁଶାନ୍ତ ସାମଲ ପ୍ରମୁଖ ବୈଠକରେ ଯୋଗଦେଇଥିଲେ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଯୁବ ଆଇନଜୀବୀ ସାଇ ସୁମନ ଧନ୍ୟବାଦ ଦେଇଥିଲେ।

# ଡ୍ରିମ୍ସ ପଲିଟେକ୍‌ନିକ୍‌ର ୪୭୯ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି

**କଟକ, ୨୭।୫(ସମିସ):** ଡ୍ରିମ୍ସ ପଲିଟେକନିକ୍ ୨୦୨୫ ବ୍ୟାଚ୍‌ର ୪୭୯ ଜଣ ଛାତ୍ରଛାତ୍ରୀଙ୍କୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୩୩ ଜଣ ଛାତ୍ରୀ ଏବଂ ୪୪୬ଜଣ ହେଉଛନ୍ତି ଛାତ୍ର। ମେକାନିକାଲ, ଇଲେକ୍ଟ୍ରିକାଲ, ଇଲୋକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ, ସିଭିଲ୍ ଓ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଏହି ଛାତ୍ରଛାତ୍ରୀଙ୍କୁ ଉଇପ୍ରୋ, ଭୋଲଟାସ୍, ସେନଟମ୍ ଇଲୋଟ୍ରୋନିକ୍ସ, କୁମିନ୍ସ ଇଣ୍ଡିଆ ଲିମିଟେଡ୍, ଏଲ ଆଣ୍ଡ ଟି, ସିପ୍‌ଲା ଲିମିଟେଡ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏଟିସି ଟାୟାର, ଆର୍ସେଲ ମିତ୍ତଲ, ଥର୍ମାକ୍ସ ଲିମିଟେଡ୍ ପ୍ରଭୃତି କମ୍ପାନୀରେ ଏହି ନିଯୁକ୍ତି ମିଳିଛି। ଶିକ୍ଷାନୁଷ୍ଠାନର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଡ୍ରିମ୍ସ ପଲିଟେକନିକ୍ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଶିକ୍ଷାନୁଷ୍ଠାନର 'ଇନୋଭେସନ୍ ସେଲ୍‌ଫ' (ଆଇଆଇସି) ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରାଳୟ ଦ୍ୱାରା ଥ୍ରୀ-ଷ୍ଟାର ର୍‌ୟାଙ୍କ୍ ପାଇବାର ଗୌରବ ହାସଲ କରିଛି।

# ଇଂ ପ୍ରଭାତ ନନ୍ଦଙ୍କ ସ୍ମୃତି ସଭା

**କଟକ, ୨୭।୫(ସମିସ):** ସୁସାହିତ୍ୟିକ ରାଜ୍ୟ ପବ୍ଲିକ ସର୍ଭିସ କମିଶନର ପୂର୍ବତନ ସଦସ୍ୟ, ଇଞ୍ଜିନିୟର ପ୍ରଭାତ କୁମାର ନନ୍ଦଙ୍କ ବିୟୋଗରେ ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳି ସାହି ସ୍ଥିତ ମା ଶାରଳା ସଦନଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ ସ୍ୱର୍ଗତ ନନ୍ଦଙ୍କୁ ଜଣେ ଦୃଢ଼ମନା ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଏହି ଅବସରରେ ଟିକି ଦୁନିଆର ସମ୍ପାଦିକା ନମିତା ମହାନ୍ତି, ଭୁବନାନନ୍ଦ ମହାନ୍ତି, ଅରୁଣ ଅଗ୍ରୱାଲ, ବ୍ରଜ ଭୂଷଣ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାପତି ଶ୍ରୀ ଦାସ ଉତ୍କଳ ସାହିତ୍ୟ ସମାଜର ଶ୍ରୀଧର ପାଠାଗାର ବ୍ୟାସକବି ଭବନ ନିର୍ମାଣ କ୍ଷେତ୍ରରେ ସ୍ୱର୍ଗତ ନନ୍ଦ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

# ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବିପତ୍ର

**ଚୌଦ୍ୱାର, ୨୭।୫(ସମିସ):** ବଲାଙ୍ଗୀର ଜିଲ୍ଲାରେ ବିଜୟ ପ୍ରଧାନ ନାମକ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ କିଛି ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିବା ଘଟଣାକୁ ରାଜ୍ୟ ହ୍ୟୁମାନ ରାଇଟ୍ସ କାଉନସିଲ ତରଫରୁ ତୀବ୍ର ନିନ୍ଦା କରାଯାଇଛି। ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ସମ୍ପର୍କିତ ଖବର ପ୍ରସାରଣ କରିବା ଦ୍ୱାରା ସାମ୍ବାଦିକଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଆକ୍ରମଣ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଉପରେ ଆକ୍ରମଣ ବୋଲି କାଉନସିଲ ତରଫରୁ ଅଭିଯୋଗ କରାଯାଇ ପୀଡ଼ିତ ସାମ୍ବାଦିକଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହ୍ୟୁମାନ ରାଇଟ୍ସର କର୍ମକର୍ତ୍ତାମାନେ ଏକ ଲିଖିତ ଦାବିପତ୍ର ଚୌଦ୍ୱାର ଥାନା ଆଇଆଇସିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହ୍ୟୁମାନ ରାଇଟ୍ସ ରାଜ୍ୟ ସଭାପତି ସସ୍ମିତା ଦାସ, ସମ୍ପାଦକ ନାରାୟଣ ବିଶ୍ୱାଳ, କଟକ ଜିଲ୍ଲା ମହିଳା ଉପସଭାପତି ସବିତା ଦାସ, ସଚ୍ଚିଦାନନ୍ଦ ରାଉତ, ରଞ୍ଜନ ବେହେରା, ସଞ୍ଜିତ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆଇନଜୀବୀ ସ୍ୱର୍ଗତ ଅମଲକୃଷ୍ଣ ରାୟଙ୍କ ଜୟନ୍ତୀ

**କଟକ,୨୭।୫(ସମିସ):** ଅମଲକୃଷ୍ଣ ରାୟସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ଆଇନଜୀବୀ ତଥା କ୍ରୀଡ଼ା ସଂଗଠକ ସ୍ୱର୍ଗତ ଅମଲକୃଷ୍ଣ ରାୟଙ୍କର ୯୭ତମ ଜୟନ୍ତୀ ଉତ୍ସବ ସୂତାହାଟ ଠାରେ ପାଳିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଓଡ଼ିଶା ହକି ଆସୋସିଏସନର ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରି ସ୍ୱର୍ଗତ ରାୟଙ୍କ ଓଡ଼ିଶା ହକି ପ୍ରତି ଥିବା ଅବଦାନ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଆଇନଜୀବୀ ତେଜେସ୍ କୁମାର ସାହୁ, ଅଜିତ ମହାପାତ୍ର, ସମାଜସେବୀ ପ୍ରସନ୍ନ କୁମାର ସାହୁ, ଏ. ଭାସ୍କର ରାଓ, ସୁରଜିତ ନାଥ ଓ ଅବଦୁଲ ସଲାମ୍ ଖାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ସୂଚନା ଦେଇଥିଲେ ସଂଗଠନ ସମ୍ପାଦକ ଆଇନଜୀବୀ ଅଜୟ ମହାନ୍ତି। ଶେଷରେ ଆଇନ୍‌ଜୀବୀ ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



# ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଦାବି

**କଟକ, ୨୭।୫(ସମିସ):** ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ମୁଣ୍ଡ ଉପରେ ଛାତ ଯୋଗାଇଦେବା ଲକ୍ଷ୍ୟରେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ବଦ୍ଧପରିକର ଥିବା କହୁଛି। ବର୍ତ୍ତମାନ ମେ ମାସ ଶେଷ ହେବାକୁ ବସିଲାଣି। ହେଲେ କଟକ ସହରରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନାହିଁ। ମେ ଶେଷ ଓ ଜୁନ୍ ମାସ ଆରମ୍ଭରୁ ବର୍ଷା ଆରମ୍ଭ ହେଇଯିବ। ଯଦି ଜୁନ ମାସରେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଏ ତା ହେଲେ ତେବେ ବର୍ଷା ସମୟରେ କିପରି ଗୃହ ନିର୍ମାଣ କରିବେ। ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଉପକରଣ ଇଟା, ବାଲି, ଗୋଡ଼ି, ସିମେଣ୍ଟ ଆଦି ନେବା ଆଣିବା କରିବାରେ ଅସୁବିଧା ଉପୁଜିବ। ଏନେଇ କଟକ ସହରରେ ଆବାସ ଯୋଜନାରେ ଆବେଦନ କରିଥିବା ହିତାଧିକାରୀମାନେ ଆଶା ଆଶଙ୍କାରେ ଅଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କଟକ ସହରରେ ଆବାସ ଯୋଜନାରେ ଆବେଦନ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ଲଗାଣ ବର୍ଷା ପୂର୍ବରୁ କାର୍ଯ୍ୟାଦେଶ ବଣ୍ଟନ କରିବାକୁ କଂଗ୍ରେସ ପକ୍ଷରୁ କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା ଦାବି କରିଛନ୍ତି।

# ୩୦ରୁ ମଞ୍ଚସ୍ଥ ହେବ 'ଚଇତୁ'




**କଟକ, ୨୭।୫(ସମିସ):** ବାଙ୍କାବଜାରସ୍ଥିତ ପୁରାତନ ଜନତା ରଙ୍ଗମଞ୍ଚ ପୁଣି ଥରେ ଚଳଚଞ୍ଚଳ ହେବ। ଚଳିତ ୩୦ ତାରିଖ ଠାରୁ ଏହି ଅନୁଷ୍ଠାନ ପକ୍ଷରୁ ନାଟକ 'ଚଇତୁ' ମଞ୍ଚସ୍ଥ ହେବ। ୩ଦିନ ବ୍ୟାପୀ ତଥା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଏହି ନାଟକ ପରିବେଷଣ କରାଯିବ। ନାଟ୍ୟକାର ଡ. ନିବେଦିତା ଜେନା ରଚୟିତା ଥିବା ବେଳେ ଶ୍ରୀକାନ୍ତ ଚୌଧୁରୀ ନାଟକ ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ବହୁ ପ୍ରତିଷ୍ଠିତ କଳାକାର ଅଭିନୟ କରିବେ ଏବଂ ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ଥିବା ରବିବାର ମଞ୍ଚ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପୂର୍ବରୁ ଏହି ମଞ୍ଚକୁ ଏକ ଆଦର୍ଶ ନାଟ୍ୟ ସଂଗ୍ରହାଳୟସହ ଐତିହାସିକ ସ୍ଥଳ ଘୋଷଣା ପାଇଁ ତତ୍କାଳୀନ ଜିଲ୍ଲାପାଳ ତଥା ଏବେର କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍ୟମ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ତେଣୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ପଦକ୍ଷେପ ନେବାକୁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ସଭାପତି ଦୀପେନ ଘୋଷ, ସମ୍ପାଦକ ବିନୋଦ କୁମାର ବେହେରା, ସଙ୍ଗଠନ ସମ୍ପାଦକ ଇନ୍ଦ୍ରଜିତ୍ ଘୋଷ, କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀକାନ୍ତ ଚୌଧୁରୀ, ବାପୁ ଲେଙ୍କା, ସୁକାନ୍ତ ମହାପାତ୍ର, ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ବଡ଼ ମେଡିକାଲ**

# କାମଚଳାରେ ମହାପ୍ରୟାଣ ସେବା

**କଟକ, ୨୭।୫(ସମିସ)**

ବଡ ମେଡିକାଲରେ ମାତ୍ର ଦୁଇଟି ମହାପ୍ରୟାଣ ଗାଡି ରହିଛି। ପୁରୀ ସ୍ୱର୍ଗଦ୍ୱାର ବ୍ୟତୀତ ଏହି ଗାଡି ମୃତଦେହ ନେଇ ସମସ୍ତ ଜିଲ୍ଲାକୁ ଯାତ୍ରା କରୁଛି। ହେଲେ ଗାଡି ସଂଖ୍ୟା କମ୍ ହେତୁ ଏଠାରେ ମହାପ୍ରୟାଣ ସେବାର ସୁଫଳ ମିଳୁନି। ଅତିବେଶୀରେ ଦୁଇରୁ ତିନୋଟି ମୃତଦେହ ନେଇ ଯିବା ଭିତରେ ଦିନ ବିତି ଯାଉଛି। ମହାପ୍ରୟାଣ ଯାନ ଅପେକ୍ଷାରେ ଥିବା ଅନ୍ୟ ଲୋକେ ନିରାଶ ହେଉଛନ୍ତି। ଏଭଳି ସ୍ଥଳେ ସମ୍ପର୍କୀୟଙ୍କ ମୃତଦେହ ନେଇ ଯିବାକୁ ହେଲେ ଗରିବ ଲୋକେ ଘରୋଇ ଶବବୁହା ଗାଡି ଉପରେ ନିର୍ଭର କରୁଛନ୍ତି। ଗାଡି ଚାଳକଙ୍କ ମନଇଚ୍ଛା ଦରରେ ରାଜି ହୋଇ ଏକପ୍ରକାର ଲୁଟର ଶିକାର ହେବାକୁ ପଡୁଛି।

ବଡ ମେଡିକାଲରେ ମହାପ୍ରୟାଣ ସେବା ସମ୍ପୂର୍ଣ୍ଣ କାମଚଳା ଢ଼ଙ୍ଗରେ ଚାଲିଛି। ଗତ ରବିବାରର ଘଟଣା। ଯାଜପୁର ଅଞ୍ଚଳର ଯୁବକ ଧାକୁଲେଇ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ। ବଡ ମେଡିକାଲରେ ଉକ୍ତ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ତେବେ ଅପରାହ୍ନ ସମୟରେ ପରିବାର ଲୋକେ ମୃତଦେହ ନେଇ ଯାଜପୁର ଯିବା ନିମନ୍ତେ ମହାପ୍ରୟାଣ ସହାୟତା କେନ୍ଦ୍ରକୁ ଯାଇଥିଲେ। ହେଲେ ଦୁଇଟି ଯାକ ଗାଡି ସକାଳ ସମୟରୁ ବଡ ମେଡିକାଲରେ ନଥିବା ଜଣାପଡ଼ିଥିଲା। ପୂର୍ବାହ୍ନରୁ ମୃତଦେହ ନେଇ ଯାଇଥିବା ଗାଡି ସନ୍ଧ୍ୟା ପର୍ଯ୍ୟନ୍ତ ଫେରିନଥିଲା। ଯୁବକଙ୍କ ପରିବାର ଲୋକେ ଘରୋଇ ଶବବୁହା ଗାଡି ଚାଳକଙ୍କ ସହ ଯୋଗାଯୋଗ କରିବା ସହ ମୃତଦେହ ନେଇ ଯାଜପୁର ଫେରିଥିଲେ। ଘରୋଇ ଶବବୁହା ଗାଡି ଚାଳକ ଗାଡି ଭଡା ବାବଦକୁ ମନମୁତାବକ ଦର ଧାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା। ମହାପ୍ରୟାଣ ଯାନର ଅଭାବ ଯୋଗୁଁ ବଡ ମେଡିକାଲରେ ପ୍ରତ୍ୟେକ ଦିନ ଅନେକ ଗରିବ ଲୋକେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶଥାଉକି, ୨୦୧୬ ମସିହାରେ ବଡ ମେଡିକାଲକୁ ଦୁଇଟି ମହାପ୍ରୟାଣ ଯାନ ଯୋଗାଇ ଦିଆଯାଇଥିଲା। ସାଢ଼େ ୩ ଲକ୍ଷ କିଲୋମିଟରରୁ ଅଧିକ ଯାତ୍ରା କରିବା ପରେ ଏହି ଦୁଇଟି ଯାକ ଗାଡି ଅଚଳାବସ୍ଥାକୁ ଆସିଥିଲା। ୨୦୨୧ ମସିହାରେ ଦୁଇଟି ଯାକ ମହାପ୍ରୟାଣ ଯାନକୁ ଜିଲ୍ଲା ପ୍ରଶାସନ ଅଦରକାରୀ ବୋଲି ଘୋଷିତ କରିଥିଲା। ୨ବର୍ଷ ବ୍ୟବଧାନ ପରେ ତଥା ଗତ ୨୦୨୩ ଡିସେମ୍ବରରେ ଜିଲ୍ଲା ପ୍ରଶାସନ ଏବଂ ରେଡକ୍ରସ ସହାୟତାରେ ପୁର୍ନବାର ବଡ ମେଡିକାଲକୁ ଆଉ ଦୁଇଟି ମହାପ୍ରୟାଣ ଯାନ ଦିଆଯାଇଥିଲା। ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ବଡ ମେଡିକାଲକୁ ମାତ୍ର ଦୁଇଟି ଯାନ ପର୍ଯ୍ୟାପ୍ତ ହେଉନାହିଁ। ତେବେ ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ କାହିଁକି ଦୃଷ୍ଟି ଦେଉ ନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**● ଦୁଇଟି ଯାନ ନିଅଣ୍ଟ ପଡୁଛି**
**● ଲୁଟୁଛନ୍ତି ଘରୋଇ ଶବବୁହା ଗାଡ଼ି ଚାଳକ**

୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ମୃତ୍ୟୁଞ୍ଜୟ ବାରିକ
ଆବିର୍ଭାବ -୧୮/୦୭/୧୯୮୭
ତିରୋଧାନ -୧୨/୦୭/୨୦୨୧
ଘରର ମେରୁଦଣ୍ଡ ଥାଇ ଆମ ତିନି ଭଉଣୀଙ୍କର ସାହସ ଥିଲୁ ତୁ। ତୁ ସବୁବେଳେ ଆମ ସହ ଅଛୁ ଆଉ ତୋ ଆଶୀର୍ବାଦ ବି ଆମ ସହ ଅଛି ବୋଲି ଦୁନିଆରେ ଯେତେ ବାଧାବିଘ୍ନ ଆସିଲେ ବି ଆମେ ଆଗେଇ ଚାଲିଛୁ.. ତୁ ଯୋଉଠି ଥାଆ ଖୁସି ରେ ଥାଆ... ତୁ ସବୁବେଳେ ଆମ ମାନଙ୍କର ମନେ ପଡୁଛୁ... ଆମ ମାନଙ୍କର ଜୀବନରେ ତୋ ସ୍ଥାନ ସଦାସର୍ବଦା ଅପୂରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

ଦ୍ୱାଦଶାହ ଉପଲକ୍ଷେ
ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶାନ୍ତିଲତା ସାହୁ
ଅବିର୍ଭାବ: ୧୦.୦୬.୧୯୫୧ ତିରୋଧାନ: ୧୨.୦୫.୨୦୨୫
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ବାଲିବ୍ରହ୍ମପୁର, ମହାରଣା କୁଟୀର, ଯାଜପୁର
ତୁମେ ସିନା ଚାଲିଗଲ, ହେଲେ ତୁମର ଅତୁଳା ସ୍ମୃତି ଆମମାନଙ୍କ ହୃଦୟରେ ଚିରଦିନ ପାଇଁ ଅମର ହୋଇରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ସ୍ୱାମୀ-ଅକ୍ଷୟ କୁମାର ମହାରଣା, ପୁତ୍ର-ପ୍ରକାଶ ମହାରଣା ଓ ଅମରେଶ ମହାରଣା, ପୁତ୍ରବଧୂ-ରାନି, ଲିନା, ଝିଅ-ମାମି, ଜବି, ମାନ, ନାତି-ପ୍ରକୃତ, ନାତୁଣୀ-ଆରାଧ୍ୟା ତଥା ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

# ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା' ଜର୍ମାନରେ ପ୍ରଦର୍ଶିତ

**ବାରିପଦା, ୨୭ ।୫(ସମିସ):** ବାରିପଦାର ଦୀପକ କୁମାର ବେଶ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପଶ୍ଚିମବଙ୍ଗର ଜୋନା ମାର୍ଣ୍ଡିଙ୍କ ପ୍ରଯୋଜିତ ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା' ବାରିପଦା ଓ ତାର ଆଖପାଖ ଅଞ୍ଚଳରେ ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଚଳଚ୍ଚିତ୍ରଟି ବହୁ ପୁରସ୍କାର ଜିତିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଂଶ ଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିସାରିଛି। ଗତ ୨୩ ତାରିଖରେ ଜର୍ମାନୀର ଟୁବିଙ୍ଗେନ ବିଶ୍ୱବିଦ୍ୟାଳୟରେ ଏହି ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ବେଶ ପ୍ରଶଂସିତ ହୋଇଛି। ଏଥିସହିତ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଫେସର ନିର୍ଦ୍ଦେଶକ ଶ୍ରୀ ବେଶ୍ରାଙ୍କ ସହିତ ଭିଡିଓ କନଫରେନ୍ସ ମାଧ୍ୟମରେ ଚଳଚ୍ଚିତ୍ରର କାହାଣୀ ଉପରେ ଆଲୋଚନା କରିଥିଲେ। ମୟୂରଭଞ୍ଜର ସାନ୍ତାଳୀ ସଂସ୍କୃତିକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ସ୍ତରରେ ଏଭଳି ଚର୍ଚ୍ଚିତ ହେବ ବୋଲି କେବେ ଆଶା କରିନଥିଲେ ବୋଲି ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅନେକ ସାନ୍ତାଳୀ ଚଳଚ୍ଚିତ୍ର ନିର୍ମାଣ ଦିଗରେ ଏହା ତାଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବାରିପଦା ବ୍ଲକ ଅନ୍ତର୍ଗତ ବାଙ୍କିଶୋଳ ପଞ୍ଚାୟତ ତାଳଡିହା କଲୋନିସାହୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପମା ସେନାପତି, ଭାଗବତପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଭୁଜବଳ ଏବଂ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଶିଶୁ କଳାକାରଙ୍କ ଚୟନ କ୍ଷେତ୍ରରେ ସହାୟତା କରିଥିଲେ।




# ଲକ୍ଷ୍ମୀବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କପ୍ତିପଦା, ୨୭।୫(ସମିସ):** ପୁଣି ଜୀବନ ନେଲା ଲକ୍ଷ୍ମୀ ବସ୍। ଜଣେ ବାଇକ ଆରୋହୀଙ୍କୁ ମୁହାଁମୁହିଁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ସିମିଳିଆ ଛକ ନିକଟରେ। ବଉଳଖଲାଡି ଗ୍ରାମର ସନ୍ତୋଷ କୁମାର ଜେନା ବାଇକରେ କପ୍ତିପଦା ଅଭିମୁଖେ ଆସୁଥିଲେ। ସିମିଳିଆ ଛକ ନିକଟରେ ବିପରୀତ ଦିଗରୁ ନୁଦଡିହା ଅଭିମୁଖେ ଯାଉଥିବା ଲକ୍ଷ୍ମୀ ବସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ତୋଷ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରିଥିଲେ; ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜୁନ୍ ୧ରୁ ଗ୍ରୀଷ୍ମକାଳୀନ ଛଉନୃତ୍ୟ ଶିବିର





**ବାରିପଦା, ୨୭ ।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ସାଂସ୍କୃତିକ ଐତିହ୍ୟ ଓ ଛଉ ନୃତ୍ୟକୁ ଉତ୍ସର୍ଗ କରି ଉତ୍ତର ସାହି ଛାଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଗ୍ରୀଷ୍ମକାଳୀନ ଛଉନୃତ୍ୟ ଶିବିର ବାରିପଦାର ଛଉପଡ଼ିଆ ଓ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରାଙ୍ଗଣରେ ଆରମ୍ଭ ହେବାକୁ ଯାଉଛି। ଏହି ଶିବିର ମାଧ୍ୟମରେ ଛାତ୍ରଛାତ୍ରୀ ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ପରିଚିତ ହେବେ। ଏଥିସହିତ ଛଉ ନୃତ୍ୟର ଅନନ୍ୟ ଶୈଳୀ ଓ ରୂପରେ ଦକ୍ଷତା ଅର୍ଜନ କରିବେ। ଏହି ଶିବିର ଜୁନ ୧ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଉତ୍ତରସାହିଛଉ. ଓଆରଜିରେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିବେ। ନୃତ୍ୟ ଶିକ୍ଷାରେ ଅନୁଭବୀ ଗୁରୁମାନେ ଛଉ ନୃତ୍ୟର ବିଭିନ୍ନ ଦିଗ ଯଥା ପରିଖଣ୍ଡ, ଟପକା, ଉଫଳି ଓ ହାତିଆର ଧୋରାରେ ଶିକ୍ଷା ଦେବେ। ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଜୁନ ୨ରୁ ୧୪ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ, ଝୁମର ଗୀତ ଓ ଅନ୍ୟାନ୍ୟ ଲୋକକଳା ବିଷୟରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆଲୋଚନା କରିବେ। ଉଦ୍‌ଯାପନୀ ଦିବସରେ ଛାତ୍ରଛାତ୍ରୀ ଅଭିକଳ୍ପନା ଓ ଶିକ୍ଷା ପ୍ରଦର୍ଶନ କରିବେ। ଆସନ୍ତା ୩୦ ତାରିଖ ଯାଏ ପଞ୍ଜିକରଣ କରିପାରିବେ। ଏଥିପାଇଁ ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଛାତ୍ରଛାତ୍ରୀ ଯୋଗ୍ୟତା ଜରୁରୀ। ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ବାରିପଦା, ମୟୂରଭଞ୍ଜ ସହିତ ଫୋନ୍ ନଂ ୮୬୩୭୨୦୯୬୦୬ ଓ ୱେବସାଇଟ ଉତ୍ତରସାହିଛଉ. ଓଆରଜିରେ ଛାତ୍ରଛାତ୍ରୀ ଯୋଗାଯୋଗ କରିପାରିବେ।

## ପାଲବଣି-ମେଡ଼ିକାଲ କଲେଜ ରାସ୍ତା ଉଚ୍ଛେଦର ପ୍ରତିବାଦ

# ଟାୟାର ଜାଳି ରାସ୍ତା ଅବରୋଧ

**ବାରିପଦା, ୨୭ ।୫(ସମିସ)**



ପାଲବଣିରୁ ପିଆରଏମ ମେଡ଼ିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତି କରଣ କରାଯାଇ ୪ ଲେନ ବିଶିଷ୍ଟ ରାସ୍ତା ହେବ; ଯାହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ୨୮ତାରିଖରୁ ଜବରଦଖଲ ମୁକ୍ତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହେବ। ଜବରଦଖଲକାରୀଙ୍କୁ ଏନେଇ ନୋଟିସ ଦିଆଯାଇ ଆଜି ସୁଦ୍ଧା ନିଜେ ସ୍ଥାନ ଛାଡିଦେବାକୁ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା; ପରନ୍ତୁ ଉଚ୍ଛେଦ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରି ଏହି ରାସ୍ତା ଉପରେ ନିର୍ଭଶୀଳ ଜନସାଧାରଣ ବିରୋଧ କରି ପାଲବଣିରେ ଟାୟାର ଜାଳି ମଙ୍ଗଳବାର ଅପରାହ୍ଣରେ ଅବରୋଧ କରିଥିଲେ। ଫଳରେ ବାରିପଦା-ଚିତ୍ରଡା ରାଜ୍ୟ ରାଜପଥରେ ଯାନବାହନ ଅଟକି ରହିଥିଲା। ଉକ୍ତ ରାସ୍ତା ୧୦୦ ଫୁଟ ହେବ ବୋଲି ପୂର୍ବରୁ ପ୍ରଶାସନ ସୂଚନା ଦେଇଥିବାବେଳେ ଏବେ ୧୫୦ ଫୁଟ ହେବ ବୋଲି କହୁଛନ୍ତି; ଯାହାକୁ ନେଇ ପୂର୍ବରୁ ସୂଚିତ କରିନଥିବା ବେଳେ ହଠାତ ଉଚ୍ଛେଦ ପ୍ରକ୍ରିୟା କରାଯିବ କୁହାଯାଉଛି। ଏହା ସହିତ ଉଚ୍ଛେଦ ପ୍ରକ୍ରିୟା ସମସ୍ତଙ୍କ ନିମନ୍ତେ ଗୋଟିଏ ମୁଣ୍ଡରୁ ଆରମ୍ଭ ନ କରି କିଛି ବଡବଡିଆଙ୍କ ଉଚ୍ଛେଦ ପ୍ରକ୍ରିୟା ୬ ମାସ ପରେ ହେବ ବୋଲି କୁହାଯାଇଛି। ଯଦି ଉଚ୍ଛେଦ ହେବ ତେବେ ସମସ୍ତଙ୍କ କରାଯାଉ ବୋଲି ଆନ୍ଦୋଳନକାରୀ ଅଡି ବସିଛନ୍ତି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ନେଇ ନୋଟିସ୍ ଜାରି କରାଯାଇଛି। ଏ ବାବଦରେ ପୂର୍ବରୁ ବାରମ୍ବାର ବୈଠକ କରି ଅଭିଯୋଗ ଶୁଣାଣି ହୋଇଥିଲା। ଏହା ସହିତ ନ୍ୟାୟାଳୟରେ ମାମଲାର ଫଇସଲା ହୋଇଛି। ତେଣୁ ନିର୍ମାଣ ପୂର୍ବରୁ ୨୮ ତାରିଖରେ ପୁଲିସ ଉପସ୍ଥିତିରେ ଜବରଦଖଲ ମୁକ୍ତ କରାଯିବ। ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଉକ୍ତ ୬୧ ନମ୍ବର ରାଜ୍ୟ ରାଜପଥର ପାଲବଣିରୁ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ୫କିମି ରାସ୍ତା ୪ ଥାକିଆ ବିଶିଷ୍ଟ ହେବ। ପୂର୍ତ୍ତବିଭାଗ ପକ୍ଷରୁ ଏଥିପାଇଁ ୪୦କୋଟି ୬୬ଲକ୍ଷ ୪୪ହଜାର ୯୯୫ ଟଙ୍କାରେ ଉକ୍ତ କାର୍ଯ୍ୟ ହେବାକୁ ଥିବା ବେଳେ ଅନଲାଇନ୍ ଟେଣ୍ଡର ଆହ୍ୱାନ କରାଯାଇଛି। ସର୍ଭିସ ରୋଡ ସମେତ ୪ଥାକିଆ ହେବ। ରାସ୍ତାର ଚଉଡା ପ୍ରଶସ୍ତିକରଣ ହୋଇ ୨୯ରୁ ୩୦ ମିଟର ହେବ। ବର୍ତ୍ତମାନ ପ୍ରଶସ୍ତିକରଣ କାର୍ଯ୍ୟ ପାଲବଣିରୁ ରଙ୍ଗମାଟିଆ ପର୍ଯ୍ୟନ୍ତ ହେଉଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହେବ।

# ଉଦଳାରେ ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିର

**ଉଦଳା, ୨୭।୫(ସମିସ):** ଉଦଳାରେ ଆଜି କପ୍ତିପଦା ଉପଖଣ୍ଡ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୦୦ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମିସ୍, କଶିସ୍ ବକ୍ସି (ପ୍ରୋବେସନ୍) ଭାରତୀୟ ପ୍ରଶାସନିକ ସେବା, ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ସମେତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୭୭ଟି ବ୍ୟକ୍ତିଗତ ଥିବାବେଳେ ୨୩ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଲେଖାଏଁ ୨୫ ହଜାର ଏବଂ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସମସ୍ତ ଅଭିଯୋଗର ବିଚାର କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, ସାଇ ସରୂପ କର, ତାପସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ଜିଲ୍ଲା ସାମ୍ବାଦିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ବାରିପଦା, ୨୭ ।୫(ସମିସ):** ଦିନକୁ ଦିନ ସାମ୍ବାଦିକଙ୍କ ଉପରେ ଭ୍ରଷ୍ଟାଚାରୀ ଦୁର୍ନୀତିଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଥର କାର୍ଯ୍ୟରତ ସାମ୍ବାଦିକଙ୍କୁ ମାଡ ମାରିବା ଘଟଣା ନଜିର ରହିଛି। ପୁଣି ଆଉ ଏକ ଘଟଣା ସାରା ଓଡ଼ିଶାରେ ଚହଳ ଖେଳାଇଦେଇଛି। ପୁଣି ଥରେ ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥୋପାଲ୍ଲିରେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଗୋଡ଼ ହାତ ବାନ୍ଧି ଆକ୍ରମଣ କରିବା ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା ନେଇ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ଉତ୍ତେଜନା ଦେଖାଦେଇଛି। ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ହାତଗୋଡ ବାନ୍ଧି ଅମାନୁଷିକ ଭାବେ ମୁହଁକୁ ଗୋଇଁଠା ମାରିବ ଦୃଶ୍ୟ ଅତି ନିନ୍ଦନୀୟ। ଏନେଇ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ଗଣ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବିଶେଷ କରି ମୁଖ୍ୟ ଆସାମୀକୁ ଗିରଫ କରାଯିବା ସହ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ତଥା ମୁକ୍ତ ସାମ୍ବାଦିକତାକୁ ସୁରକ୍ଷା ଦେବାର ପ୍ରତିବଦ୍ଧତା ସ୍ୱରୂପ ରାଜ୍ୟରେ 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ ନେଇ ସମସ୍ତେ ଦାବି କରିଥିଲେ। ଦାବିପତ୍ର ଦେବା ସମୟରେ ସୌମ୍ୟରଞ୍ଜନ ପଟ୍ଟନାୟକ, ସୁକାନ୍ତ ସାହୁ, ସୁକାନ୍ତ ଜିୟୁ, କବି ବିଷ୍ଣୁ ଶତପଥୀ, ରାଧାଶ୍ୟାମ ପ୍ରଧାନ, ମନୋଜ ପଣ୍ଡା, ଅକ୍ଷୟ ଅଗ୍ରୱାଲ, ଶ୍ରୀକାନ୍ତ ସାହୁ, ଲକି ଜେନା, ବିଶ୍ୱଜିତ୍ ମହାନ୍ତି, ରୂପମ ସ୍ୱାଇଁ, ଅବିନାଶ ମହାନ୍ତି, ତପନ ଦଣ୍ଡପାଟ, ଚିତ୍ତରଞ୍ଜନ ବେହେରା, ଦଳଗୋବିନ୍ଦ ନାଏକ, ସଞ୍ଜୟ କୁମାର ବାରିକ, ଦୀପକ ମୁଦୁଲି ଓ ଭକ୍ତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉ; ୨ ଜୁଆଡ଼ି ଗିରଫ

**ବାରିପଦା, ୨୭ ।୫(ସମିସ):** ଜୁଆ ଖେଳୁଥିବା ବେଳେ ପୁଲିସ ଚଢ଼ଉ କରି ୨ଜଣ ଜୁଆଡ଼ିକୁ ଗିରଫ କରିଛି। ସେମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମର ପ୍ରଦୀପ ସିଂ (୨୭) ଓ ରଥ ସିଂ (୪୫)। ବାରିପଦା ସଦର ଥାନା ପୁଲିସ ଦ୍ୱାରା ପାଟ୍ରୋଲିଂ ଜାରି ଥିବାବେଳେ ଜୁଆ ଖେଳ ଚାଲୁଥିବା ନେଇ ଖବର ମିଳିଥିଲା। ଏହାକୁ ନେଇ କୁଣ୍ଡଳବଣି ହାଟ ପଡ଼ିଆରେ ଚଢ଼ଉ କରିଥିଲେ। ଗିରଫ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହିତ ଟଙ୍କା, କାର୍ଡ ଓ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

# ଦୁଗ୍ଧ ଚାଷୀଙ୍କୁ ଉନ୍ନତ କିସମର ଗାଈ ବଣ୍ଟନ କାର୍ଯ୍ୟକ୍ରମ

**କରଞ୍ଜିଆ, ୨୭।୫(ସମିସ):** ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଅନ୍ତର୍ଗତ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆନୁକୂଲ୍ୟରେ ପାଞ୍ଚପୀଢ଼ ଉପଖଣ୍ଡର ୫ଟି ବ୍ଲକରେ ବସବାସ କରୁଥିବା ଦୁଗ୍ଧ ଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ କରଞ୍ଜିଆ ବ୍ଲକ ବଳା ପଞ୍ଚାୟତ କୁରୁଳିଆ ଗ୍ରାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ଅନ୍ୟ ଅତିଥିଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମଦନମୋହନ ମହାନ୍ତ, ବଳା ପଞ୍ଚାୟତ ସରପଞ୍ଚ ସ୍ମିତା ନାଏକ, ଗୋକୁଳ ମିଶନ ଯୋଜନା ସଂଯୋଜକ ଲିଙ୍ଗରାଜ ମହାନ୍ତ, ସାଂସଦ ପ୍ରତିନିଧି ଆଶିଷ ମହାନ୍ତ, କୃପାସିନ୍ଧୁ ମହାନ୍ତ, ମନ୍ତ୍ରୀଙ୍କ ପ୍ରତିନିଧି ବିପିନ ବିହାରୀ ମହାନ୍ତ, ତାଟୋ ମଣ୍ଡଳ ସଭାପତି ଦିଲ୍ଲୀପ ମହାନ୍ତ, ଯଶିପୁର ମଣ୍ଡଳ ସଭାପତି ପଶୁପତି ମିଶ୍ର, ଲକ୍ଷ୍ମୀଧର ରାମ, କରଞ୍ଜିଆ ନଗର ସଭାପତି ସମ୍ବିଧାନ ମହାପାତ୍ର, ଜ୍ୟୋତିଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଉପଖଣ୍ଡର ୫୦୦ ଜଣ ଗୋଚାଷୀଙ୍କୁ ଗୁଜୁରାଟ ଆନନ୍ଦ ସହରରୁ ଆସିଥିବା ଉନ୍ନତ ପ୍ରଜାତିର ଗାଈ ବଣ୍ଟନ କରାଯିବାକୁ ସ୍ଥିର ହୋଇଛି। କରଞ୍ଜିଆ ବ୍ଲକ ପାଇଁ ୧୫୦, ଠାକୁରମୁଣ୍ଡା ପାଇଁ ୧୦୦, ଯଶିପୁର ପାଇଁ ୧୦୦, ରରୁଆଁ ପାଇଁ ୧୦୦ ଶୁକୁଳି ବ୍ଲକ ପାଇଁ ୫୦ ଜଣ ଚାଷୀ ଗାଈ ପାଇବେ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ବାରିପଦା, ୨୭ ।୫(ସମିସ):** ବାରିପଦା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୧ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ଦଳ ୧୧୯ ରନରେ ଟିମ-ଏଫ ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶୁଭମ ମହାନ୍ତି ୬୩ରନ କରିଥିବା ବେଳେ ବିପକ୍ଷ ଦଳର ସାଇ ଆୟୁଷ ଜେନା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ-ଏଫ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଜୟଦେବ ବେହେରା ୪ଟି ଉଇକେଟ ଓ ପ୍ରିୟଙ୍କ ପଟ୍ଟନାୟକ ୫ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ସୁଦୀପ ମନ୍ତ୍ରୀଙ୍କ ସମେତ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ଏବଂ ଟିମ-ଡି ମଧ୍ୟରେ ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହେବ। ଆସନ୍ତା ୨୯ ତାରିଖରେ ଫାଇନାଲ ମ୍ୟାଚ ହେବ।

## ପିଆର୍‌ଏମ୍‌ରେ ଆନ୍ତଃବିଭାଗ ଚିକିତ୍ସା ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ ଦାବିପତ୍ର

# ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବ 'ମାରିସା'

**ବାରିପଦା, ୨୭ ।୫(ସମିସ)**



ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ ରଙ୍ଗାମାଟିଆସ୍ଥିତ ନୂତନ ଶିକ୍ଷାଦାନ କୋଠାକୁ ସ୍ଥାନାନ୍ତର ଏବଂ କାର୍ଯ୍ୟକ୍ଷମକୁ ଦୃଷ୍ଟିରେ ରଖି ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ାଙ୍କୁ ଜିଲ୍ଲାପାଳ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କାରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୫୬ ପ୍ରତିଶତରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାବେଳେ ଏମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଏମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସରକାରୀ ଚିକିତ୍ସା ଉପରେ ପ୍ରାୟ ନିର୍ଭର କରନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ, ବଲାଙ୍ଗୀର ଭୀମ ଭୋଇ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ ଏବଂ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଆନ୍ତଃବିଭାଗ ଏବଂ ବର୍ହିବିଭାଗ ଚିକିତ୍ସା କାର୍ଯ୍ୟକ୍ଷମ ହୋଇଛି; କିନ୍ତୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ ଅନ୍ତଃବିଭାଗ ଏବଂ ବର୍ହିବିଭାଗ ଚିକିତ୍ସା କାର୍ଯ୍ୟକ୍ଷମ ହୋଇନାହିଁ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମଧ୍ୟ ବହୁ ଅବ୍ୟବସ୍ଥା ଯୋଗୁଁ ଲୋକେ ସେବା ପାଇପାରୁନାହାନ୍ତି। ବହୁ ରୋଗୀଙ୍କୁ କଟକ ପଠାଯାଉଛି। ସରକାରୀ ଡାକ୍ତରଖାନାରୁ ସେବା ନ ପାଇ ଲୋକେ ଗୁଣିଗାରେଡି, ଝଡାଫୁଙ୍କା ଆଦି ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ୍ୟ ହେଉଛନ୍ତି। ଫଳରେ ପ୍ରତ୍ୟେକ ବର୍ଷ ଶତାଧିକ ଲୋକଙ୍କ ଜୀବନ ଯାଉଛି। ରଙ୍ଗାମାଟିଆ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲରେ ଜେନେରାଲ ମେଡିସିନ୍ ବିଭାଗ, ଚର୍ମ ଏବଂ ଭିଡି ବିଭାଗ, ମାନସିକ ରୋଗ ବିଭାଗ, ଚକ୍ଷୁ ଏବଂ କାନ, ନାକ, ଜିଭ୍ୱା ବିଭାଗର ଅନ୍ତଃବିଭାଗ ଏବଂ ବର୍ହିବିଭାଗକୁ କାର୍ଯ୍ୟକ୍ଷମ କରିବାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ କାର୍ଯ୍ୟକ୍ଷମ କରିବାକୁ ମାରିସା ପକ୍ଷରୁ ଦୃଢ ଦାବି କରାଯାଇଛି। ଏହି ଦାବି ପୂରଣ ନ ହେଲେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛି ମାରିସା। ଦାବିପତ୍ର ଦେବା ସମୟରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାସମାତ୍ ହେମ୍ବ୍ରମ, ସମାଜସେବୀ ଅନନ୍ତ ମୁର୍ମୁ, କିଶୁନ ହେମ୍ବ୍ରମ, ହ୍ୟାପି ମୁର୍ମୁ, ରଥ ଟୁଡୁ, ଅଜୟ ମାର୍ଣ୍ଡି, ସୁକିନ୍ଦ୍ର ଟୁଡୁ, ମିଶ୍ର ଗୁଲ୍ଲଠୁ ଓ ଦିକୁ ଟୁଡୁ, ଯୋଗେ ଦାଦା ପ୍ରମୁଖ ଉପସ୍ଥିତ ଥିଲେ।






## କୁରାଢ଼ି ନାଳର ଲାଲ ପାଣି ବ୍ୟବହାର

# ଅଭିଯୋଗ ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଚୁପ୍





**ରାଉରକେଲା/କୋଇଡ଼ା, ୨୭।୫(ସମିସ)**

ସୁନ୍ଦରଗଡ଼ ଜିଲ୍ଲାରେ ଖଣି ପ୍ରଭାବିତ ଅଞ୍ଚଳ କୋଇଡ଼ା ଖଣି ଅଞ୍ଚଳ ଏବେ ପ୍ରଦୂଷିତ ବଳୟରେ। କୋଇଡ଼ା ଅଞ୍ଚଳରେ ଥିବା କୁରାଢ଼ୀ ନାଳ, କାରୋ ନଦୀ, ସୁନା ନାଳ ଆଦି ପ୍ରାକୃତିକ ଝରଣା ଏବେ ପ୍ରଦୂଷିତ ହୋଇଯାଇଛି। ତନ୍ମଧ୍ୟରେ ଟେନ୍‌ସା ଏବଂ ଲହୁଣୀପଡ଼ା ବ୍ଲକର ଭୁତୁଡ଼ା ପଞ୍ଚାୟତର କୁରାଢ଼ି ନାଳ ଅନ୍ୟତମ। ଯାହାକି ଏକଦା କାଚପରି ସ୍ୱଚ୍ଛ ପାଣିରେ ପରିପୂର୍ଣ୍ଣ ଥିଲା। ଏହି ପ୍ରାକୃତିକ ଝରଣାର ଅବବାହିକାରେ ବସବାସ କରୁଥିବା ଗ୍ରାମବାସୀ ଏହି କୁରାଢ଼ି ନାଳ ଉପରେ ନିର୍ଭରଶୀଳ ଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଏହି ନାଳ ଆଜି ଆଖପାଖ ଖଣି ଖାଦାନରୁ ନିର୍ଗତ ପ ବର୍ଜ୍ୟଜଳ ଯୋଗୁଁ ପ୍ରଦୂଷିତ ହୋଇ ସମ୍ପୂର୍ଣ୍ଣ ଲାଲ ରଙ୍ଗ ହୋଇଯାଇଛି।

ସୂଚନାଯୋଗ୍ୟ ଯେ ଭୁତୁଡ଼ା ପଞ୍ଚାୟତ ଅଧୀନ ସାରକୁଣ୍ଡାଠାରୁ ଚୋରଧରା ଓ ବିମଳାଗଡ଼ ହୋଇ ଦରଜିଂ ଠାରେ ବ୍ରାହ୍ମଣୀ ନଦୀରେ ମିଶିଛି। ଏହି କୁରାଢ଼ି ନାଳ ଉତ୍ପତ୍ତି ସ୍ଥଳ ହେଉଛି କେମିଶାଳା। ୯୦ ଦଶକରେ ଏହା ସମ୍ପୂର୍ଣ୍ଣ ସ୍ୱଚ୍ଛ ଥିଲା। କାଳକ୍ରମେ କୋଇଡ଼ା ଅଞ୍ଚଳର ବିକାଶ ପାଇଁ ଉକ୍ତ ଅଞ୍ଚଳରେ ଚାଲିଲା ଖଣି ଖନନ। ଖଣିଜ ପଦାର୍ଥକୁ ସାଇଜ ଓର୍‌ରେ ପରିଣତ କରିବା ପାଇଁ ଗଢି ଉଠିଲା ଏକାଧିକ କ୍ରସର। ଏହାପରେ ଖଣିଜ ପଦାର୍ଥର ପରିବହନ ପାଇଁ ରେଳ ସାଇଡିଂ ନିର୍ମିତ ସହ କନ୍‌ଭେୟର ବେଲ୍ଟ ବ୍ୟବହାର ହୋଇଥିଲା। ଏହି ରେଲୱେ ସାଇଡିଂ, ଖଣିଖାଦାନ, କ୍ରସରଗୁଡିକରୁ ନିର୍ଗତ ବର୍ଜ୍ୟଜଳ ଏହି କୁରାଢ଼ି ନାଳରେ ମିଶିବା ଦ୍ୱାରା କାଳକ୍ରମେ ସ୍ୱଚ୍ଛରୁ ପାଣିରୁ ଲାଲ ହେବାରେ ଲାଗିଲା। ଏହି ନାଳର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଜନସାଧାରଣଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ସେମାନଙ୍କ ପାଖରେ ପାନୀୟ ଜଳ ପାଇଁ କୌଣସି ବିକଳ୍ପ ନ ଥିବାରୁ ବାଧ ହୋଇ ଏହିନାଳର ପ୍ରଦୂଷିତ ଲାଲ ପାଣିକୁ ବ୍ୟବହାର କରୁଛନ୍ତି। କେବଳ ସେତିକି ନୁହେଁ ଉକ୍ତ କୁରାଢ଼ୀ ନାଳ ପାଣିକୁ ବିଗତ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସେଲ ପରିଚାଳିତ ବରସୁଆଁ ଏବଂ ଟେନସା ସହରକୁ ମଧ୍ୟ ଘରଘର ପାଇପ ଦ୍ୱାରା ଯୋଗାଣ ହେଉଛି। କୁରାଢ଼ୀ ନାଳର ପାଣି ବ୍ୟବହାର କରିବା ଦ୍ୱାରା ଉକ୍ତ ଅଞ୍ଚଳବାସୀ କାମଳ ରୋଗ, ପେଟ ରୋଗ ପରି ଅନେକ ଦୁରାରୋଗରେ ପୀଡ଼ିତ ହେଉଛନ୍ତି। କିଛି ଗ୍ରାମବାସୀ ଏହି ନାଳରେ ଗାଧୁଆ ପାଧୁଆ କରୁଥିବାରୁ ସେମାନେ ବିଭିନ୍ନ ପ୍ରକାରର ଚର୍ମରୋଗର ଶିକାର ହେଉଛନ୍ତି। ବିଗତ ଦିନ ମାନଙ୍କରେ ଖଣି ଅଞ୍ଚଳରେ ଏହି ଗୋଳିଆ ପାଣି ବ୍ୟବହାର ଯୋଗୁଁ ଉକ୍ତ ଅଞ୍ଚଳର ଅନେକ ଲୋକ ଝାଡ଼ାବାନ୍ତି ରୋଗର ଶିକାର ହୋଇଥିଲେ। ଉକ୍ତ କୁରାଢ଼ୀ ନଦୀ ଜଳ ଦୂଷିତ ପାଣି ବ୍ୟବହାର ଯୋଗୁଁ ଝାଡାବାନ୍ତି ବ୍ୟାପିଥିଲା ବୋଲି ସେତେବେଳେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଯାଞ୍ଚ ପରେ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ଏହାପରେ ବି ପ୍ରଦୂଷଣ ବିଭାଗର ନିଦ ଭାଙ୍ଗି ନଥିଲା। ଆଜି ମଧ୍ୟ କୁରାଢି ନାଳପାଣି ପ୍ରଦୂଷିତ ହୋଇ ସମ୍ପୂର୍ଣ୍ଣ ଲୋହିତ ବର୍ଣ୍ଣରେ ପରିଣତ ହୋଇଛି। ଅଞ୍ଚଳବାସୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବଦ୍ରଷ୍ଟା ସମସ୍ତଙ୍କୁ ବିସ୍ମିତ କରିଛି। ଯାହା ଫଳରେ ଆଜି ବି ଅଞ୍ଚଳବାସୀ ଏହି ଗୋଳିଆ ପାଣିକୁ ବ୍ୟବହାର କରି ନିଜ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ପଦାଧିକାରୀ ଦୃଷ୍ଟି ଦେଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ବିଶ୍ୱ ସିଜୋଫ୍ରେନିଆ ସଚେତନତା ଦିବସ ପାଳିତ



**ରାଉରକେଲା, ୨୭।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ପରିଚାଳନାଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ମାନସିକ ରୋଗ ବିଭାଗ ପକ୍ଷରୁ ବିଶ୍ୱ ସିଜୋଫ୍ରେନିଆ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିଜୋଫ୍ରେନିଆ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ଚିତ୍ରକଳା ଥେରପି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାନସିକ ରୋଗ ୱାର୍ଡରେ ଆୟୋଜିତ ହୋଇଥିଲା ଯେଉଁଥିରେ ବରିଷ୍ଠ ପରାମର୍ଶଦାତା ତଥା ମାନସିକ ରୋଗ ବିଭାଗର ମୁଖ୍ୟ ଡା. ଦେବାଶିଷ ମହନ୍ତ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡା. ସଞ୍ଜୟ କୁମାର ଆଚାର୍ଯ୍ୟ, କ୍ଲିନିକାଲ୍ ମନସ୍ତତ୍ତ୍ୱବିତ୍ ସନ୍ଧ୍ୟାରାଣୀ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଉକ୍ତ ବିଭାଗର ଉତ୍ସର୍ଗୀକୃତ ଇଣ୍ଟର୍ନ ଛାତ୍ରଛାତ୍ରୀ ମଧ୍ୟ ସହାୟତା କରିଥିଲେ। ସୃଜନଶୀଳ ଚାରୁକଳା ମାଧ୍ୟମରେ ରୋଗୀଙ୍କ ମଧ୍ୟରେ ମାନସିକ ଏବଂ ଭାବପ୍ରବଣ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ଥିଲା। ଆତ୍ମସଚେତନତାକୁ ବୃଦ୍ଧି କରିବା, ମାନସିକ ଅବସାଦକୁ ହ୍ରାସ କରିବା ଏବଂ କଳାତ୍ମକ ଶୈଳୀର ଚିକିତ୍ସା ଶକ୍ତି ମାଧ୍ୟମରେ ଆରୋଗ୍ୟକୁ ପ୍ରୋତ୍ସାହିତ କରିବା ଏହି ଅଧିବେଶନର ଲକ୍ଷ୍ୟ ଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ଅନ୍ତର୍ଭୁକ୍ତିମୂଳକ ଏବଂ ଯୋଗାଯୋଗ ଭିତ୍ତିକ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ସିଜୋଫ୍ରେନିଆ ରୋଗ ସହିତ ଜଡ଼ିତ ସାମାଜିକ ଭ୍ରମ ଏବଂ ଭୁଲ ଧାରଣାକୁ ଭାଙ୍ଗିବାରେ ଅର୍ଥପୂର୍ଣ୍ଣ ଭାବେ ସହାୟକ ହୋଇଥିଲା।

## କୁକୁଡ଼ା ଲଢ଼େଇ ବନ୍ଦ ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ରାଉରକେଲା, ୨୭।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ଅଧୀନସ୍ଥ ଜରାଇକେଲା ଏବଂ ଭାଲୁଲତା ପଞ୍ଚାୟତର କିଛି ଗ୍ରାମବାସୀ କୁକୁଡ଼ା ଲଢେଇ ଏବଂ ହାବ୍ଡ଼ା ଡାବ୍ବା ଭଳି ବେଆଇନ ଜୁଆଖେଳ ବିରୋଧରେ ସ୍ୱର ଉତ୍ତୋଳନ କରି ଏହି କୁକୁଡ଼ା ଲଢ଼େଇକୁ ବନ୍ଦ କରିବା ପାଇଁ ସୀମାନ୍ତବର୍ତ୍ତୀ ଗ୍ରାମବାସୀ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ବିଶ୍ରା ବ୍ଲକ ଅଧୀନସ୍ଥ ଜରାଇକେଲା ଏବଂ ଭାଲୁଲତା ପଞ୍ଚାୟତର କିଛି ଗ୍ରାମବାସୀ କୁକୁଡ଼ା ଲଢେଇ ଏବଂ ହାବ୍ଡ଼ା ଡାବ୍ବା ଭଳି ବେଆଇନ ଜୁଆ ଖେଳକୁ ବନ୍ଦ କରିବାକୁ ଗାଁ ଲୋକେ ଅନେକ ଥର ଓଡ଼ିଶା ପୁଲିସଠାରେ ଅଭିଯୋଗ କରିଛନ୍ତି। କିନ୍ତୁ ଓଡ଼ିଶା ପୁଲିସ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ, ଆଜି ଗ୍ରାମବାସୀ 'ଏକ୍ସ' ମାଧ୍ୟମରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି କୁକୁଡ଼ା ଲଢ଼େଇକୁ ବନ୍ଦ କରିବାକୁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶାର ବିଶ୍ରା ଏବଂ ଝାଡ଼ଖଣ୍ଡର ଝରାଇକେଲା ଥାନା ଅଞ୍ଚଳର ସୀମାନ୍ତରେ ଥିବା ସାଗଯୋଡ଼ି ଗାଁରେ ଗତ ଆଠମାସ ଧରି ବଡ଼ ଧରଣର ହାବ୍ଡ଼ା ଡାବ୍ବା ଜୁଆଖେଳ ଚାଲିଛି। ଉଭୟ ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବିଶ୍ରା ଏବଂ ଜରାଇକେଲା ଉଭୟ ପୁଲିସ ଏହି କୁକୁଡ଼ା ଲଢେଇ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏପରି ପରିସ୍ଥିତିରେ, ଗାଁ ଲୋକେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କ ଅଞ୍ଚଳରେ ଚାଲିଥିବା କୁକୁଡ଼ା ଲଢେଇକୁ ବନ୍ଦ କରିବାକୁ ଦାବି କରିଛନ୍ତି। ଏହି କୁକୁଡ଼ାପଡ଼ା ଏବଂ ଜୁଆ ଉକ୍ତ ଅଞ୍ଚଳରେ ଆସାମାଜ କାର୍ଯ୍ୟ ଏବଂ ହିଂସାକୁ ପ୍ରୋତ୍ସାହିତ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାଗଜୋଡି ଗାଁରେ ଦୀର୍ଘ ଦିନ ଧରି ଚାଲିଥିବା ଏହି କୁକୁଡ଼ା ଲଢ଼େଇ ଉପରେ ଉଭୟ ରାଜ୍ୟର ପୁଲିସ କାହିଁକି ଚୁପ୍ ରହିଛି ତାହାକୁ ନେଇ କରି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।



## ସୋଲରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ବଣାଇଁ, ୨୭।୫(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁଣ୍ଡିଆ ବ୍ଲକ ଅଧୀନ ସୋଲ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୋଟ ୬୪ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୧ଟି ସାମୂହିକ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୩ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଗୁରୁଣ୍ଡିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଅଭିଯୋଗକାରୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

## 'ଏବିପି ୨୦୨୫ -୨୬ ଆର୍ଥିକ ତଥ୍ୟ ପୁସ୍ତିକା' ଉନ୍ମୋଚିତ



**ରାଉରକେଲା, ୨୭।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ 'ଏବିପି ୨୦୨୫ -୨୬ ଆର୍ଥିକ ତଥ୍ୟ ପୁସ୍ତିକା'କୁ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉନ୍ମୋଚନ କରିଛନ୍ତି। "ଏହି ଅବସରରେ ଏଚ୍‌ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣିବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଏବଂ ବିତ୍ତ ଓ ଲେଖା ବିଭାଗ ସିଜିଏମ୍ ଆର ଦାସଗୁପ୍ତାଙ୍କ ସମେତ ବିତ୍ତ ଓ ଲେଖା ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେ କାରଖାନାର ସମସ୍ତ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣରେ ଦୃଢ଼ ଆର୍ଥିକ ତଥ୍ୟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିତ୍ତ ଓ ଲେଖା ବିଭାର ଖର୍ଚ୍ଚ ଏବଂ ବଜେଟର ଜିଏମ୍ ବିକେ ସିଂହ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେ ଆର୍‌ଏସ୍‌ପିର ସାମଗ୍ରୀକ ଭାବେ ଏକ ପ୍ରସ୍ତୁତ ହିସାବ ପ୍ରଦାନକାରୀ ପୁସ୍ତିକାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ 'ହ୍ୟାଣ୍ଡବୁକ୍ ଅନ୍ ଫାଇନାନ୍ସିଆଲ୍ ଡାଟା ଏ ବି ପି ୨୦୨୫-୨୬' ପୁସ୍ତିକାରେ ରାଉରକେଲା ଇସ୍ପାତ କାରଖାନା ଏବଂ ଓଡ଼ିଶା ଖଣି ସମୂହର ବାର୍ଷିକ ବ୍ୟବସାୟ ଯୋଜନା (ଏ ବି ପି ) ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନା ବିସ୍ତୃତ ଭାବେ ରହିଛି। ଏହା ଏକ ମୂଲ୍ୟବାନ ସମ୍ବଳ ହେବ, ଯାହା ଆର୍‌ଏସ୍‌ପିରେ ଦକ୍ଷ ଏବଂ ପ୍ରଭାବଶାଳୀ ଆର୍ଥିକ ପରିଚାଳନାରେ ସହାୟତା କରିବ।

## ଅପରେସନ 'ସିନ୍ଦୂର'ର ସଫଳତାରେ ବୀର ସୈନିକଙ୍କୁ ସମ୍ମାନ



**ରାଉରକେଲା, ୨୭।୫(ସମିସ):** ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ର ଅଧୀନ ଆମ୍ବେଦକର ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ଓ ଜିଲ୍ଲାର ମଣ୍ଡଳ ପ୍ରତିନିଧି ଅଶୋକ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅପରେସନ ସିନ୍ଦୂରର ସଫଳତାରେ ଭାରତର ବୀର ସୈନିକମାନଙ୍କ ସୌର୍ଯ୍ୟକୁ ସମ୍ମାନ ଦେବା ଓ ଆତଙ୍କବାଦ ବିରୋଧରେ ଦେଶର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ତ୍ରିରଙ୍ଗା। ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଶୋଭାଯାତ୍ରା ସେକ୍ଟର -୧୬ ସବ୍‌ଷ୍ଟେସନ ଛକଠାରୁ ଆରମ୍ଭ ହୋଇ ସେକ୍ଟର - ୧୮, କୋଇଲା ଡିପୁ ଗୋଲ ଛକପର୍ଯ୍ୟନ୍ତ ଯାଇଥିଲା। କାଶ୍ମୀରର ପହଲଗାରେ ଆତଙ୍କବାଦୀମାନେ ଧର୍ମ ପଚାରି ୨୬ ଜଣ ପୁରୁଷଙ୍କୁ ତାଙ୍କ ପରିବାର ସାମ୍ନାରେ ଯେଭଳି ଗୁଳି କରି ହତ୍ୟା କଲେ ତା' ବିରୋଧରେ ବୀର ସେନାବାହିନୀ ଅପରେସନ ସିନ୍ଦୂରକୁ ସଫଳ କରିବା ସହିତ ପାକିସ୍ଥାନରେ ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରିଦେଲେ। ଏହି କାର୍ଯ୍ୟପାଇଁ ସେନାଙ୍କ ସୌର୍ଯ୍ୟକୁ ସାଲ୍ୟୁଟ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବରିଷ୍ଠ ନେତା ଅକ୍ଷୟ ଦାସ, ଗାଡୁ ବାଗ, ମଳୟ ମହାପାତ୍ର, ରାଜେଶ ପ୍ରସାଦ, ମନୋରଞ୍ଜନ ମୁନି, ଆଲୋକ ନାୟକ, ଅଜୟ କଂଶାରି, ରାମ ଏକବାଲ ବର୍ମା, ଗୌତମ ବାଡ଼ା, ବଳରାମ ସମାସୀ, ପ୍ରଭାକର ସାହୁ, ସବିତା ସ୍ୱାଇଁ, ମୁରଲୀଧର ବାରିକ, ସଞ୍ଜୟ ସାହୁ, ମନୋଜ ସାହୁଙ୍କ ସମେତ ବହୁ ଶୁଭେଚ୍ଛୁ, ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ।

## ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

# ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ଅଂଶଗ୍ରହଣ



**ରାଉରକେଲା, ୨୭।୫(ସମିସ)**

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କ୍ରୀଡ଼ା ପ୍ରତିଭାମାନଙ୍କ ନିମନ୍ତେ ଆୟୋଜିତ ୩୮ ତମ ବାର୍ଷିକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଥ, ସହରସେବା ଓ ସିଏସ୍‌ଆର ବିଭାଗର ସିଜିଏମ ଟିଜି କାନେକର ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନେ ଏହି ଅବସରରେ ବିଭିନ୍ନ ଖେଳକୁଦର ଏକ ଚିତ୍ତାକର୍ଷକ ପ୍ରଦର୍ଶନ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ବିଭିନ୍ନ ଦଳ ଓ କୋଚ୍‌ମାନଙ୍କୁ ସେ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗର ଉପପ୍ରବନ୍ଧକ ରଘୁ ନନ୍ଦନ ପାଢ଼ୀ ବିଭାଗୀୟ ସାମୂଦାୟିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନିଲ ମଲ୍ଲିକ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ, ମେ' ୭ରେ ଉଦ୍‌ଘାଟିତ ହୋଇଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ୧୫୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଆଥ୍‌ଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବଡିବିଲ୍ଡିଂ, ବକ୍ସିଂ, ଚେସ୍, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡି, ଟେବୁଲଟେନିସ, ଭଲିବଲ, ୱେଟଲିଫ୍ଟିଂ, ପାୱାରଲିଫ୍ଟିଂ, ଯୋଗ ଭଳି ୧୪ ଟି ବିଭାଗରେ ଅଭିଜ୍ଞ କୋଚଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୧୯୮୬ ମସିହାରେ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଅତୀତରେ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡାବିତ ସୃଷ୍ଟି କରିବା ସହ ସମ୍ପ୍ରତି ବହୁ ଉଦୀୟମାନ କ୍ରୀଡ଼ା ତାରକାଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରୟାସ ଜାରି ରଖିଛି।



## ଠେଲା ବ୍ୟବସାୟୀ ଉପରେ ପୁଲିସର ଜୁଲମ୍

**ରାଉରକେଲା, ୨୭।୫(ସମିସ):** ଠେଲା ବ୍ୟବସାୟୀ ଦୋକାନ ବନ୍ଦ କରିବାର ସାମାନ୍ୟ ବିଳମ୍ବ ହେବାରୁ ପ୍ଲାଣ୍ଟସାଇଟ୍ ପୁଲିସ ଆସି ତାଗିଦ୍ କରି ଜୁଲୁମ କରିଥିବା ଅଭିଯୋଗ ହୋଇଛି। ଏପରିକି ସମସ୍ତ ସାମଗ୍ରୀ ରାସ୍ତାରେ ପକାଇ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନୂଆ ବସ୍‌ଷ୍ଟାଣ୍ଡ ଠାରେ ସୋମବାର ରାତି ପ୍ରାୟ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ଏହି ଘଟଣା ଘଟିଥିଲା। ଅଭିଯୋଗ ମୁତାବକ, ସେଠାରେ ଠେଲା ଲଗାଇ ବ୍ୟବସାୟ କରୁଥିବା ପଙ୍କଜ କୁମାର ଠାକୁର ପ୍ରତ୍ୟେକ ଦିନ ରାତି ୧୦ଟା ସୁଦ୍ଧା ବେପାର ସାରି ଠେଲା ନେଇ ଘରକୁ ପଳାନ୍ତି। ମାତ୍ର ଗତକାଲି ଦୋକାନ ବନ୍ଦ କରିବାକୁ ସାମାନ୍ୟ ବିଳମ୍ବ ହେବାରୁ ସ୍ଥାନୀୟ ଫାଣ୍ଡି ପୁଲିସ କର୍ମଚାରୀମାନେ ଆସି ଶୀଘ୍ର ଦୋକାନ ବନ୍ଦ କରିବାକୁ ତାଗିଦ୍ କରିବା ସହ ଜଣେ ଏଏସ୍‌ଆଇ କିଛି ନଶୁଣି ଠେଲାରେ ଥିବା ସବୁ ସାମଗ୍ରୀକୁ ରାସ୍ତାରେ ପକାଇ ଦେଇଥିଲେ। ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ଦିନ ବସ୍‌ଷ୍ଟାଣ୍ଡ ଠାରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ତଥା ଅପରାଧ ହେଉଥିବା ବେଳେ ସେଦିଗ ପ୍ରତି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଏଭଳି ପରିସ୍ଥିତିରେ ଗରିବ ଗୁରୁବା ଉପରେ ପୁଲିସର ଏଭଳି ଜୁଲମକୁ ନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ ଯେ, ରାତି ୧୦ଟାରୁ ସାଢେ ୧୦ଟା ମଧ୍ୟରେ ସହରର ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି। ଏନେଇ ଉକ୍ତ ସମୟ ମଧ୍ୟରେ ପୁଲିସ ପାଟ୍ରୋଲିଂ କରି ଦୋକାନ ବଜାର ବନ୍ଦ କରୁଛି।

# ଏନ୍‌କେଟି ରୋଡ୍‌ରୁ ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ୍ ଆଜି

ଜୟପୁର,୨୭ ।୫ (ସମିସ) : ଜୟପୁର ସହର ଭିତରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା (ଏନକେଟି ରୋଡ) ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ପୂର୍ବାହ୍ନ ଏବଂ ସଂଧ୍ୟାରେ ଏହିରାସ୍ତା ଏକ ପ୍ରକାର ଜାମ୍ ହେବା ନିତିଦିନିଆ ଘଟଣା ପାଲଟିଛି। ତେଣୁ ମୁଖ୍ୟରାସ୍ତା ଠାରୁ ପୁରଣାଗାଡ ବାଇପାସ ଛକ ପର୍ଯ୍ୟନ୍ତ ଆଜି ପ୍ରଶାସନ ଏବଂ ପୌରସଂସ୍ଥା ପକ୍ଷରୁ ମିଳିତ ଭାବେ ମାପଚୁପ କରାଯାଇ ଜବରଦଖଲକାରୀମାନଙ୍କୁ ନିଜ ପକ୍ଷରୁ ସରକାରୀ ଜମି ଛାଡିବାକୁ ନିର୍ଦ୍ଦେଶ ଦିଆଯିବ। ଅନ୍ୟଥା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତାକୁ ଓସାର ଏବଂ ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କରାଯିବା ନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିନେଇ ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ତହସିଲ ବିଭାଗ ଓ ପୌରସଂସ୍ଥା ପକ୍ଷରୁ ମାପଚୁପ କରାଯିବା ନେଇ ନିର୍ଦ୍ଧାରିତ ହୋଇଛି। ଏହିପରି ନିର୍ଦ୍ଧାରିତ ମାପଚୁପ କରାଯିବ ପରେ ପରବର୍ତ୍ତି କାର୍ଯାନୁଷ୍ଠାନ ଗ୍ରହଣ କରାଯାଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଶେଷ ହୋଇଥିବା ଡ୍ରେନ ଓ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଜୟପୁର ସହରର ମୁଖ୍ୟରାସ୍ତାର ରାଜାନହଲ ଛକ ଠାରୁ ୱେଲକମ ଛକ ପର୍ଯ୍ୟନ୍ତ ୪, ୩ ଚକିଆ ଯାନର ରାସ୍ତା ପାଶ୍ୱର୍ରେ ବେଆଇନ ପାର୍କିଂ ଏବଂ ଏନ୍‌କେଟି ରୋଡକୁ ସଂଯୋଗ କରୁଥିବା କିଛି ଖାଦ୍ୟ ସାମଗ୍ରୀ ଓ ଫାଷ୍ଟଫୁଡ ବିକ୍ରି କରୁଥିବା ଦୋକାନ ସମ୍ମୁଖରେ ଗ୍ରାହକ ମାନଙ୍କ ବାଇକ୍ ଗୁଡିକର ଅବୈଧ ପାର୍କିଂ ଯୋଗୁଁ ପ୍ରତ୍ୟେକ ଦିନ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲେ ସୁଦ୍ଧା ପ୍ରଶାସନ, ପୁଲିସ ଏବଂ ପୌରସଂସ୍ଥା ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ତେଣୁ ତୁରନ୍ତ ପଦକ୍ଷପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବୃଦ୍ଧାବୃଦ୍ଧଙ୍କୁ ପ୍ରଶାସନର ଅଣଦେଖା

# ପରିଣତ ବୟସରେ ମଧ୍ୟ ମିଳୁନି ଭତ୍ତା



ମାଲକାନଗିରି,୨୭ ।୫ (ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ବୃଦ୍ଧବୃଦ୍ଧା ମାନେ ଭତ୍ତାରୁ ବଞ୍ଚିତ ହେବେ ନାହିଁ, ସମସ୍ତଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସରକାରକୁ କ୍ଷମତାକୁ ଆସିଥିବା ବେଳେ ବର୍ତ୍ତମାନ କିନ୍ତୁ ଅନେକ ବୃଦ୍ଧ ବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ଦୂରର କଥା ସଠିକ୍ ଭାବେ ଭତ୍ତା ମିଳୁ ନଥିବା ଅଭିଯୋଗ ହୋଇଛି। ଫଳରେ ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ବୟସର ଅପରାହ୍ନରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ଅନେକ ଯୋଗ୍ୟ ବ୍ୟକ୍ତି ମାନେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ। ଖଇରପୁଟ ଅଞ୍ଚଳର ଅନେକ ବୃଦ୍ଧା ବୃଦ୍ଧଙ୍କର ବୟସ ୭୦/୮୦ରୁ ଅଧିକ ହୋଇଯାଇଥିଲେ ମଧ୍ୟ ଆଜି ଯାଏଁ ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ସେହିପରି ବିଧବା ଭତ୍ତା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଉପୁଜିଥିବା ବେଳେ ବିଧବା ଭତ୍ତାରୁ ବଞ୍ଚିତ ରହୁଛନ୍ତି ଏହି ଅଞ୍ଚଳର ଅନେକ ବିଧବା ମହିଳା ବୋଲି ଅଭିଯୋଗ କରିଛନ୍ତି। ଖଇରପୁଟ ବ୍ଲକର ଅଧିକାଂଶ ପଞ୍ଚାୟତ ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ରାସ୍ତା ଘାଟର ଅଭାବ ରହିଛି। ସେହି ଅଞ୍ଚଳର ବୃଦ୍ଧା ବୃଦ୍ଧ ଓ ବିଧବା ମାନେ କେତେ କଷ୍ଟରେ ବ୍ଲକ କାର୍ଯ୍ୟାଳକୁ ଆସୁଛନ୍ତି। କିନ୍ତୁ ପ୍ରଶାସନର ଦୃଷ୍ଟି ପଡୁନି ବୋଲି ଏହି ବୃଦ୍ଧ ବୃଦ୍ଧା ମାନେ ପ୍ରକାଶ କରିଛନ୍ତି। ଭତ୍ତା ପାଇବା ଆଶାରେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡିବା ସତ୍ତ୍ୱେ ସୁଫଳ ମିଳୁନ ବୋଲି କୋହ ଭରା କଣ୍ଠରେ କହୁଛନ୍ତି। ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅନେକ ଥର ଲିଖିତ ଆକାରରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ସରକାରଙ୍କ ସହାୟତା ମିଳିଲେ ଶାନ୍ତିରେ ଶେଷ ଜୀବନ କଟିବ ବୋଲି ଏମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନର ସରକାର ଲୋକଙ୍କ ସରକାର କହି ୮୦ ବର୍ଷ ପାର ବୃଦ୍ଧବୃଦ୍ଧାଙ୍କୁ ୩ ହଜାର ଟଙ୍କା ଭତ୍ତା ପାଇଁ ଗୋଟିଏ ପଟେ ଡିଣ୍ଡିମ ପିଟା ହେଉଥିବା ବେଳେ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ନିରାହ ଗରିବ ଲୋକେ।

## କେନ୍ଦ୍ରୀୟ ରିଜର୍ଭ ପୁଲିସରେ ଅନ୍ତର୍ଜାତୀୟ ଯୋଗ ଦିବସ




ନବରଙ୍ଗପୁର,୨୭।୫(ସମିସ): କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ୧୨ ବାଟାଲିୟନ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ କମାଣ୍ଡାଣ୍ଟ ଅଧିକାରୀ ତଥା କାର୍ଯ୍ୟକାରୀ କମାଣ୍ଡାଣ୍ଟ କୃଷ୍ଣ କୁମାର ସିଂହଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ରାଜୀବ କୁମାର, ଡେପୁଟି କମାଣ୍ଡାଣ୍ଟ ୧୨ ବାଟାଲିୟନ, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ଡକ୍ଟର ମାଧବନ କୁମାର, ସହାୟକ କମାଣ୍ଡାଣ୍ଟ (ଚିକିତ୍ସା), ସବ ଅର୍ଡିନେଟ୍ ଅଧିକାରୀ ଯବାନ, ଓଡ଼ିଶା ପୁଲିସ କର୍ମଚାରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ମହିଳା ଅଂଶଗ୍ରହଣ କରିଥିଲେ। କୃଷ୍ଣ କୁମାର ସିଂହ, ଦ୍ୱିତୀୟ କମାଣ୍ଡିଂ ଅଫିସର, କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷର ଯୋଗର ବିଷୟ ବସ୍ତୁ ହେଉଛି ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ ରଖାଯାଇଛି। 'ନିଜ ଏବଂ ସମାଜ ପାଇଁ ଯୋଗ' ବିଷୟ ବସ୍ତୁ ଅଧୀନରେ ମେ ୨୭ ଠାରୁ ଜୁନ ୨୧ ତାରିଖ ସୁଦ୍ଧା ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଯୋଗର ପ୍ରଚାର ଏବଂ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟ ଆୟୋଜନ କରାଯିବ। ସ୍ଥାନୀୟ ନାଗରିକମାନଙ୍କୁ ଯୋଗ ବିଷୟରେ ସଚେତନ କରାଯିବ। ଯୋଗ ମାଧ୍ୟମରେ ଶରୀରକୁ ମିଳୁଥିବା ଲାଭ ବିଷୟରେ ଜଣାଯିବ। କାର୍ଯ୍ୟକ୍ରମର ସଫଳ ଶୁଭାରମ୍ଭ ପରେ ମୁଖ୍ୟ ଅତିଥି କୃଷ୍ଣ କୁମାର ସିଂ ଯୋଗ ହେଉଛି ଭାରତର ପ୍ରାଚୀନ ସଂସ୍କୃତି ଏବଂ ଐତିହ୍ୟର ଏକ ଅଂଶ ବୋଲି କହିଥିଲେ।

## ଆଞ୍ଚଳିକ ମହିଳା ଫାର୍ମର୍ସ୍ ପ୍ରଡ୍ୟୁସର କମ୍ପାନୀ

# ଅଦା ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟିତ

ସେମିଳିଗୁଡା, ୨୭।୫ (ସମିସ): କୋରାପୁଟ ସେମିଳିଗୁଡା ସହରର ଥିବା କୃଷି ବଜାର ଠାରେ ଉଦ୍ୟାନ ବିଭାଗ, ମିଶନଶକ୍ତି ଏଫ୍‌ଇଏସ୍, ଆଞ୍ଚଳିକ ମହିଳା ଫାର୍ମର ପ୍ରଡ୍ୟୁସର କମ୍ପାନୀ ଏବଂ ପ୍ରଦାନ ଅନୁଷ୍ଠାନ ମିଳିତ ସହଯୋଗରେ ଏକ ଅଦା ଓ ହଳଦୀ ପ୍ରକ୍ରିୟାକରଣ ୟୁନିଟ୍ ଉଦ୍ଘାଘାଟନ ହୋଇଥିଲା । ଏହି ୟୁନିଟ୍‌କୁ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କଡାମ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷ ଲିଲି ଅଣ୍ଟବିରିଆ, କୋରାପୁଟ ସିଡିଏ ବେଣୁଧର ଶବର , ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ , ତହସିଲଦାର ଦେବବ୍ରତ କରଟେ ଡିପିଏମ୍ କୋରାପୁଟ, ବିପିଏମ୍ , ବିପିସି ସେମିଳିଗୁଡା, ରାଜୁପୁଟ ସରପଞ୍ଚ ପିତାମ୍ବର କର୍ସାନୀ, କୋରାପୁଟ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରୀଟି ଅନୁଷ୍ଠାନର ବ୍ଲକ ସଂଯୋଜକ ଦିଲୀପ କୁମାର ଚମ୍ପି,ଦିଲୀପ ଖସଲା ଆଞ୍ଚଳିକ କମ୍ପାନିର ଏମ୍‌ଡ଼ି ଲାକି ଜାନୀ, ଜୟନ୍ତୀ ଦଳ, ଚନ୍ଦ୍ରିକାମାଳି, ଲିଲି ଚୌଧୁରୀ, କମ୍ପାନିର ସିଇଓ ବସନ୍ତ ଅଥର ନାୟକ, ବାସୁଦେବଜାନୀ, ପ୍ରଦାନ ଅନୁଷ୍ଠାନରୁ ରଶ୍ମି ରଞ୍ଜନସାହୁ, ଶଙ୍କର ନାୟକ ଅଶୋକ ନାୟକ,ହାରିବାଲା ତଳିଆ,ମମତା ଖିଲ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ଚାଷ ହେଉଥିବା ଅଦା, ହଳଦୀ ଗୁଡିକ କିପରି ଅଧିରୁ ଅଧିକ ଏହି ୟୁନିଟରେ ପ୍ରକ୍ରିୟା କରଣ ହୋଇ ପାରିବ ଓ ଅଦା, ହଳଦୀ ସୁଲଭ ମୂଲ୍ୟରେ ବାହାରକୁ କେମିତି ବିକ୍ରି ହୋଇ ପାରବ ତାହା ଆଲୋକପାତ କରିଥିଲେ। ସେମିଳିଗୁଡା ବ୍ଲକରେ ଗଠନ ହୋଇଥିବା ଉତ୍ପାଦକ ଗୋଷ୍ଠୀ ଗୁଡ଼ିକ ମାଧ୍ୟମରେ ବର୍ଷ ତମାମ ପ୍ରକ୍ରିୟା କରଣ ହେବା ସହ ଏହାକୁ ବିକ୍ରି କରିବାକୁ କମ୍ପାନି ମଧ୍ୟରେ ସହଯୋଗ ହୋଇପାରିବ। ଏହି ୟୁନିଟ ଦ୍ୱାରା ଗ୍ରାହକମାନେ ରାସାୟନିକ ବିହନ, ଅଦା ଗୁଣ୍ଡ, ହଳଦୀ ଗୁଣ୍ଡ କ୍ରୟ କରି ପାରିବା ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ମହିଳା ଚାଷୀ ମାନଙ୍କୁ ଲାକି ଜାନୀ ଧନ୍ୟବାଦ ଦେଇଥିଲେ।



● ଜୟପୁର ପୌରପାଳିକା

# ୨୮ ଟି ୱାର୍ଡରେ ୧୮୨ଜଣଙ୍କୁ ମଧୁବାବୁ ପେନ୍‌ସନ୍ ବଣ୍ଟନ



ଜୟପୁର,୨୭ ।୫ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ୨୮ଟି ୱାର୍ଡରେ ବସବାସ କରୁଥିବା ନୂତନ ହିତାଧିକାରୀଙ୍କୁ ସରକାରଙ୍କ ପେନସନ ଯୋଜନାରେ ସାମିଲ କରାଯାଇ ବଣ୍ଟନ କରାଯାଇଛି। ସହରର ସମସ୍ତ ୨୮ଟି ୱାର୍ଡର ୧୮୨ଜଣ ହିତାଧିକାରୀଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇ ମାସିକ ଏକ ହଜାର ଏବଂ ଛତା ଓ ଯୋତା ବାବଦକୁ ୪ଟଙ୍କା ପ୍ରଦାନ କରାଯାଇଛି। ଏହି ୧୮୨ ଜଣ ନୂତନ ହିତାଧିକାରୀଙ୍କ ମଧ୍ୟରୁ ୨୧ଜଣ ଭିନ୍ନକ୍ଷମ, ୭୮ ଜଣ ବୃଦ୍ଧ ଓ ବୃଦ୍ଧା, ୮୨ଜଣ ବିଧବା, ଜଣେ କିନ୍ନର ରହିଛନ୍ତି। ଏହି ଅବସରରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, କାଉନ୍‌ସିଲର ଯଶପାଲ ସିଂ, ପାର୍ଥ ସାରଥୀ ମଲ୍ଲିକ, ପ୍ରଣବ କିଶୋର ନାୟକ, ଗୋପୀନାଥ ମହାନ୍ତି, ସିମାଞ୍ଚଳ ବିଶୋୟୀ, ବି. ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଅନିତା କୁମାରୀ ରାୟ, ଦେବଶ୍ରୀ ନାୟକ, ମଧୁସ୍ମିତା ଓରାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ଏବେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି, ଆଗାମୀ ଦିନରେ ଅନ୍ୟ ହିତାଧିକାରୀଙ୍କୁ ଅନ୍ୟାନ୍ୟ ପେନସନ ଯୋଜନାରେ ସାମିଲ କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପୌର ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଜଗନ୍ନାଥ ନାୟକ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ମାନେ ସହାୟତା କରିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର, ୨୭।୫ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ବି ଡି ଓ ଲକ୍ଷ୍ମୀ ସାଗର ମାଝୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।"ଏହି ଜନ ଶୁଣାଣି ଶିବିରରେ ମୋଟ ୪୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଶିବିରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗ ମାନଙ୍କୁ ୧୮ ଗୋଟି ହୁଇଲ୍ ଚେୟାର ଏବଂ ୩୦ ଗୋଟି ଶ୍ରବଣ ଯନ୍ତ୍ର ପ୍ରଦାନ କରଯାଇଥିଲା।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଭିଡ଼

କୋଷାଗୁମୁଡ଼ା,୨୭।୫(ସମିସ): ମା' ସାବିତ୍ରୀଙ୍କ ବ୍ରତ ପାଳନ ପାଇଁ ସକାଳୁ ସ୍ଥାନୀୟ କୋଷାଗୁମୁଡ଼ା ଜଗନ୍ନାଥ ମନ୍ଦିରରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ନିଜ ଘରେ, ସାହି ପଡ଼ୋଶୀଙ୍କ ସହିତ କିଛି ସ୍ତ୍ରୀଲୋକ ମିଳିତ ଭାବେ ବ୍ରାହ୍ମଣଙ୍କୁ ଡାକି ବର ଓ ଅସ୍ତ ବୃକ୍ଷମୂଳେ ବ୍ରତ ପାଳନ କରିଛନ୍ତି। ପୁରାଣ ଏବଂ ଶାସ୍ତ୍ର ଆଧାରରେ ଯମଦେବଙ୍କ ଠାରୁ ମା' ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିବା କଥାକୁ ନେଇ ସମସ୍ତ ସଧବା ଲୋକ ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ଏହି ବ୍ରତ ପାଳନ କରିଆସୁଛନ୍ତି।

# ଗୁରୁକୃପା ପବ୍ଲିକ ସ୍କୁଲର ସଫଳତା

ଉମରକୋଟ,୨୭।୫( ସମିସ): ସିବିଏସ୍‌ଇ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ରେ ନବରଙ୍ଗପୁର ଜିଲ୍ଲା ଉମରକୋଟସ୍ଥିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଗୁରୁକୃପା ପବ୍ଲିକ ସ୍କୁଲର ପରୀକ୍ଷା ଫଳ ଶତପ୍ରତିଶତ ପାସ୍ ହାର ହୋଇଛି। ସୂଚନା ଅନୁଯାୟୀ





ଉକ୍ତ ଅନୁଷ୍ଠାନରେ ସର୍ବମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀରେ ଓ ୬୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସଫଳତା ଅର୍ଜନ କରିଛନ୍ତି। ସରୋଜ ପାଲ ୯୧.୬ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ସିଦ୍ଧାନ୍ତ ସାହୁ ୮୪.୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ପ୍ରଦୀପ ଗଣ୍ଡ ୮୨.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଗୁରୁକୃପା ଅନୁଷ୍ଠାନର ସଭାପତି ମନୋଜ କୁମାର ପାଢ଼ୀ, ସମ୍ପାଦିକା ସାଗରିକା ପଟ୍ଟନାୟକ, ଅଧ୍ୟକ୍ଷା ସ୍ୱପ୍ନା ପାଣିଗ୍ରାହୀ ସମସ୍ତ କୃତି ଛାତ୍ରଛାତ୍ରୀ, ଶିକ୍ଷୟତ୍ରୀ, ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନୂତନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ସେମିଳିଗୁଡ଼ା, ୨୭।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍‌ରେ ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ପଟ୍ଟନାୟକଙ୍କୁ ଜିଲ୍ଲା ଓଷ୍ଟା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଏବଂ ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଓଷ୍ଟାର କ୍ୟାଲେଣ୍ଡର, ଡାଏରୀ ସହିତ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରି ଥିଲେ। ଭବାନୀ ଶଙ୍କର ପଟ୍ଟନାୟକ ପୂର୍ବରୁ ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ। ଶ୍ରୀ ପଟ୍ଟନାୟକ ଜଣେ ଯୁବ ଉଦୟମାନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ନନ୍ଦପୁର ବ୍ଲକରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣି ସୁନାମ ଅର୍ଜନ କରିଥିଲେ। ସେ ସେମିଳିଗୁଡା ବ୍ଲକରେ ଯୋଗ ଦେବା ଫଳରେ ଖୁସିର ଲହରୀ ଖେଳି ଯାଇଛି। ସେମିଳିଗୁଡାରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷାର କିପରି ଅଧିକ ଉନ୍ନତୀ ହୋଇ ପାରିବ, ସେଥିପ୍ରତି ଦୃଷ୍ଟି ଦେବେ ବୋଲି ପଟ୍ଟନାୟକ କହିଛନ୍ତି।



## ଅବହେଳିତ ଢେପାଗୁଡ଼ା ଗାଁ

# ନାହିଁ ପିଚୁ ରାସ୍ତା; କଲଭର୍ଟ



ଉମରକୋଟ,୨୭।୫(ସମିସ) : କେନ୍ଦ୍ର ଓ ରାଜ୍ୟ ଗ୍ରାମାଞ୍ଚଳର ବିକାଶ ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। କିନ୍ତୁ ଦୁଃଖର କଥା ଆଜି ଯାଏ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଶୁକିଗାଁ ପଞ୍ଚାୟତ ଅନ୍ତର୍ଗତ ଡେପଗୁଡା ଗ୍ରାମକୁ ପହଞ୍ଚି ପାରିନାହିଁ ପିଚୁ ରାସ୍ତା ଓ ସ୍ଥାୟୀ କଲଭର୍ଟ। ବେହେଡ଼ାଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ଏହି ଢେପଗୁଡ଼ା ଗ୍ରାମ। ଏହି ଗ୍ରାମ ନିକଟରେ ଆହୁରି ୫ ଖଣ୍ଡ ଗ୍ରାମ ଅଛି। ସେମାନେ ମଧ୍ୟ ପ୍ରତିଦିନ ଏହି ରାସ୍ତା ଦେଇ ଉମରକୋଟକୁ ଆସନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ପଚ ପଚ କାଦୁଅ ଯୋଗୁ ଲୋକେ ସହରକୁ ଆସି ପାରନ୍ତି ନାହିଁ । କାରଣ ଢ଼େପଗୁଡା ଗ୍ରାମ ନିକଟରେ ରାସ୍ତା ମଝିରେ ଗୋଟିଏ ନାଳ ପଡ଼େ ଏବଂ ବର୍ଷା ହେବା ମାତ୍ରେ ଏହି ନାଳରେ ପାଣି ଆସିଯାଏ । ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରିଥାନ୍ତି। ପୂର୍ବରୁ ଏହି ନାଳରେ ଏକ ପାଇପ୍ ପଡିଥିଲା । ପାଣି ବେଶୀ ଆସିବାରୁ ନାଳର ମାଟି ଧୀରେ ଧୀରେ ଖସିଯିବାରୁ ନାଳରେ ଆକାର ବଡ଼ ହୋଇଗଲା। ଏହି ନାଳରେ ଏକ କଂକ୍ରିଟ୍ ପୋଲ ନିର୍ମାଣ ପାଇଁ ପ୍ରଶାସନକୁ ବାରମ୍ବାର ଲୋକେ କହିଥିଲେ। କିନ୍ତୁ ତାହା ହୋଇ ପାରିଲା ନାହିଁ । ଶେଷରେ ଆଜି ଗ୍ରାମର ଯୁବକ ମାନେ ମିଶି ଏହି ନାଳ ଉପରେ କାଠ ବଲା ସାହାଯ୍ୟରେ ପୋଲ ତିଆରି କରିଥିବା ଦେଖିବାକୁ ମିଳିଛି। ଏହି ନାଳ ଯୋଗୁଁ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚେ ନାହିଁ। ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଏହି ରାସ୍ତା ଦେଇ ବହୁ କଷ୍ଟରେ ପାର କରିଥାନ୍ତି ଏହି ଗ୍ରାମବାସୀ। ଛାତ୍ରୀଛାତ୍ର ମାନେ ପ୍ରତି ଦିନ ବେହେଡା ଠାରେ ଥିବା ହାଇସ୍କୁଲ, କଲେଜ, ସାପ୍ତାହିକ ହାଟ, ବଜାର, ଗ୍ରାମ ପଞ୍ଚାୟତ, ବ୍ୟାଙ୍କ ହେଉକି ଉମରକୋଟ ଆସିବାକୁ ହେଲେ ଏହି ଗୋଟାଏ ମାତ୍ର ରାସ୍ତା ଦେଇ ଯିବା ଆସିବା କରିବାକୁ ପଡେ। ପିଚୁ ରାସ୍ତା ଓ କଲଭର୍ଟ ନିର୍ମାଣ ପାଇଁ ସରକାରୀ ବାବୁ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରୀ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଆସୁଥିବା ଦେଖି ଗ୍ରାମର ଯୁବକ ମାନେ ଆଜି ଅସ୍ଥାୟୀ କାଠ ପୋଲ ନିର୍ମାଣ କରିଛନ୍ତି।

# ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର



ସେମିଳିଗୁଡ଼ା, ୨୭।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସଭାଗୃହ ଠାରେ ଆଜି ଜିଲ୍ଲା ପ୍ରଶାସନର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁ ଧାର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲ୍ ଉପସ୍ଥିତ ରହି ଦୁଇ ଘଣ୍ଟା ମଧ୍ୟରେ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ। ସେମିଳିଗୁଡ଼ା ବିଡିଓ ଜସ୍ମିନ୍ କୁମାର୍ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଟେ, ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ସିଡିପିଓ ବିନୋଦିନୀ ବେହେରା , ଗ୍ରାମ ପଞ୍ଚାୟତ ଅଧିକାରୀ ଅଜିତ କୁମାର ହୋତା, ସୁନାବେଡ଼ା ପୌର ପରିଷଦ କାର୍ଯ ନିର୍ବାହ ଅଧିକାରୀ ନାରାୟଣ ନାୟକଙ୍କ ସହ ୧୭ଟି ପଞ୍ଚାୟତର ସମିତି ସଭ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସମୁଦାୟ ୩୧ ଗୋଟି ପଞ୍ଚାୟତର ଅଭିଯୋଗ ଆସିଥିବା ବେଳେ ଏଥି ମଧ୍ୟରୁ ୧୭ ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୪ ଗୋଟି ସାମୁହିକ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ ଥିଲା। ଶିକ୍ଷା,ପାନିୟ ଜଳ,ରାସ୍ତାଘାଟ, ଜମିପଟା ଜାଳିଆତି,ଭତ୍ତା, ଆବାସ ଯୋଜନା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା,ବାର୍ଦ୍ଧକ୍ୟ ଭତ୍ତା, ଉପରେ ଜନ ଶୁଣାଣି ହୋଇଥିଲା। ସବୁ ଅଭିଯୋଗ ଶୁଣିଲା ପରେ ତୁରନ୍ତ ସମାଧାନ କରିବା ପାଇଁ ଉପ ଜିଲ୍ଲାପାଳ ହିଆଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିର ପରେ ୬ ଜଣଙ୍କୁ ହ୍ୱିଲ୍ ଚେୟାର ଓ ୧୮ ଜଣଙ୍କୁ ନୂତନ ପେନସନ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଟି ସୁରଭି, ଅଧିକାରୀ ଗୌତମ ଗୁମାଲ ଓ ଅନ୍ୟ କର୍ମଚାରୀ କାର୍ଯକ୍ରମରେ ସହଯୋଗ କରିଥିଲେ।

## ମଦ ଜବତ, ଚୋରା ମଦ ବ୍ୟବସାୟୀ ଗିରଫ

**ସାଲେପୁର,୨୭ ।୫(ସମିସ):** ସାଲେପୁର ପୁଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ ବେଳେ ଚଢ଼ଉ କରାଯାଇ ବହୁମାତ୍ରାରେ ବିଦେଶୀ ମଦ ଜବତ କରାଯିବା ସହ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତକାଲି ରାତିରେ ସାଲେପୁର ଆଦର୍ଶ ଥାନା ପକ୍ଷରୁ ରାତ୍ର ପାଟ୍ରୋଲିଂ ଚାଲିଥିବାବେଳେ ସାଲେପୁର ଆଇଆଇସି ଅନିତା ସାହୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଟରପା ଗ୍ରାମରେ ଚଢ଼ଉ କରି ଫକିର ବେହେରାଙ୍କ ପୁଅ କୈଳାସ ବେହେରା ନିଜ ଘର ନିକଟରେ ପ୍ରାୟ ୫୭ଲିଟରରୁ ଉର୍ଦ୍ଧ୍ୱ ଚୋରା ବିଦେଶୀ ମଦ ବିକ୍ରୟ କରୁଥିବାବେଳେ ଚୋରାମଦ ଜବତ କରିବା ସହ କୈଳାସକୁ ଗିରଫ କରିଥିଲେ । ସାଲେପୁର ପୁଲିସ ଏ ସଂପର୍କରେ ସାଲେପୁର ଥାନାରେ କେସ୍ ନଂ-୨୩୩/୨୫ରେ ଏକ ମାମଲା ରୁଜୁ କରି କୈଳାସକୁ କୋର୍ଟଚାଲାଣ କରିଥିବା ଜଣାଯାଇଛି ।

## ମଦ ଜବତ; ୨ ଗିରଫ

**ଭଦ୍ରେଶ୍ୱର,୨୭।୫(ସମିସ):** ଦୀର୍ଘ ଦିନ ହେଲା ପୁଲିସ ପ୍ରଶାସନ ସର୍ବୋପରି ଅବକାରୀ ବିଭାଗର ଜ୍ଞାତସାରରେ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଚୋରା ଦେଶୀ ବିଦେଶୀ ମଦ ବ୍ୟବସାୟୀଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି । ଆଜି ମାହାଙ୍ଗା ଥାନା ପୁଲିସ ଅଚାନକ ଭାବେ ଚଢଉ କରି ୨ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଥିଲା ବେଳେ ସେମାନଙ୍କ ଠାରୁ ୬୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଆଜି ମାହାଙ୍ଗା ଥାନା ପୁଲିସ ପଶୁଲୁଣ୍ଡା ଗ୍ରାମରେ ଚଢଉ କରି ସ୍ଥାନୀୟ ଗ୍ରାମର କ୍ଷେତ୍ରବାସୀ ଜେନାଙ୍କ ଠାରୁ ୧୫ଲିଟର ଦେଶୀ ମଦ ଜବତ କରିଥିଲା ବେଳେ ବରଦିଆ ନିକଟରୁ ଶୁଭାଶିଷ ମହାପାତ୍ରଙ୍କ ନିକଟରୁ ୫୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଥିବାର ପୁଲିସ ସୂତ୍ରରୁ ପ୍ରକାଶ । ପୁଲିସ ଏହି ୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ମାହାଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ନିଶ୍ଚିନ୍ତକୋଇଲି,୨୭।୫(ସମିସ):** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସରପଡ଼ା ପଞ୍ଚାୟତ ସାଧୁପୁର ଗ୍ରାମର ଧ୍ରୁବାନନ୍ଦ ସ୍ୱାଇଁଙ୍କ କନିଷ୍ଠ ପୁତ୍ର ୪୭ବର୍ଷୀୟ ଯୁବକ ସୁରେଶ କୁମାର ସ୍ୱାଇଁଙ୍କ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି । ସେ ଭୁବନେଶ୍ୱରର ଏକ ଘରୋଇ ରେଷ୍ଟୁରାଣ୍ଟରେ ଚାକିରୀ କରିଥିଲେ । ସୋମବାର ରାତିରେ ସେ ସ୍କୁଟି ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବାଟରେ କଟକ-ଚାନ୍ଦବାଲି ରାସ୍ତାର ନାଦୋଳଗଡ଼ା ତେଲ ଟାଙ୍କି ନିକଟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ଲୋକେ ଖବର ପାଇ ସାଲେପୁର ଥାନାରେ ଜଣାଇବା ପରେ ପୁଲିସ ଶବ ବ୍ୟବଚ୍ଛେଦ କରିବା ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲା । ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମୃତ ଯୁବକ ଅବିବାହିତ ଥିବାରୁ ମଝିଆ ଭାଇ ରମେଶ ଚନ୍ଦ୍ର ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ, ଯୁବନେତା ପ୍ରମୋଦ ସ୍ୱାଇଁଙ୍କ ସମେତ ବହୁ ନେତୃବୃନ୍ଦ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## କୂଅରୁ ବାରହା ଛୁଆ ଉଦ୍ଧାର

**ତିଗିରିଆ,୨୭।୫(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ସ୍ଥିତ ପ୍ରସନ୍ନମଣି ଶାରିରିକ ଓ ଯୋଗ ମହାବିଦ୍ୟାଳୟ ସ୍ଥିତ ମୁନଲାଇଟ ପଡିଆ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡିଯାଇଥିବା ଛୁଆ ବାରହାକୁ ଆଜି ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ଉଦ୍ଧାର ପରେ ସ୍ଥାନୀୟ ବନବିଭାଗ ପକ୍ଷରୁ ବାରହା ଛୁଆଟିକୁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନପାଳ ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ ମୁନଲାଇଟ ପଡିଆ ନିକଟରେ ଥିବା ଏକ କୂଅରେ ବାରହା ଛୁଆଟିଏ ଅସାବଧାନତା ହେତୁ ଖସି ପଡ଼ିଥିଲା । ସ୍ଥାନୀୟ ଜନସାଧାରଣ ଏ ସମ୍ପର୍କରେ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନପାଳ ଶ୍ରୀ ପରିଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଘଟଣା ସମ୍ପର୍କରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ । ଅଗ୍ନିଶମ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ଘଟଣା ସମ୍ପର୍କରେ ସୂଚନା ପାଇ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବାରହାଟିକୁ ଉଦ୍ଧାର କରିଥିଲେ ।

## ଅହିରାଜ ସାପ ଉଦ୍ଧାର

**ତିଗିରିଆ,୨୭।୫(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ସ୍ଥିତ ଭିରୁଡ଼ା ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଲଟା ମହାଦେବ ମନ୍ଦିର ନିକଟରୁ ଏକ ୧୫ ଫୁଟ ଲମ୍ବର ଅହିରାଜ ସାପକୁ କଟକ ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ପକ୍ଷରୁ ଉଦ୍ଧାର କରାଯାଇଛି । ସ୍ଥାନୀୟ ଜନସାଧାରଣ ସାପଟିକୁ ଦେଖି ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ସୂଚନା ଦେଇଥିଲେ । ଉଦ୍ଧାର ସମୟରେ ସାପଟି ସାମାନ୍ୟ କ୍ଷତାକ୍ତ ହୋଇଥିବାରୁ ଏହାର ଚିକିତ୍ସା କରାଯିବା ପରେ ଜଙ୍ଗଲ ମଧ୍ୟରେ ଛାଡି ଦିଆଯିବ ବୋଲି ସୂଚନା ମିଳିଛି ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ନରସିଂହପୁର,୨୭।୫(ସମିସ):** ନରସିଂହପୁର ଥାନା ଅନ୍ତର୍ଗତ ଉଲ୍ଲାସକୋଟ ଗ୍ରାମରେ ଜୈନିକ ବିବାହିତ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହକୁ ସ୍ଥାନୀୟ ପୁଲିସ ପକ୍ଷରୁ ମଙ୍ଗଳବାର ଉଦ୍ଧାର କରାଯାଇଛି । ସୂଚନା ମୁତାବକ କାନପୁର ଥାନା ଅନ୍ତର୍ଗତ ଅହଲ୍ୟା ସାହୁ (୩୬) ଙ୍କୁ ଏହି ଥାନା ଉଲ୍ଲସକୋଟ ଗ୍ରାମର ବିମଳ ମୁଖି (୨୮) ଗତ କିଛି ବର୍ଷ ତଳେ ଭଲ ପାଇ ବିବାହ କରିଥିଲେ । ବହୁ ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା । ତେବେ ଆଜି ଉକ୍ତ ମହିଳା ଶୋଇଥିବା ବେଳେ ପ୍ରତିଦିନ ଭଳି ସ୍ୱାମୀ ବିମଳ କାମରେ ଘରୁ ପଳାଇଥିଲେ । ବହୁ ସମୟ ଧରି ମହିଳା ଜଣକ ନ ଉଠିବାରୁ ପରିବାରର ସଦସ୍ୟ ଉଠାଇଥିଲେ । ମାତ୍ର ସେ ନ ଉଠିବାରୁ ମୃତ୍ୟୁ ହୋଇଥିବା ଜଣାପଡିଥିଲା । ଏ ସମ୍ପର୍କରେ ସ୍ଥାନୀୟ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ନରସିଂହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ଶବକୁ ଜବତ କରିବା ସହ ସ୍ୱାମୀ ଓ ଶଶୁର ନକୁଳଙ୍କୁ ଅଟକ ରଖି ପଚରାଉଚରା କରୁଛି ।

### ଜେଲ ସଂସ୍କାର ନିୟମକୁ ଫୁ...

# ଅବ୍ୟବସ୍ଥାରେ ଚୌଦ୍ୱାର ମଣ୍ଡଳ କାରାଗାର



**ଚୌଦ୍ୱାର,୨୭।୫(ସମିସ):** ରାଜ୍ୟର ସର୍ବବୃହତ ମଣ୍ଡଳ କାରାଗାର ଭାବେ ଚୌଦ୍ୱାର ଜେଲ ପରିଚିତ । ମାତ୍ର ଏଠାରେ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଏହି କାରାଗାର ଗତି କରୁଥିବା ଅଭିଯୋଗ ଉଠିଛି । ଜେଲରେ ଥିବା କଏଦୀମାନଙ୍କୁ ମୌଳିକ ସୁବିଧା ମିଳୁ ନ ଥିବାବେଳେ ଏଠାରେ ବହୁ ଅପରାଧ ନିୟନ୍ତ୍ରଣ ହେଉଥିବା ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ୧୧୬୫ କ୍ଷମତା ବିଶିଷ୍ଟ ଏହି କାରାଗାରରେ ଏବେ ୯୦୦ଜଣ କଏଦୀ ରହୁଛନ୍ତି । ସେମାନଙ୍କ ମଧ୍ୟରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ମଧ୍ୟ ବନ୍ଦୀ ଜୀବନ ବିତାଉଛନ୍ତି । ମାତ୍ର ଜେଲ କର୍ତ୍ତୃପକ୍ଷଙ୍କ ବେପରୁଆ ନୀତି ଯୋଗୁଁ ଜେଲରେ ଅପରାଧୀମାନେ ଭିତରେ ଥାଇ ମଧ୍ୟ ବାହାରେ ଚାଲିଥିବା ଅପରାଧ ଜଗତକୁ ନିୟନ୍ତ୍ରଣ କରିବା ଘଟଣା ଦେଖିବାକୁ ମିଳିଛି । ଏପରିକି ବହୁ ବ୍ୟବସାୟୀମାନଙ୍କୁ ଜେଲ ଭିତରୁ ଧମକ ଦିଆଯିବା ସହ ସେମାନଙ୍କ ଗ୍ୟାଙ୍ଗର ସଦସ୍ୟମାନେ ଉକ୍ତ ବ୍ୟବସାୟୀଙ୍କୁ ଚାନ୍ଦା ମାଗିବା, ଧମକକୁ ବଳବତ୍ତର ରଖିବା ପାଇଁ ଗୁଳି ଫୁଟାଇବା, ବୋମା ପକାଇବା ଭଳି ଅପରାଧ ଘଟଣା ମଧ୍ୟ ନୂଆ ନୁହେଁ । ତେବେ ଏସବୁକୁ ଦେଖିଲେ ସବୁ ଅପରାଧର ବ୍ଲୁ ପ୍ରିଣ୍ଟ ଜେଲ ଭିତରୁ ହିଁ ଚାଲୁଛି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଏହି କାରାଗାରରେ ଜେଲ ଅଧିକାରୀଙ୍କ ସମେତ ଜେଲ ଅଧିକ୍ଷକଙ୍କ ମଧ୍ୟ କାର୍ଯ୍ୟାଳୟ ଚାଲୁଛି । ଏଠାରେ ସବ ଆସିଷ୍ଟାଣ୍ଟ ଜେଲର ୫ ଜଣ, ଆସିଷ୍ଟାଣ୍ଟ ଜେଲର ୪ଜଣ ଅବସ୍ଥାପିତ ଅଛନ୍ତି । ଏଥିସହିତ ପ୍ରାୟ ୬୦ଜଣ ମହିଳା ଓ ପୁରୁଷ ୱାର୍ଡର ମଧ୍ୟ ରହିଛନ୍ତି । ସେମାନଙ୍କ ମଧ୍ୟରେ ଜେଲର ଓ ଜେଲ ଅଧିକ୍ଷକଙ୍କ ଭଳି ଦୁଇଜଣ ଦକ୍ଷ ଅଧିକାରୀ ଏଠାରେ କାର୍ଯ୍ୟରତ ଥିଲେ ମଧ୍ୟ ଜେଲରେ କାରାଜୀବନ ବିତାଉଥିବା କଏଦୀଙ୍କ ସମ୍ପର୍କରେ କିଛି ଜାଣିପାରୁ ନ ଥିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ନିକଟ ଅତୀତରେ ଜଣେ କଏଦୀର ଅସ୍ୱାଭାବିକ ମୃତ୍ୟୁ ହେବା ଘଟଣାରେ ଜେଲ କର୍ତ୍ତୃପକ୍ଷ ନିରବ ରହିବା ବିଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ତେବେ ମୃତ ବ୍ୟକ୍ତିଙ୍କ ପରିବାର ଏହାକୁ ହତ୍ୟା ଅଭିଯୋଗ ଆଣୁଥିବାବେଳେ ଜେଲ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହୁଛନ୍ତି । ସେହିଭଳି ଗତ କିଛି ଦିନ ତଳେ ଜଣେ କଏଦୀଙ୍କୁ ଅନ୍ୟ କଏଦୀ କୋଦାଳରେ ହାଣିଦେବା ଯୋଗୁଁ ଉକ୍ତ କଏଦୀର ମୃତ୍ୟୁ ହେବା ନେଇ ଜେଲ ଭିତରେ ମଧ୍ୟ ଗ୍ୟାଙ୍ଗୱାର ଚାଲୁଥିବା ଚର୍ଚ୍ଚା ହେଉଛି । ଜେଲରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଜେଲରେ ସିସିଟିଭି ଲଗାଯିବା ସହ ଭିତରେ ମୋବାଇଲ ଫୋନ ଅଚଳ କରିବା ପାଇଁ ଯେଉଁ ଜାମର ଲାଗିଥିଲା ତାହା କାମ କରୁ ନ ଥିବା ଯୋଗୁଁ ଜେଲ ଭିତରେ ଏସବୁ ଚାଲୁଥିବା କୁହାଯାଉଛି । ହେଲେ ଏସବୁର ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଅର୍ଥ ଆସୁଛି ସେ ଅର୍ଥ କେଉଁବାଟରେ ଖର୍ଚ୍ଚ ହେଉଛି ତାହା ମଧ୍ୟ ବୁଝାପଡୁନି । ଏ ସଂକ୍ରାନ୍ତରେ ଜେଲ ଅଧିକ୍ଷକ ପ୍ରଦୀପ୍ତ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଯିଏ ଅପରାଧ ପ୍ରବଣ ମାନସିକତାରେ ବୁଡ଼ି ରହିବ ତାକୁ ସମ୍ଭାଳିବା କଷ୍ଟ । ସେହିଭଳି ଚୌଦ୍ୱାର କାରାଗାରରେ ୫୦ ପ୍ରତିଶତ କର୍ମଚାରୀ ଅଭାବ ରହିଛି । ସେହିଭଳି ଗତ କାଲି ଆତ୍ମହତ୍ୟା କରିଥିବା କଏଦୀ ଜଣକ ମାନସିକ ଅବସାଦରେ ଥାଇ ଆତ୍ମହତ୍ୟା କରିଛନ୍ତି । ତେବେ ଚୌଦ୍ୱାର ଜେଲରେ ବିଭିନ୍ନ ଅବ୍ୟବସ୍ଥା ରହିଥିବା ପ୍ରସଙ୍ଗକୁ ଜେଲ ଅଧୀକ୍ଷକ ଶ୍ରୀ ବେହେରା ଏଡାଇ ଦେଇଥିଲେ ।

### ଭଗବାନ ଭରସାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ୨୧ ବଦଳରେ ଅଛନ୍ତି ମାତ୍ର ୪ ଡାକ୍ତର




**ଟାଙ୍ଗୀ,୨୭।୫(ସମିସ):** ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମିଶାଇ ଆବଶ୍ୟକ ଡାକ୍ତରଙ୍କ ସଂଖ୍ୟା ୨୧ ହୋଇଥିବାବେଳେ ୪ଜଣ ଡାକ୍ତରଙ୍କ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି । ନିରାମୟ ଯୋଜନାରେ ଆବଶ୍ୟକ ଔଷଧ ଅଭାବ ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସାଧାରଣ ଲୋକଙ୍କ ଭରସା ତୁଟିବାରେ ଲାଗିଛି ।୨୪ ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପ୍ରାୟ ୨ ଲକ୍ଷ ଲୋକଙ୍କୁ ସେବା ଯୋଗାଉଥିବା କଟକ ଜିଲ୍ଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏତାଦୃଶ ଅବସ୍ଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ମଙ୍ଗଳବାର ଆୟୋଜିତ ରୋଗୀ କଲ୍ୟାଣ ସମିତି ବୈଠକରେ ଉକ୍ତ ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା ।

**ରୋଗୀ କଲ୍ୟାଣ ସମିତି ବୈଠକରେ ଉଠିଲା ପ୍ରଶ୍ନ**

ସୁପରିଣ୍ଟେଣ୍ଡେଣ୍ଟ ଡା. ମଧୁସ୍ମିତା ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଉପରୋକ୍ତ ପ୍ରସଙ୍ଗରେ ଦୀର୍ଘ ଆଲୋଚନା କରିଥିଲେ । ଡାକ୍ତର ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନତିଦୂର ଟାଙ୍ଗୀ ମଦନମୋହନ ସାହିରେ ଜଣ୍ଡିସ୍ ବ୍ୟାପିବା ଘଟଣାରେ ପାନୀୟ ଜଳ ଉତ୍ସର ରକ୍ଷଣାବେକ୍ଷଣ ଓ ମରାମତିକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବି.ପି.ଏଚ.ଓ ଡାକ୍ତରୀ ଜ୍ୟୋତି ପ୍ରକାଶ ସାହୁ, ଆୟୁଷ ଡାକ୍ତର ସସ୍ମିତା ପଣ୍ଡା, ଭାରପ୍ରାପ୍ତ ବିଡିଓ ଶାଶ୍ୱତ କୁମାର ଜେନା, ସିଡିପିଓ ଚନ୍ଦ୍ରିକା କୁମାରୀ ମହାପାତ୍ର, ଆରଡବ୍ଲୁଏସଏସ୍ ଯନ୍ତ୍ରୀ ସ୍ୱର୍ଣ୍ଣମୟୀ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସମିତି ସଦସ୍ୟ ବାବାଜୀ ଚରଣ ମହାନ୍ତି, ସୁକୁମାର ମହାରଣା, ଧିରେନ୍ଦ୍ର ଜେଠୀ, କମଳାକାନ୍ତ ମଲ୍ଲିକ, ସାମାଜିକ କର୍ମୀ ଆଶିଷ କୁମାର ଷଡ଼ଙ୍ଗୀ ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ ।

## କେନାଲ ଲାଇନିଙ୍ଗ୍ କାର୍ଯ୍ୟର ତଦନ୍ତ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୨୭।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତିଳକଣା ଠାରୁ ବାହାରିଥିବା କରାଣ୍ଡିଆଁ ଶାଖା କେନାଲର ଲାଇନିଙ୍ଗ୍ ଓ ସିମେଣ୍ଟ ଢଳେଇ କାର୍ଯ୍ୟ ଏବେ ଚାଲିଛି । ଏହି କେନାଲର ଦକ୍ଷିଣ ବାଲିଆପଦା ନିକଟରେ ଚାଲିଥିବା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବର୍ଷାରେ ଏହା ଭୁଶୁଡ଼ି ପଡ଼ିଥିଲା । ଉକ୍ତ ଖବର ଗଣମାଧ୍ୟମରେ ପ୍ରକାଶ ହେବା ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶରେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ମଙ୍ଗଳବାର ସକାଳେ ବିଧାୟକ ଶ୍ରୀ ପ୍ରଧାନଙ୍କ ସହିତ ନିର୍ମାଣ ଦାୟିତ୍ୱରେ ଓସିସିର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭୁଶୁଡ଼ିଥିବା କେନାଲ ଲାଇନିଙ୍ଗ୍ କାର୍ଯ୍ୟର ତଦନ୍ତ କରିଛନ୍ତି । ଭୋଳେଶ୍ୱର ମନ୍ଦିର ଠାରୁ ଏକ କିମି ବ୍ୟାପୀ କେନାଲ ବନ୍ଧ ରାସ୍ତାରେ ବିଭାଗୀୟ ଅଧିକାରୀଙ୍କୁ ସାଙ୍ଗରେ ନେଇ ବିଧାୟକ ଶ୍ରୀ ପ୍ରଧାନ କେନାଲର ନିର୍ମାଣଧୀନ ସିମେଣ୍ଟ ଢଳେଇ ୱାଲ ଓ ଚଟାଣ କାର୍ଯ୍ୟର ତଦନ୍ତ କରିଥିଲେ । ଟେଣ୍ଡରର ନୀତି ନିୟମ ଅନୁଯାୟୀ ଉକ୍ତ କାର୍ଯ୍ୟକୁ କରାଇବା ଏବଂ ଭୁଶୁଡ଼ି ପଡ଼ିଥିବା ଅଂଶକୁ ପୁର୍ନବାର ନିର୍ମାଣ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ତଦନ୍ତ କାର୍ଯ୍ୟରେ ଓସିସିର ସିନିୟର ମ୍ୟାନେଜର ରାକେଶ ମଲିକ, ସହକାରୀ ଯନ୍ତ୍ରୀ ପ୍ରତାପ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସୁଦର୍ଶନ ସାମଲ, ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ, କୁମୁଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାକ୍ତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଟାଙ୍ଗୀ,୨୭ ।୫(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ପ୍ରାକ୍ତନ ସରପଞ୍ଚ ସ୍ୱର୍ଗତ ରତ୍ନାକର ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଭଗତପୁରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବିଜେଡି ସଂଗଠକ ସୁବୋଧ ସାମଲ, ଆତ୍ମା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ସରପଞ୍ଚ ଭରତ ବେହେରା, ସମବାୟ ସଭାପତି ଚଣ୍ଡିପ୍ରକାଶ ମହାନ୍ତି, ଯୁବନେତା ଆଶିଷ ଷଡ଼ଙ୍ଗୀ, ପରମଜିତ ମହାନ୍ତି, ବରିଷ୍ଠ ନେତା ବିଷ୍ଣୁ ଦାସ ଓ ଦୟାନିଧି ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଲେପୁର ନିର୍ବାଚନ ଅନ୍ତର୍ଗତ ୧୩ଟି ପଞ୍ଚାୟତର ଛାମୁଆ କର୍ମୀ ଅଂଶଗ୍ରହଣ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତଃ ବିଶ୍ୱାଳ ୧୯୯୭ରୁ ୨୦୦୨ ମସିହା ପର୍ଯ୍ୟନ୍ତ ସରପଞ୍ଚ ଭାବେ ବହୁ ଜନହିତକର କାର୍ଯ୍ୟ କରିଥିଲେ ।

### ନରସିଂହପୁର ଝିଅ ସୋନାଲିକା ମିଶ୍ରଙ୍କ ସଫଳତା

## ୨୦୦ ଘଣ୍ଟା ଉଡ଼ାଣ କରି ହେଲେ କମର୍ସିଆଲ୍ ପାଇଲଟ୍



**ବଡମ୍ବା,୨୭।୫(ସମିସ):** କଟକ ଜିଲ୍ଲା ନରସିଂହପୁର ବ୍ଲକ ନିଜିଗଡ଼ ପଞ୍ଚାୟତର ଝିଅ ସୋନାଲିକା ଡିଜିସିଏ ଦ୍ୱାରା ଗଠିତ ସମସ୍ତ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ ୨୦୦ ଘଣ୍ଟା ଉଡ଼ାଣ ପୂରଣ କରି କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ (ସିପିଏଲ୍) ହାସଲ କରିଛନ୍ତି । ଆମ ଓଡିଶା ରାଜ୍ୟରେ ପୁଅଙ୍କ ତୁଳନାରେ ଝିଅମାନେ ଅପେକ୍ଷାକୃତ କମ୍ ସଂଖ୍ୟାରେ ସିପିଏଲ୍ ପାଇଛନ୍ତି । ଏଭଳି ସ୍ଥିତିରେ ସୋନାଲିକା ସିପିଏଲ୍ ପାଇ କଟକ ଜିଲ୍ଲା ନରସିଂହପୁର ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ପାଇଲଟ ସୋନାଲିକା ମିଶ୍ର ହେଉଛନ୍ତି ନରସିଂହପୁର ବାର ଆସୋସିସନ୍ ସଭାପତି ନିର୍ମଳେନ୍ଦୁ ମିଶ୍ର ଓ ଦେବଯାନୀ ମିଶ୍ରଙ୍କ ଝିଅ ଏବଂ ନରସିଂହପୁର ବାର ଆସୋସିଏନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଭଗିରଥୀ ମିଶ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ମିଶ୍ରଙ୍କ ନାତୁଣୀ । ଏହି ସଫଳତା ପରେ ସୋନାଲିକା ତାଙ୍କ ବାପା-ମାଆ ଓ ସ୍ୱର୍ଗତ ଜେଜେ-ଜେଜେମାଙ୍କ ପ୍ରତି ଗଭୀର ସମ୍ମାନ ବ୍ୟକ୍ତ କରିଛନ୍ତି ସେ ନରସିଂହପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ କରି କିଟ୍ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ ପରେ ଉତ୍କଳ ଏରୋସ୍ପେସ୍ ଇଞ୍ଜିନିୟରିଂ କଲେଜ ଭୁବନେଶ୍ୱରରେ ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟରିଂ ପଢ଼ିଥିଲେ ଏହା ପରେ କୋଲକାତା ଏୟାର ଇଣ୍ଡିଆରେ ୬ ମାସ ଅନ୍-ଜବ୍ ଟ୍ରେନିଂ କରିଛନ୍ତି ସେ କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପାଇଁ ଆବଶ୍ୟକ ସମସ୍ତ ପରୀକ୍ଷା ପାସ୍ କରି ତାଙ୍କ ଉଡ଼ାଣ ଶିକ୍ଷା ରେଡବାର୍ଡ ଫ୍ଲାଇଂ ଟ୍ରେନିଂ ଏକାଡେମିରେ ସଫଳତାର ସହିତ ସମ୍ପୂର୍ଣ୍ଣ କରିଛନ୍ତି । ଏବେ ସେ ଟ୍ରେନି ପାଇଲଟ୍ ଭାବେ ଏକ ବିମାନ କମ୍ପାନିରେ ଫାଷ୍ଟ ଅଫିସର୍ (କୋ-ପାଇଲଟ୍) ଭାବେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି ।

**ନିଆଳିରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର**

## ୮୯ଟି ଆପତ୍ତି ଅଭିଯୋଗର ଶୁଣାଣି



**ନିଆଳି,୨୭।୫(ସମିସ):** ନିଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସୂଚନା ଅଭାବରୁ ଏହି ଶିବିରରେ ମୋଟ ୮୯ଟି ଅଭିଯୋଗ କରାଯାଇଥିଲା । ସେଥିମଧ୍ୟରୁ ୮୬ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୩ଟି ସାମୁହିକ ଅଭିଯୋଗ ହୋଇଥିଲା । ଏହି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ୮୯ଟି ଅଭିଯୋଗ ମଧ୍ୟରୁ ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ସେହିପରି ୮ଜଣଙ୍କୁ ଭତ୍ତା ଓ ଦୁଇଜଣଙ୍କୁ ଭିନ୍ନକ୍ଷମ ଭତ୍ତା ସହ ଏନ୍ଏଫ୍ବିଏସ୍‌ରେ ଜଣେ ଦରଖାସ୍ତକାରୀଙ୍କ ଅଭିଯୋଗ ଶୁଣାଣି କରାଯାଇଥିଲା । ବିଶେଷ କରି ଏହି ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ବିଶ୍ୱହିନ୍ଦୁ ପରିଷଦ ନିଆଳି ପ୍ରଖଣ୍ଡ ପକ୍ଷରୁ ନିଆଳି ବ୍ଲକ ଅନ୍ତର୍ଗତ ନୂଆଗାଁ ଓ ନିଆଳି ପଞ୍ଚାୟତରେ ଥିବା ବାଙ୍ଗଲାଦେଶୀ ଓ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ଦେଶାନ୍ତର କରିବା ପାଇଁ ଦାବି କରାଯାଇଥିଲା । ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏହି ଅଭିଯୋଗରେ ଦର୍ଶାଯାଇଥିଲା କି, ରାଜ୍ୟ ସରକାର ଓ ଭାରତ ସରକାର ବାଙ୍ଗଲାଦେଶୀ ଓ ରୋହିଙ୍ଗିଆଙ୍କୁ ଚିହ୍ନଟ କରି ଦେଶାନ୍ତର ପାଇଁ ବାର୍ତ୍ତା ଦେଇଥିବା ବେଳେ ନିଆଳି ଓ ନୂଆଗାଁ ସ୍ଥିତ ପବିତ୍ର ଶୋଭନେଶ୍ୱର ପୀଠ ପାଶ୍ୱର୍ରେ ପ୍ରାଚୀ ନଦୀ ପଠାରେ ଅଧିକାଂଶ ବାଙ୍ଗଲାଦେଶୀ ଓ ଅନୁପ୍ରବେଶକାରୀ ରହି ବିଭିନ୍ନ ସମସ୍ୟା ସୃଷ୍ଟି କରୁଥିବାରୁ ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର ପାଇଁ ଦାବି କରିଥିଲେ ।

ସେହିପରି ଏହି ଶିବିରରେ ସାମୂହିକ ଅଭିଯୋଗର ଶୁଣାଣୀ କରି ତୁରନ୍ତ ନିଆଳି ପହଙ୍ଗା ସମେତ ବିଭିନ୍ନ ସରକାରୀ ଜାଗାରେ ଥିବା ଜବରଦଖଲକାରୀଙ୍କୁ ଖୁବ୍ ଶୀଘ୍ର ଉଚ୍ଛେଦ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ବଟ ବାଙ୍କିହାଟୀ ରାଜସ୍ୱ ଗ୍ରାମରେ ଚାଷଜମିରେ କେନାଲ୍ ପାଣି ମାଡୁ ନ ଥିବା ବେଳେ ଜଳକର ଆଦାୟ କରାଯାଉଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଗ୍ରାମବାସୀମାନେ ଏହି ଅଭିଯୋଗ ଦେବା ସହ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ସାମାଜିକ କଲ୍ୟାଣ, ଭିନ୍ନକ୍ଷମ ସଶକ୍ତିକରଣଙ୍କୁ ନେଇ ଅଭିଯୋଗ କରାଯାଇଥିବା ବେଳେ ସାଇଟ୍ ଖୋଲିଲେ ରାସନ୍‌କାର୍ଡର ନୂତନ ହିତାଧିକାରୀଙ୍କୁ ସଂଯୋଗ କରାଯିବ ବୋଲି ଅଭିଯୋଗ ଶୁଣାଣି କରି ଜିଲ୍ଲାପାଳ କହିଥିଲେ । ନିଆଳି ବ୍ଲକରେ ଦୀର୍ଘବର୍ଷ ଧରି ରହିଥିବା ବହୁ କର୍ମଚାରୀଙ୍କୁ ବଦଳି କରାଯିବା ପାଇଁ ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି ଶିବିରରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦାସ, ନିଆଳି ତହସିଲଦାର ତାରେଣୀ ରଞ୍ଜନ ରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ବିଡିଓ ଧର୍ମରଞ୍ଜନ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରଶାନ୍ତ କୁମାର ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

**ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ଦାବି**

## ଗର୍ଭସ୍ଥ ଶିଶୁ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

# ଅଲଟ୍ରାସାଉଣ୍ଡ କ୍ଲିନିକ୍‌କୁ ଦାୟୀ କରି ରାସ୍ତାରୋକ

ଭଦ୍ରକ, ୨୭।୫(ସମିସ)



ଭଦ୍ରକ ବାଇପାସ ଛକରେ ଥିବା 'ଓମ ଶାନ୍ତି ଅଲଟ୍ରାସାଉଣ୍ଡ କ୍ଲିନିକ'ର ଭୁଲ ରିପୋର୍ଟକୁ ତୁମୂଳ କାଣ୍ଡ ଘଟିଛି। ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଚାନ୍ଦବାଲି-ଭଦ୍ରକ ରାଜ୍ୟ ରାଜପଥକୁ ଟାୟାର ଜାଳି ୩ ଘଣ୍ଟା କାଳ ଅବରୋଧ କରିଛନ୍ତି।

ପ୍ରକାଶ ଯୋଗ୍ୟ, ତିହିଡି ଥାନା ଦୋଳସାହି ରାଢଙ୍ଗ ଗାଁର ଗର୍ଭବତୀ ବାସନ୍ତୀ ରାଉତ ଗତ ୨୫ ତାରିଖରେ ଓମଶାନ୍ତି ଅଲଟ୍ରାସାଉଣ୍ଡ କ୍ଲିନିକ ଯାଇ ଅଲଟ୍ରାସାଉଣ୍ଡ କରିଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁ ୨୨ସପ୍ତାହର ଥିବା ଓ ଆସନ୍ତା ସେପ୍ଟେମ୍ବରରେ ପ୍ରସବ ହେବ ବୋଲି ଆକଳନ କରାଯାଇଥିଲା। ତେବେ ଦିନକ ପରେ ୨୬ ତାରିଖରେ ବାସନ୍ତୀଙ୍କର ଯନ୍ତ୍ରଣା ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା କାରଣରୁ ମାଆ ବାସନ୍ତୀର ଅବସ୍ଥା ଗୁରୁତର ହୋଇ ପଡ଼ିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ। ତେବେ ମେଡିକାଲରେ ମାଆକୁ ବଞ୍ଚାଇବାକୁ ଯାଇ ବିଶେଷ ଯତ୍ନ ସହକାରେ ପ୍ରସବ କରାଯାଇଥିଲା। ତେବେ ଏହି ଘଟଣା ପରେ ପରିବାର ଲୋକେ ଅଲଟ୍ରାସାଉଣ୍ଡ ରିପୋର୍ଟ ଭୁଲ ଦେଇଥିବା କ୍ଲିନିକକୁ ଦାୟୀ କରିଥିଲେ। ୨୬ ତାରିଖ ରାତିରେ ବାସନ୍ତୀ ମେଡିକାଲରେ ଥିବା ବେଳେ ପରିବାର ଲୋକେ ମୃତ ଶିଶୁକୁ ଧରି କ୍ଲିନିକ ଆଗରେ ଧାରଣାରେ ବସିଥିଲେ। ସକାଳୁ ଏହି ଖବର ପ୍ରଚାର ହେବା ପରେ ବହୁ ସଂଖ୍ୟକ ଲୋକେ ବାଇପାସ ଛକରେ ପହଞ୍ଚିଥିଲେ। ବାସନ୍ତୀର ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ସକାଳ ୯ଟାରୁ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ବାଇପାସ ଛକରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ଅଲଟ୍ରାସାଉଣ୍ଡ କ୍ଲିନକ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରିଥିଲେ। ପରିସ୍ଥିତି ବିଗୁଡୁଥିବା ଲକ୍ଷ୍ୟ କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଡିଏମଓ ଡାକ୍ତର ସୁଧାଂଶୁ ବଳ, ଅତିରିକ୍ତ ଏସପି ସମ୍ବିତ ମାଝୀ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ରାସ୍ତା ଅବରୋଧକାରୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ବଳ ଗଣମାଧ୍ୟମକୁ କହିଛନ୍ତି ଯେ 'ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଲାଗି ଏକ କମିଟି ଗଠନ କରାଯାଇଛି। ଅତିରିକ୍ତ ଜିଲାପାଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଜଣେ ବିଶେଷଜ୍ଞ ଡାକ୍ତର ଓ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଏହି କମିଟିରେ ରହିବେ। କମିଟି ତଦନ୍ତ କରିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ତେବେ ଉକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ର ଲାଇସେନ୍ସ ଅବଧି ସେପଟେମ୍ବର ମାସ ଯାଏଁ ରହିଛି ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଅଲଟ୍ରାସାଉଣ୍ଡ କ୍ଲିନିକ ମାଲିକ ରେଡିଓଲୋଜିଷ୍ଟ ଡା. ରାଜେଶ କୁମାର ଅଗ୍ରୱାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅଲଟ୍ରା ସାଉଣ୍ଡ ରିପୋର୍ଟରେ କାହାରି ମୃତ୍ୟୁ ହୁଏନି। ଏହା ପ୍ରସବଜନିତ ରୋଗ, ଆମେ ଠିକ୍ ରିପୋର୍ଟ ଦେଇଥିଲୁ, ତେବେ ପରେ ଆସନ୍ନ ପ୍ରସବାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିଥିଲା।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ

**ଧର୍ମଶାଳା, ୨୭।୫(ସମିସ):** ଧର୍ମଶାଳାର ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମକର୍ତ୍ତା ଚୟନରେ ଅନୁଷ୍ଠାନର ସଂଖ୍ୟାଧିକ ସଦସ୍ୟ ଉପସ୍ଥିତ ରହି କର୍ମକର୍ତା ଚୟନ କରିଥିଲେ। ସର୍ବସମ୍ମତିକ୍ରମେ ଅନୁଷ୍ଠାନର ସଭାପତି ଭାବେ ଡ. ରମାକାନ୍ତ ଜେନା ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଡ. ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଭାବେ ସଂଗ୍ରାମ ଜେନା ଓ ହୃଷୀକେଶ ସାମଲ, ସାଧାରଣ ସମ୍ପାଦକ ଭାବେ ଡ. ଇନ୍ଦୁପ୍ରଭା ସାମଲ, ସଂଗଠନ ସମ୍ପାଦକ ଭାବେ ପ୍ରତାପରୁଦ୍ର ପଣ୍ଡା, ସହ ସମ୍ପାଦକ ଭାବେ ଗଣେଶ୍ୱର ବେହେରା ଓ କୋଷାଧକ୍ଷ ଭାବେ ଦୀନବନ୍ଧୁ କର ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବଟକୃଷ୍ଣ ପରିଡ଼ା, ଡ.ରବୀନ୍ଦ୍ର ବିହାରୀ, ସୁନାକର ସାହୁ, ବ୍ରଜକିଶୋର ଦାଶ, ବିବେକାନନ୍ଦ ରାୟ, ଦୟାନିଧି ନାୟକ, ଅଜୟ ବଳ, ରଞ୍ଜିତା ବାରିକ, ପ୍ରଦୀପ ସାମଲ, ପ୍ରହଲାଦ ପଣ୍ଡା, ସନ୍ତୋଷ ତରାଇ ଓ ଗାୟତ୍ରୀ ନାୟକଙ୍କୁ ମନୋନୀତ କରାଯାଇଛି। ପୂର୍ବତନ ସମ୍ପାଦକ ମହେଶ୍ୱର ପାଢ଼ୀ ଓ ପୂର୍ବତନ ଉପସଭାପତି ଡ. ତୁହିନାଂଶୁ ରଥ, ପଣ୍ଡିତ ବ୍ରଜକିଶୋର ଦାଶ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ।

## ୱେବସାଇଟ୍‌ରେ ବର୍ଷା ପରିମାଣର ଭୁଲତଥ୍ୟ

**ଧର୍ମଶାଳା, ୨୭।୫(ସମିସ):** ଧର୍ମଶାଳା ବ୍ଲକ ପକ୍ଷରୁ ଯୋଗାଯାଉଥିବା ବର୍ଷା ପରିମାଣର ଭୁଲ ତଥ୍ୟ ଦିଆଯାଉଥିବା ନେଇ ବାରମ୍ବାର ଗଣମାଧ୍ୟମରେ ଲେଖାଯାଇଛି। ହେଲେ ସରକାର ପରିବର୍ତ୍ତନ ହେବା ପରେ ଏହି ଭୁଲରେ କୌଣସି ପରିବର୍ତନ ଆସିନାହିଁ। ପୂର୍ବରୁ ବର୍ଷା ପରିମାଣର ଭୁଲ ତଥ୍ୟ ଦିଆଯାଉଥିବା ବେଳେ ଏବେ ମଧ୍ୟ ବ୍ଲକ ତରଫରୁ ଭୁଲତଥ୍ୟ ପ୍ରଦାନ କରାଯାଉଥିବା ଜିଲ୍ଲା ରିପୋର୍ଟରୁ ଜଣାପଡ଼ିଛି। ଗତ ୨ ଦିନ ହେଲା ଧର୍ମଶାଳା ଅଞ୍ଚଳରେ ୧୦ରୁ ୧୫ ମିଲିମିଟର ଯାଏଁ ବର୍ଷା ହୋଇଥିବା ବେଳେ ଜିଲ୍ଲା ୱେବସାଇଟ ଟେବୁଲରେ ଏବେଠାରେ ବିନ୍ଦୁଏ ବର୍ଷା ହୋଇ ନଥିବା ଜିଲ୍ଲାକୁ ରିପୋର୍ଟ ପ୍ରଦାନ କରାଯାଇଛି। ଦାୟିତ୍ୱରେ ଥିବା ଠକ କର୍ମଚାରୀଙ୍କ ଦାୟିତ୍ୱହିନତା ଯୋଗୁଁ ଏଭଳି ବାରମ୍ବାର ଭୁଲ ରିପୋର୍ଟ ପ୍ରଦାନ କରାଯାଉଛି। ଲୋକମାନଙ୍କୁ ଭ୍ରମିତ ନକରି ବର୍ଷା ପରିମାଣ ସଠିକ ଭାବେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି। ଏଭଳି ଭୁଲତଥ୍ୟ ପ୍ରଦାନ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ତେବେ ଏନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତାଗିତ କରାଯିବ ବୋଲି ଧର୍ମଶାଳା ବିଡିଓ ଜ୍ୟୋତିମୟ କର ସୂଚନ ଦେଇଛନ୍ତି।

## ବାଲି ଉତ୍ତୋଳନକୁ ନେଇ ମରଣାନ୍ତକ ଆକ୍ରମଣ

**ଯାଜପୁର, ୨୭।୫(ସମିସ):** ସଦର ଥାନା ଅନ୍ତର୍ଗତ ଉପର ବରୁଆଁ ପଞ୍ଚାୟତର କଚେରୀଗାଁ ରେ ଚୋରା ବାଲି ଉତ୍ତୋଳନକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପ୍ରକାଶ ଥାଉକି ଖରାସ୍ରୋତା ନଦୀର କଚେରୀ ଗାଁ ନଦୀଘାଟରୁ ଦୀର୍ଘ ୨୦ ବର୍ଷ ହେବ ଜନୈକ ବ୍ୟକ୍ତି ବାଲି ଲୁଟ କରୁଥିବା ବେଳେ ଆଜି ସେହି ଗ୍ରାମର ତପନ ଲେଙ୍କା ନାମକ ଜଣେ ଯୁବକ ନିଜ ଘର କାମ ପାଇଁ ସମ୍ପୃକ୍ତ ବାଲି ମାଫିଆଙ୍କ ରାସ୍ତାକୁ ବ୍ୟବହାର କରି ବାଲି ଉତୋଳନ କରିବାରୁ ତାଙ୍କୁ ସେହି ବାଲି ମାଫିଆ ସପରିବାର ଓ ତାଙ୍କ କର୍ମଚାରୀ ମାନେ ଠେଙ୍ଗା ଓ ଭୁଜାଲି ଧରି ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ କଚେରୀଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସିଂହପୁର ବଜାରରେ ବାରମ୍ବାର ଚୋରି

**ସିଂହପୁର, ୨୭।୫(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାର ସମେତ ଆଖାପାଖ ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ପୁଲିସ ନିଷ୍କ୍ରୀୟତାରୁ ଚୋରି ବଢୁଥିବା ସାଧାରଣରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ଗତକାଲି ରାତିରେ ସିଂହପୁର ଗ୍ରାମର ନିରଞ୍ଜନ ବେଉରିଆଙ୍କ ଘର ସମ୍ମୁଖରେ ଥିବା ତାଙ୍କର ଏକ ଡାଲ ଅଟୋ ଓ ଟ୍ରାକ୍ଟର ଗାଡିରୁ ଦୁର୍ବୃତ୍ତ ମାନେ ବେଟେରୀ ଖୋଲି ଲୁଟି ନେଇଛନ୍ତି। ସେହିପରି ନିକଟରେ ଥିବା ତପନ ବେଉରିଆଙ୍କ ଏକ ଟ୍ରାକ୍ଟର ଗାଡିରୁ ମଧ୍ୟ ବେଟେରୀ ଲୁଟି ନେଇଛନ୍ତି। ଏ ସମ୍ପର୍କରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ୩ଟି ଗାଡି ସିଂହପୁର ବଜାର ନିକଟରେ ଥିଲା। ଗତ ଏକ ମାସ ତଳେ ବଜାରର ପ୍ରିୟରଞ୍ଜନ ବେଉରିଆଙ୍କ ଗ୍ରୋସରୀ ଦୋକାନରୁ ଚୋରି ହୋଇଥିଲା। ଏକ ହୋଲସଲ ଦୋକାନରୁ ମଧ୍ୟ ଚୋରି ହୋଇଥିଲା। ଗତ ୨୦ ଦିନ ହେଲା ବଜାରରେ ଅଧିଷ୍ଠିତ ବାବା ଚନ୍ଦନେଶ୍ୱର ଶିବ ମନ୍ଦିରରୁ ମାଇକ୍ ମେସିନ ଚୋରି କରିନେଇଥିଲେ। ବଜାରରେ ପୁଲିସ ପାଟ୍ରୋଲିଂ ହେଉଥିଲେ ମଧ୍ୟ ଚୋରି ହେଉଛି କେମିତି ସାଧାରଣରେ ଅଭିଯୋଗ ହୋଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ବ୍ୟବସାୟୀ ମାନେ ଦାବି କରିଛନ୍ତି।

## ମଦ ଜବତ; ଜଣେ ଅଟକ

**ଅସୁରାଳି, ୨୭।୫(ସମିସ):** ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ବେତାଳି ଗାଁ ବଜାରରେ ଥିବା ବିନା ଲାଇସେନ୍ସରେ ଚାଲୁଥିବା ୬ଟି ବିଦେଶୀ କାଉଣ୍ଟର ଉପରେ ଚଢ଼ଉ କରି ଜଣେ ଯୁବକକୁ ଥାନାରେ ଅଟକ କରି ରଖିଛନ୍ତି। ଉକ୍ତ ଯୁବକଟି ଠାରୁ ୭ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ଲିକର ଜବତ କରାଯାଇଛି। ଏହି ଚଢ଼ଉ ଫଳରେ ଚୋରା ମଦ ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ବେତାଳି ଗାଁ ବଜାର ଉପରେ ଯାଜପୁର ଜିଲ୍ଲାର ଦଉପୁର, ନିଜାମ୍‌ପୁର, କନିକାପଡ଼ା, ଦୁଦୁରା ଅନ୍ତା, ଚାନ୍ଦବାଲି ବ୍ଲକର ସୁନ୍ଦରପୁର, ଆରଡ଼ି, ଓଲଙ୍ଗ, ମୁଆଁ, ଖଟୁଆ ପାଟଣା ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର, ଉପର ଦୁମୁକା, ତଳଦୁମୁକା ପ୍ରଭୃତି ପଞ୍ଚାୟତ ନିର୍ଭରରତ। ମାତ୍ର ଚୋରା ମଦ କାରବାର, ଖୁଲମଖୋଲା ବିନା ଲାଇସେନ୍ସରେ ମଦ ବିକ୍ରି ଯୋଗୁଁ ଅସାମାଜିକ ବ୍ୟକ୍ତି ମାନଙ୍କର କାୟା ବଢ଼ି ଚାଲିଛି। ଯେଉଁ କାରଣରୁ କଲେଜ୍ ଯାଉଥିବା ଛାତ୍ର ଛାତ୍ରୀ, ମହିଳା ଓ ଆବାଳ ବୃଦ୍ଧ ବନିତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଥାନାଧିକାରୀଙ୍କ ଏହି ଚଢ଼ଉ ଉଭୟ ଅସାମାଜିକ ବ୍ୟକ୍ତି ଗୋଷ୍ଠୀ ଓ ଚୋରା ମଦ ବେପାରୀଙ୍କ ମନରେ ଭୟ ସୃଷ୍ଟି କରିଛି।

## କାଏମା ପାହାଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ



**ଧର୍ମଶାଳା, ୨୭।୫(ସମିସ):** ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର ଐତିହାସିକ କାଏମା ପାହାଡ଼ ପାଦଦେଶରେ ରଜ ଅବସରରେ ତିନିଦିନ ବ୍ୟାପି ଶ୍ରୀହରି ଅବଧୂତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିଲାଗି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋଜ ମହାରଣାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅରୁଣ ମହାରଣା ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ନିଜ ନିଜର ମତ ରଖିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱଶାନ୍ତି ଯଜ୍ଞ ପାଇଁ ଜୁନ ୧୩ ତାରିଖରେ ଅଙ୍କୁରାରୋପଣ କରାଯିବ। ଜୁନ ୧୪ ତାରିଖ ପ୍ରଥମ ରଜରୁ ଯଜ୍ଞ ଆରମ୍ଭ ହୋଇ ୧୬ ତାରିଖ ଶେଷ ରଜରେ ପୂର୍ଣ୍ଣାହୁତି କରାଯିବ। ତିନି ଦିନ ଧରି ହେବାକୁ ଥିବା ଯଜ୍ଞ ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିବ। ଏହି ପବିତ୍ର ମହାଯଜ୍ଞ ରେ ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡା ଓ ସହଯୋଗୀ ପଣ୍ଡିତ ମଣ୍ଡଳୀ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦିତ କରାଯିବ ବୋଲି ସୂଚନା ମିଳିଛି। ଏହି ବୈଠକରେ ସୁକାନ୍ତ ପଣ୍ଡା, ସୁକାନ୍ତ ମହାରଣା, ଭରତ ସାହାଣୀ, ମାୟାଧର ସାମଲ, ମଠାଧୀସ ଜ୍ଞାନେନ୍ଦ୍ରିୟ ଦାସ, ଅନନ୍ତ ବିଶ୍ୱାଳ, ସୋଲେଖ ମହାନ୍ତି ସମେତ ସମସ୍ତ ଯୁବ ସଭ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଟି ତରଫରୁ ସମସ୍ତ ଭକ୍ତ ମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରି ବିଭୁକୃପା ଲାଭ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି।

## ନିମ୍ନମାନର କାର୍ଯ୍ୟକୁ ନେଇ ଅସନ୍ତୋଷ





**ଅସୁରାଳି, ୨୭।୫(ସମିସ):** କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁଦାନପ୍ରାପ୍ତ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମିତ ଧୂଷୁରିଠାରୁ ଭାୟା ପଙ୍ଗଟା ଛକ ଦେଇ ହସନାବାଦ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ନିର୍ମାଣ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ସେହିପରି ପନ୍ଦର ବାଟିଆ ଛକରୁ ଭାୟା ଗାନ୍ଧୀ ଘାଟ ଦେଇ ତେଲି ପାଟଣା ପର୍ଯ୍ୟନ୍ତ ରାସ୍ତା ମଧ୍ୟ ନିମ୍ନମାନର ମେଟେରିଆଲ ବ୍ୟବହାର କରା ଯାଇଥିବାରୁ ରାସ୍ତାର ଉପର ସ୍ତର ଉଠିଗଲାଣି। ସେହିପରି ଭାବେ ପତ୍ରୀ ସାହି ଠାରୁ ଭାୟା ବାହାର ବିଲ, ପଣ୍ଡା ପାଟଣା ଦେଇ ଓଲଟପୁର ପର୍ଯ୍ୟନ୍ତ ରାସ୍ତା କାମ ଚାଲୁ ରହିଛି। ସେଥି ମଧ୍ୟ ସମାନ ଅବସ୍ଥା। ସବୁଠାରୁ ବଡ଼ କଥା ହେଲା ଉପରୋକ୍ତ ୩ଟି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ। କିନ୍ତୁ କୌଣସିଟିରେ ଫଳକ ନାହିଁ। ଯେଉଁ କାରଣରୁ ସ୍ଥାନୀୟ ବାସିନ୍ଦାଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କୁ ବୈତରଣୀ ସୁରକ୍ଷା ମଞ୍ଚର ସଭାପତି ସନ୍ତୋଷ ରାୟ, ସମ୍ପାଦକ ରତିକାନ୍ତ ନାୟକ, ଉପଦେଷ୍ଟା ଦୀପ୍ତିରଞ୍ଜନ ନାୟକ, ଉପଦେଷ୍ଟା ସନ୍ତୋଷ ଦାସ, ଉପଦେଷ୍ଟା ଅଜୟ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଭେଟି ରାସ୍ତାର ଦୂରାବସ୍ଥା ଓ ନିମ୍ନମାନର କାର୍ଯ୍ୟ ବିଷୟରେ ଅବଗତ କରାଇଛନ୍ତି ଓ ଖୁବ୍ ଶୀଘ୍ର ତଦନ୍ତ ହେବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ରାସ୍ତା କାର୍ଯ୍ୟ ସମ୍ବନ୍ଧୀୟ ଏସ୍‌ଡିଓ ରଞ୍ଜନ କୁମାର ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅଗ୍ନିବିପନ୍ନଙ୍କୁ ବିଧାୟକଙ୍କ ସମବେଦନା



**ବନ୍ତ/ଆଗରପଡ଼ା, ୨୭।୫(ସମିସ):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତ ସରମରା ଗ୍ରାମରେ ଗତ ଶନିବାର ବିଳମ୍ବିତ ରାତ୍ରିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ବିପନ୍ନ ପରିବାରକୁ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ବିପନ୍ନ ପରିବାରକୁ ଘରୋଇ ଆସବାବପତ୍ର ସହ ଆର୍ôଥକ ସହାୟତା ସେ ଯୋଗାଇ ଦେଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଯୁବ ସମାଜସେବୀ ଚିନ୍ମୟ ଦାସ, ସତ୍ୟସାଧନ ବେଜ, ପ୍ରାକ୍ତନ ସରପଞ୍ଚ ଧନେଶ୍ୱର ପଢ଼ିହାରୀ, ପ୍ରାକ୍ତନ ସମିତିସଭ୍ୟ ଶଶିକାନ୍ତ ଜେନା, ଦିଲ୍ଲୀପ ମହାପାତ୍ର, ସନାତନ ପାତ୍ର, ପ୍ରଦୀପ ସାହୁ, ମାଧବାନନ୍ଦ ସାହୁ, ମାର୍କଣ୍ଡ ବିଶ୍ୱାଳ, ଅଶୋକ ଖିଲାର, ଈଶ୍ୱର ଗିରି, ରାଜକିଶୋର ରାଉତ ଏବଂ ଶ୍ୟାମସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ତ ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି



**ବନ୍ତ/ଆଗରପଡ଼ା, ୨୭।୫(ସମିସ):** ମଙ୍ଗଳବାର ବନ୍ତ ବ୍ଲକରେ ଜିଲ୍ଲାପାଳଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟ ଉକ୍ତ ଶିବିରରେ ଯୋଗ ଦେଇ ସମୁଦାୟ ୧୦୪ଟି ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ଜିଲ୍ଲାପାଳଙ୍କ ସମେତ ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ବଳ, ବିଡିଓ ସୀତାକାନ୍ତ ରାଉତ, ତହସିଲଦାର ସାର ହେମ୍ବ୍ରମ, ବନ୍ତ ଥାନାଧିକାରିଣୀ ମୋନାଲିସା କର, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଜିଲ୍ଲାସ୍ତରୀୟ ଓ ବନ୍ତ ବ୍ଲକସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ରହି ଜନଶୁଣାଣିରେ ବିଭିନ୍ନ ବିଭାଗୀୟ ଅଭିଯୋଗ ସମାଧାନ ନିମନ୍ତେ ଆବଶ୍ୟକ ତଥ୍ୟ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ୩ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକଲ ବିତରଣ କରାଯାଇଥିଲା।

## ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବନ୍ତ/ଆଗରପଡ଼ା, ୨୭।୫(ସମିସ): ବନ୍ତ ବ୍ଲକ ଅନ୍ତର୍ଗତ ଚାରିଗାଁ ପଞ୍ଚାୟତ ବାଲିପୋଖରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହେବାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଫୁଲ୍ଲ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ପାଢ଼ୀ, ଆଇନଜୀବୀ ସୁରେନ୍ଦ୍ର କର, ପୁଲିସ୍ କର୍ମଚାରୀ ବସନ୍ତ ମାଝୀ, ଆଲୁମିନି କମିଟି ସଭାପତି ଶ୍ରୀକାନ୍ତ ଯେନା, ପୁରାତନ ଛାତ୍ର ସୁଦର୍ଶନ ଯେନା, ବନମାଳୀ ସାହୁ, ହରିହର ମଲ୍ଲିକ ପ୍ରମୁଖ ବହୁ ଛାତ୍ର ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ବୈଠକରେ ସମସ୍ତ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବା ସହିତ ଉକ୍ତ ଆୟୋଜନକୁ ସଫଳ କରିବା ପାଇଁ ଆଲୋଚନା ହେବାକୁ ନେଇ ସଭାପତି ଓ ଉପସ୍ଥିତ ଛାତ୍ର ମାନେ ମତାମତ ରଖିଥିଲେ।

## କ୍ରସର୍ ଗୁଣ୍ଡ କବଳରେ ଚାଷଜମି



**ଜେନାପୁର, ୨୭।୫(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ୍ ଅଧୀନ ଚକ୍ରଧର ପୁର ଅଞ୍ଚଳ ରେ ଚାଷ ଜମିରେ କ୍ରସର ଗୁଣ୍ଡ (ଡଷ୍ଟ) ପଡ଼ି ଚାଷ ଜମି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଶ୍ୟାମସୁନ୍ଦର ପୁର ଅଞ୍ଚଳର ବିନାୟକ ପ୍ରଧାନ, ଅବିନାଶ ପ୍ରଧାନଙ୍କର ଚକ୍ରଧରପୁର ଅଞ୍ଚଳରେ ପ୍ରାୟ ଅଢ଼େଇ ଏକର ଚାଷ ଜମି ରହିଛି। ତେବେ ଏଠାରେ ଦୀର୍ଘ ଦିନ ହେବ ବେଆଇନ ଭାବେ ନିର୍ମାଣ ହୋଇଥିବା କ୍ରସର୍ ଚାଲିବା ଫଳରେ ନିକଟରେ ଥିବା ମୋଟ ପାଞ୍ଚ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିର ଉର୍ବରତା ନଷ୍ଟ ହେଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ନିର୍ମାଣ ହୋଇଥିବା କ୍ରସର୍‌ରେ କୌଣସି ଫଳକ ଲଗାଯାଇ ନାହିଁ କି ପାଚେରି ନିର୍ମାଣ ହୋଇନାହିଁ କିମ୍ବା ଚାରିପଟେ ଗଛ ମଧ୍ୟ ଲଗାଯାଇ ନାହିଁ। ପରିବେଶର ସୁରକ୍ଷା ପ୍ରତି ଧ୍ୟାନ ନ ଦେଇ ସରକାରୀ ନିୟମକୁ ଉଲ୍ଲଘଂନ କରୁଛନ୍ତି। କ୍ରସର ମାଲିକ ନିଜର ଲାଭାଂଶ କମାଉଥିବା ବେଳେ ଚାଷୀର ଚାଷ ଜମି ନଷ୍ଟ ହେଉଛି। ଯାହାକୁ ନେଇ ବିନାୟକ ପ୍ରଧାନ ଯାଜପୁର ଜିଲ୍ଲାପାଳ, ତହସିଲ୍ ଏବଂ ଜେନାପୁର ଥାନାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣିନଥିବା ଅଭିଯୋଗ କରିଛନ୍ତି। ତେବେ ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଚାଷ ଜମିରେ ବହୁ ମାତ୍ରାରେ ଡଷ୍ଟ ପଡ଼ିଥିବା ହେତୁ କିଭଳି ଚାଷକାର୍ଯ୍ୟ ହେବ ତାହା ଚାଷୀ ମାନଙ୍କ ଭିତରେ ଚିନ୍ତାର ବିଷୟ ପାଲଟିଛି। ଏହା ଉପରେ ତଦନ୍ତ କରି କ୍ରସର୍ ବନ୍ଦ କରିବାକୁ ବିନାୟକ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଭୂମି ସ୍ପର୍ଶ ବୁଦ୍ଧ ମୂର୍ତ୍ତି ଉଦ୍ଧାର

ଭଣ୍ଡାରୀପୋଖରୀ, ୨୭।୫(ସମିସ)



ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ମୁଢାପଦା ଗ୍ରାମ ନିକଟ ବୈତରଣୀ ନଦୀ ଶଯ୍ୟାରୁ ଏକ ବିରଳ ଶିଳାଲେଖ ଯୁକ୍ତ ଭୂମି ସ୍ପର୍ଶ ବୁଦ୍ଧଙ୍କ ମୂର୍ତ୍ତି ମଙ୍ଗଳବାର ମଧ୍ୟାହ୍ନ ସମୟରେ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ନଦୀ ଶଯ୍ୟାରେ ଆଂଶିକ ଦୃଶ୍ୟମାନ ଏକ କ୍ଲୋରାଇଟ ପ୍ରସ୍ତରରେ ମୂର୍ତ୍ତି ଖୋଦିତ ଏକ ପ୍ରସ୍ତର ଦେଖିବାକୁ ପାଇ ତାକୁ ଉଦ୍ଧାର କରିଥଲେ। ଦେଢ଼ ଫୁଟ ଲମ୍ବ ଏକ ଫୁଟ ଚଉଡ଼ା ବିଶିଷ୍ଟ କ୍ଲୋରାଇଟ ପ୍ରସ୍ତରରେ ଉଦ୍ଧାର ହୋଇଥିବା ଏକ ଭୂମି ସ୍ପର୍ଶ ବୁଦ୍ଧ ମୂର୍ତ୍ତି ଓ ଏହି ମୂର୍ତ୍ତିର ପ୍ରଚ୍ଛଦ ପାର୍ଶ୍ୱରେ ୩ ଧାଡ଼ିର ବିରଳ ଶିଳାଲେଖ ରହିଛି। ଏଥିନେଇ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଡ.ସୁନିଲ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହି ବିରଳ ବୁଦ୍ଧ ମୂର୍ତ୍ତିଟି ୮ମ-୯ମ ଶତାବ୍ଦୀର ପଦ୍ମାସନରେ ଉପବେସିତ ବଜ୍ରଯାନ ସାମୟିକ ଏକ ବିରଳ ଭୂମିସ୍ପର୍ଶ ବୁଦ୍ଧ ମୂର୍ତ୍ତି ବୋଲି ଶ୍ରୀ ପଟ୍ଟନାୟକ ଚିହ୍ନଟ କରିଥିଲେ। ଏହାର ପ୍ରଚ୍ଛଦ ପାର୍ଶ୍ୱରେ ୩ ଧାଡ଼ିରେ ଶିଳାଲେଖ ଦେବନାଗରୀ ଲିପିରେ ବୌଦ୍ଧ ଧର୍ମ ଧାରଣୀ ମନ୍ତ୍ର 'ଇଏ ହେତୋ ଧମ୍ମ ପ୍ରଭ..... ଏବଙ୍ଗ ବାଦୀ ମହା ଶ୍ରମଣ' କୁ ପାଠ ଉଦ୍ଧାର କରିଥିଲେ। ମୂର୍ତ୍ତିଟିରେ ବୁଦ୍ଧଙ୍କ ମୁଖ ମଣ୍ଡଳ ସମ୍ମୁଖ ଭାଙ୍ଗି ଯାଇଥିବା ବେଳେ ଦୁଇ ପାର୍ଶ୍ୱରେ ଦୁଇ ଗନ୍ଧର୍ବ ପୁଷ୍ପମାଲ୍ୟ ଧରି ଥିବା ଦେଖିବାକୁ ମିଳିଛି। ମୂର୍ତ୍ତିଟିର ନିମ୍ନ ଅଂଶରେ ପୁଷ୍ପ, ପୂଜା ଉପକରଣ ଥିବା ବଜ୍ରଯାନ ସୂଚନା ପ୍ରଦାନ କରିଛି। ଏହା ଏକ ବିରଳ ଏବଂ ଦୁର୍ଲ୍ଲଭ ଶିଳାଲେଖ ଯୁକ୍ତ ମୂର୍ତ୍ତି ଯାହା ଉଦୟଗିରି ବ୍ୟତୀତ ଅତୀତରେ ଷୋଳମପୁର ବୌଦ୍ଧ ମହାବିହାରର ଏକ ଚୈତ୍ୟ ଗୃହରେ ପୂଜିତ ହେଉଥିଲା ବୋଲି ଡକ୍ଟର ପଟ୍ଟନାୟକ ମତ ଦେଇଥିଲେ। ଇନ୍‌ଟାକ ସଦସ୍ୟ ବିଶ୍ୱମ୍ବର ରାଉତଙ୍କ ଉଦ୍ୟମରେ ଏହି ବିରଳ ଶିଳାଲେଖ ମୂର୍ତ୍ତିଟିକୁ ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଶରତ ବେଉରିଆ, ସମାଜସେବୀ ସରୋଜ ବେହେରା, ରାକେଶ ବେହେରାଙ୍କ ସହଯୋଗରେ ବୌଦ୍ଧବିହାର ସଂଗ୍ରହାଳୟକୁ ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇ ସୁରକ୍ଷିତ ଭାବେ ରଖାଯାଇଥିବା ସୂଚନା ମିଳିଛି।

# ପଞ୍ଚାୟତ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ



କୋଷାଗୁମୁଡା,୨୭।୫(ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ପଣ୍ଡୁଗୁଡା ପଞ୍ଚାୟତ ପରିସରରେ ଏକ ନୂତନ ପଞ୍ଚାୟତ କୋଠା ନିର୍ମାଣ ଚାଲିଛି। କାର୍ଯ୍ୟଟି ପାଇଁ ପଞ୍ଚାୟତ ପାଣ୍ଠିରୁ ୪ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର ମଧ୍ୟ ହୋଇଛି। ହେଲେ କାର୍ଯ୍ୟରେ ମହାଦୁର୍ନୀତି ଚାଲିଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରୀଙ୍କ କହିବା ପ୍ରକାରେ କାର୍ଯ୍ୟରେ ବାଲି ବଦଳରେ ମୁରୁମ ଓ ମାଟି ଦିଆଯାଉଛି। ଯାହାକି କେବେ ବି ଦିଆଯିବା କଥା ନୁହେଁ। ଯଦି ଏମିତି ନିମ୍ନ ମାନର କାମ ହୁଏ, ତେବେ କୋଠା ବର୍ଷଟେ ମଧ୍ୟ ଟିକିବନି। ତେଣୁ କନିଷ୍ଠ ଯନ୍ତ୍ରୀ ଠିକ୍ ଭାବେ ତଦାରଖ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବୁଝିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇନାହାନ୍ତି। ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆଗ ମାଟି ଆଉ ମୁରୁମ ଦିଆଯିବ। ତା'ପରେ ଯାଇ ତା ଉପରେ ବାଲି ପଡ଼ିବ। ଠିକ୍ ସେହିପରି ଉକ୍ତ କାମର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇ ନଥିଲା। କାର୍ଯ୍ୟର ନାମଫଳକ ମଧ୍ୟ ପଞ୍ଚାୟତ ପକ୍ଷରୁ ତିଆରି ନ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି କିଭଳି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବ୍ଲକ ପ୍ରଶାସନ ଏହି କାମର ସଠିକ ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି। ଏହି ଖବରଟି ଗତ ଏପ୍ରିଲ ୧୬ ତାରିଖରେ ବିଭିନ୍ନ ଖବର କାଗଜରେ ପ୍ରସାରଣ ହୋଇଥିଲା । ହେଲେ ପରିତାପର ବିଷୟ, ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ନିଆଯାଇନି। ଯାହାକି, ସାଧାରଣ ଜନସାଧାରଣଙ୍କୁ ହତଚକିତ କରିଛି। ଗ୍ରାମବାସୀଙ୍କ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ଖବରକାଗଜ ଗୁଡିକରେ ପ୍ରକାଶିତ ହେବା ପରେ ବି କଣ ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରଶାସନ ମଧ୍ୟ ଏହି ଦୁର୍ନୀତିର ଭାଗିଦାର ରହିଛି ନା ଦୁର୍ନୀତିଖୋର ମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯାଇ ପ୍ରଶାସନ ହାତରେ ହାତ ବାନ୍ଧି ବସିଛି, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜ୍ଞାନଜିତ ତ୍ରିପାଠୀ କୋରାପୁଟ ପୌର ନିର୍ବାହୀ ଅଧିକାରୀ ନିଯୁକ୍ତ



କୋରାପୁଟ,୨୭।୫ (ସମିସ): ରାଜ୍ୟ ସରକାର ମଙ୍ଗଳବାର ବିଭିନ୍ନ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ନିର୍ବାହୀ ଅଧିକାରୀ ନିଯୁକ୍ତି କରିଥିବା ବେଳେ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ ଓଡ଼ିଶା ପ୍ରଶାସନିକ ସେବାର ଯୁବ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ତ୍ରିପାଠୀ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ତହସିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ଦିନରୁ କୋରାପୁଟ ପୌର ପରିଷଦରେ ନିର୍ବାହୀ ଅଧିକାରୀ ପଦ ଖାଲି ପଡିଥିଲା। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ପୌର ଅଧ୍ୟକ୍ଷ ଏବଂ କାଉନ୍‌ସିଲର ମାନେ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଁ ଦାବି କରି ଆସୁଥିଲେ। ଏପରିକି କିଛି ଦିନ ପୂର୍ବରୁ କେତେକ କାଉନ୍‌ସିଲର ନିର୍ବାହୀ ଅଧିକାରୀ ତୁରନ୍ତ ନିଯୁକ୍ତି ଦାବିରେ ପୌର କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ରାଜ୍ୟ ସରକାର ଶ୍ରୀ ତ୍ରିପାଠୀଙ୍କୁ ନିଯୁକ୍ତି ଦେବା ପରେ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

# ବିଧାୟକ-ମଦ ବ୍ୟବସାୟୀ ମୁହାଁମୁହିଁ

## ବିଧାୟକଙ୍କ ବିରୋଧରେ ମଦ ବେପାରୀଙ୍କ ଏତଲା

ଲକ୍ଷ୍ମୀପୁର /ପୋଡ଼ାଗଡ଼/କାକିରିଗୁମ୍ମା,୨୭।୫(ସମିସ): ମଦ ବିକ୍ରିକୁ ନେଇ ଲକ୍ଷ୍ମୀପୁର ବିଧାୟକ ଓ ମଦ ବ୍ୟବସାୟୀଙ୍କ ମଧ୍ୟରେ ଦେଖା ଦେଇଛି ବିବାଦ। ଗୋଟିଏ ପଟେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ନିଜ ଅଞ୍ଚଳର ମଦ ଭାଟି ମାନଙ୍କରେ ନିମ୍ନ ମାନର ଓ ଅପମିଶ୍ରିତ ମଦ ତିଆରି ଅଭିଯୋଗ କରି ତାଲା ପକାଇଥିବା ବେଳେ ଅନ୍ୟ ପଟେ ମଦ ବ୍ୟବସାୟୀ ମାନେ ବିଧାୟକଙ୍କ ବିରୋଧରେ ମାସିକ ଏକ ଲକ୍ଷ ଟଙ୍କା ବଟି ମାଗୁଥିବା ଭୋଳି ସଂଗୀନ ଅଭିଯୋଗ ଆଣି ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଦାବି ପତ୍ରରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦଶମନ୍ତପୁର, ପୋଡ଼ାଗଡ ବେପାରୀ ଓ କର୍ମଚାରୀ ମାନେ ବିଧାୟକ ମାସକୁ ଏକ ଲକ୍ଷ ଟଙ୍କା ବଟି ଦେଲେ ମଦ ବିକ୍ରି କରିପାରିବ, ନଚେତ୍ ମଦ ଦୋକାନ ସବୁ ବନ୍ଦ କରି ଦିଆଯିବ ବୋଲି ଧମକ ଦେଉଥିବା ମଦ ବେପାରୀ ମାନେ ଅଭିଯୋଗ ଆଣିଛନ୍ତି। ବିଧାୟକ ନିଜର ଶତାଧିକ ସମର୍ଥକ ମାନଙ୍କ ସହ ଆସି ଅଞ୍ଚଳର ବିଭିନ୍ନ ମଦ ଦୋକାନ ମାନଙ୍କରେ ତାଲା ପକାଇଥିବା ବ୍ୟବସାୟୀ ମାନେ କହିଛନ୍ତି। ଏ ନେଇ ମଦ ବ୍ୟବସାୟୀମାନେ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅଭିଯୋଗର ନକଲ ବିଭାଗୀୟ ସଚିବ, ମନ୍ତ୍ରୀ, ଏସ୍‌ପି ଓ ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ପଠାଇଥିବା କହିଛନ୍ତି। ଏ ନେଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ବ୍ୟବସାୟୀ ମାନେ ଅଞ୍ଚଳରେ ନିମ୍ନମାନର ଅପମିଶ୍ରିତ ମଦ ପ୍ରସ୍ତୁତ କରି ଗାଁ ଗହଳିରେ ବିକ୍ରି କରୁଛନ୍ତି। ସେହି ମଦ ପିଇ ଲୋକେ ଅଳ୍ପ ଦିନରେ ମୃତ୍ୟୁମୁଖରେ ପଡୁଛନ୍ତି। ଯୁବକ ମାନେ ଏହି ମଦ ପିଇ ବିଶୃଙ୍ଖଳିତ ହେଉଥିବା କହିଛନ୍ତି। ଗତ ଦିନରେ ଅଞ୍ଚଳରେ ମଦ ବନ୍ଦ କରିବାକୁ ସେ ବହୁବାର ବିଭାଗୀୟ ମନ୍ତ୍ରୀ, ସଚିବ, ଆରକ୍ଷୀ ଅଧିକ୍ଷକ, ଅବକାରୀ ଅଧୀକ୍ଷକଙ୍କ ସମେତ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଅଞ୍ଚଳବାସୀଙ୍କ ଅନୁରୋଧ ଯୋଗୁଁ ମଦ ଦୋକାନରେ ତାଲା ପକାଇଥିବା କହିଛନ୍ତି। ମଦ ବ୍ୟବସାୟୀ ମାନେ ତାଙ୍କ ନାମରେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଯଦି ସେ ମଦ ବେପାରୀଙ୍କ ଠାରୁ ଲାଞ୍ଚ କିମ୍ବା ବଟି ମାଗିଛନ୍ତି, ତାହା ହେଲେ ସେମାନେ ଆଇନ ପରିସରକୁ ଅଣନ୍ତୁ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଆଇବି ଠାରେ ଲକ୍ଷ୍ମୀପୁର ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ସ୍ୱୀକୃତିପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ଦୋକାନକୁ ଯାଇ ତାଲା ପକାଇ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ମଦ ବିକ୍ରି କରିବାକୁ ସରକାର ଲାଇସେନ୍ସ ପ୍ରଦାନ କରିଛନ୍ତି । ଯଦି ମଦ ଦୋକାନରେ ଅନିୟମିତତା ହୋଇଛି, ଆଇନକୁ ହାତକୁ ନ ନେଇ ସିଧାସଳଖ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ପାଇଁ ଅଭିଯୋଗ କରିବା କଥା ବୋଲି ପୂର୍ବତନ ବିଧାୟକ କୈଳାସ କୁଲେସିକା କହିଛନ୍ତି । ମାସିକ ଏକ ଲକ୍ଷରୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଟି ମାଗୁଥିଲେ, ଏଥିରେ ରାଜି ନ ହେବାରୁ ବିଧାୟକ ଏଭଳି କାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ କୁଲେସିକା କହିଛନ୍ତି। ବିଧାୟକ ଏହାକୁ ଖଣ୍ଡନ କରି ନିଜ ବକ୍ତବ୍ୟରେ କହିଛନ୍ତି ଯେ ଏହି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏ ଅଞ୍ଚଳକୁ ମଦମୁକ୍ତ ଅଞ୍ଚଳ କରିବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। ମଦ ପାଇଁ ଲୋକଙ୍କରା ଅନେକ କ୍ଷତି ହେଉଛି। ଏହାକୁ ବିରୋଧ କରିବା ବଦଳରେ ସମର୍ଥନ କରାଯାଉଛି। ଏହା ଲଜ୍ୟା ଜନକ୍ କଥା। ତାଙ୍କ ବିରୋଧରେ ଯେଉଁ ସବୁ ଅଭିଯୋଗ ଅଣାଯାଇଛି ତାହା ଭିତ୍ତିହୀନ ବୋଲି ବିଧାୟକ ଶ୍ରୀ ସାଉଁନ୍ତା କହିଛନ୍ତି। ଏହି ସମ୍ମିଳନୀରେ ନବ ନିଯୁକ୍ତ ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଅଜୟ ଖରା, ରାଜ୍ୟ କାଉନ୍‌ସିଲିଂ ସଭ୍ୟ ଉଦୟ ହିକକା, ମନଜ ସାହୁ, ଦେବ ଖରା ଉପସ୍ଥିତ ରହିଥିଲେ।

## ଟ୍ରକ୍ ପଛକୁ ଧକ୍କା ଦେଲା ବାଇକ୍, ମାମୁଁ ଭଣଜା ମୃତ

ଗୁଣୁପୁର, ୨୭।୫(ସମିସ):

ଗୁଣୁପୁର ବ୍ଲକ ଅନ୍ତର୍ଗତ ସିଝୁଲି ପଞ୍ଚାୟତ କଇଠପଦର ଛକ ନିକଟ ମୁଖ୍ୟରାସ୍ତା ଉପରେ ଠିଆ ହୋଇଥିବା ଟିପରକୁ ଧକାଦେଲା ବାଇକ୍ । ଦୁଇ ବାଇକ୍ ଆରୋହୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ଶ୍ରୀଝୁଲି ପଞ୍ଚାୟତ ବଡ଼ଆମ୍ବଗୁଡା ଗ୍ରାମର ତିରୁପତୀ ଶବର(୪୦), ମଣ୍ଟୁ ଶବର (୧୮) ରହିଛି। ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତରଙ୍କ ପ୍ରଦୀପ କୁମାର ପଣ୍ଡା ପକ୍ଷରୁ ସୁଚନା ଦେଇଛନ୍ତି। ଗୁଣୁପୁର ପୁଲିସ ଦୁର୍ଘଟଣାର ତଦନ୍ତ କରୁଛି।

# ଗଞ୍ଜେଇ ଜବତ, ଜଣେ ଗିରଫ



ରାୟଗଡ଼ା,୨୭।୫(ସମିସ ): ରାୟଗଡ଼ାସରକାରୀ ରେଳବାଇ ପୁଲିସ (ଜିଆରପି) ଓ ଆରପିଏଫ ପୁଲିସ ପକ୍ଷରୁ ଆଜି ରାୟଗଡ଼ା ରେଳ ଷ୍ଟେସନରେ ଯାଞ୍ଚ ବେଳେ ୧୬କେଜି ୪୦୦ଗ୍ରାମ ଓଜନର ଗଞ୍ଜେଇ ଜବତ ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ପଙ୍କଜ ମାଝୀ (୨୪)। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରିରେ ଅଭିଯୁକ୍ତର ଘର । ରାୟଗଡ଼ାରୁ ରାୟପୁରକୁ ବେଆଇନ ଭାବେ ଟ୍ରେନ ଯୋଗେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଅଭିଯୁକ୍ତ ପଙ୍କଜ ଷ୍ଟେସନରେ ଅପେକ୍ଷା କରିଥିବା ବେଳେ ଜିଆରପି ଓ ଆରପିଏଫ ପୋଲିସ ପକ୍ଷରୁ ଯାଞ୍ଚ ବେଳେ ସନ୍ଦେହ କରାଯାଇ ପଙ୍କଜ ପାଖରେ ଥିବା ବ୍ୟାଗ ଯାଞ୍ଚ କରାଯାଇଥିଲା । ସେଥିରୁ ଗଞ୍ଜେଇ ଥିବା ଜଣାପଡିଥିଲା । ଏ ନେଇ ଜିଆରପି ପୁଲିସ ଥାନାରେ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପଙ୍କଜକୁ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୧ଲକ୍ଷ ୬୪ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଥିବା ବେଳେ ଏହି ଯାଞ୍ଚ ବେଳେ ଜିଆରପି ଥାନା ଆଇଆଇସି ବିଜୟ କୁମାର ବେକ, ଏସ୍‌ଆଇ ଆଲୋକ ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼,ଆରପିଏଫ ଏଏସଆଇ ବିନୋଦ କୁମାର ବଳ,କନେଷ୍ଟବଳ ରମେଶ କନ୍ଧପାଣି ଓ ଡଗ ସ୍କୁଅର୍ଡ ବିକେ ସିଂ ପ୍ରମୁଖ ସାମିଲ ଥିଲେ।

● ମୌସୁମୀ ପାଇଁ ରାୟଗଡା ପୌର ପରିଷଦର ପ୍ରସ୍ତୁତି

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସଫେଇ କାର୍ଯ୍ୟ

ରାୟଗଡ଼ା,୨୭।୫(ସମିସ):

ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନୟନ ବିଭାଗର ନିର୍ଦ୍ଦେଶକୁ ଭିତିକରି ରାୟଗଡା ପୌର ପରିଷଦ ଆସନ୍ତା ମୌସୁମୀକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସହିତ ନାଳ ସୁଧିକରଣ ତଥା ଜଳ ନିଷ୍କାସନ ମାର୍ଗକୁ ସୁଗମ କରିବା ପାଇଁ ଯୁଦ୍ଧକାଳୀନ ଭିତିରେ ସଫେଇ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାସହିତ ଜଳ ନିଷ୍କାସନରେ ଅସୁବିଧା ସୃଷ୍ଟି କରୁଥିବା ପ୍ରତ୍ୟେକ ବସ୍ତୁ ଏବଂ ମାର୍ଗକୁ ସୁଗମ କରିବା ପାଇଁ ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ନିଜେ ନାଳ ଗୁଡିକର ସ୍ଥିତି ବୁଲି ଦେଖିବା



ସହିତ ପ୍ରତ୍ୟେକ ଦିନ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରୁଛନ୍ତି। ମୌସୁମୀ ଦ୍ୱାରା ଯେପରି ଜଳବନ୍ଦୀ ପରି ପରିସ୍ଥିତି ସୃଷ୍ଟୀ ନହୁଏ ସେଥିପାଇଁ ରାୟଗଡା ପୌରପରିଷଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛି ଏବଂ ଦରକାର ସ୍ଥଳେ ମରାମତି କାର୍ଯ୍ୟ ଚାଲୁରହିଛି । ମୌସୁମୀ ସମୟରେ ସ୍ୱଚ୍ଛତା ଓ ସୁସ୍ଥତା ବଜାୟ ରଖିବା ପାଇଁ ସ୍ଥାନୀୟ ଲୋକେ ସଚେତନ ରହିବା ତଥା ନାଳରେ ଆବର୍ଜନା ନ ପକାଇବା ପାଇଁ ରାୟଗଡା ପୌର ପରିଷଦ ଅଧ୍ୟକ୍ଷ ପି ମହେଶ ପଟନାୟକ ସାଧାରଣ ଜନତାଙ୍କୁ ଅପିଲ କରିଛନ୍ତି। ଯଦି କୌଣସି ବ୍ୟକ୍ତି ବେଆଇନ ଭାବେ ଜଳ ନିଷ୍କାସନ ପଥରେ ଅବରୋଧ ସୃଷ୍ଟି କରନ୍ତି କିମ୍ବା କୌଣସି ବସ୍ତୁ ତଥା ଆବର୍ଜନା ପ୍ରୟୋଗ କରି ନାଳର ଗତିରୋଧ କରନ୍ତି ତେବେ ପୌର ପରିଷଦ ଦ୍ୱାରା ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦର ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି ।

# ଚନ୍ଦ୍ରପଡ଼ା ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ

ବୈପାରିଗୁଡ଼ା,୨୭।୫(ସମିସ):

ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଞ୍ଚାୟତସ୍ତରୀୟ ଜନ ସଚେତନତା ତଥା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ



ଲୋକମାନେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରେ ସାମୂହିକ ୫ଟି ଏବଂ ବ୍ୟକ୍ତିଗତ ୨ଟି ରହିଥିଲା। ସାମୂହିକ ଅଭିଯୋଗ ଗୁଡ଼ିକ ହେଲା ବାଣ୍ଡୁଆଗୁଡା ଏବଂ କଟରାଯୋଡି ଗ୍ରାମରେ ଫ୍ଲେବର ବ୍ଲକ୍ ରାସ୍ତା, ଖରାଗୁଡା ଏବଂ ଦୋରାଗୁଡା ଠାରେ ନୂତନ ନଳକୂପ ନିର୍ମାଣ, ପ୍ରଧାନୀଗୁଡାଠାରେ ପଞ୍ଚାୟତ ପାଇପ୍ ପାଣି ଯୋଗାଣ। ବ୍ୟକ୍ତିଗତ ୨ଟି ଭତ୍ତା ଏବଂ ଆବାସ ଗୃହ ପ୍ରଦାନ ନିମନ୍ତେ ଦରଖାସ୍ତ ଦିଆଯାଇଥିଲା। ଏସବୁ ଅଭିଯୋଗ ଉପରେ ପ୍ରଶାସନ ଗୁରୁତ୍ୱ ଦେବା ସହ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ମାନେ ଦାବି କରିଥିଲେ। ଏଥିରେ ଏବିଡିଓ ନିବେଦିତା ଦଣ୍ଡସେନା, ଚନ୍ଦ୍ରପଡା ପଞ୍ଚାୟତ ସରପଞ୍ଚ ବବି ମୁଦୁଲି, ସମିତି ସଭ୍ୟା ଚନ୍ଦ୍ରା ହରିଜନ, କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ ବିଶ୍ୱାସରାୟ ସମେତ ସମସ୍ତ ୱାର୍ଡର ସଭ୍ୟ ସଭ୍ୟା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ବିପିସି ପ୍ରଦୀପ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଚୋରି ଘଟଣା ଆଉ ୨ କୋର୍ଟ ଚାଲାଣ



କଲ୍ୟାଣସିଂହପୁର,୨୭।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦର ଗୋପାଳ ଚେଟି ଉପେନ୍ଦ୍ର ଙ୍କ ଘରୁ ମାଓବାଦୀ ପରିଚୟ ଦେଇ ଡକାୟତମାନେ ଦମ୍ପତିଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର, ବାଇକ, ସିନ୍ଦୁକ ଚୋରି କରି ନେଇଥିଲେ। ଏହି ଘଟଣାରେ ପୁଲିସ ବୁଡାଗୁଡ଼ା ପଞ୍ଚାୟତ କୁମ୍ଭାର ଗୁରୁତୁଲି ଗ୍ରାମରୁ ଲାଡି ଭେଙ୍କେଟ ରାବଣାଙ୍କ ପୁଅ ଲାଡି ସନ୍ତୋଷ କୁମାର ଓ ଶିକରପାଇ ଗ୍ରାମର ଗାମ୍ବେଲି ଗଙ୍ଗା ରାଜୁଙ୍କ ପୁଅ ଗାମ୍ବେଲି ଚନ୍ଦନ କୁମାର ରାୟଗଡ଼ାରୁ ପୁଲିସ ଉଠାଇ କଲ୍ୟାଣସିଂହପୁର ଥାନାକୁ ଆଣି ପଚରାଉଚରା କରିବା ପରେ କୋର୍ଟ ଚଲାଣ କରିଛନ୍ତି। ଏହା ପୂର୍ବରୁ ଚୋରି ୨୪ ଘଣ୍ଟା ମଧ୍ୟରେ ବାଇକ ଓ ସିନ୍ଦୁକକୁ ଠାବ କରିଥିବା ବେଳେ ୭ଦିନ ମଧ୍ୟରେ ଜଣେ ଯୁବକ ଇଶ୍ୱର ନାଏକ (୨୩) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂଚନା ଦେଇଛନ୍ତି। ଚୋରି ଘଟଣାକୁ ନେଇ ଥାନା ଅଧିକାରୀ ନୀଳକଣ୍ଠ ବେହେରା ,ଏସ ଆଇ ହେମନ୍ତ କୁମାର ବରିହା,ଏସ ଆଇ ଦିଲୀପ ମାଝୀ , ହାବିଲଦାର କାର୍ତ୍ତିକ ଶବରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି। ତିନି ଜଣ ଚୋରକୁ ଗିରଫ କରାଯାଇଛି। ତୁରନ୍ତ ଅନ୍ୟ ୪ଜଣ ଙ୍କୁ ଗିରଫ କରାଯିବ। ସେମାନେ ବର୍ତ୍ତମାନ ଫେରାର ଅଛନ୍ତି ବୋଲି ଥାନା ଅଧିକାରୀ ଶ୍ରୀ ବେହେରା କହିଛନ୍ତି।

# ଗଞ୍ଜେଇ ସହ ସ୍କୁଟି ଜବତ, ଦୁଇ ଗିରଫ



କୋରୁକୋଣ୍ଡା,୨୭ ।୫(ସମିସ): ବାହାର ରାଜ୍ୟକ ବେଆଇନ ଭାବେ ଏକ ସ୍କୁଟି ଯୋଗେ ଦୁଇ ଜଣ ଯୁବକ ୩୦ କିଲୋ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରା ପଡିଛନ୍ତି। ଘଟଣା ସ୍ଥଳରୁ ସେମାନଙ୍କ ନିକଟରେ ଥିବା ଏକ ସ୍କୁଟି ଗାଡି ନମ୍ବର- ଓଡି -୩୦-ଇ-୮୫୮୦ ସମେତ ଦୁଇଟି ଜରି ବସ୍ତାରେ ଥିବା ମୋଟ ୩୦କିଲୋ ଗଞ୍ଜେଇକୁ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି ପୋଲିସ। ତେବେ ଗିରଫ ହୋଇଥିବା ଯୁବକ ଦୁଇଜଣ ହେଲେ ବାଲିମେଳା ସହରର ଅମନ ଖିଲ ଓ ଅନ୍ୟ ଜଣେ ବାଲିମେଳା ଦୈନିକ ବଜାରରେ ରହୁଥିବା ମନୋରଞ୍ଜନ ମହୋଲଦାରଙ୍କ ପୁଅ ରାଜୀବ ମାହୋଲଦାର ବୋଲି ଜଣା ପଡିଛି। ତେବେ ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି ଦୁଇ ଜଣ ଯୁବକ ମାଲକାନଗିରି ଜିଲ୍ଲା ଯୋଡ଼ାଆମ୍ବ ଥାନା ଅଧିନସ୍ତ ପଣସପୁଟ ଗ୍ରାମରେ ରହୁଥିବା ଗୁରୁ ଖିଲ ନାମକ ବ୍ୟକ୍ତିଙ୍କ ଠାରୁ ଏକ ସ୍କୁଟିରେ ଦୁଇଟି ଜରି ବସ୍ତାରେ ଗଞ୍ଜେଇ ଆଣି ଗତ ୨୬ ତାରିଖ ସୋମବାର ସକାଳୁ ବାଲିମେଳା ସହର ଦେଇ ପାଖ ରାଜ୍ୟ ଛତିଶଗଡର ଜଗଦଲପୁରରେ ଥିବା ଜଣେ ହରିୟାଣା ରାଜ୍ୟର ଲୋକଙ୍କୁ ଦେବା ପାଇଁ ସ୍କୁଟିଟିକୁ ଦ୍ରୁତ ଗତିରେ ଚଳାଇ ଯାଉଥିବା ବେଳେ ବାଲିମେଳା ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ସ୍କୁଟିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଘଟଣା ସ୍ଥଳରେ ଦୁଇଜଣ ଆହତ ହୋଇଥିବା ନେଇ କିଛି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଏସ ଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ଟିମ ଘଟଣା ସ୍ଥଳରେ ପହଁଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ଦୁଇଜଣ ଯୁବକଙ୍କୁ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେମାନଙ୍କର ଚିକିତ୍ସା କରାଇଥିଲେ। ସେମାନଙ୍କ ଠାରୁ ଜବତ ହୋଇଥିବା ସ୍କୁଟିରେ ଦୁଇଟି ଜରି ବସ୍ତାରେ ଥିବା ଗଞ୍ଜେଇକୁ ଜବତ କରିବା ସହିତ ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି । ଏହି ଘଟଣାର ତଦନ୍ତ ଏସ ଆଇ ମନୋହର ସାହୁ ଜାରି ରଖିଥିବା ଦାଇତ୍ୱରେ ଥିବା ଥାନା ଅଧିକାରୀ ଏସ ଆଇ ଅଜିତ ସିଂ ବରିହା କହିଛନ୍ତି।

# ଖାଲଖମାରେ ଭର୍ତ୍ତି ଗ୍ରାମ୍ୟ ଉନ୍ନୟନ ରାସ୍ତା



ମୁନିଗୁଡା,୨୭ ।୫(ସମିସ):

ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ଠାରୁ କାଞ୍ଚନ ଭଟାକୁ ସଂଯୋଗ ରାସ୍ତା ଖାଲଖମା ଭର୍ତି ହୋଇଥିବା ବେଳେ ରାସ୍ତାରେ ଗାଡ଼ି ଚଳାଇବାକୁ ଡରୁଛନ୍ତି ଚାଳକ। ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତାରେ ଯିବାକୁ ହେଲେ ନିଜ ଜୀବନକୁ ବାଜି ଲଗାଇବାକୁ ପଡୁଛି। କେଉଁ ମୁହୂର୍ତ୍ତରେ କଣ ଅଘଟଣ ଘଟିବ ତାହା କହିବା ମୁସ୍କିଲ। ମରଣକୁ ନିମନ୍ତ୍ରଣ ଦେଉଛି ଗ୍ରାମ୍ୟ ଉନ୍ନୟନ ରାସ୍ତା। ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଫଳ ଶୂନ। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ସଂଯୋଗ ହୋଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତା କାମ ନିମ୍ନମାନର ହୋଇ ଥିବାରୁ ରାସ୍ତା ଉପରୁ ପିଚୁ ଉଠିବା ସହ ବାହାରି ପଡିଛି ମେଟାଲ। ଆଉ ରାସ୍ତା ସାରା ଭର୍ତ୍ତି ହୋଇଛି ବଡ଼ବଡ଼ ଖାଲ। ଇଚ୍ଛାପୁରଠାରୁ କାଞ୍ଚନଭଟାକୁ ସଂଯୋଗ ହୋଇଥିବା ରାସ୍ତାର ଏଭଳି ଦୁରାବସ୍ଥା ଦେଖିବାକୁ ମିଳିଛି। ଦିନ ରାତି ଅହରହ ଏହି ରାସ୍ତାରେ ଗାଡ଼ିମୋଟର ଚଳାଚଳ

## ଗାଡ଼ି ଚଳାଇବାକୁ ଡରୁଛନ୍ତି ଚାଳକ

କରୁଛି। ଏହା ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଯାବତୀୟ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି ସ୍ଥାନୀୟ ବାସିନ୍ଦା। ଛାତ୍ର ଛାତ୍ରୀ ମାନେ ମଧ୍ୟ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଉଥିବା ବେଳେ ଖାଲରେ ବର୍ଷା ପାଣି ଭର୍ତ୍ତି ହୋଇ ସମସ୍ୟା ଦ୍ୱିଗୁଣିତ ହେଉଛି। ହେଲେ ନିମ୍ନମାନର କାମ ଯୋଗୁଁ ରାସ୍ତାର ଅବସ୍ଥା ବିଗିଡି ଯିବାରୁ ଅନେକ ସମୟରେ ଦୁର୍ଘାଟଣା ଘଟୁଥିବା ଅଭିଯୋଗ କରିଛନ୍ତି ପଥଚାରୀ। ସ୍ଥାନୀୟ ଲୋକେ ରାସ୍ତା ମରାମତି ଦାବି କରୁଥିବା ବେଳେ ରାସ୍ତାର ଅବସ୍ଥା ବାବଦରେ ମୁହଁ ଖୋଲିବାକୁ ନାରାଜ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ। ଉକ୍ତ ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ସମସ୍ୟାର କୌଣସି ସମାଧାନ ହୋଇ ନଥିବାରୁ ସ୍ଥାନୀୟ ବିଧାୟକ ନୀଳ ମାଧବ ହିକକା, ସ୍ଥାନୀୟ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡ଼ାଲଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉ ନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥା ଶୀଘ୍ର ଉକ୍ତ ରାସ୍ତାର ମରାମତି କରିବା ପାଇଁ ଅଞ୍ଚଳର ରଘୁରାମ ଗୌଡ, ଗିରିଧାରୀ ଗୌଡ, ଗଣପତି ଗତି, ଗଜେନ୍ଦ୍ର ଗୌଡ, ନରେନ୍ଦ୍ର ଗୌଡ, କେଶବ ପ୍ରଧାନି, ଚଞ୍ଚଳ ଚିଣ୍ଡା, ଅମର ଦାସ ଗୋଛା, ନରସିଂହ ଦାସ ଓ କୈବଲ୍ୟ ବାଗ ପ୍ରମୁଖ ଦାବି କରିଛନ୍ତି।

● 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

# ଏକଜୁଟ୍ ହେଲେ ମୂଳପୋଛ ହେବ ବାଲ୍ୟ ବିବାହ ପ୍ରଥା

ବିଷମ କଟକ,୨୭।୫(ସମିସ):

ରାୟଗଡ଼ା ବିଷମ କଟକ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବାଲ୍ୟବିବାହ ନିବାରଣ ନିମନ୍ତେ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଶିଶୁ ପାଇଁ ଦିନଟିଏ ଓ ବାଲ୍ୟ ବିବାହକୁ ନା ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦୁର୍ଗମ ଇଲାକାରେ ଅଳ୍ପ ବୟସରେ କିଶୋରୀ ବାଳିକା ମାନେ ଭଲ ପାଇ ମାତୃତ୍ୱ ଲାଭ କରୁଛନ୍ତି ଓ ସଚେତନା ଅଭାବରୁ କମ୍ ବୟସରେ ବାହାଘର କରିଦେଉଥିବାର ଦେଖିବାକୁ ମିଳୁଛି। ଏହାକୁ କେଉଁଭଳି ରୋକାଯାଇ ପରିବାର ତାକୁ ନେଇ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଷମ କଟକ ଶିଶୁ ବିକାଶ ଅଧିକାରୀ ସୁଶୀଳା ଶବରଙ୍କ ଅଦକ୍ଷତା ହୋଇ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା



ଳୟର ଭାରପ୍ରାପ୍ତ ଅଧିକାରୀ ପ୍ରଫୁଲ କୁମାର ପାଢ଼ୀ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ବିଷମ କଟକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ ଦୀପ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଡ଼. ଜାନ୍‌ହବି ବେହେରା,, ବିଷମ ଥାନା ଏସଆଇ ସାରିକା ସେଠ୍ ଜିଲ୍ଲା ଶିଶୁ ସୁରକ୍ଷା ସଦସ୍ୟ ରସ୍ମିତା ସାବତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀନିବାସର ମାଟ୍ରୋନ, ସମସ୍ତ ପଞ୍ଚାୟତ ଅଧିକାରୀ, ଅଙ୍ଗନବାଡି କର୍ମୀଙ୍କ ସମେତ ଲୋକ ପ୍ରତିନିଧି ଙ୍କ ଉପସ୍ଥିତି ରେ ବିଭିନ୍ନ ସଚେତନା ଉପରେ ଆଲଚନା ହୋଇଥିଲା। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଦୁର୍ଗମ ଇଲାକାରେ ମାତୃ ଓ ଶିଶୁ ମୃତ୍ୟୁ ହାରରେ ରକ ଲଗେଉବା, ବାଲ୍ୟ ବିବାହ ପ୍ରଥାକୁ କେଉଁ ଭଳି ମୂଳପୁଛ କରା ଯାଇପାରିବ ସେ ଦିଗରେ ବିଭିନ୍ନ ପଦେକ୍ଷେପ ନେବା ସହ ଆମେ ସବୁ ଏକଜୁଟ ହୋଇ ସମାଜର ବାଲ୍ୟ ବିବାହ ପ୍ରଥାକୁ ହଟାଇ ଦିଆଯାଇ ପରିବାର ସେ ନେଇ ଉପସ୍ଥିତି ଅତିଥି ମାନେ କହିଥିଲେ।

## କାଠ ବୋଝେଇ ଟ୍ରାକ୍ଟର ଜବତ



କାମାକ୍ଷାନଗର,୨୭।୫(ସମିସ): କଙ୍କଡାହାଡ଼ ବ୍ଲକ ଉର୍ବେଙ୍ଗି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଶାଳ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କଲା ବନ ବିଭାଗ। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ପାଖାପାଖି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସାହାଳା ଫରେଷ୍ଟ ବିଟ ଉର୍ବେଙ୍ଗି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଶାଳ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ବନ ବିଭାଗ। ବନ କର୍ମଚାରୀଙ୍କୁ ଦେଖି କାଠ ମାଫିଆ ଓ ଟ୍ରାକ୍ଟର ଚାଳକ ଚମ୍ପଟ ମାରିଥିଲେ। ଜବତ କାଠ ବୋଝେଇ ଟ୍ରାକ୍ଟରକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଏ ସଂକ୍ରାନ୍ତରେ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ କହିଛନ୍ତି ଏକ ଫୁଟ ସାଇଜର ୪୦ରୁ ୫୦ ଶାଳ ଷ୍ଟମ୍ପ ସହିତ ଟ୍ରାକ୍ଟର ଜବତ କରାଯାଇଛି। ଘଟଣା ସ୍ଥଳରେ ଟ୍ରାକ୍ଟରଟି ଓଲଟିପଡିଥିଲା। ଟ୍ରାକ୍ଟର ଚାଳକ ଓ କାଠ ମାଫିଆ ଫେରାର ଅଛନ୍ତି। ଗାଡିର ତଥ୍ୟ ଜଣାପଡିବା ପାଇଁ ମୋଟର ଯାନ ନିରୀକ୍ଷକଙ୍କୁ ଅବଗତ କରାଯିବ ବୋଲି ରେଞ୍ଜ ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

କାମାକ୍ଷାନଗର,୨୭।୫(ସମିସ): କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ପୁରୁଣା ଆଳତୁମା ଗ୍ରାମର ପ୍ରଦୀପ ସାହୁ(୩୯) ନାମକ ଜଣେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ଆଜି ସକାଳୁ ପ୍ରଦୀପ ନିଜ ଘରେ ଶୋଇଥିବା ବେଳେ ହଠାତ ହୃଦ୍‌ଘାତର ଶିକାର ହୋଇ ଖସି ପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପ ପେଶାରେ ଜଣେ ଗାଡିଚାଳକ ହୋଇଥିବା ବେଳେ ସେ ଗ୍ରାମରେ ଥିବା ଶନିମନ୍ଦିର ଟ୍ରଷ୍ଟର ସଭାପତି ଓ ଗଣପତି ଫ୍ରେଣ୍ଡସ କ୍ଲବର ସଦସ୍ୟ ଥିଲେ। ପ୍ରଦୀପଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ତାଙ୍କ ସ୍ମୃତିରେ ଗଣପତି ଫ୍ରେଣ୍ଡସ କ୍ଲବର ସଦସ୍ୟ ମାନେ ମହମବତି ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରିଥିବା ବେଳେ ସ୍ଥାନୀୟ ଶନିମନ୍ଦିର ଠାରେ ଅମରଆତ୍ମାର ସଦ୍‌ଗତି କାମନା କରି ସାମୂହିକ ଦୀପଦାନ କରିଥିଲେ। ପ୍ରଦୀପ ଙ୍କ ବିୟୋଗ ରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ୧୩ ନମ୍ବର ୱାର୍ଡ କାଉନସିଲର ସଞ୍ଜୟ କୁମାର ପରିଡା, ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମରଆତ୍ମାର ସଦଗତି କାମନା କରିଛନ୍ତି।

## ଚୋରା ବନ୍ଧୁକ ରଖିବା ଅଭିଯୋଗରେ ଜଣେ ଗିରଫ

ଗଁଦିଆ,୨୭।୫(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ରାଇତଳା କୋଲୁହା ଗ୍ରାମରେ ସରକାରଙ୍କ ବିନା ଅନୁମତିରେ ନିଜ ଘରେ ବନ୍ଧୁକ ରଖିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଦିଁଆ ଥାନା ଅନ୍ତର୍ଗତ ରାଇତଳା ଗ୍ରାମ ପଞ୍ଚାୟତ ଅଧୀନ କୋଲୁହା ଗ୍ରାମର ବସନ୍ତ ଦେହୁରୀ (୫୭) ବେଆଇନ ଭାବରେ ନିଜ ଘରେ ଏକ ଚୋରା ବନ୍ଧୁକ ରଖିଥିବା ଖବର ପାଇ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରିଥିଲା। ପରେ ପୁଲିସ ଏକ ଚୋରା ବନ୍ଧୁକ ସହିତ କିଛି ଜୀବନ୍ତ ଗୁଳିକୁ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରାଯାଇଛି।

## ଟ୍ରାକ୍ଟର ଓଲଟି ଚାଳକ ଗୁରୁତର

ଗଁଦିଆ,୨୭।୫(ସମିସ): ଗଁଦିଆ ଥାନା ଅନ୍ତର୍ଗତ କୋକେଇଦା ଗ୍ରାମ ବରଦା କରମୂଳ ରାସ୍ତାରେ ଏକ ଟ୍ରାକ୍ଟର ଓଲଟି ଚାଳକ ଗୁରୁତର ହୋଇଛନ୍ତି। କୋକେଇଦା ଗ୍ରାମର ପରୀକ୍ଷିତ ଦେହୁରୀଙ୍କ ପୁଅ ପ୍ରଭାକର ଦେହୁରୀ (୨୬) ଟ୍ରାକ୍ଟରରେ ମାଟି ନେଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସେ ଚାପି ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଅଧା ରହିଗଲା ଜଗା ଦର୍ଶନ

# ତେଲ ଟ୍ୟାଙ୍କର ଧକ୍କାରେ ଚାଲିଗଲା ମାଆର ଜୀବନ

### ଅଳ୍ପକେ ବର୍ତ୍ତିଲେ ବାପା ଓ ଦେଢ଼ ବର୍ଷର ପୁଅ

ଢେଙ୍କାନାଳ,୨୭।୫(ସମିସ)



ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କଲେଜ ବାଇପାସ ଆନନ୍ଦ ନଗର ୫୫ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିବା ପତ୍ନୀଙ୍କ ମୃତ୍ୟୁ ଘଟିଥିବାବେଳେ ଦେଢ ବର୍ଷର ପୁଅ ଏବଂ ବାପା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାରୁ ପ୍ରକାଶ ଯେ, ପରଜଙ୍ଗ ଥାନା ବାରିହାପୁର ଗ୍ରାମର ମେଘନାଦ ଖୁଣ୍ଟିଆଙ୍କ ସାନପୁଅ ରଶ୍ମିରଞ୍ଜନ ଖୁଣ୍ଟିଆ ବାଇକ୍ ଯୋଗେ ନିଜ ପତ୍ନୀ ଲୁସି ଖୁଣ୍ଟିଆ ଏବଂ ଦେଢ ବର୍ଷର ପୁଅକୁ ନେଇ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିଲେ। ଭୋର ୪ଟାରୁ ଘରୁ ବାହାରି ଯାଉଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥର କଲେଜ ବାଇପାସ ଆନନ୍ଦ ନଗର ଠାରେ ପଛ ପାର୍ଶ୍ୱରୁ ଆସୁଥିବା ଏକ ତେଲ ଟ୍ୟାଙ୍କର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକରେ ବସିଥିବା ଲୁସି ଖୁଣ୍ଟିଆଙ୍କ ଉପରେ ଗାଡି ଚଢିଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକରୁ ବାପା ଏବଂ ପୁଅ ଛିଟିକି ପଡିବାରୁ ଅଳ୍ପକେ ରକ୍ଷାପାଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରଶ୍ମି ଜଣେ ଅଟୋ ଚାଳକ ବୋଲି ଜଣାପଡିଛି। ଘଟଣାକୁ ନେଇ ସ୍ଥାନୀୟ ଲୋକ ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକ ରହିଥିଲା। ଖବରପାଇ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଢେଙ୍କାନାଳ ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଥିବା ବେଳେରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉନଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି।




## କଣପାଳ ବାଲିଘାଟ ରାସ୍ତାରୁ ଜଗନ୍ନାଥଙ୍କ ମୂର୍ତ୍ତି ଉଦ୍ଧାର



ଢେଙ୍କାନାଳ, ୨୭।୫(ସମିସ): ଢେଙ୍କାନାଳ ଜିଲ୍ଲା କସହିଦ୍ ବୀର ବାଜିରାଉତଙ୍କ ଗ୍ରାମ ନୀଳକଣ୍ଠପୁର ଗ୍ରାମବାସୀ କଣପାଳ ବ୍ରାହ୍ମଣୀ ନଦୀ ବାଲିଘାଟରୁ ଜଗନ୍ନାଥଙ୍କ ମୂର୍ତ୍ତି ଉଦ୍ଧାର କରିଛନ୍ତି। ଗ୍ରାମବାସୀ ଭାଙ୍ଗି ଯାଇଥିବା କଲଭର୍ଟ ତଳୁ ମଙ୍ଗଳବାର ଜଗନ୍ନାଥଙ୍କ ମୂର୍ତ୍ତିକୁ ପୂଜା କରି ଆଣିଛନ୍ତି। ଭୁବନ ବ୍ଲକ କଣପାଳ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଥିବା ଏକ ଭାଙ୍ଗି ଯାଇଥିବା କଲଭର୍ଟ ତଳୁ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ଥିବା ଦେଖିବା ପରେ ନୀଳକଣ୍ଠପୁର ଦଧିବାମନଜୀଉ ମନ୍ଦିର କମିଟି ତରଫରୁ ମଙ୍ଗଳବାର ପୂଜାର୍ଚ୍ଚନା କରିବା ସହିତ ଠାକୁରଙ୍କୁ ମନ୍ଦିରକୁ ଆଣିଥିଲେ। ଏହାକୁ ନେଇ ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛ। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ବାର୍ଡଣ୍ଡା ଗ୍ରାମ ପଞ୍ଚାୟତ ରାଜଗୋଲା ଗ୍ରାମର ଶିକ୍ଷକ ଦେବେନ୍ଦ୍ର ଦାସ, ଅଜୟ ଖୁଣ୍ଟିଆ, ବେଣୁଧର ଓଝା ନଦୀ ବାଲିରେ ସନ୍ଧ୍ୟା ଭ୍ରମଣ ବେଳେ କଲଭର୍ଟ ତଳେ ଠାକୁରଙ୍କୁ ଦେଖି ଜଗନ୍ନାଥ ମନ୍ଦିର କମିଟିକୁ ଜଣାଇଥିଲେ। ମଙ୍ଗଳବାର ଦଧିବାମନ ଜୀଉଙ୍କ ମନ୍ଦିର କମିଟି ସଂପାଦକ ବିପିନ ବିହରି ସାହୁ ଓ ନୀଳକଣ୍ଠପୁର ଗ୍ରାମବାସୀ ଠାକୁରଙ୍କୁ ଉଦ୍ଧାର କରି ମନ୍ଦିରରେ ସ୍ଥାପନ କରିଥିଲେ।

## ବଡ଼ଦାଣ୍ଡରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ଗଁଦିଆ,୨୭।୫(ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ କପିଳାସରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଉକ୍ତ ପୀଠର ବଡ ଦାଣ୍ଡଠାରେ ଦୀର୍ଘଦିନ ଧରି ଏକ ବିଦ୍ୟୁତ ଖୁଣ୍ଟ ଶୋଇବା ଅବସ୍ଥାରେ ରହିଥିବା ବେଳେ ସେଥିରେ ସଂଯୋଗ କରାଯାଇଥିବା ବିଦ୍ୟୁତ ତାର ମୁକୁଳା ରହିଛି। ଏହାକୁ ନେଇ ଏଠାକୁ ଆସୁଥିବା ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଏହି ସ୍ଥାନରେ ମୃଗ ବିହାର, ବିଜ୍ଞାନ ଉଦ୍ୟାନ ଓ ହାତୀ ରେସକ୍ୟୁ ରହିଛି। ଏଠାକାର ପ୍ରାକୃତିକ ପରିବେଶ ଅତି ମନୋରମ। ଭକ୍ତମାନେ ଦର୍ଶନ ସହିତ ଏଠାକାର ପରିବେଶକୁ ଉପଭୋଗ କରିଥାନ୍ତି। ସେହିପରି ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ବହୁଳ ମାତ୍ରାରେ ଆସିଥାନ୍ତି। ବାବା ଚନ୍ଦ୍ରଶେଖରଙ୍କର ବିଭିନ୍ନ ସମୟରେ ରୀତିନୀତି ଅନୁଯାଇ ଅନେକ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଦେବୋତ୍ତର ବିଭାଗ ଅଧୀନରେ ଉକ୍ତ ମନ୍ଦିର ପରିଚାଳିତ ହେଉଛି। ତୁରନ୍ତ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ଫରେଷ୍ଟରଙ୍କୁ ହତ୍ୟା ଘଟଣା: ୪ ଅଭିଯୁକ୍ତ କୋର୍ଟଚାଲାଣ

ଖଜୁରିକଟା,୨୭।୫(ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳର ନିଜିଗଡ ସେକ୍ସସନ ଅନ୍ତର୍ଗତ ରାଜମହନପୁରୁ ତଣ୍ଟିଚିରା ଗ୍ରାମମଧ୍ୟ ବର୍ତ୍ତିକଇ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଥିବା ଏକ ଫାର୍ମ ହାଉସରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଶିକାରୀ ଗୁଳିରେ ଫରେଷ୍ଟର ପ୍ରହ୍ଲାଦ ପ୍ରଧାନ (ମାନସ) ପ୍ରାଣ ହରାଇଥିଲେ। ଅଭିଯୁକ୍ତ ୪ ଶିକାରୀଙ୍କୁ ହିନ୍ଦୋଳ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହିନ୍ଦୋଳ ଥାନା ଇଲିରୀସୀଙ୍ଗା ଗ୍ରାମର ହତ୍ୟାକାଣ୍ଡ ଘଟିଥିବା ଫାର୍ମହାଉସ ମାଲିକ ଶିବରାମ ପ୍ରଧାନ, ତଣ୍ଟିଚିରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ, କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ କଣ୍ଠୋଳ ଗ୍ରାମର ସୁନିଲ କୁମାର ଜେନା ଓ ଦେବଭୂଇଁ ଗ୍ରାମର ଲକ୍ଷ୍ମୀଧର ଆରୁଖ। ଅଧିକ ତଥ୍ୟ ହାସଲ ପାଇଁ ହିନ୍ଦୋଳ ପୁଲିସ ଏବଂ ସ୍ଥାନୀୟ ବନବିଭାଗ ଅଧିକ ତଦନ୍ତ ଜାରି ରଖିଛି।

## ଗଦାଶିଳା ସରପଞ୍ଚଙ୍କୁ ମାଡ଼ ଅଭିଯୋଗ



ଢେଙ୍କାନାଳ, ୨୭।୫(ସମିସ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଦାଶିଳା ସରପଞ୍ଚଙ୍କୁ କେତେକ ଦୁର୍ବୃତ୍ତ ମାଡ ମାରିବା ଘଟଣାରେ ପୁଲିସର ନିଷ୍କ୍ରିୟତାକୁ ନେଇ ସରପଞ୍ଚ ଏବଂ ସମିତି ସଭ୍ୟସଭ୍ୟା ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବେ ନାହିଁ ଲିଖିତ ଜଣାଇଛନ୍ତି। ଆଗାମୀ ୩ଦିନ ମଧ୍ୟରେ ଦୁର୍ବୃତ୍ତଙ୍କୁ ଗିରଫ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଓଡାପଡା ବ୍ଲକ ଅନ୍ତର୍ଗତ ଗଦାଶିଳା ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ମାଡ ମାରିବା ଘଟଣାର ୫ଦିନ ହୋଇଥିବା ବେଳେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଓଡାପଡା ବ୍ଲକର ୨୮ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୨୩ ତାରିଖରେ ଗଦାଶିଳା ପଞ୍ଚାୟତର ଏକ ପୋଖରୀ ନିଲାମକୁ କେନ୍ଦ୍ରକରି ସାଇଁବିରି ଗ୍ରାମର କିଛି ଯୁବକ ସରପଞ୍ଚ ପ୍ରତାପ ସାହୁଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେଥିରେ ସେ ଗୁରୁତର ହେବାରୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା।

ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ସଦରଥାନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଆଜି ବ୍ଲକର ୨୮ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ ଏକାଠି ହୋଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜମନ୍ତ୍ରୀ, ଜିଲ୍ଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଯଦି ୩ଦିନ ମଧ୍ୟରେ ଆକ୍ରମଣ କାରୀଙ୍କୁ ପୁଲିସ ଗିରଫ ନକରିନ୍ତି ତେବେ ବ୍ଲକ୍‌ର ସମସ୍ତ ପଞ୍ଚାୟତ ସହିତ ବ୍ଲକର କୌଣସି ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ବୋଲି ବିଡିଓଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ପରବର୍ତ୍ତୀ ସମୟରେ ଆନ୍ଦୋଳନ କରାଯିବ ବୋଲି ସଙ୍ଘ ତରଫରୁ ଚେ୍ତାବନୀ ଦେଇଛନ୍ତି।

## ବାଲିମି ପୁଲିସର ସଚେତନତା କାର୍ଯ୍ୟକ୍ରମ

ଖଜୁରିଆକଟା,୨୭।୫(ସମିସ): ହିନ୍ଦୋଳ ଉପଖଣ୍ଡ ପାଟଲା ପଞ୍ଚାୟତ ସଭାଗୃହରେ ବାଲିମି ଥାନା ଅଧିକାରୀ ସଲିଳ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଇବର କ୍ରାଇମ, ବାଲ୍ୟବିବାହ ରୋକିବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଆଇନଜିବୀ ଦିପ୍ତିକାନ୍ତ ପ୍ରଧାନ ଏ ଦିଗରେ ଆଇନଗତ ସହାୟତା ସମ୍ପର୍କରେ ସଚେତନ କରାଇଥିଲେ। ସବ ଇନ୍ସପେକ୍ଟର ଅନୁରାଗ ମଲ୍ଲିକ, ଦିଲ୍ଲୀପ ଗଡନାୟକ, ଅଭୟ ପରିଡ଼ା, ସରପଞ୍ଚ ବିରଞ୍ଚି ନରାୟଣ ସାହୁଙ୍କ ସମେତ ଲଳିତ ମୋହନ ସାହୁ, ମାନସ ନାଏକ, ବିଦ୍ୟାଧର ଗାହାଣ, ପ୍ରମୁଖ ୫୦ରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ।

## କଙ୍କଡ଼ାହାଡ଼ରେ ଜନ ଶୁଣାଣି ଶିବିର

ଢେଙ୍କାନାଳ, ୨୭। ୫(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡର କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୨ଟି ଅଭିଯୋଗ ଗ୍ରହଣ କରାଯାଇ ୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୧୭ଟି ରହିଥିବା ବେଳେ ଗ୍ରାମ୍ୟ ସମସ୍ୟା ୧୫ଟି ରହିଥିଲା। ଶିବିରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକରଙ୍କ ସହିତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲା ସାମ୍ବାଦିକ ସଂଘ

କାମାକ୍ଷାନଗର,୨୭।୫(ସମିସ): କଙ୍କଡାହାଡ଼ ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ କିଭଳି ହୋଇ ପାରିବ ସେ ନେଇ କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ବ୍ଲକ ୨୧ଟି ପଞ୍ଚାୟତକୁ ନେଇ ଗଠିତ। ଭୌଗଳିକ ଦୃଷ୍ଟି କୋଣରୁ ୩ ଟି ଯୋନ କଙ୍କଡାହାଡ଼, ମହାବିରୋଡ଼ ଓ ବିରାସାଳ ହେଇଥିବା ବେଳେ ବ୍ଲକ ସଦର ମହକୁମା ଠାରୁ ଘାଗରାମୁଣ୍ଡା ୪୫ କିମି ଓ ମରୁଆବିଲ ୪୦ କିମି ଦୂରତା। ଅଞ୍ଚଳରେ ସମସ୍ୟା ଅନେକ ଥିବାବେଳେ ଅନେକ ଥର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଠାରୁ ଆରମ୍ଭ କରି ଇ-ଅଭିଯୋଗ, ଟୁଇଟ ମାଧ୍ୟମରେ ଜଣାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହେଉଛି। ଆଜି ସାମ୍ବାଦିକ ସଙ୍ଘ ତରଫରୁ କଙ୍କଡାହାଡ଼ ଠାରେ ସବରେଜିଷ୍ଟ୍ରର କାର୍ଯ୍ୟାଳୟ ନଥିବାରୁ ୧୦ଟି ପଞ୍ଚାୟତର ଲୋକମାନେ ପରଜଙ୍ଗ ଓ ୧୧ଟି ପଞ୍ଚାୟତର ଲୋକମାନେ କାମାକ୍ଷାନଗର ଯାଇ ଅସୁବିଧାରେ ପଡୁଛନ୍ତି। କଙ୍କଡାହାଡ଼ ଠାରେ ବସଷ୍ଟାଣ୍ଡ, ମହାବିରୋଡ଼-କଙ୍କଡାହାଡ଼ ଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ସରକାରୀ ବସ୍‌ସେବା ଚାଲୁ, କଙ୍କଡାହାଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, କଙ୍କଡାହାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ, କଙ୍କଡାହାଡ଼, ମହାବିରୋଡ଼ ଓ ବିରାଶାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ଅନ୍ୟାନ୍ୟ ସମସ୍ୟା ,ଜାତୀୟ ରାଜପଥ-୫୩ ଜିରିଡାମାଳି ବାଇପାସ ଉଭର ବ୍ରିଜ ନିର୍ମାଣ, ମହାବିରୋଡ଼ ଠାରେ ଦମକଳ କେନ୍ଦ୍ର, ମହାବିରୋଡ଼ ଅତିରିକ୍ତ କୃଷି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ, କଙ୍କଡ଼ାହାଡ଼ ଓ ମହାବିରୋଡ଼ ଠାରେ ନୂତନ ବିଦ୍ୟୁତ ଗ୍ରୀଡ଼ ସ୍ଥାପନ, ୧୪୯-ନମ୍ବର ଜାତୀୟ ରାଜପଥ ଭେଜିଆ ଛକ ଠାରୁ ଘାଗରାମୁଣ୍ଡା ହାଇସ୍କୁଲ ଛକ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ହେବାରୁ ଧନ ଜୀବନ କ୍ଷୟକ୍ଷତି ହେଉଛି ଏହି ସ୍ଥାନକୁ ବ୍ଲାକ ସ୍ପଟ, ରେଡିୟମ, ସତର୍କତା ସୂଚନା ଫଳକ, ଜାତୀୟ ରାଜପଥ ପାଟ୍ରୋଲିଂ, ବିରାଶାଳ ଓ ଘାଗରାମୁଣ୍ଡା ଠାରେ ପୁଲିସ ଫାଣ୍ଡି ସ୍ଥାପନା, ଅପହଞ୍ଚ ପୁଟିପାଳ ଗାଁରେ ପ୍ରାଥମିକ ବିଦ୍ୟାଳୟ, ମହାବିରୋଡ଼ ରେଞ୍ଜରେ କର୍ମଚାରୀ ନିଯୁକ୍ତି, ବାମ ପଞ୍ଚାୟତର ପାକଟମୁଣ୍ଡା, ଗାଣ୍ଡିଖୋଲ ଗ୍ରାମ ଓ ଘାଗରାମୁଣ୍ଡା ପଞ୍ଚାୟତର ମଝିକା ଓ ସୁନ୍ଦରମୁଣ୍ଡି, କାନ୍ତୁଲ ପଞ୍ଚାୟତ ପୁଟିପାଳ, ଏକୁଲ, କୋଟ, ସେକୁଲ ଗାଁରେ ମୋବାଇଲ ନେଟୱାର୍କ ନଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଦଶୀପୁର ଉଚ୍ଚ ବିଦ୍ୟାଳୟ, ବାମ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ବିନା ବିଜ୍ଞାନ ଶିକ୍ଷକରେ ଶିକ୍ଷାଦାନ ଚାଲୁଥିବା ବେଳେ ଗତବର୍ଷ ସପ୍ତାହରେ ୩ ଦିନ ଡେପୁଟେସନ ଦିଆ ଯାଇଥିବା ଜଣେ ବିଜ୍ଞାନ ଶିକ୍ଷକଙ୍କୁ ୬ ଦିନ ଡେପୁଟେସନ ଦେବା, ବ୍ଲକ ସଦର ମହକୁମା ଠାରେ ସିସି ଟିଭି ଓ ରାସ୍ତାର ଆଲୋକିକରଣ ପାଇଁ ଅଭିଯୋଗ ହୋଇଛି।ଏହି ସମସ୍ତ ଅଭିଯୋଗ ପାଇଁ ଜିଲ୍ଲାପାଳ ସମସ୍ୟାର ସମାଧାନ ହେବାପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଏହି ସ୍ମାରକପତ୍ର ଦେବାବେଳେ ସଙ୍ଘ ସଭାପତି ରାଜେଶ କୁମାର ଦେହୁରୀ, ସାଧାରଣ ସମ୍ପାଦକ ନବକିଶୋର ସାହୁ, କୋଷାଧ୍ୟକ୍ଷ ଅରବିନ୍ଦ ପାଳ, କ୍ଷୀରୋଦ ଦେହୁରୀ, ରିତେଶ ବ୍ରହ୍ମା, ଚଗଲା ଦେହୁରୀ ପ୍ରମୁଖ ସଙ୍ଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ପରଜଙ୍ଗ ମେଗା ଉଠାଜଳସେଚନ ପ୍ରକଳ୍ପ

## ପାଇପ୍ ବିଛାଇବା କାମରେ ଅନିୟମିତତା



ପରଜଙ୍ଗ,୨୭।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ପାଇପ୍ ବିଛାଇବା କାର୍ଯ୍ୟରେ ଅନିୟମିତତା ଦେଖିବାକୁ ମିଳିଛି। ପରଜଙ୍ଗ ବ୍ଲକର ଚାଷୀ ମାନଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରେଙ୍ଗାଳି ବାମ ପାର୍ଶ୍ୱ କେନାଲରୁ ସୁଚାରୁରୂପେ କ୍ଷେତରେ ପାଣି ପହଞ୍ଚିବା ପାଇଁ ସରକାରଙ୍କ ଜଳସେଚନ ବିଭାଗ ପକ୍ଷରୁ କୁଆଳୋ, କନ୍ତୋର ଓ ପଥରମ୍ବ ପଞ୍ଚାୟତରେ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହେବା ସହିତ କ୍ଷେତରେ ପାଇପ୍ ବିଛାଣ କାର୍ଯ୍ୟ ଜାରି ରହିଛି। ତିନୋଟି ପଞ୍ଚାୟତରେ ମେଗା ଉଠାଜଳସେଚନ ପ୍ରକଳ୍ପରୁ ପାଖାପାଖି ୧୦ଟି ଗ୍ରାମର ଚାଷୀକୂଳ ଉପକୃତ ହେବେ। କିନ୍ତୁ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅନିୟମିତତା ଯୋଗୁଁ ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରୁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଯେଉଁ ଠିକା ସଂସ୍ଥା ଉକ୍ତ ସମସ୍ତ ପ୍ରକଳ୍ପର ଟେଣ୍ଡର ନେଇଛି ନିଜେ କାର୍ଯ୍ୟ ନକରି ସ୍ଥାନୀୟ କିଛି ଅଭିଜ୍ଞ ନ ଥିବା ଉପ ଠିକାଦାରଙ୍କୁ ଲଗାଇ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି। କ୍ଷେତରେ ବିଛା ଯାଉଥିବା ପାଇପ୍‌ଗୁଡିକ ମିଟର ଦେଢ ମିଟର ଖନନ କରି ତଳେ ବାଲି ପକାଇ ପାଇପ୍ ପୋତିବା ବଦଳରେ ଅର୍ଥ ଲୋଭ ଉପଠିକାଦାର ନିଜକୁ ସୁହାଇଲା ଭଳି ୧ ଫୁଟ୍ କେଉଁଠି ଦୁଇ ଫୁଟର ଗର୍ତ୍ତ ଖନନ କରି ପାଇପ ବିଛାଇଥିବା ଦେଖିବାକୁ ମିଳିଛି। ସେହିପରି ଭାବରେ କ୍ଷେତ ମାନଙ୍କରେ ପାଇପ୍ ବିଛାଣ ପରେ ମିଟି ବର୍ଷା ଯୋଗୁଁ ଗର୍ତ୍ତ ସୃଷ୍ଟି ହେବାରୁ ଚାଷୀ ଚାଷ କରିବାରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହି ସଂକ୍ରାନ୍ତରେ ଠିକା ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଫୋନ୍ ଯୋଗେ କୁହନ୍ତି କି କେଉଁ ସ୍ଥାନରେ ଏହିପରି କାର୍ଯ୍ୟ ହେଉଛି ଆମକୁ ଲୋକେସନ ପଠାଇଲେ ଆମେ ଯାଇ କାର୍ଯ୍ୟ ତଦାରଖ କରିବୁ ବୋଲି କହିଛନ୍ତି। ଠିକାଦାର ଜମି ଖୋଲି ମନଇଚ୍ଛା କାର୍ଯ୍ୟ କରୁଥିବା ବେଳେ ସେହି ଖୋଳିବା ସ୍ଥାନକୁ ନ ପୋତିବାରୁ ଚାଷ କରିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଚାଷ କରିବା ସମୟରେ ତାହା ଦବି ଯିବାର ସମ୍ଭାବନା ରହିଛି। ଏଣୁ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପ୍ରବାସୀ ଶ୍ରମିକ ସଚେତନତା ଶିବିର



ସିନାପାଲି,୨୭ ।୫(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ରାଣୀମୁଣ୍ଡା ପଞ୍ଚାୟତରେ ଭାରପ୍ରାପ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ , ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ କାର୍ମୀ ଓରାମ, ଅତିରିକ୍ତ ତହସିଲଦାର , ସରପଞ୍ଚ ଦେବବ୍ରତ ସୁପକାର, ଏସିଏଫ୍,ଏମ୍ ଏମ୍ ସାଲିହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଶ୍ରୀ ଧରୁଆ ସଭା ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା , ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ , ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାୟକ, ଲିଡ୍ ବ୍ୟାଙ୍କ୍ ମେନେଜର ସୀତାରାମ ମେହେର ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ମହିଳା ଏବଂ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ସମଲେଶ୍ୱରୀ ହାଇସ୍କୁଲକୁ ନିଜସ୍ୱ ଜମି ପଟ୍ଟା ୧.୪୪ ଏକର ଅତିରିକ୍ତ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଶେଷରେ ସରପଞ୍ଚ ଶ୍ରୀ ସୁପକାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ। ପୂର୍ବରୁ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଓ ସମସ୍ତ ଅତିଥି ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଓ ମାଟି ପାତ୍ରରେ ଜଳଦାନ କରିଥିଲେ। ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ ସମାରୋହରେ ଅତିଥିମାନେ ନବଜାତକ ଶିଶୁ କନ୍ୟା ଆରାଧ୍ୟା ହେର୍ଣ୍ଣାକୁ କୋଳରେ ଧରି ତା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମକୁ ସିନାପାଲି ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର,ସିନାପାଲି ସିଡିପିଓ ଝରଣା ଶତପଥୀ,ସ୍ଥାନୀୟ ସରପଞ୍ଚ, ବନ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ।

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ଆଜି ପ୍ରକାଶ ପାଇବ ଚୂଡ଼ାନ୍ତ ରାୟ

ପାଟଣାଗଡ଼,୨୭ ।୫(ସମିସ):ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବହୁ ଚର୍ଚ୍ଚିତ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ ପାଟଣାଗଡ଼ଙ୍କ କୋର୍ଟରେ ମାମଲାର ଚୂଡାନ୍ତ ଶୁଣାଣି ବୁଧବାର ପ୍ରକାଶ ପାଇବ। ପୀଡିତା ପରିବାର ତାଙ୍କ ସପକ୍ଷରେ କୋର୍ଟ ଉପଯୁକ୍ତ ନ୍ୟାୟ ଦେବେ ବୋଲି ଆଶାବାଦୀ ରହିଛନ୍ତି।ଏଥିସହ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଫାଶୀ ଦଣ୍ଡାଦେଶ ହେଲେ ମୃତ ସୋମ୍ୟଶେଖରଙ୍କ ବାପା ରବୀନ୍ଦ୍ର ଓ ମାଆ ସଂଯୁକ୍ତା ଉପଯୁକ୍ତ ନ୍ୟାୟ ପାଇପାରିବୁ ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି। ଏହି ମାମଲାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କ ନାମରେ କ୍ରାଇମବ୍ରାଞ୍ଚ ତରଫରୁ ଦିଆଯାଇଥିବା ଚାର୍ଜ ସିଟ୍ ଅନୁଯାୟୀ କୋର୍ଟରେ ୬୨ ଜଣଙ୍କ ସାକ୍ଷ ଗ୍ରହଣ କରାଯାଇଥିଲା। ଅପରପକ୍ଷରେ ପୁଞ୍ଜିଲାଲଙ୍କ ତରଫରୁ ଆର୍ଗୁମେଣ୍ଟ ଶେଷ ପର୍ଯ୍ୟାୟରେ

**ନ୍ୟାୟ ପାଇଁ ଆଶାବାଦୀ ପୀଡିତା ପରିବାର**



ଦୁଇ ଜଣ ପରିତ୍ରାଣ ସାକ୍ଷ ପ୍ରଦାନ କରିଥିଲେ। ପୁଞ୍ଜିଲାଲଙ୍କ ତରଫରୁ ଓକିଲ ପ୍ରମୋଦ ମିଶ୍ର ମାମଲାର ପରିଚାଳନା କରୁଥିବା ବେଳେ ତାଙ୍କ କହିବା ଅନୁସାରେ ପୁଞ୍ଜିଲାଲଙ୍କ ବିରୋଧରେ ଯେତିକି ଅଭିଯୋଗ ଆସିଥିଲା ତାଠାରୁ ଅନ୍ୟମାନଙ୍କ ଉପରେ ଅଧିକ ଅଭିଯୋଗ ଥିଲା କିନ୍ତୁ କ୍ରାଇମବ୍ରାଞ୍ଚ ଓ ପୁଲିସ ଉଭୟଚାପଗ୍ରସ୍ତ ହୋଇ ସେମାନଙ୍କୁ ତଦନ୍ତ ପରିସରକୁ ନ ଆଣି ପରବର୍ତ୍ତୀ ସମୟରେ ଛାଡିଦେଇଥିଲା। ତେଣୁ ତଦନ୍ତ ଠିକ ବାଟରେ ହୋଇନଥିବା ବେଳେ ପୁଞ୍ଜିଲାଲକୁ ଫସାଇ ଦିଆଯାଇଛି ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ପୀଡିତା ପରିବାର ପକ୍ଷରୁ ସରକାରୀ ଓକିଲ ଭାବରେ ଚିତ୍ତରଞ୍ଜନ କାନୁନଗୋଙ୍କ କହିବାନୁସାରେ ଅଭିଯୁକ୍ତଙ୍କ ବିରୋଧରେ ଯାହା ସବୁ ତଥ୍ୟ ମିଳିଥିଲା ତାକୁ ସମ୍ପୂର୍ଣ୍ଣ ଭାବରେ କୋର୍ଟରେ ପ୍ରମାଣ କରାଯାଇଛି। ସଠିକ ଭାବରେ ତଦନ୍ତ ପ୍ରକ୍ରିୟା ହୋଇଛି ଏପରିକି ଯାହା ସବୁ କୋର୍ଟରେ ଉପସ୍ଥାପନ କରାଯାଇଛି ନିଶ୍ଚିତ ଭାବରେ ପୀଡିତା ପରିବାର ନ୍ୟାୟ ପାଇବା କଥା ବୋଲି ସୂଚନା ଦେଇଛନ୍ତି। ତେବେ ପୀଡିତା ପରିବାର ତାଙ୍କ ସପକ୍ଷରେ ରାୟ ପ୍ରକାଶ ପାଇବ ବୋଲି ଆଶାବାନ୍ଧି ରହିଥିବାବେଳେ ପୁଞ୍ଜିଲାଲଙ୍କ ତରଫରୁ ତାଙ୍କ ପରିବାର ବର୍ଗ ସେ ଏହି ମାମଲାରେ ସମ୍ପୃକ୍ତି ନ ଥିବା କହିଛନ୍ତି।ତେବେ ଚୂଡାନ୍ତ ଫଳାଫଳ ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି।

## ସମବାୟ ଆର୍ଥିକ ସଚେତନତା ଶିବିର



ଦେଓଗାଁ,୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ସମବାୟ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବଲାଙ୍ଗିର ଜିଲ୍ଲା ଦେଓଗାଁ , ଜରାସିଂହା ଓ ତୁଷୁରା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ କୃଷି ସେବା ସମବାୟ ସମିତିମାନଙ୍କର ପରିଚାଳନା କମିଟୀ ସଭାପତି ଓ ସମ୍ପାଦକମାନେ ଅଂଶ ଗ୍ରହଣ କରିଥିଲେ। ଶିବିରରେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ ଜ୍ୟୋସ୍ନାମୟୀ ପଧାନ ଓ କର୍ମଚାରୀ ଶିରୋମଣୀ ସାହୁ, ସୁଧିର ନନ୍ଦ,ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଶୁଶିଳ କୁମାର ଚାନ୍ଦ , ଦେଓଗାଁ ବ୍ଲକ ଅଧକ୍ଷ ତଥା ଧଣ୍ଡାମାଲ ପେକ୍ସ ସଭାପତି ଦୟାନିଧି ଖମାରୀ ,ଦେଓଗାଁ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ରାଉତ, ଜରାସିଂହା ଶାଖା ପରିଚାଳକ ରଞ୍ଜନ କୁମାର ମିଶ୍ର ଓ ତୁଷୁରା ବ୍ୟାଙ୍କ ଶାଖା ପରିଚାଳକ କିଶୋର କୁମାର ରାଜପୁତଙ୍କ ସମେତ ୨୦ଟି ପାକ୍ସର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ଖରିଫ ଋଣ ଦେଣନେଣ ତଥା ଋଣ ଅସୂଲି ଉପରେ ଆଲୋଚନା କରିଥିଲେ।

## ଜରାସିଂହା ପାକ୍ସରେ ରବିଧାନ କ୍ରୟର ଶୁଭାରମ୍ଭ



ଦେଓଗାଁ,୨୭।୫(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଜରାସିଂହାରେ ସୋମବାର ରବି ଧାନକ୍ରୟର ଶୁଭାରମ୍ଭ ହୋଇଯାଇଛି। ପାକ୍ସ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ୍ ଜ୍ୟୋସ୍ନାମୟୀ ପ୍ରଧାନ ଯୋଗଦେଇ ରବିଧାନ କ୍ରୟର ଶୁଭାରମ୍ଭ କରିଥିଲେ। ଏ ଅବସରରେ ବ୍ୟାଙ୍କର କର୍ମଚାରୀ ଶିରୋମଣୀ ସାହୁ, ସୁଧିର ନନ୍ଦ ତଥା ପରିଚାଳନା କମିଟୀ ଉପସଭାପତି ଗିତାଞ୍ଜଳୀ, ନିର୍ଦ୍ଦେଶକ ବୃନ୍ଦାବନ ଭୋଇ, ସମ୍ପାଦକ ତିର୍ଥରାଜ ସାହୁ, ଡିଇଓ ଭୀମଜାନ ବଗର୍ତ୍ତି, କର୍ମଚାରୀ ଲିଲୁ ସିଂ ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ୧୨ଟି ପାକ୍ସ ଓ ୨ଟି ଏସଏଚ୍‌ଜି ରେ ୧୭୭୭ଜଣ ଚାଷୀ ଧାନକ୍ରୟ କରିବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ୫୩୯ଜଣ ଅଧିକ ଚାଷୀ ଧାନକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି।

## ‘ପକ୍ଷୀ ପାଇଁ ଦିନ ଟିଏ’ କାର୍ଯ୍ୟକ୍ରମ



ସିନାପାଲି,୨୭ ।୫(ସମିସ): ସିନାପାଲି ରେଞ୍ଜ ଅନ୍ତର୍ଗତ ରାନିମୁଣ୍ଡା ପଞ୍ଚାୟତ ନିକଟ ଗ୍ରାମୀଣ ବଜାର ପରିସରରେ ସିନାପାଲି ବନବିଭାଗ ପକ୍ଷରୁ “ପକ୍ଷୀ ପାଇଁ ଦିନ ଟିଏ’କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡ଼ିଆଳ ବନଖଣ୍ଡ ଏସିଏଫ ମହମ୍ମଦ ମୁସ୍ତାଫା ସାଲେହା, ନୂଆପଡା ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଏଡ଼ିଏମ ସୁବାଷ ଚନ୍ଦ୍ର ରଏତା,ସିଡିଏଓ ଲମ୍ବୋଦର ଧାରୁଆ, ସିନାପାଲି ବିଡ଼ିଓ କାର୍ମୀ ଓରାମ, ଅତିରକ୍ତ ତହସିଲଦାର ମନୋରଞ୍ଜନ କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ।

ବନ ବିଭାଗ ପକ୍ଷରୁ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ନିଆଯାଇଥିବା ଏହି ଅଭିନବ ପଦକ୍ଷେପ ତଥା ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ପକ୍ଷୀମାନଙ୍କର ସୁବିଧା ପାଇଁ ଗଛମାନଙ୍କରେ ଛୋଟଛୋଟ ପାତ୍ରରେ ପାଣି ରଖି ବ୍ୟବସ୍ଥା କରାଯାଇଥିଲା। ଯଦ୍ୱାରା ପକ୍ଷୀ ମାନେ ସହଜରେ ପାଣି ପାଇ ତୃଷ୍ଣା ମେଣ୍ଟାଇ ବଞ୍ଚିପାରିବେ।କାର୍ଯ୍ୟକ୍ରମରେ ଫରେଷ୍ଟର ରମାରଞ୍ଜନ ରାଉତ,ପୂର୍ଣ୍ଣଚନ୍ଦ୍ର ନାଏକ, ମନୋଜ ବାଗଙ୍କ ସମେତ ଫରେଷ୍ଟ ଗାର୍ଡ ବିମ୍ବାଧର ହଂସ,ରୁକ୍ମଣ ମାଝୀ, ହେମନ୍ତ ସୁନା, ପଦ୍ମତୋଳା ଜଗତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ନୂଆପଡ଼ା/ସିନାପାଲି,୨୭ ।୫(ସମିସ):ସିନାପାଲି ବ୍ଲକ୍ ସଭାଗୃହରେ ନୂଆପଡା ଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଗୁରୁ ପ୍ରସାଦ ଜେନା,ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ, ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟୀ କଲେକ୍ଟର ଶେଖ୍ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଶିବିରରେ ନୂଆପଡାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ। ଉକ୍ତ ଶିବିରରେ ସିନାପାଲି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୪୮ ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ୬୦ଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। ପରେ ଅତିରିକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ରାଣୀମୁଣ୍ଡା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ସଚେତନତା ସଭା ଆୟୋଜିତ ହୋଇଥିଲା। ଜନଶୁଣାଣି ଶିବିର ଉପଲକ୍ଷେ ନୀଳଜି ସ୍କୁଲରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଠାରେ ୨୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସେହିପରି ରାଣୀମୁଣ୍ଡା ପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ ୧୮୮ଟି ବଡ଼ ଏବଂ ୨୩ ଟି ଛୋଟ ମୋଟ ୨୧୧ଟି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରାଯାଇଥିଲା।

## ଆପ୍ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ବଲାଙ୍ଗିର,୨୭।୫(ସମିସ): ବଲାଙ୍ଗିର ଜିଲ୍ଲାରେ ହାରାହାରି ୬ ମାସ ହୋଇଯିବ ବାରମ୍ବାର ଅପରାଧ ଚରମ ସୀମାରେ ପହଞ୍ଚିଛି।ସାଧାରଣଲୋକଙ୍କ ଘରୁ ବାହାରିବା କଷ୍ଟକର ହୋଇପଡୁଛି। କେତେବେଳେ ଟାଉନରେ ଖଣ୍ଡା ବୁଲୁଛି ତ କେତେ ବେଳେ ରାଜନେତା ଉପରେ ଆକ୍ରମଣ ହେଉଛି ତ, କେତେବେଳେ ସାଧାରଣ ଜନତା, ମହିଳା ଉପରେ ଆକ୍ରମଣ ହେଉଛି। ସେହିପରି ଏକ ସପ୍ତାହ ତଳେ ବଲାଙ୍ଗିରର ଜଣେ ଆଗଧାଡିର ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ନିର୍ମମ ଭାବରେ ଆକ୍ରମଣ ହୋଇଛି। ସାମ୍ବାଦିକ ଜଣକ ପୁଇଁନ୍ତଲା ବ୍ଲକ୍ କୁଲୁଥିପାଲି ଗ୍ରାମକୁ ଗାଡୱେଲ ନିମ୍ନମାନର ହୋଇଥିବା ଖବର ସଂଗ୍ରହ କରିବାକୁ ଯାଇଥିଲେ କିନ୍ତୁ ତାଙ୍କୁ ସେଠାରେ କିଛି ଠିକାଦାରର ଦୁର୍ବୃତ୍ତ ଲୋକମାନେ ହାତ ଗୋଡ ବାନ୍ଧି ମାଡ ମାରି ଲହୁଲୁହାଣ କରିଥିଲେ। ତେଣୁ ଏହି ସବୁ ଘଟଣା କୁ ବଲାଙ୍ଗିର ଆମ ଆଦମୀ ପାର୍ଟି ଦୃଢ ନିନ୍ଦା କରୁଛି ଏବଂ ସେ ଉପରେ ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ପ୍ରତ୍ୟେକ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଉ ଏବଂ ତୁରନ୍ତ ସମସ୍ତ ଅପରାଧୀଙ୍କୁ ଗିରଫ କରାଯାଉ ଏବଂ ବଲାଙ୍ଗିରରେ ଆଇନ ବ୍ୟବସ୍ଥାକୁ ସୁଦୃଢ କରାଯିବା ଦାବି ନେଇ ଆପ ବଲାଙ୍ଗିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ସଦସ୍ୟ ଆଶିଷ ପାଣ୍ଡେଙ୍କ ବଲାଙ୍ଗିର ଆପର ପାଞ୍ଚ ଜଣିଆ ଟିମ୍ ବଲାଙ୍ଗିର ଏସ୍‌ପି ଅଭିଲାଷ ଜିଙ୍କୁ ସାକ୍ଷାତ କରି ଦାବି କରିଥିଲେ।ବଲାଙ୍ଗିରର ଯୁବନେତା ରମାକାନ୍ତ ବେହେରା, ସଦସିଭ ମେହେର, ରାଜେଶ ବଗର୍ତ୍ତି , ବାଳକୃଷ୍ଣ ନାଏକ ପ୍ରମୁଖ ପାର୍ଟିର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଶୌର୍ଯ୍ୟ ସମ୍ମାନ କଳସଯାତ୍ରାକୁ ସ୍ୱାଗତ ପାଇଁ ପ୍ରସ୍ତୁତି



ନୂଆପଡା,୨୭ ।୫(ସମିସ):୧୯୬୨ମସିହାରେ ରିଜେଙ୍ଗାଲାରେ ସହିଦ ଅହୀର ସମ୍ପ୍ରଦାୟର ସୈନିକଙ୍କ ସମ୍ମାନାର୍ଥେ ଏକ ଅହୀର ରେଜିମେଣ୍ଟ ଗଠନ ସକାଶେ ସରକାରଙ୍କ ଠାରେ ଦାବି ରଖିବାକୁ ଏକ ଶୌର୍ଯ୍ୟ ସମ୍ମାନ କଳସ ଶୋଭାଯାତ୍ରା ବାହାରିଛି। ଶୋଭାଯାତ୍ରା ଆସନ୍ତା ୩୦ତାରିଖ ଦିନ ଓଡିଶାର ନୂଆପଡାରେ ପ୍ରବେଶ କରିବ।ଏହାକୁ ସୀମାନ୍ତ ଖରିଆରରୋଡ଼ ସହରରେ ସ୍ୱାଗତ କରାଯିବ। ଏଥି ସକାଶେ ନୂଆପଡା ଜିଲ୍ଲା ଯାଦବ ସମାଜ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଖରିଆରରୋଡ଼ ଯାଦବ ସମାଜ ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ଭାରତଲାଲ ରାଉତ ଅଧକ୍ଷତା କରିଥିବା ବେଳେ ରାଜ୍ୟ ଉପସଭାପତି ଲମ୍ବୋଦର ନିଆଲ, ଉତ୍କଳ ଯାଦବ ମହାସଭା ଉପଦେଷ୍ଟା ରାମଲାଲ ହଂସ, ନୂଆପଡା ବ୍ଲକ୍ ସଂପାଦକ ଜୋହନ ରାଉତ, ଖରିଆରରୋଡ଼ ସଭାପତି ନବୀରାଜ ଯଦୁ, ନୂଆପଡା ଏନ୍‌ଏସି ସଭାପତି ମହେଶ ନିଆଲ, ସଂପାଦକ ରିଙ୍କୁ ବଗର୍ତ୍ତି, ପରାମର୍ଶଦାତା ଘନଶ୍ୟାମ ଭୋଇ, କୁନୁ କରୁଆଁ, ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ଏନ୍‌ଏସି ତରଫରୁ ଅଜୟ ଯାଦବ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମସ୍ତେ କାର୍ଯ୍ୟକ୍ରମକୁ କିପରି ବ୍ୟାପକ କରାଯିବ ସେ ଉପରେ ମତ ପୋଷଣ କରିଥିଲେ। ସୀମାନ୍ତରେ ସ୍ୱାଗତ ପରେ ଶୋଭାଯାତ୍ରାରେ କଳସକୁ ଅଣାଯିବ।ଏହାକୁ ଜିଲ୍ଲାର ନୂଆପଡା, କୋମନା,ଖଡ଼ିଆଳ ଆଦି ଜାଗାରେ ମଧ୍ୟ ସ୍ୱାଗତ କରାଯିବାର ସୂଚନା ରହିଛି।

### ● ସିନାପାଲି ନୋଡାଲ ହାଇସ୍କୁଲ ଖେଳଶିକ୍ଷକ ପଦ ଖାଲି

## ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ସିନାପାଲି,୨୭ ।୫(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ସ୍ଥିତ ସରକାରୀ ନୋଡାଲ ହାଇସ୍କୁଲରେ ଖେଳ ଶିକ୍ଷକ ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସିନାପାଲି ବ୍ଲକ୍ ସମିତି ସଭ୍ୟ ସଂଘ ସଭାପତି ମନୀଷ ପଟେଲ ଲିଖିତ ଅଭିଯୋଗ କରିଛନ୍ତି। ଏହି ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପୂର୍ବରୁ ଅନେକ ଥର ଜଣାଇ ସାରିଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ଶ୍ରୀ ପଟେଲ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ୍ ଅଞ୍ଚଳର ଏକ ଗୁରୁତ୍ୱବହନ କରୁଥିବା ଉଚ୍ଚ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏଠାରେ ପ୍ରାୟ ୮ ଶହ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏମାନଙ୍କ ଶାରୀରିକ ଶିକ୍ଷାଦାନ ପାଇଁ ଖେଳ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀ ଶାରୀରିକ, ବୌଦ୍ଧିକ, ବ୍ୟାୟାମ, ପ୍ରାଣାୟମ ସମେତ ବିଭିନ୍ନ ଖେଳ କୁଦ ଶିଖିବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ନିଯୁକ୍ତ ଶିକ୍ଷକଙ୍କୁ ଖଡିଆଳ ବ୍ଲକ୍ ସ୍ଥିତ ଚନାବେଡାର ଅମର ହାଇସ୍କୁଲକୁ ଡେପୁଟେଶନରେ କେଉଁ ଉଦ୍ଦେଶ୍ୟରେ ପଠାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ସିନାପାଲି ନୋଡାଲ ହାଇ ସ୍କୁଲ ଏକ ସର୍ବପୁରାତନ ସରକାରୀ ଶିକ୍ଷା ଅନୁଷ୍ଠାନ ହୋଇଥିବା ବେଳେ ଏକ ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟ କୁ ଡେପୁଟେଶନରେ ପଠାଇବା ଶିକ୍ଷା ବିଭାଗର କେଉଁ ଉଦ୍ଦେଶ୍ୟ ତାହା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ଦାବି ହୋଇଛି। ତୁରନ୍ତ ପଦ ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ ଆସି ବୃଦ୍ଧ ମୃତ

ସିନାପାଲି,୨୭ ।୫(ସମିସ):ନୂଆପଡା ଜିଲ୍ଲା ସିନାପାଲି ବ୍ଲକ୍ ଘଣ୍ଟିଗୁଡା ଗ୍ରାମରେ ଛେଳି ଚରାଳି ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟବରଣ ହୋଇଛି। ମୃତ ବୃଦ୍ଧ ଜଣକ ଘଣ୍ଟିଗୁଡା ଗ୍ରାମର ଯୋଗୀ ନାଗ (୬୪) ବୋଲି ଜଣା ପଡିଛି। ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ ସମେତ ପୁଲିସ ଏସ୍‌ଆଇ ପ୍ରଭାକର ନାୟକ ସମେତ ପୁଲିସ କର୍ମଚାରୀ ପହଞ୍ଚି ଶବ ବ୍ୟବଛେଦ ପାଇଁ ନିକଟସ୍ଥ ଡାକ୍ତଖାନାକୁ ନିଆଯାଇଥିଲା। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯୋଗ୍ୟ ଯେ, ଛେଳି ଚରାଇବା ସମୟରେ ଗଛ ଉପରେ ଚଢ଼ି ଗଛ କାଟୁଥିବା ବେଳେ ଗଛ ଉପର ଦେଇ ଯାଇଥିବା ୩୩ କେଭି ତାର ଉପରେ ଲାଗି ଯାଇଥିବାରୁ ମୃତ୍ୟୁ ଘଟିଥିବା ଜଣାପଡିଛି। ବିଦ୍ୟୁତ୍ ବିଭାଗ ଅବହେଳା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟିଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଜରାସିଂହା ପାକ୍ସରେ ରବିଧାନ କ୍ରୟର ଶୁଭାରମ୍ଭ



ଦେଓଗାଁ,୨୭।୫(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଜରାସିଂହାରେ ସୋମବାର ରବି ଧାନକ୍ରୟର ଶୁଭାରମ୍ଭ ହୋଇଯାଇଛି। ପାକ୍ସ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ୍ ଜ୍ୟୋସ୍ନାମୟୀ ପ୍ରଧାନ ଯୋଗଦେଇ ରବିଧାନ କ୍ରୟର ଶୁଭାରମ୍ଭ କରିଥିଲେ। ଏ ଅବସରରେ ବ୍ୟାଙ୍କର କର୍ମଚାରୀ ଶିରୋମଣୀ ସାହୁ, ସୁଧିର ନନ୍ଦ ତଥା ପରିଚାଳନା କମିଟୀ ଉପସଭାପତି ଗିତାଞ୍ଜଳୀ, ନିର୍ଦ୍ଦେଶକ ବୃନ୍ଦାବନ ଭୋଇ, ସମ୍ପାଦକ ତିର୍ଥରାଜ ସାହୁ, ଡିଇଓ ଭୀମଜାନ ବଗର୍ତ୍ତି, କର୍ମଚାରୀ ଲିଲୁ ସିଂ ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ୧୨ଟି ପାକ୍ସ ଓ ୨ଟି ଏସଏଚ୍‌ଜି ରେ ୧୭୭୭ଜଣ ଚାଷୀ ଧାନକ୍ରୟ କରିବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡିଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ୫୩୯ଜଣ ଅଧିକ ଚାଷୀ ଧାନକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି।

### ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତକୁ ଗୁପ୍ତ ଭାବରେ କୋର୍ଟଚାଲାଣ କଲା ପୁଲିସ

ବଲାଙ୍ଗିର,୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅର୍ନ୍ତଗତ କୁଲଥିପାଲି ଗ୍ରାମରେ ସାମ୍ବାଦିକଙ୍କୁ ବାନ୍ଧି ଆକ୍ରମଣ କରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ବିଭିନ୍ନ ମହଲରୁ ଏହି ଘଟଣାକୁ ନିନ୍ଦା କରାଯାଉଛି। ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜନେତା, ସାମାଜିକ ସଂଗଠନ, ବୁଦ୍ଧିଜୀବି ମହଲରେ ଦାବି କରାଯାଉଛି। ହେଲେ ଏ ସମସ୍ତ ପ୍ରତିକ୍ରିୟାରୁ ଦୂରେଇ ଅଭିଯୁକ୍ତ ପ୍ରୀତିରେ ପଡିଛି ପଡିଛି ପୁଇଁତଲା ପୁଲିସ। ଅଭିଯୁକ୍ତକୁ ଧରି ଗୁପ୍ତ ଭାବରେ କୋର୍ଟଚାଲାଣ କରିବା ଘଟଣା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଶକ୍ତ ଚାପୁଡା ବୋଲି କୁହାଯାଉଛି।

ପ୍ରକାଶ ଯେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ କୁଲଥିପାଲି ଗ୍ରାମରେ ବାନ୍ଧି ଆକ୍ରମଣ କରିବା ଘଟଣାକୁ ଛଅ ଦିନ ବିତିଛି। ଗତ ସୋମବାର ଦିନ ଏହି ଘଟଣାରେ ସମ୍ପୃକ୍ତ ଥିବା

**ଗିରଫ ଅଭିଯୁକ୍ତକୁ ଲୋଇସିଂହାରେ ଚିକିତ୍ସା**

ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ବଲାଙ୍ଗିର ଏସ୍‌ପି। ହେଲେ ହେଁ ଏହି ଘଟଣାର ମାଷ୍ଟର ମାଇଣ୍ଡ ତଥା ଠିକାଦାର ଗଜେନ୍ଦ୍ର ଦଲେଇଙ୍କୁ ଗିରଫ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଥିଲା। ଚାରିଦିଗରୁ ଚାପ ପଡିବା ପରେ ପୁଇଁତଲା ପୁଲିସ ଗଜେନ୍ଦ୍ରକୁ ଗିରଫ କଲା। କିନ୍ତୁ ଠିକାଦାର ପ୍ରୀତି ଏମିତି ଯେ ତାକୁ ଗଣମାଧମର କ୍ୟାମେରା ଲେନ୍ସରୁ ବଞ୍ଚାଇବାକୁ ଚେଷ୍ଟା କରି ଶତପ୍ରତିଶତ ସଫଳ ହୋଇଛି। ମିଳିଥିବା ସୂଚନା ଅନୁସାରେ ଗଜେନ୍ଦ୍ରକୁ ଗିରଫ କରାଯିବା ପରେ କୋର୍ଟଚାଲାଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ହେଲେ ତାକୁ ବଲାଙ୍ଗିର ବଦଳରେ ଲୋଇସିଂହା ଚିକିତ୍ସାଳୟକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସାଧାରଣତଃ ପୁଇଁତଲା ପୁଲିସ ଗିରଫ କରୁଥିବା ଅଭିଯୁକ୍ତଙ୍କୁ ଧରିଲା ପରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥାଏ। କିନ୍ତୁ ଗଜେନ୍ଦ୍ରକୁ ସ୍ୱତନ୍ତ୍ର ଭାବରେ ଲୋଇସିଂହା ନେବା ଘଟଣା ଲୋକଙ୍କୁ ଆଚମ୍ବିତ କରିଛି। ସନ୍ଧ୍ୟାରେ ବିଚାରପତିଙ୍କ ଘରେ ଅଭିଯୁକ୍ତକୁ ଉପସ୍ଥିତ କରାଯାଇ କୋର୍ଟଚାଲାଣ କରାଯାଇଛି। ଜଣେ ସାମ୍ବାଦିକଙ୍କୁ ଏଭଳି ବର୍ବରଚିତ ଆକ୍ରମଣ ପରେବି ଘଟଣାର ଷଡଯନ୍ତ୍ରକାରୀକୁ କେଉଁ ସ୍ୱାର୍ଥରେ ଏତେ ସୁରକ୍ଷା ପ୍ରଦାନ କରାଯାଉଛି ବଡ ପ୍ରଶ୍ନ ସୃଷ୍ଟି କରିଛି।

## ସମବାୟ ଆର୍ଥିକ ସଚେତନତା ଶିବିର

ଦେଓଗାଁ,୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ସମବାୟ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବଲାଙ୍ଗିର ଜିଲ୍ଲା ଦେଓଗାଁ , ଜରାସିଂହା ଓ ତୁଷୁରା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ କୃଷି ସେବା ସମବାୟ ସମିତିମାନଙ୍କର ପରିଚାଳନା କମିଟୀ ସଭାପତି ଓ ସମ୍ପାଦକମାନେ ଅଂଶ ଗ୍ରହଣ କରିଥିଲେ। ଶିବିରରେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ ଜ୍ୟୋସ୍ନାମୟୀ ପଧାନ ଓ କର୍ମଚାରୀ ଶିରୋମଣୀ ସାହୁ, ସୁଧିର ନନ୍ଦ,ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ଶୁଶିଳ କୁମାର ଚାନ୍ଦ , ଦେଓଗାଁ ବ୍ଲକ ଅଧକ୍ଷ ତଥା ଧଣ୍ଡାମାଲ ପେକ୍ସ ସଭାପତି ଦୟାନିଧି ଖମାରୀ ,ଦେଓଗାଁ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର ରାଉତ, ଜରାସିଂହା ଶାଖା ପରିଚାଳକ ରଞ୍ଜନ କୁମାର ମିଶ୍ର ଓ ତୁଷୁରା ବ୍ୟାଙ୍କ ଶାଖା ପରିଚାଳକ କିଶୋର କୁମାର ରାଜପୁତଙ୍କ ସମେତ ୨୦ଟି ପାକ୍ସର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ଖରିଫ ଋଣ ଦେଣନେଣ ତଥା ଋଣ ଅସୂଲି ଉପରେ ଆଲୋଚନା କରିଥିଲେ।





ଦେବ ବିବାହ ପାଇଁ ଏକାମ୍ର କ୍ଷେତ୍ରରେ ବ୍ୟାପକ ପ୍ରସ୍ତୁତି

# ଯୌତୁକରେ ଶ୍ରୀଲିଙ୍ଗରାଜଙ୍କୁ ଇନ୍ଦ୍ରହାତୀ

ଭୁବନେଶ୍ୱର, ୨୭ ।୫(ସମିସ)

ମାତ୍ର କେତୋଟି ଦିନ ପରେ ଏକାମ୍ର କ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଯାଉଛି ଶୀତଳ ଷଷ୍ଠୀ ଏବଂ ଦେବ ବିବାହ। ଦୁଇ ଦିନ ପରେ ଲିଙ୍ଗରାଜଙ୍କ ସହିତ ମାତା ଗୌରୀ ବା ପାର୍ବତୀଙ୍କ ହାତ ଗଣ୍ଠି ପଡ଼ିବ। ଏଥିପାଇଁ ପୁରୁଣା ଭୁବନେଶ୍ୱର ଉତ୍ସବ ମୁଖର ହୋଇପଡ଼ିଛି। ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ସମେତ କେଦାରଗୌରୀ ମନ୍ଦିରରେ ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲୁ ରହିଛି। ଯେଉଁଭଳି ଭାବରେ ମାନବ ବିବାହରେ ସାଜସଜା କରାଯାଏ ଠିକ୍ ସେହିପରି କନ୍ୟାପକ୍ଷ କେଦାରଗୌରୀ ମନ୍ଦିର ହୋଇଥିବାରୁ କେଦାରଗୌରୀ ମନ୍ଦିରକୁ ସଜ୍ଜିତ କରାଯାଉଛି। ଏଥିସହିତ ବିଶେଷ କରି ମନ୍ଦିରର ମୁଖ୍ୟ ଦ୍ୱାରରେ ଥିବା ସିଂହ, ବିବାହ ମଣ୍ଡପ ସମେତ ମନ୍ଦିର ଭିତରେ ଥିବା ଅନ୍ୟ ମନ୍ଦିର ଆଦିକୁ ରଙ୍ଗ କରାଯାଉଛି। ମନ୍ଦିର ଆଗରେ ଟେଣ୍ଟ ବନ୍ଧା ସରିଲାଣି। ଲାଇଟ୍ ମଧ୍ୟ ଲଗାଗଲାଣି। ଚଟାଣ କାମ ମଧ୍ୟ କରାଯାଉଛି। ଏଥିସହିତ କେଦାରଗୌରୀ ପୁଷ୍କରିଣୀକୁ ମଧ୍ୟ ବିଏମ୍‌ସି ପକ୍ଷରୁ ତିନି ଦିନ ହେଲା ସଫା କରାଯାଉଛି। ଏହି ସମସ୍ତ କାମରେ ପ୍ରାୟ ୧୦ ରୁ ୨୦ଜଣ କାରିଗର ଲାଗିଛନ୍ତି। ସେହିଭଳି ବିଏମ୍‌ସି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ସ୍ଥାପନ କରାଯାଇଛି।

ମାନବ ବିବାହ ଭଳି ଦେବାଦେବୀଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ କରାଯିବ। ପ୍ରଭୁ ଲିଙ୍ଗରାଜ ଯେତେବେଳେ ବରଯାତ୍ରୀ ଆସି ପହଞ୍ଚିବେ ତାଙ୍କୁ ବରଣୀ କରି ନିଆଯିବ ଏବଂ ପୁଅ ଓ ଝିଅଙ୍କର ବାହାଘରରେ ଯାହା ଯାହା ରୀତିନୀତି ହୋଇଥାଏ ଠିକ୍ ପ୍ରଭୁଙ୍କର ନୀତିକାନ୍ତି କରାଯିବ। ଲିଙ୍ଗରାଜଙ୍କୁ ଝିଅଘର ପକ୍ଷରୁ ଯୌତୁକରେ ଛୋଟ ଶଗଡ଼ଚକା ଦୁଇଟି ସହ ବାଉଁଶପାତ, କପଡ଼ା ଇନ୍ଦ୍ରହାତୀ ତିଆରି କରାଯାଏ। ଏହି ହାତୀକୁ ଲୋକମାନେ ଟାଣି ନେଇଥାନ୍ତି। ମନ୍ଦିର ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କୁ କେବଳ ଏହି



ଇନ୍ଦ୍ରହାତୀ ଯୌତୁକରେ ଦିଆଯାଏ ବୋଲି କେଦାରଗୌରୀ ମନ୍ଦିରର ସେକ୍ରେଟେରୀ ନରେନ୍ଦ୍ର କୁମାର ମହାପାତ୍ର କହିଛନ୍ତି।

ଲିଙ୍ଗରାଜ ମନ୍ଦିରରେ ମଧ୍ୟ ବାହାଘରର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିସହିତ ମନ୍ଦିର ଆଗରେ ଟେଣ୍ଟ ସହିତ ଲାଇଟ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଛି। ଶ୍ରୀ ଲିଙ୍ଗରାଜଙ୍କ ବାହାଘରରେ ପ୍ରାୟ ୧୦ ରୁ ୧୫ ହଜାର ଲୋକ ବିବାହ ଭୋଜି ଖାଇବାର ବ୍ୟବସ୍ଥା କରାଯାଇଛି। ଏବଂ ଭଜନ ଓ କିର୍ତ୍ତନ ଆଦି କରାଯିବ ବୋଲି ଲିଙ୍ଗରାଜ ମନ୍ଦିରର ସେବାୟତ ମୌସମ୍ ବଡୁ କହିଛନ୍ତି। ସେହିଭଳି ଏକାମ୍ର କ୍ଷେତ୍ରରେ ଥିବା ଅନ୍ୟ ମନ୍ଦିରଗୁଡ଼ିକ ମଧ୍ୟ ରଙ୍ଗୀନ କରାଯିବା ସହ ବିଭିନ୍ନ ସାଜସଜା ଆରମ୍ଭ ହୋଇଛି। ପରିମଳ ଓ ଶୃଙ୍ଖଳିତ ବ୍ୟବସ୍ଥା ନିମନ୍ତେ ମନ୍ଦିର ଆୟୋଜକ ଏବଂ ବିଏମ୍‌ସି, ପୁଲିସ ପ୍ରଶାସନ ପକ୍ଷରୁ ଘନଘନ ବୈଠକ ବସିଛି।

ପ୍ରକାଶ ଥାଉ କି ଆସନ୍ତା ୨୯ ତାରିଖରେ ମହାପ୍ରଭୁଙ୍କ ମଙ୍ଗନ ଓ ପରବର୍ତ୍ତୀ ଦିନ ଅର୍ଥାତ୍ ୩୦ ତାରିଖରେ ଦେବ ବିବାହ ପରମ୍ପରା ମୁତାବକ ଅନୁଷ୍ଠିତ ହେବ। ସେହିଭଳି ଆସନ୍ତା ୩୧ ତାରିଖରେ ପ୍ରଭୁଙ୍କ ଶିତଳଷଷ୍ଠୀ ଅନୁଷ୍ଠିତ ହେବାକୁ ଯାଉଛି। ଦେବ ବିବାହ ପାଇଁ ଏକାମ୍ର କ୍ଷେତ୍ରରେ ଅଧିକାଂଶ ସେବାୟତ ଏବଂ ଅଞ୍ଚଳବାସୀଙ୍କ ଘରେ ଉତ୍ସବ ଲାଗି ରହିଥିବା ବେଳେ ବନ୍ଧୁବାନ୍ଧବ ଏବଂ ସମ୍ପର୍କୀୟ ଭିଡ଼ ଆରମ୍ଭ ହେଲାଣି। ଶିତଳଷଷ୍ଠୀ ପୂର୍ବରୁ ଏକାମ୍ର କ୍ଷେତ୍ରରେ ଥିବା ବିଭିନ୍ନ ଧର୍ମଶାଳା, ହୋଟେଲ, ଲଜ୍‌ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଲାଣି।

## ଏଥର ୪୦ ପ୍ରକାର ନୃତ୍ୟ

ଚଳିତ ବର୍ଷ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରାରେ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବା ଯୋଜନା ରହିଛି। ଉତ୍ତରପ୍ରଦେଶର ଅଘୋରୀ ନୃତ୍ୟ, ଓଡ଼ିଶାର ଗୋଟିପୁଅ, ଘଣ୍ଟ, ବାରିପଦା ଛଉ, ସମ୍ବଲପୁରୀ, ଦୁଲଦୁଲି, ଗଞ୍ଜାମ ଯୋଡ଼ି ଶଙ୍ଖ, ଢୋଲ ମହୁରି, ବନ୍ୟ ଜନ୍ତୁ ବେଶ, କଣ୍ଢେଇ, ଘୋଡ଼ାନାଚ, ମୟୂରଭଞ୍ଜ ଛଉ, ଢୋଲ ମାଦଳ, ମହିଳା କଳସ ନୃତ୍ୟ, ଦେବାଦେବୀ ବେଶ, ବନାଟି ଆଦି ରାଜ୍ୟର ବିଭିନ୍ନ ଜିଲ୍ଲାର ପାରମ୍ପରିକ ବାଦ୍ୟ ସହ ୪୦ ପ୍ରକାର ନୃତ୍ୟ ପରିବେଷଣ ସହ ସଙ୍ଗୀତ ପରିବେଷଣରେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରାଯିବା ବୋଲି ମଙ୍ଗଳବାର କେଦାରଗୌରୀ ନିକଟ ମା ମଣ୍ଡପରେ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଶୀତଳଷଷ୍ଠୀ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଶୀତଳଷଷ୍ଠୀ କମିଟିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, ଉପସଭାପତି ବିଧାୟକ ବାବୁ ସିଂ, ଅନ୍ୟତମ ଉପସଭାପତି ସମୀର ମହାନ୍ତୀ, ମିଡ଼ିଆ କମିଟି ଅଧ୍ୟକ୍ଷ ସାମ୍ବାଦିକ ସନତ ମିଶ୍ର, ଆର୍ଥିକ ସଚିବ ନାରାୟଣ ମହାପାତ୍ର ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ ରହିଥିଲେ।

■ ସତ୍ୟବାନ ଫେରାର ଘଟଣାରେ ପାଲଟା ଅଭିଯୋଗ

# ସବୁ ଲୁଟି ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛି ଝିଅ

ଭୁବନେଶ୍ୱର, ୨୭ ।୫(ସମିସ): ଚାହିଁ ବସିଛି ସାବିତ୍ରୀ, ସତ୍ୟବାନ ଫେରାର ଘଟଣାରେ ଆସିଛି ନୂଆ ଟ୍ୱିଷ୍ଟ। ପୁଅର ବାପା ଆଣିଛନ୍ତି ସଂଘାତିକ ଅଭିଯୋଗ। ମୋ ପୁଅର ସବୁ ଲୁଟିନେଲା, ମୋ ପୁଅକୁ ଫସାଇଦେଲା। ଏବେ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛି ଝିଅ। ସୋମବାର ସାବିତ୍ରୀରେ ବିବାହ ଧୋକାର ଅଭିଯୋଗ ଆଣିଥିବା ଯୁବତୀଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି ଯୁବକଙ୍କ ବାପା। କେବଳ ସେତିକି ନୁହେଁ, ଯୁବତୀ ଜଣଙ୍କ ବିବାହିତା। ତାଙ୍କର ୮ ବର୍ଷର ପିଲା ମଧ୍ୟ ଥିବା ଅଭିଯୋଗ କରିଛନ୍ତି ପୁଅର ବାପା। ପୁଅକୁ ବ୍ଲାକମେଲ କରି ଯୁବତୀ ଲକ୍ଷାଧିକ ଟଙ୍କା ନେଇଥିବା ବେଳେ ନଗଦ ଟଙ୍କା ଓ ସୁନା ମଧ୍ୟ ନେଇଯାଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି ପରିବାର ଲୋକ। ଯୁବତୀ ଜଣଙ୍କ ଏୟାରପୋର୍ଟ ଥାନାର ଦ୍ୱାରସ୍ଥ ହେବା ସହ ଯୁବକ ଜଣଙ୍କ ତାଙ୍କୁ ମନ୍ଦିରରେ ବିବାହ କରିଥିବା ନେଇ ଅଭିଯୋଗ କରିଥିଲେ। ଏପରିକି ତାଙ୍କ ଅଜାଣତରେ ଯୁବକ ଜଣକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବା ନେଇ ଏତଲାରେ ଦର୍ଶାଇଥିଲେ। ତେବେ ପୁଲିସ ଘଟଣାର ତଦନ୍ତ କରୁଛି।

ଗତକାଲି ଯୁବତୀ ଅଭିଯୋଗ କରିଥିଲେ ଯେ, ୨୦୨୩ ଏପ୍ରିଲ ମାସରୁ ଫେସ୍‌ବୁକ୍ ମାଧ୍ୟମରେ ଝରଣାସାହିର ଏନ୍.ବାଲାଜି ରାଓ ପରିଚୟ ହୋଇଥିଲେ। ଉଭୟ କିଛି ଦିନ କଥା ବାର୍ତ୍ତା ହେବା ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୨୦୨୩ ମେ ୫ ତାରିଖରେ ବାଲାଜିଙ୍କ ସହ ପ୍ରଥମ ଭେଟ ହୋଇଥିଲା। ଯୁବତୀ ଜଣଙ୍କ ଭୁବନେଶ୍ୱର ଆସି ତାଙ୍କ ସହ ଭେଟ କରିବା ପରେ ପୁଣି ଗାଁକୁ ଫେରି ଯାଇଥିଲେ। ଏହାର ୫ ଦିନ ପରେ ଭୁବନେଶ୍ୱରରେ ବସ୍‌ରେ ବସି କନ୍ଧମାଳ ଯାଇଥିବା ବାଲାଜି ରାଓ। ସେଠାରେ ଯୁବତୀ ତାଙ୍କୁ ରହିବା ପାଇଁ ଲଜ୍ ବୁଝି ଦେଇଥିଲେ। ସକାଳୁ ଉଭୟ ପୁଣି ଗାଁ ନିକଟରେ ଥିବା ଏକ ୱାଟରଫଲ୍‌କୁ ବୁଲିବାକୁ ଯାଇଥିଲେ। ଫେରିବା ପରେ ପୁଣି ଏକ ନାରାୟଣୀ ମନ୍ଦିରରେ ବିବାହ କରିଥିଲେ। ହେଲେ କେହି ସେଠାରେ ସାକ୍ଷୀ ନ ଥିଲେ। ପରେ ଗତ ୧୨ ତାରିଖରେ ମଧ୍ୟ କୋର୍ଟ ମ୍ୟାରେଜ ପାଇଁ ଆବେଦନ କରିଛନ୍ତି। ଏହା ପରେ ତାଙ୍କୁ ସ୍ତ୍ରୀର ଅଧିକାର ଦେଇ ଭୁବନେଶ୍ୱର ଆଣି ସତ୍ୟନଗରରେ ଘର ଭଡ଼ା ନେଇ ରହୁଥିଲେ। ଚିଲିକା ତାଙ୍କୁ ଘରକୁ ନେବା କଥା କହିବାରୁ ଆସନ୍ତା ଅଗଷ୍ଟ ମାସରେ ନେବେ ବୋଲି କହିଥିଲେ। ହେଲେ ଏହା ପରେ ସେ ଆଉ ଫୋନ୍ ଉଠାଇ ନଥିଲେ କି ତାଙ୍କ ମା' ନମ୍ବର ଦେଇନଥିଲେ। ଯୁବତୀଙ୍କ ସନ୍ଦେହ ହେବାରୁ ସେ ପଚାରିପଚାରି ବାଲାଜି ରାଓଙ୍କ ଘରକୁ ଯାଇଥିଲେ। ସେଠାରେ ଦେଖିବା ପରେ ଘର କାନ୍ଥରେ ବାଜାଲିଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ବିବାହ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

# ଡାକ୍ତରଙ୍କୁ ମାଡ଼; ୨ ଅଟକ, ଜଣେ ଫେରାର

ବାଲିଅନ୍ତା, ୨୭ ।୫(ସମିସ): ବାଲକାଟୀ ଫାଣ୍ଡି ପୁରୁଣା ଫାଣ୍ଡି ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଗାଡି ସାଇଡମରାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ପୁଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟଜଣେ ଫେରାର୍ ଅଛି। ୩ ଜଣ ଯୁବକ ଜଣେ ଡାକ୍ତରଙ୍କୁ ମାଡମାରି କାର ଭଙ୍ଗାରୁଜା କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିଶିତରଞ୍ଜନ ଶତପଥୀ (୩୦)। ନିଶିତଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ଉତ୍ତ୍ୟକ୍ତ ଲୋକେ ୨ ଜଣ ଗଣ୍ଡଗୋଳକାରୀଙ୍କୁ କାବୁ କରି ବାଲକାଟି ଫାଣ୍ଡି ପୁଲିସ ଜିମି ଦେଇଛନ୍ତି। ନିଶିତଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ ହୋଇଛି। ଫେରାର ଅନ୍ୟ ଯୁବକକୁ ପୁଲିସ ଗିରଫ କରିପାରିନି। ସୂଚନା ଅନୁସାରେ ନିଶିତରଞ୍ଜନ ଡ୍ୟୁଟି ସାରି ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ବାଲକାଟି ପୁରୁଣାଫାଣ୍ଡି ଛକ ନିକଟରେ ଗୋଟିଏ ବାଇକରେ ଯାଉଥିବା ୩ ଯୁବକ ତାଙ୍କ କାରକୁ ସାଇଡ ମାରିଥିଲେ। ନିଶିତରଞ୍ଜନ ବିରୋଧ କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗ୍ଲାସ ଭାଙ୍ଗି ମାଡ ମାରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ୨ ଜଣ ଯୁବକଙ୍କୁ କାବୁ କରିବା ସହ ବାଲକାଟି ଫାଣ୍ଡି ପୁଲିସକୁ ଫୋନ କରି ଜଣାଇଥିଲେ। ଖବର ପାଇ ଫାଣ୍ଡି ପୁଲିସ ପହଞ୍ଚିବା ପୂର୍ବରୁ ଅନ୍ୟ ଜଣେ ଯୁବକ ଖସି ପଳାଇଥିଲା।




ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ବସ୍ ସେବା ଯୋଗାଇବା ଦାବିରେ ଅଖିଳ ଭାରତ ଛାତ୍ର ସଙ୍ଘ (ଏଆଇଏସ୍‌ଏଫ୍) ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା

## ବିଲ୍ଲୁର୍ ହତ୍ୟା ଘଟଣା: ଅଭିଯୁକ୍ତର ଆତ୍ମସମର୍ପଣ

ଭୁବନେଶ୍ୱର, ୨୭।୫(ସମିସ): ବିଲ୍ଲୁର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣାରେ ଆନ୍ୟତମ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଛି। ଏନେଇ ଏୟାରଫିଲ୍ଡ ଥାନାକୁ କୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ପୁଲିସ ଅଭିଯୁକ୍ତକୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ପୂର୍ବରୁ ଏୟାରଫିଲ୍ଡ ଥାନା ପୁଲିସ ଏହି ହତ୍ୟା ମାମଲାରେ ୩ ଜଣଙ୍କୁ ଗିରଫ କରିଥିଲା। ଗତ ଏପ୍ରିଲ ମାସ ୧୦ ତାରିଖ ରାତିରେ ସସ୍ମିତ ଜଟଣୀରୁ ଫେରୁଥିବା ବେଳେ ଜାମୁକୋଳି ରାସ୍ତାରେ ୭ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ତାଙ୍କ ସହ ପୂର୍ବରୁ ଜମିବାଡ଼ି ବିବାଦ ରହିଥିଲା। ତେଣୁ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଅଭିଯୁକ୍ତମାନେ ବିଲ୍ଲୁର ସସ୍ମିତଙ୍କୁ ପିଟିପିଟି ହତ୍ୟା କରିଥିଲେ। ପରେ ନିକଟସ୍ଥ କାଜୁ ଜଙ୍ଗଲରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ପୂର୍ବରୁ ୭ଜଣଙ୍କ ନାମରେ ହତ୍ୟା ଅଭିଯୋଗ ରହିଥିଲା। ଗୁଲୁ ମହାନ୍ତି, ମନୋଜ ବେହେରା ଏବଂ ସୁକାନ୍ତ ବେହେରା ଗିରଫ ହୋଇଥିଲେ। ଅନ୍ୟମାନେ ଫେରାର ହୋଇଯାଇଥିଲେ।

## ଗଞ୍ଜେଇ ସହ ଡାଲା ଅଟୋ ଜବତ; ୩ ଗିରଫ

ଭୁବନେଶ୍ୱର, ୨୭ ।୫(ସମିସ): ଦାରୁଠେଙ୍ଗରୁ ଡାଲା ଅଟୋରେ ଗଞ୍ଜେଇ ରେଣ୍ଟାଲ କଲୋନୀକୁ ଆସୁଥିବା ବେଳେ ମାଡ଼ି ବସିଲା ନୂଆପଲ୍ଲୀ ଥାନା ପୁଲିସ। ଘଟଣାସ୍ଥଳରୁ ୩ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ୨୫ କେଜି ଜବତ କରାଯାଇଥିବା ଗାଡିକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ, ଟିକାବାଲିର ସୋନୁ ଦିଗାଲ, ବାଲିପାଟଣା ଅଞ୍ଚଳର ସୀମା ସନ୍ତୋଷ ଷଡଙ୍ଗୀ ଏବଂ ଉତ୍ତରପ୍ରଦେଶର ଛତିଶ କୁମାର। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ଫୁଲବାଣୀରୁ ଗଞ୍ଜେଇ ଆଣି ଦାରୁଠେଙ୍ଗରେ ଲୁଚାଇ ରଖିଥିଲେ। ସେଠାରୁ ସେମାନେ ଏକ ଡାଲା ଅଟୋରେ ଭର୍ତ୍ତି କରି ରେଣ୍ଟାଲ କଲୋନୀକୁ ଆଣୁଥିଲେ। ହେଲେ ଖବର ପାଇ ବରମୁଣ୍ଡା ହାଇସ୍କୁଲ ନିକଟରେ ଉକ୍ତ ଗାଡିକୁ ଅଟକାଇଥିଲା ପୁଲିସ। ପରେ ଗାଡିକୁ ଯାଞ୍ଚ କରିବା ପରେ ସେଥିରୁ ୨୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେମାନେ ଜଣେ ଜଣେ ପେଶାଦାର ଅପରାଧି। କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରନ୍ତି।

## ମଜୁରି ଟଙ୍କା ଭାଗ ବଣ୍ଟାକୁ ନେଇ ଛୁରି ମାଡ଼

ଭୁବନେଶ୍ୱର, ୨୭।୫(ସମିସ): ମଜୁରୀ ଟଙ୍କାକୁ ନେଇ ଛୁରାମାଡ଼ ଘଟଣାରେ ସହିଦନଗର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶାନ୍ତିପଲ୍ଲୀ ବସ୍ତିର ସାଗର ନାୟକ।

ପୁଲିସ ସୂଚନା ଅନୁସାରେ, ଶାନ୍ତିପଲ୍ଲୀ ବସ୍ତିର ପିଣ୍ଟୁ ଗୁଣିଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ୨୦୨୪ ଜୁଲାଇ ୨୪ ତାରି ଦିନ ପ୍ରାୟ ୪ଟା ସମୟରେ ପିଣ୍ଟୁର ସାନ ଭାଇ ବାପୁନ ଗୁଣି (୧୭) କ୍ୟାଟରିଂ କାମରୁ ରୋଜଗାର ହୋଇଥିବା ଟଙ୍କା ବାଣ୍ଟିବା ନେଇ ଅଭିଯୁକ୍ତ ସାଗର ସହିତ ବିବାଦ ହୋଇଥିଲା। ସକାଳେ ବାପୁନ ତାଙ୍କର ଭାଗ ଦାବି କରିଥିଲେ। ଯାହାକୁ ଦେବାକୁ ମନା କରିଥିଲା ସାଗର। ଅପରାହ୍ଣରେ ସାଗର ପୁଣି ମନା କରିଦେଲେ। କ୍ରୋଧରେ ସାଗରୁ ତାଙ୍କ ହାତରେ ଥିବା ଏକ ଛୁରୀରେ ବାପୁନିକୁ ଭୁଷି ଦେଇଥିଲେ। ଫଳରେ ବାପୁନି ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଗଲେ। ଅଭିଯୋଗକାରୀଙ୍କ ସହିତ ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରି ବାପୁନଙ୍କୁ ସାଗରଙ୍କ କବଳରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସାଗର ଫେରାର ଥିବା ବେଳେ ଆଜି ପୁଲିସ ତାର ଘରେ ଚଢ଼ଉ କରି ଗିରଫ କରିଛି।

## 'ଆମ ବସ୍' ଭଡ଼ା କମାଇବା ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୨୭।୫(ସମିସ): ରାଜଧାନୀରେ ଆମ ବସ୍ ଭଡ଼ା ହ୍ରାସ ସହ ସହରରେ ଆହୁରି ଅଧିକ ସଂଖ୍ୟକ ବସ୍ ଚଳାଇବା ପାଇଁ ଦାବି କରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)




ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିଭଳି ସାଧାରଣ ଭାବେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯିବା ପାଇଁ ଜଣ ଜଣକୁ ତିନୋଟି ବସ ବଦଳାଇବାକୁ ପଡୁଛି। ଏହି କ୍ଷେତ୍ରରେ ତାଙ୍କୁ ମାସିକ ଟିକଟ ଥିଲେ ମଧ ତାଙ୍କୁ ଅଧିକ ପଇସା ଦେବାକୁ ପଡୁଛି, ଫଳରେ ସାଧାରଣ ଲୋକଙ୍କୁ ଏନେଇ ସମସ୍ୟା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ବସ୍ ଭଡା ବୃଦ୍ଧି ବିରୋଧରେ ଏହି ଅନ୍ୟାୟକୁ ବନ୍ଦ କରି ପୂର୍ବରୁ ଥିବା ୭୫୦ଟଙ୍କା ମାସିକିଆ ପାସ୍ ମାଧ୍ୟମରେ ସାରା ମାସ ଉଭୟେ ଏସି ଓ ନନ୍ ଏସି ବସ୍‌ରେ ଅନ୍‌ଲିମିଟେଡ ବସଯାତ୍ରା କରିବାର ସୁଯୋଗ ପ୍ରଦାନ କରିବା ଓ ଭିଡ କମାଇବା ପାଇଁ ଅଧିକ ବସ୍ ଚଳାଇବା ସଂଘର ମୁଖ୍ୟ ଦାବି ରହିଛି। ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ପଟିଆସ୍ଥ ଆମ ବସ୍ ସେବା ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ଆମ ବସ୍ ସେବାର ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରିଛନ୍ତି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା ଓ ସଂଗଠକ ରାଜେନ୍ଦ୍ର ବର୍ମା, ସନ୍ତୋଷ ରଥ, ପ୍ରଭାମଞ୍ଜୁଳା ବ୍ରହ୍ମ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଛନ୍ତି।

## ଅଭିନବ ଉପାୟରେ ମୋବାଇଲ୍ ଲୁଟ୍; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୭ ।୫(ସମିସ): ଜରୁରୀ ଫୋନ୍ କଲ କରିବାକୁ ମୋବାଇଲ୍ ମାଗୁଥିଲା। କଥା ହେବା ବାହାନାରେ ମୋବାଇଲ୍ ଛଡ଼ାଇ ନେଇ ଚମ୍ପଟ ମାରୁଥିଲା। ଏଭଳି ଜଣେ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ବରମୁଣ୍ଡାର ମିଥୁନ ପାଇକରାୟ। ତା' ନିକଟରୁ ପୁଲିସ ୨୫ଟି ମୋବାଇଲ ଜବତ କରିଛି। ଅଭିଯୋଗ ଅନୁସାରେ, ଅଟୋରେ ଗତ ୧୯ ତାରିଖରେ ମିଥୁନ ଯାତ୍ରୀମାନଙ୍କ ସହିତ ରସୁଲଗଡ଼ରୁ ବରମୁଣ୍ଡା ଯାତ୍ରା କରୁଥିଲା। ମିଥୁନ ଅଭିଯୋଗକାରୀଙ୍କୁ ଏକ ଜରୁରୀ କଲ୍ କରିବା ପାଇଁ ତାଙ୍କ ମୋବାଇଲ୍ ଫୋନ୍ ମାଗିଥିଲେ। ତାଙ୍କ ଉପରେ ବିଶ୍ୱାସ ରଖି, ଅଭିଯୋଗକାରୀ ତାଙ୍କ ମୋବାଇଲ୍ ଫୋନ୍ ଦେଇଥିଲେ। କିନ୍ତୁ, ପରିସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ମୋବାଇଲ୍ ଫୋନ୍ ନେଇ ଅଟୋରୁ ପଳାଇ ଯାଇଥିଲେ। ତଦନ୍ତ ସମୟରେ, ଏକ ସୂଚନା ପାଇ ମିଥୁନଙ୍କ ବାସଭବନରେ ଚଢ଼ଉ କରି ପୁଲିସ ତାକୁ ଗିରଫ କରିଛି।

କାମ ଚାପରେ ଚେପା କମିସନରେଟ୍ ପୁଲିସ

# ଆଗେଇ ପାରୁନି ତଦନ୍ତ; ପଡ଼ିରହିଛି ଫାଇଲ

ଭୁବନେଶ୍ୱର, ୨୭ ।୫(ସମିସ)

ସ୍ୱଳ୍ପ ସଂଖ୍ୟକ ପୁଲିସ କର୍ମଚାରୀ ଉପରେ କାମର ଚାପ। ସେଥିରେ ପୁଣି ଗଦାଗଦା ଫାଇଲ ସାଙ୍ଗକୁ ଆଇନଶୃଙ୍ଖଳା ଦାୟିତ୍ୱ। ଏଥିପାଇଁ ଅନେକ ମାମଲାର ତଦନ୍ତ ଆଗେଇପାରୁ ନାହିଁ। କେତେକ କ୍ଷେତ୍ରରେ ତଦନ୍ତ ମଧ୍ୟ ଠିକ୍ ଭାବେ ହେଉନାହିଁ। ଯେଉଁଥିପାଇଁ ଅଭିଯୋଗକାରୀ ନ୍ୟାୟ ପାଇପାରୁ ନାହିଁ ଏବଂ ଦୋଷୀ ସହଜରେ ଖସି ଯାଉଛି।

ପ୍ରକାଶ ଥାଉ କି କମିସନରେଟ୍ ପୁଲିସର ଲୋକଙ୍କସଂଖ୍ୟା ବୃଦ୍ଧି ସାଙ୍ଗକୁ ସ୍ୱଳ୍ପସଂଖ୍ୟକ ପୁଲିସ ମାମଲାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ବିଶେଷ ମାମଲା ଶେଷ କରିବା ପାଇଁ ଦିଆଯାଉଥିବା ଟାର୍ଗେଟ ସେମାନଙ୍କୁ ମାନସିକ ଚାପକୁ ନେଇ ଆସୁଛି। ରାଜଧାନୀର ଅନେକ ପୁଲିସ ଭିଭିଆଇପି ସୁରକ୍ଷାରେ ନିୟୋଜିତ ରହୁଛନ୍ତି। କହିବାକୁ ଗଲେ କମିଶନରେଟ ପୁଲିସ ଦିନକୁ ୧୮ ଘଣ୍ଟାରୁ ଅଧିକ ସମୟ ଧରି କାମ କରୁଛନ୍ତି। ଅନେକ ଥାନା ଅଧିକାରୀ ମଧ୍ୟ ଆଇନ୍ ଶୃଙ୍ଖଳା ଏବଂ ଭିଭିଆଇପିଙ୍କୁ ସୁରକ୍ଷା ଦୃଷ୍ଟିରୁ ଘରକୁ ନଯାଇ ଥାନାରେ ରହି ଯାଉଛନ୍ତି। ଅନେକ ଦିନରେ ଭିଭିଆଇପିଙ୍କ ଗ୍ରସ୍ତ ପରେ ଥାନାରେ ଡିସିଓଙ୍କୁ ଛାଡିଦେଲେ ବାକି ପୁଲିସଙ୍କୁ ଥାନାରେ ଦେଖିବାକୁ ମିଳୁ ନାହିଁ। ଯଦି କେହି ଅଭିଯୋଗ କରିବାକୁ ଥାନାକୁ ଯାଉଛନ୍ତି ତେବେ ଥାନାରେ କହି ନାହିଁ କହି ଫେରାଇ ଦେଉଛନ୍ତି। ଏହିଭଳି ପ୍ରତିଦିନ ପୁଲିସକୁ ଭିଭିଆଇପି ଏବଂ ଲ ଆଣ୍ଡ

■ ଦିନକୁ ୧୮ ଘଣ୍ଟାରୁ ଅଧିକ ସମୟ କାମ କରୁଛନ୍ତି

■ ମାନସିକ ଚିନ୍ତା ବଢ଼ାଉଛି ମାସିକିଆ ଟାର୍ଗେଟ

ଅର୍ଡର କାର୍ଯ୍ୟକ୍ରମ ରହୁଛି। ତା ଭିତରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହୁଛି। କମିଶନରେଟ୍ ପୁଲିସର ଏଭଳି ଅବସ୍ଥାକୁ ଦେଖି 'ଲ ଆଣ୍ଡ ଅର୍ଡର ଏବଂ ତଦନ୍ତ ପକ୍ରିୟାକୁ ଅଲଗା କରିବା ପାଇଁ ଗୃହ ବିଭାଗକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ 'ଲ ଆଣ୍ଡ ଅର୍ଡର ଏବଂ ତଦନ୍ତ ପକ୍ରିୟା ଅଲଗା ହୋଇ ପାରିଲା ନାହିଁ। ଯାହାର ପ୍ରଭାବ ପୁଲିସ ତଦନ୍ତ ଉପରେ ପଡୁଛି। କାରଣ ଥାନାକୁ ଆସୁଥିବା ଏକାଧିକ ମାମଲାର ସଠିକ୍ ତଦନ୍ତ ହୋଇପାରୁନି। କୌଣସି ଅଧିକାରୀ ତଦନ୍ତ କରିବାକୁ ଯିବା ସମୟରେ ଭିଭିଆଇପି ଏବଂ ଭିଆଇପି ସୁରକ୍ଷା ପାଇଁ ନିର୍ଦ୍ଦେଶ ଆସୁଛି। ଫଳରେ ସଠିକ୍ ଭାବେ ତଦନ୍ତ ହୋଇ ନ ପାରିବାରୁ ଅଭିଯୁକ୍ତ ଖସିଯିବାରେ ସକ୍ଷମ ହୋଉଛି। ଯଦି ପୁଲିସ କୌଣସି ଅଭିଯୁକ୍ତକୁ ଗିରଫ କରୁଛି ତେବେ ତରବିଆ ଭାବେ ତଦନ୍ତ କରୁଥିବାରୁ କୋର୍ଟରେ ପ୍ରମାଣ ଦାଖଲ କରିପାରୁନି। ଯାହାଫଳରେ ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦେଶରେ ଖଲାଇ ହୋଇଯାଉଛନ୍ତି। ଅନ୍ୟ ରାଜ୍ୟରେ ଏହାକୁ ନଜରରେ ରଖି 'ଲ ଆଣ୍ଡ ଅର୍ଡର' ଏବଂ ତଦନ୍ତକୁ ଅଲଗା କରାଯାଇଛି। ସବୁ ଥାନାରେ ଏଥିପାଇଁ ଅଲଗା ଅଲଗା ପୁଲିସ ଟିମ୍ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ କମିଶନରେଟ୍ ପୁଲିସର ହୋଇପାରିନି।

### ଥାନାରେ ୨୦ ପ୍ରତିଶତ ପଦବୀ ଫାଙ୍କା

ଓଡ଼ିଶା ପୁଲିସରେ ଏବେ ପାଖାପାଖି ୨୦ ପ୍ରତିଶତ ପଦବୀ ଖାଲି ପଡ଼ିଛି। ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲା ନୁହେଁ କମିଶନରେଟ୍ ପୁଲିସରେ ମଧ୍ୟ ଏକାଧିକ ପୁଲିସ ପଦବୀ ଫାଙ୍କା ପଡ଼ିଛି। ଯେଉଁଥି ପାଇଁ ଲ ଆଣ୍ଡ ଅର୍ଡର ଏବଂ ଭିଭିଆଇ ସୁରକ୍ଷା ପାଇଁ ମାନବ ସମ୍ବଳର ଅଭାବ ଦେଖା ଯାଉଛି। ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ବିପିଆରଡି ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ହାରାହାରି ଭାବେ ୧୪୦ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା। ଏହି ଆଧାରରେ ଓଡ଼ିଶାରେ ମଞ୍ଜୁରିପ୍ରାପ୍ତ ପୁଲିସ ପଦବୀ ସଂଖ୍ୟା ୯୮ ରହିଛି। କିନ୍ତୁ ଖାଲି ପଡ଼ିଥିବା ପଦବୀକୁ ବିଚାର କଲେ ଆମ ରାଜ୍ୟରେ ଏବେ ମାତ୍ର ୮୩ଜଣ କାର୍ଯ୍ୟ କରୁଛନ୍ତି।

### ପ୍ରତିଥାନାରେ ବର୍ଷକୁ ୮ ଶହ ମାମଲା

ପୁଲିସ କର୍ମଚାରୀ ଆଇନ୍ ଶୃଙ୍ଖଳା, ଭିଭିଆଇପି ଡ୍ୟୁଟି ଆଦିରେ ବ୍ୟସ୍ତ ରହୁଥିବାରୁ ମାମଲାର ତଦନ୍ତ ହୋଇପାରୁନି। ପ୍ରତି ବର୍ଷ ଗୋଟିଏ ଗୋଟିଏ ଥାନାରେ ୭ରୁ ୮ଶହ ମାମଲା ରୁଜୁ କରାଯାଉଛି। କିନ୍ତୁ ମାମଲା ଅନୁସାରେ ତଦନ୍ତ ଶେଷ ହୋଇପାରୁନି। ଯାହାଫଳରେ ବର୍ଷକୁ ବର୍ଷ ମାମଲା ପଡ଼ି ରହୁଛି। ଥାନାରେ ମାନବସମ୍ବଳର ଅଭାବ ରହୁଥିବା ହାତ ଗଣତି କର୍ମଚାରୀଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଯେଉଁଥି ପାଇଁ ସେମାନେ ଫାଇଲ୍ ଚାଷ କରି କରି ଦିନ ଯାଉଛି।

୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ମୃତ୍ୟୁଞ୍ଜୟ ବାରିକ
ଆବିର୍ଭାବ -୧୮/୦୭/୧୯୮୭
ତିରୋଧାନ -୧୨/୦୬/୨୦୨୧
ଘରର ମେରୁଦଣ୍ଡ ଆଉ ଆମ ତିନି ଭଉଣୀଙ୍କର ସାହସ ଥିଲୁ ତୁ।
ତୁ ସବୁବେଳେ ଆମ ସହ ଅଛୁ ଆଉ ତୋ ଆଶୀର୍ବାଦ ବି ଆମ ସହ ଅଛି ବୋଲି ଦୁନିଆରେ ଯେତେ ବାଧାବିଘ୍ନ ଆସିଲେ ବି ଆମେ ଆଗେଇ ଚାଲିଛୁ.. ତୁ ଯୋଉଠି ଥାଆ ଖୁସିରେ ଥାଆ...
ତୁ ସବୁବେଳେ ଆମ ମାନଙ୍କର ମନେ ପଡୁଛୁ....
ଆମ ମାନଙ୍କର ଜୀବନରେ ତୋ ସ୍ଥାନ ସଦାସର୍ବଦା ଅପୂରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

ଦ୍ୱାଦଶାହ ଉପଲକ୍ଷେ
ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶାନ୍ତିଲତା ସାହୁ
ଅବିର୍ଭାବ: ୧୦.୦୬.୧୯୫୧ ତିରୋଧାନ: ୧୨.୦୫.୨୦୨୫
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ,
କାଳିନ୍ଦୀପୁର, ମହାରଣା କୁଟୀର, ଯାଜପୁର
ତୁମେ ସିନା ଚାଲିଗଲ, ହେଲେ ତୁମର ଅଭୁଲା ସ୍ମୃତି ଆମମାନଙ୍କ ହୃଦୟରେ ଚିରଦିନ ପାଇଁ ଅମର ହୋଇରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ସ୍ୱାମୀ-ଅକ୍ଷୟ କୁମାର ମହାରଣା, ପୁତ୍ର-ପ୍ରକାଶ ମହାରଣା ଓ ଅମରେଶ ମହାରଣା, ପୁତ୍ରବଧୂ-ରାନି, ରିନା, ଝିଅ-ମାମି, ଜବି, ମାନ, ନାତି-ପ୍ରଭୁପଦ, ନାତୁଣୀ-ଆରାଧ୍ୟା ତଥା ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

# ରାସ୍ତା କଡ଼ରେ ବିପଦସଂକୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ସିନ୍ଧେକେଲା,୨୭।୫(ସମିସ):ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ଅନେକ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା



ହୋଇପଡିଛି। ଯାହା ସାଧାରଣଲୋକଙ୍କ ପାଇଁ ବଡ ବିପଦ ସୃଷ୍ଟି କରୁଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ କେତେ ବେଳେ ବି ଘଟିପାରେ ବଡ଼ ଅଘଟଣ।ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବଙ୍ଗୋମୁଣ୍ଡା ମୁଖ୍ୟରାସ୍ତା କଡ଼ ଆଦର୍ଶପଡ଼ା ନିକଟରେ ଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମର ଚାରିପାଖରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସାଜିଛି। ସ୍ଥାନୀୟ ଲୋକମାନେ ଅନେକଥର ସମସ୍ୟା ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଅବଗତ କରିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।ଏହି ଅବହେଳା ଯେ କୌଣସି ସମୟରେ ଦୁର୍ଘଟଣାର ହେବାର ଆଶଙ୍କା ରହିଛି।ସ୍ଥାନୀୟଲୋକ ଟ୍ରାନ୍ସଫର୍ମର ଚାରିପାଖରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ରବି ଧାନକିଣା ପାଇଁ ଚାଷୀଙ୍କ ମଧ୍ୟରେ ନାହିଁ ଉତ୍ସାହ

## ଖରିଫ ସ୍ଥିତି ପୁନରାବୃତ୍ତି ଆଶଙ୍କା

ବଲାଙ୍ଗିର,୨୭।୫(ସମିସ): ବଲାଙ୍ଗିର ଜିଲ୍ଲାରେ କଚ୍ଛପ ଗତିରେ ଚାଲିଛି ରବି ଧାନକିଣା। ଆରମ୍ଭରୁ ହିଁ ଧାନକିଣା ପ୍ରତିଶତ କମ ରହିଥିବା ବେଳେ ଆଗକୁ ଏହା ବଢିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ବର୍ଷ ୧୧ ହଜାର ୬୫୩ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ମାତ୍ର ୨୯ ଜଣ ଚାଷୀ ଏଯାବତ ଧାନବିକ୍ରୀ କରିଥିବା ଜଣାପଡିଛି। ଗତ ଶୁକ୍ରବାର ଧାନକିଣା ଆରମ୍ଭ ହୋଇଥିବା ବେଳେ ରବି ଧାନବିକ୍ରି ପାଇଁ ଯେଉଁଭଳି ଭାବେ ଚାଷୀମାନଙ୍କୁ ସୂଚନା ଦିଆଯିବା ସହ ବ୍ୟବସ୍ଥା କରିବା କଥା ସେହିଭଳି କରାଯାଇନଥିବା ଅଭିଯୋଗ ହୋଇଛି। ଏହା ସହିତ ଧାନ କିଣା ପୂର୍ବରୁ ଜିଲ୍ଲାରେ କିଛି ଦିନ ହେଲା ମେଘୁଆ ପାଗ ରହିଥିବା ବେଳେ ଏଫଏକ୍ୟୁମାନର ଧାନକୁ ନେଇ ପ୍ରଶ୍ନ ଉଠିଛି। ମେଘୁଆ ପାଗ ସହ ଝିପିଝିପି ବର୍ଷାରେ ବହୁ ଚାଷୀଙ୍କ ଧାନ ପ୍ରଭାବିତ ହୋଇଥିବା ବେଳେ ରବି ଧାନକିଣାକୁ ନେଇ ଜିଲ୍ଲାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବଲାଙ୍ଗିର ଜିଲ୍ଲାରେ ଖରିଫ ଭଳି ରବିରେ ମଧ୍ୟ କିଛି ପରିମାଣର ଚାଷ ଜମିରେ ଧାନ ଚାଷ ହୋଇଥାଏ। ପାଣିର ବିକଳ୍ପ

- ବର୍ଷକରେ ବଢିଲେ ପ୍ରାୟ ୪ ହଜାର ଚାଷୀ
- ଖରିଫରେ ମିଥ୍ୟା ଏଣ୍ଟ୍ରି ନେଇ ହୋଇଥିଲା ଅଭିଯୋଗ

ବ୍ୟବସ୍ଥା ଯଥା ମେଗା ଉଠାଜଳସେଚନ, ଉଠା ଜଳସେଚନ, ବୋରିଂ, ନଦୀସ୍ରୋତ ଓ ଚେକ୍ଡ୍ୟାମ ପାଣିକୁ ବ୍ୟବହାର କରି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଡାଲୁଆ ଧାନ ଚାଷ ହୋଇଥାଏ। କୃଷି ବିଭାଗ ଅନୁସାରେ ପାଖାପାଖି ୧୦ ହଜାର ହେକ୍ଟରରେ ଧାନଚାଷ ହେଉଥିବା ବେଳେ ଏହାର ପରିମାଣ ଅଧିକ ହେବ ବୋଲି ଚାଷୀମାନେ କହିଛନ୍ତି। ତେବେ ଚଳିତ ବର୍ଷ ଗତ ଶୁକ୍ରବାର ଦିନ ଠାରୁ ରବି ଧାନକିଣା ଆରମ୍ଭ ହୋଇଥିବା ବେଳେ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିନାହିଁ। ବିଭାଗୀୟ ରିପୋର୍ଟ ଅନୁସାରେ ଚଳିତ ବର୍ଷ ରବି ଧାନ ବିକ୍ରି ପାଇଁ ୧୧ ହଜାର ୬୫୩ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨ ଲକ୍ଷ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଖରିଫ ଭଳି ରବି ସମୟରେ ମଧ୍ୟ ପ୍ରାୟ ଚାରି ହଜାର ନୂତନ ଚାଷୀ ପଞ୍ଜିକରଣ କରାଯାଇଥିବା ଜଣାପଡିଛି। ଗତ ବର୍ଷ ରବି ଧାନବିକ୍ରି ପାଇଁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ୭ହଜାର ୭୨୧ ରହିଥିଲା। ଗତ ରବିରେ ୧୦୩ ପାକ୍ସ ଓ ୧୦ ଏସ୍ଏଚଜି ଜରିଆରେ ଧାନକିଣା ଯାଇଥିବା ବେଳେ ଚଳିତ ବର୍ଷ ୧୧୨ପାକ୍ସ ଓ ୧୦ଏସ୍ଏଚଜିଙ୍କୁ ଧାନକିଣାରେ ନିୟୋଜିତ କରାଯାଇଛି। ତେବେ ରବି ସମୟରେ ଧାନ ଚାଷ ପରିମାଣ ବଢିଛି ନା ନାହିଁ ସେନେଇ କୌଣସି ସ୍ୱଷ୍ଟ ସୂଚନା ବିଭାଗ ପାଖରେ ନଥିବା ବେଳେ ଗୋଟିଏ ବର୍ଷରେ ୪ହଜାର ନୂଆ ରବି ଧାନଚାଷୀ କେମିତି ବାହାରିଲେ ବଡ ପ୍ରଶ୍ନ ସୃଷ୍ଟି ହୋଇଛି।ଗତ ଖରିଫ ସମୟରେ ବଲାଙ୍ଗିର ଜିଲ୍ଲାରେ ମିଥ୍ୟା ଏଣ୍ଟ୍ରି କରି ହଜାର ହଜାର କୁଇଣ୍ଟାଲ ଧାନର ପଇସା ମିଲର୍ସ ଓ ପାକ୍ସ କର୍ମଚାରୀମାନେ ହଡପ କରିଥିବା ଅଭିଯୋଗ ହୋଇଥିବା ବେଳେ ଚଳିତ ରବିରେ ଏହାର ପୁନରୁାବୃତ୍ତି ହେବାର ଆଶଙ୍କା ରହିଛି।ଖରିଫରେ ବଳକା ଧାନ ରଖିଥିବା ଦଲାଲମାନେ କିଛି ପାକ୍ସ ସମ୍ପାଦକଙ୍କୁ ହାତ କରି ରବିରେ ବିକ୍ରି କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୮ ଟି ପାକ୍ସରେ ୨୯ ଜଣ ଚାଷୀ ୧୮୦୨କୁଇଣ୍ଟାଲ ଧାନ ବିକିଥିବା ବିଭାଗୀୟ ରିପୋର୍ଟରୁ ଜଣାପଡିଛି। ସେହିପରି ଗତ କିଛି ଦିନ ହେଲା ଜିଲ୍ଲାରେ ମେଘୁଆ ପାଗ ଲାଗିରହିବା ସହିତ ଝିପିଝିପି ବର୍ଷା ଯୋଗୁ ଅନେକ ଚାଷୀ ପ୍ରଭାବିତ ହୋଇଛନ୍ତି। ଏହି ପ୍ରଭାବିତ ଚାଷୀ ଏବେ ଏଫଏକ୍ୟୁ ମାନକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ପାକ୍ସକୁ ନେଲେ ନନଏଫଏକ୍ୟୁ ନାମରେ ଧାନ କଟନୀ କରାଯିବା ଆଶଙ୍କା ରହିଥିବାରୁ ଚାଷୀମାନେ ମଣ୍ଡିକୁ ଯିବା ପରିବର୍ତ୍ତେ ନିଜ ଅଞ୍ଚଳର ଦଲାଲମାନଙ୍କୁ ଧାନ ବିକିବା ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସ୍ୱଚ୍ଛ ଧାନକିଣା ପାଇଁ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଯୁଗଳ ଦର୍ଶନରେ ବାହାରିବେ ବାବା ଗୋପେଶ୍ୱର

ବଲାଙ୍ଗିର,୨୭।୫(ସମିସ):ବଲାଙ୍ଗିର ବିବିଏସ୍ଏସ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଶୀତଳ ଷଷ୍ଠି ମହୋତ୍ସବ ସଇଁତିରିଶ ବର୍ଷରେ ପହଁଞ୍ଚିଛି। ଦୀର୍ଘ ସାତ ବର୍ଷ ବ୍ୟବଧାନ ବାବା ଗୋପେଶ୍ୱର ଭକ୍ତ ସମୂହଙ୍କୁ ଯୁଗଳ ଦର୍ଶନ ଦେବାକୁ ବାହାରିବେ। ଚଳିତ ବର୍ଷ ଯାତ୍ରା ମୁଖ୍ୟ ଆକର୍ଷଣ ହେବ କଟକର ସୂର୍ଯ୍ୟ ପରିଡା ଓ ମନୋରଞ୍ଜନ ପରିଡା ଦ୍ୱରା ନିର୍ମିତ ଜରୀମେଡ଼ ସହ ଢେଙ୍କାନାଳର ଘଣ୍ଟା, ଆଦିବାସୀ ନୃତ୍ୟ, ନର୍ତ୍ତକ ନର୍ତ୍ତକୀ ଓ ସ୍ଥନୀୟ ଅଞ୍ଚଳ ସଂକୃତିକ ଦଳଙ୍କ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି କମଳ ନନ୍ଦ, ଉପସଭପତି ରାଜୁ ସାହୁ,ସାଂସ୍କୃତିକ ସମ୍ପାଦକ ସଂଜୀବ ସାହୁ ସୂଚନା ଦେଇଛନ୍ତି। ବାବା ଗୋପେଶ୍ୱରଙ୍କ ଲୋକାଚାର ପିତାମାତା ଭାବେ ଗୁପ୍ତେଶ୍ୱର



ଶୀତଳ ଷଷ୍ଠୀ ପ୍ରସ୍ତୁତି

ପୃଷ୍ଟି, ଅଞ୍ଜୁ ପୃଷ୍ଟି ଓ ଜଗତ ଜନନୀ ମାତା ପାର୍ବତୀଙ୍କ ଲୋକାଚାର ପିତାମାତା ଭାବେ ଭୂପେନ୍ଦ୍ର ସାହୁ ଓ ରଶ୍ମିତା ସାହୁ ରାଧାରାଣୀପଡ଼ା ଦାୟିତ୍ୱ ନେଇ ଦେବ ଦମ୍ପତିଙ୍କ ପରମ୍ପରିକ ବିବାହ ସମ୍ପନ୍ନ କରିବେ। ଶୀତଳ ଷଷ୍ଠୀ ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରଯିବ ସେଥିପାଇଁ ବିବିଏସଏସ ର ଉପଦେଷ୍ଟା ମଣ୍ଡଳୀର ଶ୍ୟାମ ପ୍ରସାଦ ଗୁରୁ, ପ୍ରତାପ ପାତ୍ର, ସୁଦାମ ସାହୁ, ନବୀନ ପଶାୟତ, ପ୍ରମୋଦ ସାହୁ ଙ୍କ ସମେତ ସରୋଜ ସାହୁ,ବିଜୟ ପଶାୟତ, ଅଭିଷେକ ଶତପଥୀ, ସୁଜିତ ଦାସ,ଜତେନ୍ଦ୍ର ସାହୁ,ସୁଜ୍ଞାନୀ ବାରିକ, ବାବୁ ମହାଲିଙ୍ଗ,ଆଶିଷ ସାହୁ,ପୁରନଦର ପାତ୍ର,ଅଜୟ ପଶାୟତ, ଦୀପକ ସରାଫ,ଶ୍ୟାମ ସାହୁ, ସମୀର ବେହେରା, ଆଶୁତୋଷ, ଜିତୁ ବାଗ,ସଞ୍ଜୟ ବେହେରା, ପ୍ରବୀନ ସାହୁ,ସୁଧୀର ବେହେରା, ବୁନା ସାହୁ ପ୍ରତିକ ପାତ୍ର, ପପୁନ ପାତ୍ର,ଦାଶରଥି,ରାଜେଶ, ଭୋଲା,ସୋମ ନନ୍ଦ, ନିଖିଳ, ଓମ ଓ ସୋନୁ ସହଯୋଗ କରୁଛନ୍ତି।

# ଜିଲ୍ଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା



କଣ୍ଟାବାଞ୍ଜି,୨୭।୫(ସମିସ): ବଲାଙ୍ଗିର ଜିଲ୍ଲାର ନୂତନ ବିଜୁ ଜନତା ଦଳର ସଭାପତି ଭାବେ ପାଟଣାଗଡର୍ ପୂର୍ବତନ ବିଧାୟକ ସରୋଜ ମେହରଙ୍କୁ ଦଳ ସଭାପତି ନିଯୁକ୍ତି କରିଥିବା ବେଳେ କଣ୍ଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା ପାଟଣାଗଡ ଯାଇ ନୂତନ ଜିଲ୍ଲାର ବିଜୁ ଜନତା ଦଳ ସଭାପତି ଶ୍ରୀ ମେହେରଙ୍କୁ ସାକ୍ଷାତ କରି ଆଗାମୀ ଦିନରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳକୁ ତୃଣମୂଳସ୍ତରରେ ସଂଗଠନ ସୁଦୃଢ଼ କରିବାକୁ ନୂଆ ସଭାପତିଙ୍କ ସହ ଆଲୋଚନା କରିଥିଲେ।

# କିନ୍ନର ସମାଜ ପକ୍ଷରୁ ସାବିତ୍ରୀ ବ୍ରତ



କଣ୍ଟାବାଞ୍ଜି,୨୭।୬(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ସୋମବାର କିନ୍ନର ସମାଜ୍ ପକ୍ଷରୁ ନିଆରା ସାବିତ୍ରୀ ବ୍ରତ ପାଳନ ହୋଇଯାଇଛି। ମହିଳାମାନେ ତାଙ୍କ ସ୍ୱାମୀଙ୍କ ପାଇଁ ସାବିତ୍ରୀ ବ୍ରତ କରୁଥିବା ବେଳେ କଣ୍ଟାବାଞ୍ଜିରେ କିନ୍ନରମାନେ ତାଙ୍କ ଗୁରୁସୋନୁଙ୍କ ଦିର୍ଘାୟୁ କାମନା କରି ସାବିତ୍ରୀବ୍ରତ କରିଛନ୍ତି। କିନ୍ନରମାନେ କଣ୍ଟାବାଞ୍ଜି ଆଶ୍ରମପଡ଼ାସ୍ଥିତ ଶିବ ମନ୍ଦିର ନିକଟସ୍ଥ ବରଗଛ ତଳେ ପୂଜା ଅର୍ଚ୍ଚନା କରିବା ପରେ ତାଙ୍କୁ ଗୁରୁଙ୍କ ଆଶିର୍ବାଦ ନେବା ସହ ଭଗବାନଙ୍କ ଠାରେ ତାଙ୍କ ଦିର୍ଘାୟୁ କାମନା କରିଥିଲେ। ଅତିଥି ଭାବେ ନାରୀନେତ୍ରୀ ପିଙ୍କି ଖର୍ସେଲ ଯୋଗ ଦେଇଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଖପ୍ରାଖୋଲ,୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ୍ ଅନ୍ତର୍ଗତ କୁଲଥିପାଲି ଗାଁରେ ସାମ୍ବାଦିକ ବିଜୟ ପ୍ରଧାନ ଖବର ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ସେଠାରେ ଠିକାଦାର ଗଜେନ୍ଦ୍ର ଦଲେଇ ଓ ତାର ଗୁଣ୍ଡାମାନେ ମାଡ଼ମାରି ଲହୁଲୁହାଣ କରିଥିଲେ। ଏନେଇ ଦୁଇ ଜଣଙ୍କୁ ପୁଲିସ ଆଜି ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସାମ୍ବାଦିକମାନେ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସାମ୍ବାଦିକମାନେ ରାଜାରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଦୁର୍ଘଟଣାରେ ୨ ଗୁରୁତର

ଲୋଇସିଂହା,୨୭।୫(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଲୋଇସିଂହା-ପଦ୍ମପୁର ରାସ୍ତା ପଣ୍ଡରାଣୀ ଛକରେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା।ଲୋଇସିଂହା ଥାନା ରାମପୁର୍ ଗ୍ରାମର ଆଇଁଠୁ ମିର୍ଦ୍ଧା (୫୫) ଓ ଶଙ୍କର ସାହୁ (୪୦) ଗୁରୁତର ହୋଇଛନ୍ତି। ଲୋଇସିଂହା ପୁଲିସ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଅଇଁଠୁଙ୍କ ଏକ୍ସସେଲ ସୁପର ଓ ଶଙ୍କରଙ୍କ ବାଇକ ପୁଲିସ ଜବତ କରିଛି।

# ବଙ୍ଗୋମୁଣ୍ଡା-ଟିଟିଲାଗଡ଼ ରାସ୍ତା ଅବସ୍ଥା ଶୋଚନୀୟ



କଣ୍ଟାବାଞ୍ଜି,ସିନ୍ଧେକେଲା,୨୭।୫(ସମିସ):ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଜାତୀୟ ରାଜପଥ ୫୯ର ବଙ୍ଗୋମୁଣ୍ଡା-ଟିଟିଲାଗଡ ରାସ୍ତା ଦୟନୀୟ ଅବସ୍ଥାରେ ପହଞ୍ଚିଛି। ବଙ୍ଗୋମୁଣ୍ଡା ଚାରି ଛକ ସେତୁ ନିକଟରେ ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହେବା ସହିତ ପାଣି ଜମି ରହିବା ଫଳରେ ଗାଡ଼ି ଚଳାଚଳ ସହ ଗମନା ଗମନ ଅତ୍ୟନ୍ତ କଷ୍ଟସାଧ ହେଉଛି। ଏହି ରାସ୍ତାରେ ଦିନକୁ ଦିନ ଅଧିକ ଜନସଂଖ୍ୟା ଓ ଯାନବାହନ ଚଳାଚଳ ପାଇଁ ବ୍ୟସ୍ତ ହେଉଛି କିନ୍ତୁ ରାସ୍ତାର ଖରାପ ଅବସ୍ଥା ଦ୍ୱାରା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି।ବର୍ଷାରେ ଗାତ ଗୁଡ଼ିକ ପ୍ରକୃତରେ ଚିହ୍ନଟ କରିବା ସମ୍ଭବ ନୁହେଁ, ଫଳରେ ଅନେକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକଙ୍କ କହି ଅନୁସାରେ ଆମେ ପ୍ରତିଦିନ ଏହି ରାସ୍ତାରେ ଭୟଭୀତ ହୋଇ ଯାତ୍ରା କରୁଛୁ। ପ୍ରଶାସନ କେବେ ଏହାକୁ ଗମ୍ଭୀରତାରେ ନେବେ ଏବଂ ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରଶ୍ନ କରିଛନ୍ତି। ଏହି ରାସ୍ତା ଅନେକ ଗ୍ରାମ, ବ୍ଲକ୍ ଓ ବ୍ୟବସାୟିକ ଅଞ୍ଚଳକୁ ସଂଯୋଗ କରୁଥିବାରୁ ଏହାକୁ ଶୀଘ୍ର ମରାମତି କରିବା ଆବଶ୍ୟକ । ନହେଲେ ଆସନ୍ତା ଦିନରେ ଏହି ଅଞ୍ଚଳର ଲୋକମାନେ ଦୁର୍ଘଟଣା, ଅସୁବିଧା ଓ ଅପରିହାର୍ଯ୍ୟ କ୍ଷତିର ସମ୍ମୁଖୀନ ହେବେ।

# ରଜାମରା ଗାଁରେ ମନରେଗା କାମରେ ଅନିୟମିତତା

କଣ୍ଟାବାଞ୍ଜି,୨୭।୫(ସମିସ):ମନରେଗାରେ ଶ୍ରମିକ ବଦଳରେ ମେସିନ ଜରିଆ କାମ କରାଯାଉଥିବା ଘଟଣା ସ୍ପଷ୍ଟ ହେବା ପରେ ମଧ ଦାୟିତ୍ୱ ଥିବା କର୍ମଚାରୀମାନେ ନକଲି ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ମନରେଗା ଟଙ୍କା ପକାଉଥିବା

- ମେସିନ କରିଛି କାମ
- ନିରବଦ୍ରଷ୍ଟା ଜିଲ୍ଲା ଓ ତୁରେକେଲା ବ୍ଲକ୍ ପ୍ରଶାସନ

ଅଭିଯୋଗ ସାମ୍ନାକୁ ଆସିଛି। ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକ୍ ଅନ୍ତର୍ଗତ ଧାମନଡ଼ଙ୍ଗା ପଞ୍ଚାୟତ ରଜାମରା ଗାଁରୁ ଅଭିଯୋଗ ଆସିଛି। ଏହି ଗାଁରେ ଗତ ମାସରେ ମନରଗା ରେ ରଜାମରା ଗାଁରୁ ସାହାଜପାଣି ରାସ୍ତା ଉନ୍ନତୀକରଣ ପାଇଁ ୮ଲକ୍ଷ ୩୭ ହଜାର ଟଙ୍କା ଅନୁଦାନ ଖର୍ଚ୍ଚ ହୋଇଛି। କିନ୍ତୁ ଏହି କାମ ମନରେଗାରେ ହୋଇଥିବା ବେଳେ ଏଠାରେ ଶ୍ରମିକ ନିୟୋଜିତ ରହି କାମ କରିବା କଥା କିନ୍ତୁ ଜଣେ ମଧ ଶ୍ରମିକ ନିୟୋଜିତ ହୋଇ ନାହାଁନ୍ତି। ଅନ୍ୟ ଏକ ବ୍ୟକ୍ତିଙ୍କ ନିଜସ୍ୱ ଜମିରୁ ମେସିନ ଜରିଆରେ ମାଟି ଉଠାଇ ସେହି ମାଟିକୁ ଏହି ରାସ୍ତା କାମରେ ବ୍ୟବହାର ହୋଇଥିବା ବେଳେ ଦାୟିତ୍ୱ ଥିବା କନିଷ୍ଠ ଯନ୍ତ୍ରୀ ଓ ଧାମନଡ଼ଙ୍ଗା ପଞ୍ଚାୟତ ଏଡିଓ ନକଲି ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପକାଇ ଆତ୍ମସାତ କରୁଥିବା ଅଭିଯୋଗ ଉଠିଛି। ଏହି ରାସ୍ତା କାମରେ ୮ଲକ୍ଷ ୩୭ ହଜାର ଟଙ୍କା କାମ ହୋଇଥିବା ନେଇ ସୂଚନା ଫଳକରେ ଉଲ୍ଲେଖ ରହିଥିବା ବେଳେ ବାସ୍ତବରେ ଗ୍ରାଉଣ୍ଡ ଜିରୋକୁ ଯାଇ ଦେଖିଲେ ଏତେ ଟଙ୍କାର କାମ ହୋଇନଥିବା ନଜର ହେଉଛି। ଧାମନଡ଼ଙ୍ଗା ପଞ୍ଚାୟତର ରଜାମରା ଗାଁରେ ମେସିନ କାମ କରି ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପକାଇ ୮ଲକ୍ଷ ୩୭ ହଜାର ଟଙ୍କା ଆତ୍ମସାତ କରୁଥିବା ନେଇ ପୁରା ଘଟଣା ସ୍ପଷ୍ଟ ହୋଇଥିଲେ ସୁଦ୍ଧା ଆଜିଯାଏ ଜିଲ୍ଲା ପ୍ରଶାସନ କି ତୁରେକେଲା ବ୍ଲକ୍ ପ୍ରଶାସନ ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ତୁରେକେଲା ବ୍ଲକ୍ ମନରେଗା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣା ଉପରେ ନଜର ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ରୋଗୀଙ୍କ ସାଲାଇନରେ ଫୋଡ଼ିଲେ ରକ୍ତ ଲଗା ସିରିଞ୍ଜ୍

ଟିଟିଲାଗଡ଼,୨୭।୫(ସମିସ):ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଜଣେ ରୋଗୀଙ୍କୁ ସାଲାଇନରେ ରକ୍ତ ଲଗା ଛୁଞ୍ଚି ଫୋଡା ଯିବା ଚାଞ୍ଚଲ୍ୟ ସୃଷ୍ଟି କରିଛି।ଅଭିଯୋଗରୁ ପ୍ରକାଶ ଯେ ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ଦିଗସିରାଗ୍ରାମର ନିରାକାର ବେହେରା (୬୨)ଙ୍କ ରକ୍ତଚାପ ହ୍ରାସ ହେବାରୁ ପରିବାର ଲୋକେ ଟିଟିଲାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଉପସ୍ଥିତ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥ ନିରାକାରଙ୍କୁ ଡାକ୍ତରଖାନାର ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଥମେ ଏକ ସାଲାଇନ ଦେଇଥିବା ବେଳେ ସାଲାଇନର ଉପର ଅଂଶରେ ଏକ ସିରିଞ୍ଜ ଫୋଡିଥିଲେ। କିଛି ସମୟପରେ ୱାର୍ଡରେ ଉପସ୍ଥିତ ନିରାକାରଙ୍କ ପୁଅ ରୋହିତ ସାଲାଇନରେ ସିରିଞ୍ଜ ଫୋଡା ଯିବା ସ୍ଥାନରେ ରକ୍ତ ଲାଗିଥିବା ଦେଖି ବିସ୍ମିତ ହୋଇଥିଲେ। ରୋହିତ ଏନେଇ ଉକ୍ତ କର୍ମଚାରୀଙ୍କୁ ପଚାରିବାରୁ ଭୁଲରେ ଅନ୍ୟ କୋଉଁ ରୋଗୀଙ୍କ ରକ୍ତ ପରୀକ୍ଷା ନେଇ ବ୍ୟବହୃତ ରକ୍ତ ଲଗା ସିରିଞ୍ଜ ଫୋଡିଥିବା ସ୍ୱୀକାର ସହ କ୍ଷମା ଯାଚନା କରିଥିବା ଜଣାଯାଇଛି।ଏନେଇ ଖବର



ପାଇ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିବା ବେଳେ ଉକ୍ତ କର୍ମଚାରୀ ନିଜ ତ୍ରୁଟି ସ୍ୱୀକାର କରିଛନ୍ତି। ଅନ୍ୟ କୌଣସି ରୋଗୀଙ୍କ ରକ୍ତ ପରୀକ୍ଷା ହୋଇଥିବା ସିରିଞ୍ଜରେ ତାଙ୍କ ବାପାଙ୍କୁ ଦିଆଯାଉଥିବା ସାଲାଇନରେ ଫୋଡାଯିବା ନେଇ ପରିବାର ଲୋକେ ଭୟଭିତ ହୋଇଛନ୍ତି। ଏନେଇ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ତଥା ଉପଖଣ୍ଡ ଡାକ୍ତରଖାନା ସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଦୀପ ନାୟକ ଫୋନ ଉଠାଉନଥିବା ନେଇ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟ ରୋଗୀଙ୍କ ଠାରେ ବ୍ୟବହୃତ ସିରିଞ୍ଜ ତାଙ୍କ ବାପାଙ୍କ ସାଲାଇନରେ ଫୋଡାଯିବା ନେଇ ଭବିଷ୍ୟତରେ କୌଣସି ପରିସ୍ଥିତି ଉପୁଜିଲେ ଦାୟୀ ରହିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେବାକୁ ରୋହିତ ନିଜ ଦାବିରେ ଦୃଢ଼ ଅଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ପଦରେ ଆସୀନ ହେବା ପରଠାରୁ କେବେ ଡାକ୍ତରଖାନାର ୱାର୍ଡର ଦ୍ୱାର ମାଡୁନଥିବା ଶ୍ରୀ ନାୟକ ଦୁଇ ଥର ୱାର୍ଡରେ ଭର୍ତ୍ତୀ ନିରାକାରଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିବା ଜଣାଯାଇଛି। ନିଜ ଅନ୍ୟରୋଗର ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତୀ ହୋଇଥିବା ଜଣେ ବରିଷ୍ଠ ନାଗରିକ ବର୍ତ୍ତମାନ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଶଙ୍କଟରେ ପଡିଛନ୍ତି।ଏନେଇ ଜିଲ୍ଲାପାଳ ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିହିତ ପଦକ୍ଷେପ ସହ ପୀଡିତଙ୍କୁ ନ୍ୟାୟ ପ୍ରଦାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଲୋଇସିଂହା ୧୯ ତମ ଜମିଦାର ହେବେ ଅର୍ଚ୍ଚନା ସିଂରାଏ

ବଲାଙ୍ଗିର,୨୭।୫(ସମିସ): ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହେବା ପରେ ରାଜତନ୍ତ୍ର ଲୋପ ପାଇଥିଲା। ଗଡ଼ଜାତ ମିଶ୍ରଣ ଯୋଗୁଁ ଗଣତନ୍ତ୍ର ସଫଳ ହୋଇଥିଲା ସତ କିନ୍ତୁ ଆଜି ବି ରାଜା ଓ ଜମିଦାର ପରିବାରମାନଙ୍କ ପ୍ରତି ଲୋକଙ୍କ ସ୍ୱତନ୍ତ୍ର ସମ୍ମାନ ରହିଛି। ବର୍ତ୍ତମାନର ବଲାଙ୍ଗିର ତଥା ପୁରାତନ ପାଟଣା ରାଜ୍ୟରେ ରାଜ ପରିବାର ସହିତ ନିର୍ଦ୍ଦିଷ୍ଟ କିଛି ଜମିଦାରଙ୍କ ପ୍ରଭାବ ରହିଥିଲା। ଏହି ଜମିଦାରମାନଙ୍କ ଭିତରେ ଲୋଇସିଂହା ଜମିଦାରଙ୍କ ସ୍ୱତନ୍ତ୍ର ଛବି ରହିଥିବା ଲୋକେ କହନ୍ତି। ରାଜୁଡା ଓ ଜମିଦାରୀ ପରମ୍ପରା ଆଜି ବି ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ବଡଦେଓଙ୍କ ପୃଷ୍ଠପୋଷକତା ଯୋଗୁ ଲୋଇସିଂହା ଜମିଦାରଙ୍କ ସ୍ୱତନ୍ତ୍ର କାଟତି ରହିଥିବା ବେଳେ ଏହି ପରିବାରର ଆଉ ଏକ ପରମ୍ପରା ଇତିହାସ ହେବାକୁ ଯାଉଛି। ବୁଧବାର ଲୋଇସିଂହା ଜମିଦାର ଭାବେ ପ୍ରଥମ ମହିଳାଙ୍କୁ ଅଭିଷେକ କରାଯିବ। ଜମିଦାର ସ୍ୱର୍ଗତ ଜୟକୃଷ୍ଣ ସିଂରାଏଙ୍କ ଦେହାନ୍ତ ପରେ ତାଙ୍କ ବଡ ନାତୁଣୀ ଅର୍ଚ୍ଚନା ସିଂରାଏ ୧୯ତମ ଜମିଦାର ହେବେ।ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ ବ୍ୟବସ୍ଥା କରାଯାଇଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଜମିଦାରଙ୍କ ପାଟଣା ରାଜ୍ୟ ସମୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା। ଆଦିବାସୀ ବହୁଳ ବଲାଙ୍ଗିର ଜିଲ୍ଲା ତଥା ପୁରାତନ ପାଟଣା ଶାସନ ସମୟରେ ଏକାକୀ ଲୋଇସିଂହା ଅଞ୍ଚଳର ୨୨ ଖଣ୍ଡ ଗାଁର ଜମିଦାର ଭାବେ ଗଣ୍ଡ ସଂପ୍ରଦାୟର ବ୍ୟକ୍ତି ଜମିଦାରୀ ପ୍ରଦାନ କରାଯାଇଥିଲା। ଯେଉଁଥିପାଇଁ ଜଣେ ସରଳ ଆଦିବାସୀ ଜମିଦାର ହେବା ସହିତ ତାଙ୍କର ସରଳତା ଓ ନମ୍ରତା ଯୋଗୁଁ ୨୨ ଖଣ୍ଡ ଗାଁ



ଲୋକଙ୍କ ଭାବାବେଗ ସହ ଜଡିତ ହୋଇ ପାରିଥିଲେ। ଗତ କିଛି ମାସ ତଳେ ଜମିଦାର ଜୟକୃଷ୍ଣ ସିଂରାଏଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ବଡପୁଅ ତ୍ରୟମ୍ବ କିଶୋର ସିଂରାଏ ଓ ବଡ ନାତି ଯୋଗେଶ୍ୱର

- ରାଜବାଟିରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- କିଛି ମାସ ପୂର୍ବରୁ ଜମିଦାର ଜୟକୃଷ୍ଣ ସିଂରାଏଙ୍କ ଦେହାନ୍ତ

ସିଂ ରାଏଙ୍କ ଦେହାନ୍ତ ହୋଇଥିବାରୁ ପରମ୍ପରା ଅନୁସାରେ ତାଙ୍କ ବଡ ନାତୁଣୀ ଅର୍ଚ୍ଚନା ସିଂରାଏଙ୍କୁ ଜମିଦାର କରିବାକୁ ରାଜମାତା ନିଷ୍ପତ୍ତି ନେଇଥିଲେ। ଜମିଦାରଙ୍କ ଅଧିନରେ ଥିବା ଗୌନ୍ତିଆ ମଣ୍ଡଳି ଓ ଅନ୍ୟ କର୍ମକର୍ତ୍ତା ଏହି ନିଷ୍ପତ୍ତିକୁ ସମ୍ମାନ ଜଣାଇଥିବା ବେଳେ ବୁଧବାର ଅର୍ଚ୍ଚନା ସିଂରାଏଙ୍କୁ ଅଭିଷେକ କରାଯିବ ବୋଲି ଜଣାପଡିଛି। ପରମ୍ପରା ଅନୁସାରେ ସମସ୍ତ ପୂଜାବିଧି କରିବା ପରେ ନିକଟସ୍ଥ ଜମିଦାର, ଗୌନ୍ତିଆ,ଗୌଣ୍ଡୱାନା ସମାଜ, ଆଦିବାସୀ ସଂଘ ସମେତ ଗାଁର ବିଜ୍ଞ ଲୋକଙ୍କ ଉପସ୍ଥିତିରେ ତାଙ୍କ ମାମୁଁ ଘର ଲୋକ ପାଗା ଭିଡି ଅଭିଷେକ କରିବେ। ପରେ ଜମିଦାରଙ୍କ ଗାଁ ପରିକ୍ରମା କରାଯିବ ବୋଲି ଜଣାପଡିଛି। ଅର୍ଚ୍ଚନା ସିଂରାଏ ହେଉଛନ୍ତି ସ୍ୱର୍ଗତ ତ୍ରୟମ୍ବ କିଶୋର ସିଂରାଏ ଓ ରାଜମାତା ଓଗ୍ରେଶ୍ୱରୀ ସିଂରାଏ ଦେବୀଙ୍କ ବଡ ଝିଅ। ଦୀର୍ଘ ଦିନ ଧରି ସ୍ୱର୍ଗତ ଜମିଦାର ଜୟକୃଷ୍ଣ ସିଂରାଏଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ସମସ୍ତ କାମ ବୁଝାସୁଝା କରିଆସୁଥିଲେ। ତେବେ ସେ ୧୯ ତମ ଜମିଦାର ଭାବେ ଅଭିଷିକ୍ତ ହେବେ। ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଜମିଦାର ପରିବାର ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡିହେବ।






# ଶାଳମଞ୍ଜି ଗୋଟାଳିଙ୍କୁ ମିଳୁନି ପାରିଶ୍ରମିକ

- ଶାଗମାଛ ଦରରେ କିଣି ବ୍ୟବସାୟୀ ମାଲାମାଲ
- ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ଦାବି
- ବନଜାତ ଦ୍ରବ୍ୟର ବିକ୍ରି ପାଇଁ ନାହିଁ ବଜାର ବ୍ୟବସ୍ଥା



ମୋରଡ଼ା, ୨୭।୫(ସମିସ): ମୟୂରଭଞ୍ଜ ଆଦିବାସୀ ବହୁଳ ଜିଲ୍ଲା ଭାବେ ବେଶ ପରିଚିତ। ଏଠାକାର ଜନଜାତି ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ମାଧ୍ୟମ ହେଉଛି ଜଙ୍ଗଲଜାତ ଦ୍ରବ୍ୟ। ଏଠାକାର ଲୋକେ ବହୁ ପରିଶ୍ରମ କରି ଜଙ୍ଗଲରୁ ବିଭିନ୍ନ ଫଳ, ଫୁଲ ସଂଗ୍ରହ କରିଥାନ୍ତି; କିନ୍ତୁ ବିକ୍ରି ନିମନ୍ତେ ବଜାର ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀଙ୍କୁ ବାଧହୋଇ ଶାଗମାଛ ଦରରେ ବିକ୍ରି କରିଥାନ୍ତି ଜଙ୍ଗଲଜାତ ସାମଗ୍ରୀ। ଫଳରେ ନିରୀହ ଆଦିବାସୀ ଉଚିତ ମୂଲ୍ୟ ପାଇନଥାନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ନିୟନ୍ତ୍ରିତ ବଜାର କମିଟି ନ ଥିବାରୁ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ମାରଡ଼ା ବ୍ଲକଟି ଶାଳ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ଏଠାକାର ଲୋକେ ଜୀବନଜୀବିକାର ଆଉ ଏକ ପ୍ରମୁଖ ମାଧ୍ୟମ ହେଉଛି ଶାଳମଞ୍ଜି ସଂଗ୍ରହ। ବାର୍ଷିକ ହଜାର ହଜାର କୁଇଣ୍ଟାଲ ଶାଳମଞ୍ଜି ସଂଗ୍ରହ କରୁଥିଲେ ମଧ୍ୟ ବେପାରୀମାନେ ଆଦିବାସୀଙ୍କଠାରୁ ଖୁବ୍ କମ୍ ଦରରେ କିଣି ମାଲାମାଲ ହେଉଛନ୍ତି। ଫଳରେ ଆଦିବାସୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବିଶେଷକରି ବ୍ଲକର ଗଡ଼ିଗାଁ, ହାଣ୍ଡିଭଙ୍ଗା, ଭାଲୁକଟୁଆ, ଚିକିଟାମାଟିଆ, ନୂଆଝାଳିଆ ଆଦି ବହୁ ଗାଁରେ ବସବାସ କରୁଥିବା ଲୋଧା ସମ୍ପ୍ରଦାୟର ମହିଳା ଓ ପୁରୁଷ ଶାଳଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ମଞ୍ଜି ଅମଳ କରିଥାନ୍ତି। ଶାଳଗଛରୁ ପ୍ରଚୁର ପରିମାଣରେ ଶାଳଫୁଲ ଭୂଇଁରେ ଝଡ଼ି ପଡ଼ିଥାଏ। ସେଗୁଡିକ ଝାଡୁକରି ସଂଗ୍ରହ କଲାପରେ ଶାଳଫୁଲରେ ନିଆଁ ଲଗାଇ ପୋଡ଼ିଦେବା ପରେ ସେଥିରୁ ମଞ୍ଜି ଅଲଗା ହୋଇ ବାହାରିଥାଏ, ଯେଉଁ ଶାଳମଞ୍ଜିରୁ ବନସ୍ପତି ଘିଅ, ସାବୁନ୍, ପ୍ରସାଧନ ସାମଗ୍ରୀ, ବିଭିନ୍ନ ପ୍ରକାର ଚର୍ମରୋଗ ଉପଶମ ପାଇଁ ଔଷଧ ଓ ରନ୍ଧନ ତୈଳ ପ୍ରସ୍ତୁତ କରାଯାଏ। ଟିଆଁସି ଗ୍ରାମର ଭେଣ୍ଟୁ ମଲିକଙ୍କ କହିବା ମୁତାବକ ବର୍ଷକୁ ସେ ପାଖାପାଖି ତିନି କୁଇଣ୍ଟାଲ ଶାଳମଞ୍ଜି ପରିବାରର ସମସ୍ତ ସଦସ୍ୟଙ୍କ ସହିତ ସଂଗ୍ରହ କରିଥାନ୍ତି; ହେଲେ ବେପାରୀମାନେ ଆଦିବାସୀଙ୍କଠାରୁ କିଲୋ ପ୍ରତି ମାତ୍ର ୧୫ ଟଙ୍କା ଏବଂ ଟିଣ ପ୍ରତି ୨୫ ଟଙ୍କା ଦରରେ କିଣି ନେଉଛନ୍ତି। ତେଣୁ ଆଦିବାସୀମାନେ ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ତେବେ ଶାଳମଞ୍ଜିର ଏକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ହୋଇପାରିଲେ ଏଠାକାର ଆଦିବାସୀ ଦଲାଲଙ୍କ ଶୋଷଣରୁ ମୁକ୍ତି ପାଇପାରିବେ ଏବଂ ଶାଳମଞ୍ଜିର ଉଚିତ୍ ମୂଲ୍ୟ ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପଛୁଆବର୍ଗର ପିଲାଙ୍କୁ ମାଗଣା ଶିକ୍ଷାଦାନ



କୁଆମରା, ୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଡିଗିସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ପଛୁଆ ବର୍ଗର ପିଲାଙ୍କୁ ପ୍ରତ୍ୟହ ଅପରାହ୍ନରେ ଶିକ୍ଷାଦାନ ଦିଆଯାଉଛି। ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଥିବା ୨୨ ଜଣ ଅନୁସୂଚିତ ଜାତି ପିଲାଙ୍କୁ ନେଇ ଶିକ୍ଷାଦାନ କରାଯାଉଥିବା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଏଥିପାଇଁ ଜଣେ ଯୋଗ୍ୟତା ଥିବା ମହିଳାଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ନାଗରିକ ମଞ୍ଚ ପକ୍ଷରୁ କୁନି କୁନି ପିଲାଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ନାଗରିକ ମଞ୍ଚ ପକ୍ଷରୁ ଏହି ପଦକ୍ଷେପକୁ ସରପଞ୍ଚ ରବୀନ୍ଦ୍ର ସିଂ ସ୍ୱାଗତ ଜଣାଇଛନ୍ତି।

## ଜୁନ୍ ୧୬ରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୁଆମରା, ୨୭।୫(ସମିସ): ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଜୁନ ୧୬ ତାରିଖରେ ମ୍ୟାଟ୍ରିକ ଓ ଉଚ୍ଚ ମାଧ୍ୟମିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ। ରାଜ୍ୟ ମାଧ୍ୟମିକ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇ ସର୍ବାଧିକ ନମ୍ବର ରଖିଥିବା ବ୍ଲକର ୧୦ ଜଣ ମେଧାବୀଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା, ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗର ମୋଟ ୯ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାବ୍ୟତୀତ ବଲାଙ୍ଗିର ଜିଲ୍ଲା ପୁଇଁତଳା କୁଲଥିପାଲି ଗାଁର ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ମାଡ ମାରିବା ଘଟଣାକୁ ନେଇ ଘୋର ନିନ୍ଦା କରାଯାଇଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ଏ ନେଇ ଆଜି ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡ. କୁମାର ବାବୁଲି, ସହସମ୍ପାଦକ ଶାନ୍ତନୁ ମହୁଆଳ, କୋଷାଧ୍ୟକ୍ଷ ଯୋଗେଶ୍ୱର ସାହୁ, ରଞ୍ଜନ ମହୁଆଳ, ବିଶ୍ୱଜିତ ଦାଶ, ଦୀପକ ଚୌଧୁରୀ, ହିରେନ ରାୟ, ସମ୍ବିତ ରାଉତ, ଜୟନ୍ତ ସ, ସୂର୍ଯ୍ୟକାନ୍ତି ପୁହାଣ, ମାଣିକ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ରାମାଗାର ଓ ଶୌଚାଳୟ ନାହିଁ; ଯାତ୍ରୀ ହନ୍ତସନ୍ତ



ମହୁଲଡିହା, ୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଗ୍ରାମପଞ୍ଚାୟତ ଦେଇ ଯାଇଥିବା ୫୩ ନମ୍ବର ରାଜ୍ୟ ରାଜପଥ ଭଦ୍ରକ, କଟକ ଓ ଭୁବନେଶ୍ୱରକୁ ସଂଯୋଗ କରୁଛି। ଠାକୁରମୁଣ୍ଡା ପରେ ମୁଖ୍ୟ ଜନଗହଳି ବସଷ୍ଟାଣ୍ଡ ହେଉଛି ମହୁଲଡିହା। ଏଠାରେ ହାତଗଣତି ଦୋକାନ ଥିବା ବେଳେ ବ୍ୟାଙ୍କ, ଥାନା, ପୋଷ୍ଟ ଅଫିସ, ଲ୍ୟାମ୍ପସ ଓ ବହୁ ବିଦ୍ୟାଳୟ ରହିଛି। ଏହି ରାଜପଥଟି ରାଜଧାନୀକୁ ସଂଯୋଗ କରୁଥିବାରୁ ସର୍ବଦା ଯାତ୍ରୀବାହୀ ଯିବାଆସିବା କରେ; ହେଲେ ଏଠାରେ ବିଶ୍ରାମଗାର କି ଶୌଚାଳୟ ନ ଥିବାରୁ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। କେନ୍ଦୁଝର ଜିଲ୍ଲାରୁ ବିଭିନ୍ନ କାମରେ ଏଠାକୁ ଲୋକେ ଆସିଥାନ୍ତି। ଆଶ୍ରୟସ୍ଥଳୀ ନଥିବାରୁ ଲୋକେ ଏଣେତେଣେ ଦୋକାନରେ ଆଶ୍ରୟ ନେଉଛନ୍ତି। ସରକାର ପ୍ରତି ଗ୍ରାମ ପଞ୍ଚାୟତକୁ ସଂଯୋଗ କରିବା ନିମନ୍ତେ ସରକାରୀ ବସସେବା ଯୋଜନା ଆରମ୍ଭ କରିବା ସହିତ ବିଶ୍ରାମାଗାର ମଧ୍ୟ କରିଛନ୍ତି। ଏଠାରେ ରାସ୍ତା କଡ଼ରେ ଏକର ଏକର ପରିମିତ ସରକାରୀ ଜାଗା ରହିଥିବା ରାଜସ୍ୱ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପ୍ରାୟ ଦୁଇମାସ ପୂର୍ବରୁ ରାଜସ୍ୱ ବିଭାଗ ସ୍ୱୟଂ ସହାୟିକା ଗୋଷ୍ଠୀର ସରକାରୀ ଘର ଓ ଯାତ୍ରୀ ବିଶ୍ରାମାଗାର ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ମାତ୍ର ଏଯାଏ କାମ ଅଟକି ରହିଛି। ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୮ ବର୍ଷ ପରେ ଘରକୁ ବାହୁଡ଼ିଲେ ଯୁବକ

**୨୦୧୭ରୁ ଥିଲେ ନିଖୋଜ; ଉତ୍ତରପ୍ରଦେଶରୁ ଉଦ୍ଧାର**



ବେତନଟୀ, ୨୭।୫(ସମିସ): ଗତ ୨୦୧୭ ସମିହାରୁ ନିଖୋଜ ହୋଇଯାଇଥିବା ଜଣେ ମାନସିକ ଅନଗ୍ରସର ଯୁବକଙ୍କୁ ଉତ୍ତରପ୍ରଦେଶ ବରେଲିରୁ ପୁଲିସ ଉଦ୍ଧାରକରି ସୋମବାର ସକାଳେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଦୀର୍ଘ ୮ ବର୍ଷ ପରେ ପୁଅକୁ ପାଇ ପରିବାର ଆତ୍ମହରା ହୋଇପଡ଼ିଛନ୍ତି। ବେତନଟୀ ଉପକଣ୍ଠ ମୁକ୍ତାପୁର ପଞ୍ଚାୟତର ଛଚିନାପଦା ଗ୍ରାମର ଶିବଶଙ୍କର ମହାନ୍ତଙ୍କ ପୁଅ ଦୀନକୃଷ୍ଣଙ୍କୁ ଯେତେବେଳେ ୨୨ ବର୍ଷ ହୋଇଥିଲା ସେତେବେଳେ ହଠାତ ତାଙ୍କର ମାନସିକ ଅସନ୍ତୁଳ ଆରମ୍ଭ ହୋଇଥିଲା। ସବୁଦିନ ଭଳି ସେ ୨୦୧୭ ମସିହା ମେ' ୨୮ ତାରିଖରେ ନଈକୁ ଗାଧୋଇବାକୁ ଯାଇଥିଲେ; ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଦୀନକୃଷ୍ଣ ଘରକୁ ନ ଫେରିବାରୁ ପରିବାର ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ ୨୦୧୭ ମସିହା ଜୁନ ୨ତାରିଖରେ ଶିବଶଙ୍କର ବେତନଟୀ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୁଲିସ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ। ହଠାତ ଉତ୍ତରପ୍ରଦେଶର ବରେଲି ଉପକଣ୍ଠ ଶାହାଜାହାନପୁରରେ ଅନଗ୍ରସରଙ୍କ ପାଇଁ କାମ କରୁଥିବା ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ର ପକ୍ଷରୁ ଦୀନକୃଷ୍ଣଙ୍କ ଏକ ଭିଡିଓ ଏବଂ ଫଟୋ ଜାରି କରାଯାଇଥିଲା। ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କୁ ପ୍ରଥମେ ଏହି ଭିଡିଓ ହସ୍ତଗତ ହେବାପରେ ସେ ବିଧାୟକ ସନାତନ ବିଜୁଳିଙ୍କୁ ଅବଗତ କରିଥିଲେ। ବିଧାୟକ ଏନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ସହିତ ଆଲୋଚନା କରିଥିଲେ। ଦୀନକୃଷ୍ଣଙ୍କ ବଡଭାଇ କ୍ଷେତ୍ରମୋହନ ବେତନଟୀ ଥାନା କନଷ୍ଟେବଲ ଅର୍ଜୁନ ବିନ୍ଧାଣିଙ୍କ ସହିତ ଉତ୍ତରପ୍ରଦେଶ ଗସ୍ତ କରିଥିଲେ। ସେଠାରେ ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ରରେ ଥିବା ଦୀନକୃଷ୍ଣଙ୍କୁ ଦେଖି ଭବବିହ୍ୱଳ ହୋଇପଡ଼ିଥିଲେ। ସେଠାରୁ କ୍ଷେତ୍ରମୋହନ ଓ ବେତନଟୀ ପୁଲିସ ଦୀନକୃଷ୍ଣଙ୍କୁ ସାଙ୍ଗରେ ନେଇ ସୋମବାର ସକାଳେ ଛଚିନାପଦାରେ ପହଞ୍ଚିଥିଲେ। ଦୀର୍ଘ ୮ ବର୍ଷ ପରେ ନିଖୋଜ ଥିବା ଭେଣ୍ଡିଆ ପୁଅକୁ ପାଇ ପରିବାର ଆତ୍ମହରା ହୋଇପଡ଼ିଥିଲେ।

## ଖତ ଖାଉଛି 'ଜୀବନ ରେଖା' ଏକ୍ସପ୍ରେସ



ମହୁଲଡିହା, ୨୭।୫ (ସମିସ): ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜୀବନ ରେଖା ଏକ୍ସପ୍ରେସ (ଆମ୍ବୁଲାନ୍ସ) ଏବେ କାମରେ ନ ଲାଗି ଖତ ଖାଇବାକୁ ବସିଲାଣି। ରୋଗୀ କଲ୍ୟାଣ ସମିତି ଏବଂ ରେଡ଼କ୍ରସ ଶାଖା ସହାୟତାରେ ଠାକୁରମୁଣ୍ଡା ବ୍ଲକକୁ ଜନସାଧାରଣଙ୍କ ସେବା ପାଇଁ ଏହି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ସେତେବେଳେ ଏହି ଆମ୍ବୁଲାନ୍ସର ଡ୍ରାଇଭର ଅଜୟ କୁମାର ବାରିକ ଜୁଲାଇ ୨୦୨୪ରୁ ଅବସର ଗ୍ରହଣ କରିବା ପରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏବେ ଆଉ କାମରେ ଆସୁନାହିଁ। ଫଳରେ ଏହି ଆମ୍ବୁଲାନ୍ସ ଅଗଷ୍ଟ ମାସରୁ କେନ୍ଦ୍ରରେ ପଡ଼ିରହିଛି। ଏହି ଆମ୍ବୁଲାନ୍ସ ଉପରେ ଠାକୁରମୁଣ୍ଡା ବ୍ଲକର ୨୧ଟି ଏବଂ କେନ୍ଦୁଝର ଜିଲ୍ଲାର ୩ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିଲେ। କମଖର୍ଚ୍ଚରେ କଟକ ବଡ଼ ଡାକ୍ତରଖାନା, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ କରଞ୍ଜିଆ ଉପଖଣ୍ଡକୁ ଯାଇଥାନ୍ତି ରୋଗୀ। ଏବେ ଏହି ଆମ୍ବୁଲାନ୍ସ ପଡ଼ି ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶୀଘ୍ର ନୂତନ ଡ୍ରାଇଭର ନିଯୁକ୍ତି କରିବାକୁ ଠାକୁରମୁଣ୍ଡାବାସୀ ଦାବି ଜଣାଇଛନ୍ତି।

## ବଡସାହି ଲ୍ୟାମ୍ପସରେ ଖୋଲିଲା ଧାନମଣ୍ଡି



ବଡସାହି, ୨୭।୫(ସମିସ): ବଡସାହି ଲ୍ୟାମ୍ପସରେ ମଙ୍ଗଳବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲ୍ୟାମ୍ପସ ସଭାପତି ଲକ୍ଷ୍ମୀ ସିଂ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଲକ୍ଷ୍ମୀଧର ସିଂ, ଏମସିସି ବ୍ୟାଙ୍କର ସହକାରୀ ପରିଚାଳକ କିଶୋର ଚନ୍ଦ୍ର ମାସନ୍ତ, ଆରଏମସି ଷ୍ଟାଫ୍, ଡାଇରେକ୍ଟର ସୁରଥ ଦାସ, ସତ୍ୟବ୍ରତ ସାହୁ ଏବଂ ଚାଷୀ କମିଟିର ରାଜେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଲ୍ୟାମ୍ପସ ପରିଚାଳକ ରାଜକିଶୋର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ସିଦ୍ଧି ବିନାୟକ ମିଲର ୩ ଜଣ ଚାଷୀଙ୍କଠାରୁ ୧୪୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି।

# ଆଦିବାସୀଙ୍କୁ ସାରନା ଧର୍ମ ମାନ୍ୟତା ପାଇଁ ଦାବିପତ୍ର



ବିଶୋଇ, ୨୭।୫ (ସମିସ): ଆଗାମୀ ଜନଗଣନା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟକୁ ସାରନା ଧର୍ମ ମାନ୍ୟତା ଦେବା ସହିତ ସେନସସ୍ କୋର୍ଡର ବ୍ୟବସ୍ଥା କରିବା ପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟକି, ଭାରତ ବର୍ଷରେ ଆଦିବାସୀ ସମ୍ପ୍ରଦାୟ ପ୍ରକୃତି ପୂଜକ ଓ ସାରନା ଧର୍ମରେ ବିଶ୍ୱାସ କରନ୍ତି। ଆଦିବାସୀଙ୍କ ପୂଜା ପଦ୍ଧତି, ଧର୍ମ ବିଶ୍ୱାସ ଅନ୍ୟ ସମ୍ପ୍ରଦାୟ ତଥା ହିନ୍ଦୁ, ମୁସଲିମ ଖ୍ରୀଷ୍ଟିଆନ, ବୌଦ୍ଧ ଓ ଜୈନ ଆଦି ଧର୍ମାବଲମ୍ବୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ଆଦିବାସୀ ଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଆସନ୍ତା ଜନଗଣନା ପୂର୍ବରୁ ଆଦିବାସୀଙ୍କୁ ସାରନା ଧର୍ମ ମାନ୍ୟତା ଦେବା ସହିତ ସେନସସ କୋର୍ଡ ବ୍ୟବସ୍ଥା କରିବା ପାଇଁ ଦାବି ରଖାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଶୋଇ ବ୍ଲକ ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ଶୀତଲ କିସ୍କୁ, ବ୍ଲକ ଜେ.ଏମ୍.ଏମ୍ର ବରିଷ୍ଠ ନେତୃବୃନ୍ଦ ଶ୍ୟାମସୁନ୍ଦର ହାଁସଦା, ଯୁଝାର ମୁର୍ମୁ, ରାମେଶ୍ୱର ସୋରେନ, ସରୋଜିନୀ ମୁର୍ମୁ, ଜଗମୋହନ ମୁର୍ମୁ, ଫାଗୁରାମ ସୋରେନ, ରାମଦାସ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାର୍ନା ଧର୍ମକୋଡ ଦାବିରେ ଜେଏମଏମର ଦାବିପତ୍ର



ବହଳଦା : ଆଗାମୀ ଜନ ଗଣନା ପୂର୍ବରୁ ଆଦିବାସୀଙ୍କ ସାର୍ନା ଧର୍ମକୁ ମାନ୍ୟତା ଦିଆଯିବା ସହିତ ଧର୍ମ କୋଡ ପ୍ରଦାନ କରାଯିବା ଦାବିରେ ଝାରଖଣ୍ଡ ମୁକ୍ତିମୋର୍ଚ୍ଚା ଦଳ ପକ୍ଷରୁ ବହଳଦା ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ସୁରେଶ ଚନ୍ଦ୍ର ମୁର୍ମୁ, ଯୁବ ମୋର୍ଚ୍ଚା ସଭାପତି ବାନ୍ତା ବାସ୍କେ, ସମ୍ପାଦକ ରାମଚନ୍ଦ୍ର ବଦ୍ରା, ସାଧାରଣ ସମ୍ପାଦକ ଗୋବିନ୍ଦ ନାଏକ ଏବଂ ବୁଧରାୟ ହାଁସଦା ପ୍ରମୁଖଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ବିଡିଓ ଶରତ କୁମାର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକୃତି ପୂଜକ ଆଦିବାସୀଙ୍କ ପୂଜା ପଦ୍ଧତି, ପରମ୍ପରା ଓ ଧର୍ମ ବିଶ୍ୱାସ ହିନ୍ଦୁ, ଶିଖ୍, ଇସାଇ, ମୁସଲିମ୍, ଜୈନ ଆଦି ଧର୍ମାବଲମ୍ବୀଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା। ତେଣୁ ସ୍ୱତନ୍ତ୍ର ଆଦିବାସୀଙ୍କ ସାର୍ନା ଧର୍ମକୁ ମାନ୍ୟତା ଦିଆଯିବା ସହିତ ଜନଗଣନା ପୂର୍ବରୁ ସ୍ୱତନ୍ତ୍ର ଧର୍ମ କୋଡ ପ୍ରଦାନ କରାଯିବାକୁ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବି ଉପସ୍ଥାପନ କରାଯାଇନ୍ତି।

## କଂଗ୍ରେସ ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୨୭।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଲକ୍ଷ୍ମୀଧର ସିଂହ ରାଇରଙ୍ଗପୁର ଗସ୍ତ କରିବା ସମୟରେ ତାଙ୍କୁ ମହୁଲଡିହା ଡାକ ବଙ୍ଗଳାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମଚରଣ ହାଁସଦା, ବସନ୍ତ ପଟ୍ଟନାୟକ, ଭାଗୀରଥି ପାତ୍ର, ବେରେଲ ସିରକା, ମାନସିଂହ ମାଝୀ, ହେଲେନା ବାଗେ ସମେତ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# କଞ୍ଚାମାଲ ଅଭାବ; ସଂକଟରେ ଝାଡୁ କାରିଗର

**ବୃଦ୍ଧି ପାଉଛି ପ୍ଲାଷ୍ଟିକ ଝାଡୁର ଚାହିଦା**



ବଡସାହି, ୨୭।୫(ସମିସ): ଝାଡୁ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଠିକ୍ ଭାବେ ମିଳୁ ନ ଥିବାରୁ କାରିଗର ଏବେ ସଂକଟରେ। ଏହାର ପ୍ରସ୍ତୁତି ପାଇଁ ଦରକାରୀ ଗଛ ସେପରି ବଡସାହି ଅଞ୍ଚଳରେ ଦେଖିବାକୁ ମିଳୁନାହିଁ। ଫଳରେ ଏହା ଉପରେ ନିର୍ଭର କରି ଦିନ କାଟୁଥିବା କାରିଗରଙ୍କ ଜୀବିକା ବାଧାପ୍ରାପ୍ତ ହେବାକୁ ବସିଛି। ପ୍ରତ୍ୟେକ ପରିବାର ଘରର ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଝାଡୁର ଆବଶ୍ୟକତା ପଡ଼ିଥାଏ। ମାତ୍ର କଞ୍ଚାମାଲର ଅଭାବ ପାଇଁ ଏବେ ଘରେ ପ୍ଲାଷ୍ଟିକ ଝାଡୁର ବ୍ୟବହାର ମଧ୍ୟ ଦେଖିବାକୁ ମିଳିଲାଣି। ଫଳରେ ଏହାକୁ କୌଳିକ ବୃତ୍ତି ଭାବେ ଆଦରି ନେଇଥିବା କାରିଗରଙ୍କ ଜୀବନଜୀବିକା ଏବେ ସଂଙ୍କଟରେ। ଝାଡୁ ତିଆରିରେ ବ୍ୟବହାର କରାଯାଉଥିବା ବିଭିନ୍ନ ସରଞ୍ଜାମ ସଂଗ୍ରହରେ କଟକଣା ଜାରି କରାଯାଉଥିବାରୁ ଏହି କୌଳିକ ବୃତ୍ତିକୁ ଆପଣେଇ ଜୀବିକା ନିର୍ବାହ କରିବା କଷ୍ଟକର ହୋଇ ପଡ଼ିଲାଣି। ପୂର୍ବରୁ କାରିଗରମାନେ ଝାଡୁ ତିଆରି କରି ଭାର କିମ୍ବା ସାଇକଲରେ ଗାଁଗଣ୍ଡାକୁ ନେଇ ବିକ୍ରି କରୁଥିଲେ। ଝାଡୁର ମୂଲ୍ୟ କେଉଁଠି ଅର୍ଥ ଆକାରରେ ପାଇଥିଲେ ତ ଆଉ କେଉଁଠି ଧାନ ଓ ଚାଉଳ ଆକାରରେ ପାଉଥିଲେ। ଏବେ ସେ ସମୟ ଗଲାଣି। ମାଟିଘର ଅପେକ୍ଷା ଏବେ ପକ୍କାଘର ବୃଦ୍ଧି ପାଇଲାଣି। ପକ୍କାଘରେ ଫୁଲଝାଡୁର ଆଦର ବୃଦ୍ଧି ପାଇଛି। ଫୁଲ ଝାଡୁ ଗୁଡିକ ବଜାରରେ ୪୦ରୁ ୫୦ ଟଙ୍କାରେ ମିଳୁଥିବା ବେଳେ ଖଜୁର ପାଳରେ ତିଆରି ଏହି ଝାଡୁଗୁଡିକୁ ୨୦ ଟଙ୍କାରେ କିଣିବାକୁ ଗ୍ରାହକକ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଝାଡୁ ତିଆରି କରି ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଲାଣି। ଝାଡୁ ତିଆରିରେ ଶ୍ରମ ସହିତ ବ୍ୟବହୃତ ସରଞ୍ଜାମ ସବୁ ପୂର୍ବରୁ ବିନା ଖର୍ଚ୍ଚରେମିଳୁଥିବା ବେଳେ ଏବେ ତାହା କିଣିବାକୁ ପଡୁଥିବାରୁ ପରିଶ୍ରମର ସଠିକ୍ ମୂଲ୍ୟ ଆଉ ମିଳୁନାହିଁ। ଝାଡୁ ତିଆରି ପାଇଁ ଆବଶ୍ୟକ ହୋଇଥାଏ ଖଜୁରୀ ଗଛର ଡାଳ ବା ବାହୁ, କାଳିଆ ନଅ (ଏକପ୍ରକାର ଲତା) ବା କେରାଟା (ତାଳ ବାହୁଙ୍ଗାର ବକଲ) ଓ କୀଳା। କାରିଗରମାନେ ପ୍ରଥମେ ବିଭିନ୍ନ ସ୍ଥାନରେ ଥିବା ଖଜୁରୀ ଗଛକୁ ଅନୁସନ୍ଧାନ କରିଥାନ୍ତି। ସକାଳୁ ଯାଇ ଖଜୁରୀ ଗଛର ବାହୁକୁ କାଟି ଆଣିଥାନ୍ତି। ପରିବାର ସମସ୍ତ ସଦସ୍ୟମାନେ ସେହି ବାହୁକୁ ତିନିଚାରି ଭାଗରେ ଚିରି କେରା କରି ଖୋଲାସ୍ଥାନ କିମ୍ବା ପିଚୁ ରାସ୍ତାର ଖରାରେ ଶୁଖାଇଥାନ୍ତି। ତାହା ଶୁଖିଲା ପରେ ଝାଡୁର ଲମ୍ବ ଓ ମୋଟେଇ ଅକାରରେ ଭାଙ୍ଗି ରଖି ଦିଆଯାଏ। ତାପରେ ତାକୁ ପୂର୍ବରୁ ସଂଗ୍ରହ କରି ରଖାଯାଇଥିବା କାଳିଆ ନଅ ଓ କେରାଟରେ ବନ୍ଧା ଯାଇଥାଏ। ବନ୍ଧାଯାଇଥିବା ଏହି ଅନିର୍ମିତ ଝାଡୁରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଧ ଇଞ୍ଚ ମୋଟେଇ ଓ ୪ଇଞ୍ଚ ଲମ୍ବର କୀଳାକୁ ଝାଡୁର ମୂଳକୁ ଟାଇଟ୍ କରିବା ପାଇଁ ବ୍ୟବହାର କରାଯାଇଥାଏ। ତା ପରେ ଝାଡୁ ଗୁଡିକ ବିକ୍ରି ପାଇଁ ପ୍ରସ୍ତୁତ ହୋଇଥାଏ। ପୂର୍ବରୁ ଗସ୍ତାକଡରେ ଥିବା ଖଜୁରୀ ଗଛର ବାହୁ ସବୁ ସହଜରେ ମିଳୁଥିଲା। ମାତ୍ର ଏବେ ବିଭିନ୍ନ ଅଞ୍ଚଳରେ ରାସ୍ତା ପ୍ରମସ୍ତିକରଣ ହେଉଥିବା ଫଳରେ ଖଜୁରୀ ଗଛ ଗୁଡିକ ଲୋପ ପାଇଗଲାଣି। ସେହିପରି ପୂର୍ବରୁ ବହୁଳ ଭାବେ ମିଳୁଥିବା କଳିଆ ନଅ ବା କେରାଟ ଏବେ ସେହି ପରିମାଣରେ ଆଦୌ ମିଳୁନାହିଁ। ଫଳରେ ଅର୍ଥ ବିନିମୟରେ ବଜାରରେ ମିଳୁଥିବା ପ୍ଲାଷ୍ଟିକ କେନ୍ ଉପରେ ନିର୍ଭର କରିବାକୁ ପଡୁଛି। ଏବେ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ ବୋଲି ଦେଉଳିଆ ଗ୍ରାମର ଝାଡୁ କାରିଗର ଶତ୍ରୁଘନ ବୈଠା କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ବହୁ ଦଳିତଙ୍କ ପ୍ରମୁଖ ରୋଜଗାରର ମାଧ୍ୟମ ହେଉଛ ଝାଡୁ ବ୍ୟବସାୟ। ତେଣୁ ଏ ସମ୍ପ୍ରଦାୟର କୌଳିକ ବୃତ୍ତିକୁ ବଜାୟ ରଖିବାକୁ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ପାତ୍ର ପ୍ରକାଶ କରିଛନ୍ତି। କଞ୍ଚାମାଲ ପାଇଁ ବିଭିନ୍ନ ସରକାରୀ ସ୍ଥାନରେ ଉଦ୍ୟାନ କୃଷି, ଆଉଟିଡିଏ ତଥା ଅନ୍ୟାନ ବନୀକରଣ ଯୋଜନାରେ ଖଜୁରୀ ଓ ତାଳ ଗଛ ଲଗାଇଲେ ସେଥିରୁ ପରିବେଶ ସନ୍ତୁଳନ ରହି ମହତ୍ ଉଦ୍ଦେଶ୍ୟ ପୂରଣ ହେବା ସହିତ ଝାଡୁ ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ହୁଅନ୍ତା ବୋଲିବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଶ୍ରୀକ୍ଷେତ୍ର ସିଟି

୨୭/୫/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୯୩,୪୯୫/- ସୁନା: ୦୦.୧୦୦ ଗ୍ରାମ୍ ରୁପା: ୦୧.୩୦୦ ଗ୍ରାମ୍





## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା

ପୁରୀ,୨୭।୫(ସମିସ): ଶ୍ରୀମନ୍ଦିରରେ ମଙ୍ଗଳବାର ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ଦ୍ୱିତୀୟ ଜଳକ୍ରୀଡ଼ା।

## ଅମାବାସ୍ୟା ନାରାୟଣଙ୍କ ସାଗରବିଜେ

ପୁରୀ,୨୭।୫(ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥା'ନ୍ତି। ମଙ୍ଗଳବାର ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ପାଳିତ ହୋଇଛି। ଏହି ତିଥିରେ ମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଘୋଡ଼ା ଚାଳକଙ୍କୁ ଅଟକାଇ ଦାଦାବଟି ଆଦାୟ, ଯୁବକ ଗିରଫ

ପୁରୀ,୨୭।୫(ସମିସ): ଘୋଡ଼ା ଚାଳକଙ୍କୁ ରାସ୍ତାରେ ଅଟକାଇ ଦାଦାବଟି ମାଗିବା ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରିଛି ବଳିଆପଣ୍ଡା ଥାନା ପୁଲିସ। ଅଭିଯୁକ୍ତ ହେଲେ ନାଲି ଫିଲ୍ଟ ବୁଢ଼ୀମା' ସାହିର ରାଜା ପ୍ରଧାନ। ଅଭିଯୋଗ ଅନୁଯାୟୀ, ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ବଳିଆପଣ୍ଡା ଧୋବାଖାଲର ଭଗବାନ ସାହୁ ବେଳାଭୂମିରୁ ଘୋଡ଼ାକୁ ନେଇ ଘରକୁ ଫେରୁଥିଲେ। ଏହି ସମୟରେ ରାଜା ତାଙ୍କୁ ଅଟକାଇ ଛୁରୀ ଦେଖାଇ ଭୟଭୀତ କରିବା ସହ ଟଙ୍କା, ମୋବାଇଲ୍ ଫୋନ୍ ଦେବାକୁ କହିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କ ବେକକୁ ଛୁରୀରେ ଆକ୍ରମଣ କରିଥିଲେ। ସେ ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ଅଭିଯୁକ୍ତ ୫୦୦ ଟଙ୍କା ଛଡ଼ାଇ ନେଇ ପଳାଇଥିଲେ। ଏ ନେଇ ଭଗବାନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୮୭/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ରାଜାକୁ ଗିରଫ କରି ତାଙ୍କ ନିକଟରୁ ଛୁରୀ ଏବଂ ୫୦୦ ଟଙ୍କା ଜବତ କରାଯାଇଛି।

## ଏନ୍‌ସିସିର ପ୍ରଶିକ୍ଷଣ ଶିବିର

ପୁରୀ,୨୭।୫ସମିସ): ଷଷ୍ଠ ଓଡ଼ିଶା ବାଟାଲିୟନ ଏନ୍‌ସିସି ପକ୍ଷରୁ ପୁରୀରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୮ ତାରଖରୁ ଏହି ଶିବିର ଜାରି ରହିଥିବାବେଳେ ୪ ଜିଲ୍ଲାର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ। ବାଟାଲିୟନ ଅଧିକାରୀ କର୍ଣ୍ଣେଲ ସୁଦୀପ ସିହ୍ନାଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨୦ ଜଣ ଆର୍ମି ଷ୍ଟାଫ୍ ଏବଂ ୧୧ ଜଣ ଏନ୍‌ସିସି ଅଧିକାରୀ ଏହାର ପରିଚାଳନା କରିଥିଲେ। କର୍ଣ୍ଣେଲ ସିହ୍ନା ଏନ୍‌ସିସି କ୍ୟାଡେଟ୍‌ମାନେ ଭବିଷ୍ୟତର ସିପାହୀ। ଛାତ୍ର ଜୀବନରୁ ସେବା ସୁରକ୍ଷାର ବାର୍ତ୍ତା ସେମାନେ ଦେଇଥା'ନ୍ତି ବୋଲି କହିଥିଲେ।



କେନ୍ଦ୍ରୀୟ ବିଦ୍ୟାଳୟ ପୁରୀରେ ଆୟୋଜିତ ଏହି ଶିବିରରେ ପ୍ରଥମେ କ୍ୟାଡେଟ୍‌ମାନର ଡକ୍ୟୁମେଣ୍ଟେସନ କରାଯାଇଥିଲା। ପରେ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ କ୍ୟାଡେଟ୍‌ମାନଙ୍କୁ ପରେଡ୍, ବନ୍ଧୁକ ଚାଳନା, ପ୍ରତିବନ୍ଧକ ଦୌଡ଼ ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଇଥିଲା। ଏଥିସହ ସଡ଼କ ସୁରକ୍ଷା, ସମାଜସେବା, ଆଶୁ ଚିକିତ୍ସା, ଆତ୍ମରକ୍ଷା କୌଶଳ, ନିଆଁଲିଭା କୌଶଳ, ସାଇବର ସୁରକ୍ଷା ଆଦି ଶିକ୍ଷା ଦିଆଯାଇଥିଲା। ଏହି ଅବସରରେ କ୍ୟାଡେଟ୍‌ମାନଙ୍କୁ ଆଇଟିଆଇ ପୁରୀ ଶିକ୍ଷାକେନ୍ଦ୍ର ଭ୍ରମଣରେ ମଧ୍ୟ ନିଆଯାଇଥିଲା। ସେମାନଙ୍କୁ ଶିଳ୍ପ ତାଲିମ ସମ୍ବନ୍ଧୀୟ ଜ୍ଞାନ କୌଶଳ ଶିକ୍ଷା ଦିଆଯାଇଥିଲା। ଏତଦ୍‌ବ୍ୟତୀତ ଅଗ୍ନିବୀର ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ତଥ୍ୟ କ୍ୟାଡେଟ୍‌ମାନଙ୍କୁ ପ୍ରଦାନ କରାଯାଇଥିଲା। ଶିବିରର ଉଦ୍‌ଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କୃତୀ କ୍ୟାଡେଟ୍‌ମାନଙ୍କୁ ମାନପତ୍ର ସହ ମେଡାଲ ଦିଆଯାଇଥିଲା। ଶେଷରେ କର୍ଣ୍ଣେଲ ସୁଦୀପ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

### ● ପୁରୀ ସମୁଦ୍ରରେ ସ୍ପିଡ୍ ବୋଟ ଓଲଟିପଡ଼ିବା ଘଟଣା

# ଟିକଟ୍ କାଉଣ୍ଟର ଭାଙ୍ଗିଲା ପ୍ରଶାସନ

ପୁରୀ,୨୭।୫ସମିସ)

ପୁରୀ ସମୁଦ୍ରରେ ସ୍ପିଡ ବୋଟ୍ ଦୁର୍ଘଟଣା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ। ନିୟମକାନୁନକୁ ଉଲ୍ଲଂଘନ କରି ପର୍ଯ୍ୟଟକଙ୍କୁ ସମୁଦ୍ରରେ ଜଳକ୍ରୀଡ଼ା କରାଉଥିବା ସଂସ୍ଥାର ଟିକେଟ୍ କାଉଣ୍ଟରକୁ ମଙ୍ଗଳବାର ଭାଙ୍ଗି ଦେଇଛି ପ୍ରଶାସନ। ଗତ ଶନିବାର ପୁରୀ ସମୁଦ୍ରରେ ଜଳକ୍ରୀଡା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଓ ଭାଉଜ ଅର୍ପିତା। ତେବେ ପର୍ଯ୍ୟଟକଙ୍କ ଜୀବନକୁ ବାଜିରେ ଲଗାଇ ଜଳକ୍ରୀଡ଼ା କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖୋଲତାଡ ପରେ ଜଣାପଡିଲା କି ସମୁଦ୍ରରେ ବେଆଇନ୍ ଭାବେ ଜଳକ୍ରୀଡା ଚଳାଇଥିଲା ଏହି ସଂସ୍ଥାର ଟିକେଟ କାଉଣ୍ଟରକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। ଲାଇଟ ହାଉସ୍ ନିକଟ ରାସ୍ତା ଉପରେ ପଡିଥିବା ଦୁଇଟି କଣ୍ଟେନର ଉପରେ ବୁଲିଲା ବୁଲଡୋଜର। ପୌରପାଳିକା ଅଧିକାରୀଙ୍କ ଉପସ୍ଥିତିରେ ଏହି କାଉଣ୍ଟରକୁ ଉଚ୍ଛେଦ କରାଯାଇଛି। ନିୟମକାନୁନ ନ ମାନି ସମୁଦ୍ରରେ ବେଆଇନ୍ ଜଳକ୍ରୀଡା ଚଳାଇଥିଲା ସମ୍ପୃକ୍ତ ସଂସ୍ଥା। ସମଗ୍ର ଘଟଣାର ଭଲ ଭାବେ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

ସୂଚନାଥାଉ କି, ସୌରଭ ଗାଙ୍ଗୁଲିଙ୍କ ଭାଇ, ଭାଉଜ ଛୁଟି କଟାଇବାକୁ ପୁରୀ ଆସିଥିଲେ। ସେମାନେ ଗତ ଶନିବାର ଅପରାହ୍ନରେ ବେଳାଭୂମିକୁ ବୁଲି ଯାଇଥିଲେ। ଏହି ସମୟରେ ସମୁଦ୍ର ଅଶାନ୍ତ ଥିବାବେଳେ ଉଚ୍ଚ ଜୁଆର ଆସି କୂଳରେ ମାଡ ହେଉଥିଲା। ଜଳକ୍ରୀଡ଼ା ଅନୁମତି ପାଇଥିବା ୪ଟି ସଂସ୍ଥା ମଧ୍ୟରୁ ୩ଟି ସମୁଦ୍ରର ଅଶାନ୍ତ ରୂପ ଦେଖି ସେମାନଙ୍କ ବୋଟ୍‌କୁ କୂଳରେ ବାନ୍ଧି ଦେଇଥିଲେ। ହେଲେ ଗୋଟିଏ ସଂସ୍ଥା ବେଖାତିର କରି ପର୍ଯ୍ୟଟକଙ୍କୁ ସ୍ପିଡ୍ ବୋଟରେ ଭିତରକୁ ନେଇ ଜଳକ୍ରୀଡ଼ା କରାଉଥିଲା। ୧୦ ଜଣ ବସିବାର କ୍ଷମତା ରଖିଥିବା ଏହି ବୋଟ୍‌ରେ ମାତ୍ର ୪ଜଣ ଯାଇଥିଲେ। ଫଳରେ ତାଙ୍କ ବୋଟ୍ ଓଲଟି ପଡିଥିଲା। ଯେଉଁଥିରେ ସ୍ନେହାଶିଷ, ଅର୍ପିତାଙ୍କ ସମେତ ଆଉ ୨ଜଣ ଜୀବନ ସହ ସଂଘର୍ଷ କରିଥିଲେ। ଲାଇଫ୍‌ଗାର୍ଡମାନେ ତୁରନ୍ତ ଭିତରକୁ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ତଦନ୍ତ ପରେ ଜଣାପଡିଥିଲା କି ଉକ୍ତ କମ୍ପାନୀ ପାଖରେ ପର୍ଯ୍ୟଟକଙ୍କ ଲାଗି କୌଣସି ଜୀବନ ରକ୍ଷା ସୁବିଧା ନ ଥିଲା। ଟଙ୍କା ଲୋଭରେ ପର୍ଯ୍ୟଟକଙ୍କ ଜୀବନ ସହ ଖେଳ ଖେଳିବା ନେଇ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



## ରଥଖଳାରୁ... ବନ୍ଦ ହେଲା ଯନ୍ତା ଗାଡ଼



ପୁରୀ,୨୭।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଆସନ୍ତା ଜୁନ୍ ୨୭ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏହାକୁ ନଜରରେ ରଖି ରଥଖଳାରେ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ସୁଦ୍ଧା ତିନିରଥର ୪୨ଟି ଯାକ ଚକ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ଯେ ହେତୁ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ସେଥିପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଖୋଲାଯାଇଥିବା ଯନ୍ତା ଗାଡ଼କୁ ବନ୍ଦ କରିଛନ୍ତି ଭୋଇ ସେବକ। ସୋମବାର ରଥ ଅମିନ ତିନି ରଥ ଚାଳିକୁ ଭୋଇ ସେବକଙ୍କ ସହାୟତାରେ ଦୁଇଟି ଲେଖାଏଁ ୪୦ ଫୁଟିଆ ବ୍ରେକ୍ ଅଖ ଏବଂ ତିନି ରଥର ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇଥିଲେ। ପ୍ରତ୍ୟେକ ରଥର ବ୍ରେକ୍ ଅଖର ଉଭୟ ପାର୍ଶ୍ୱ ଚଉପଟ ସହ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ସେହିପରି ମଙ୍ଗଳବାରଠାରୁ ଗରଗର କାଠର ଚଉପଟ କାମ ଆରମ୍ଭ ହୋଇଛି। ମହାରଣା ସେବକମାନେ ବାରିସୀରେ ଏହାକୁ ଚଉପଟ କରୁଛନ୍ତି। ରୂପକାର ସେବକମାନେ ଗୁଜଗୁଡ଼ିକରେ ସିଂହବିରାଳ ରୂପ ଖୋଦେଇ ସହ ଏଥିରେ ଅଳଙ୍କାର ପକାଇ ଏହାକୁ ପଲିସ୍ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା ତିଆରି କରୁଛନ୍ତି।

## ଜୁନ୍ ୧୨ରୁ ଅଲାରନାଥଙ୍କ ଅନବସର ଦର୍ଶନ

ବ୍ରହ୍ମଗିରି,୨୭।୫(ସମିସ): ଆସନ୍ତା ଜୁନ୍ ୧୨ ତାରିଖରୁ ଆରମ୍ଭ ହେଉଛି ମହାପ୍ରଭୁ ଶ୍ରୀଅଲାରନାଥଙ୍କ ଅନବସର ଦର୍ଶନ। ସ୍ନାନ ପୂର୍ଣ୍ଣମାରେ ୧୦୮ ଗରା ଜଳରେ ସ୍ନାନ କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଅଣସର ଗୃହରେ ରହିବେ। ସେହି ସମୟରେ ଶ୍ରୀଜୀଉମାନଙ୍କର ଭକ୍ତମାନଙ୍କୁ

**ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ, ଏସ୍‌ପି**



ଦର୍ଶନ ମିଳିବ ନାହିଁ। ସେଥିପାଇଁ ୧୫ ଦିନ ଧରି ଶ୍ରୀଜଗନ୍ନାଥଙ୍କ ପ୍ରତୀକ ରୂପେ ଶିଳାରୂପି ଶ୍ରୀଅଲାରନାଥ ଭକ୍ତଙ୍କୁ ଦର୍ଶନ ଦେବେ। ଦେଶ ବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ ନିମନ୍ତେ ଭିଡ଼ ଲାଗିବ। ବ୍ରହ୍ମଗିରି ପାଲଟିଯିବ ଦ୍ୱିତୀୟ ଶ୍ରୀକ୍ଷେତ୍ର। ଶୃଙ୍ଖଳିତ ଦର୍ଶନ, ପାନୀୟଜଳ, ପରିମଳ, ଟ୍ରାଫିକ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଆଲୋକୀକରଣ ଓ ବ୍ୟାରିକେଟ୍ ବ୍ୟବସ୍ଥା ସହ ସିସିଟିଭି ଆଦି କିଭଳି ସ୍ଥିତିରେ ରହିଛି ତା'ର ସମୀକ୍ଷା ନିମନ୍ତେ ମଙ୍ଗଳବାର ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମଗିରି ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି, ବିଡିଓ ବିଜୟ କୁମାର ବେହେରା, ତହସିଲ୍‌ଦାର ଶଶୀଭୂଷଣ ମିଶ୍ର ଯୋଗଦେଇ ମନ୍ଦିର ଓ ତା'ର ଭିତ୍ତିଭୂମି ପରିଦର୍ଶନ କରି ଶୃଙ୍ଖଳିତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ମନ୍ଦିରର ସେବାୟତ ନିଯୋଗ ଓ ପରିଚାଳନା କମିଟିଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

### ● ଚଳନ୍ତା ଟ୍ରେନ୍‌ରୁ ଠେଲି ହତ୍ୟା ମାମଲା

## ଫେରାର୍ ଅଭିଯୁକ୍ତ ଗିରଫ

ପୁରୀ,୨୭।୫(ସମିସ): ଚଳନ୍ତା ଟ୍ରେନ୍‌ରୁ ଜଣେ ଯୁବକଙ୍କୁ ଠେଲି ହତ୍ୟା କରିବା ଅଭିଯୋଗରେ ଜଣେ ଫେରାର୍ ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରିଛି ପୁରୀ ଜିଆର୍‌ପି ଥାନା ପୁଲିସ। ଅଭିଯୁକ୍ତ ହେଲା ଡେଲାଙ୍ଗ ଥାନା ଗଡ଼ମୋଟରୀ ଗାଁର ଦୁର୍ଗାପ୍ରସାଦ ବେହେରା (୨୦)। ପୁଲିସ ସୂଚନା ଅନୁଯାୟୀ, ୨୦୨୩ ଅକ୍ଟୋବର ୩୧ ତାରିଖରେ ଖୋର୍ଦ୍ଧାରୋଡ୍-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଯାତ୍ରା କରୁଥିଲେ ଡେଲାଙ୍ଗ ଥାନା ବାଲିହୁଙ୍କାର ଧର୍ମପଦ ଜେନା (୧୭)। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଟ୍ରେନ୍‌ରେ ଯାଉଥିବା ଅଭିଯୁକ୍ତ ଦୁର୍ଗାପ୍ରସାଦ, ଆଙ୍କୋଇର ଜଗା କାଣ୍ଡି ଏବଂ ଅନ୍ୟମାନେ ଧର୍ମପଦ ସହିତ ଝଗଡ଼ା କରିଥିଲେ। ପରେ ଧର୍ମପଦଙ୍କୁ ସେମାନେ ଚଳନ୍ତା ଟ୍ରେନ୍‌ରୁ ହରିପୁର ଜଙ୍କ୍‌ସନ ନିକଟରେ ତଳକୁ ଠେଲି ଦେଇଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଟ୍ରେନ୍‌କୁ ଅଟକାଯାଇ ଧର୍ମପଦଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଜଟଣୀ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଏମ୍‌ସ ଏବଂ ପରେ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେହିବର୍ଷ ନଭେମ୍ବର ୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଅଭିଯୁକ୍ତମାନେ ଫେରାର୍ ଥିଲେ। ଏ ନେଇ ପୁରୀ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୭୯/୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ମଙ୍ଗଳବାର ଅଭିଯୁକ୍ତ ଦୁର୍ଗାକୁ ପୁଲିସ ଗିରଫ କରିବା ସହ ତାକୁ କୋର୍ଟ ଚାଲାଣ କରିଛି।

## ଡ. ବଳରାମ ଦାସ ଥିଲେ ଜଣେ ନିରବ ସାଧକ

ପୁରୀ,୨୭।୫(ସମିସ): ବିଶିଷ୍ଟ ସାରସ୍ୱତ ସାଧକ ଡ. ବଳରାମ ଦାସଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ରମାବଲ୍ଲଭ ରୋଡ୍‌ସ୍ଥିତ ରୋଟାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ଆର୍ତ୍ତତ୍ରାଣ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ର. ଅଦ୍ୱୈତ ଚରଣ ଧଳ, ମାନସ ରଞ୍ଜନ ମହାପାତ୍ର, ଡ. ଦିଲ୍ଲୀପ କୁମାର ସ୍ୱାଇଁ, ବଦ୍ରି ମିଶ୍ର, ଇଂ. ମୀନକେତନ ମିଶ୍ର, ଗୁରୁ କଲ୍ୟାଣ ମହାପାତ୍ର, ମାନସ ଦାସ, ଶୈଳବାଳା ମହାପାତ୍ର, ସତ୍ୟନାରାୟଣ ମିଶ୍ର, ସୁବାସିନୀ ଧଳ, ଅଜୟ ପ୍ରଧାନ, ପ୍ରମୋଦା ଦେବୀ, କାର୍ତ୍ତିକ କୁମାର ଦାସ, ଉମାକାନ୍ତ ମହାପାତ୍ର, କାମଦେବ ମହାରଣା, ଆଲୋକ ପ୍ରଧାନ, ବିଚିତ୍ରା ଦାଶ, ଡ. ସୁଚିତ୍ରା ରଥ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦେବୀପ୍ରସନ୍ନ ନନ୍ଦ, କ୍ରିଷ୍ଣା ମହାପାତ୍ର, ବିପିନ ବିହାରୀ ଦଳାଇ, ସର୍ବାଣୀ ଦାସ, କମଳାକାନ୍ତ ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରକାଶିତ ସ୍ମରଣିକା 'ସବୁ ଦୀପ ଲିଭିଗଲା ପରେ' ଉନ୍ମୋଚିତ ହୋଇଥିଲା। ଦିବଂଗତ ଦାସ ଥିଲେ ଜଣେ ନୀରବ ସାଧକ ଓ ଯାହାଙ୍କ ହୃଦୟ ଥିଲା ସଦା ଛଳଛଳ। ଆଧ୍ୟାତ୍ମିକ ଓ ସାରସ୍ୱତ କ୍ଷେତ୍ରରେ ସେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲେ। ତାଙ୍କର ମୃତ୍ୟୁ ସାରସ୍ୱତ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ସାହିତ୍ୟିକମାନେ ବକ୍ତବ୍ୟ ରଖିଥିଲେ। ଏଥିରେ ପତ୍ନୀ ମାୟା ଦାସ, ପୁତ୍ର ତନ୍ମୟ, ବୋହୂ ପୂର୍ଣ୍ଣମା, ଝିଅ ସରିତା ଦାସ, ଜ୍ୱାଇଁ ହୃଷୀକେଶ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତିସଭାକୁ ସଞ୍ଚାଳନ କରିଥିଲେ କବି ଶ୍ୟାମପ୍ରକାଶ ସେନାପତି।

## ଆସୁଛି ରଥଯାତ୍ରା: ୮ ସାହି ପ୍ରତିନିଧିଙ୍କ ସହ ପୁଲିସର ବୈଠକ

ପୁରୀ,୨୭।୫(ସମିସ): ଆଗକୁ ରଥଯାତ୍ରା। ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଦେଖିବା ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପୁଲିସ ପ୍ରଶାସନ। ତେଣୁ ରଥଯାତ୍ରାକୁ ସୁସଂଗଠିତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ମଙ୍ଗଳବାର ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପୁରୀ ସହରର ୮ଟି ପ୍ରମୁଖ ସାହିର ପ୍ରତିନିଧିମାନଙ୍କ ସହିତ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ରଥଯାତ୍ରା ସମୟରେ ଗାଡ଼ି ଚଳାଚଳ କିପରି ଶୃଙ୍ଖଳିତ ହୋଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାର ବ୍ଲୁ ପ୍ରିଣ୍ଟ ଚାଲିଛି, ଖୁବ୍‌ଶୀଘ୍ର ସାହିବାସିନ୍ଦାଙ୍କ ପାଇଁ ଏକ ଭଲ ଖବର ଆସିବ ବୋଲି ଏସ୍‌ପି କହିଥିଲେ। ସେହିପରି ସାହିମାନଙ୍କରେ ହେଉଥିବା ଭିଡ଼, ଅନଧିକୃତ ପାର୍କିଂ, ସ୍ଥାନୀୟବାସୀଙ୍କ ଯାତାୟାତ ଅସୁବିଧା କଥା କହିଥିଲେ ସାହି ମୁରବି। ଏ ଦିଗରେ ପଦକ୍ଷେପ



ନିଆଯିବ ବୋଲି କୁହାଯାଇଥିଲା। ସେହିପରି ସ୍ୱେଚ୍ଛାସେବୀଙ୍କ ଚୟନ ପାଇଁ ସାହି ମୁରବିଙ୍କୁ ଅନୁରୋଧ କରାଯାଇଥିଲା। ଯେଉଁମାନେ କି ପୁଲିସ ସହ ମିଶି ସ୍ଥାନୀୟ ଅଞ୍ଚଳର ଯାତାୟାତ ସୁବିଧା, ଟ୍ରାଫିକ୍ ନିୟନ୍ତ୍ରଣରେ ସହଯୋଗ କରିବେ। ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ସାହିବାସିନ୍ଦା ପୁଲିସକୁ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିଲେ। ଏଥିପାଇଁ ଏସ୍‌ପି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ବୈଠକରେ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ୮ ସାହି ସଭାପତି, ସମ୍ପାଦକ ଓ ବରିଷ୍ଠ ସଦସ୍ୟ ଯୋଗଦେଇଥିଲେ। ସେହିପରି ପୁଲିସ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଏସି ଘନଶ୍ୟାମ ହେମ୍ବ୍ରମ, ଏସି ବିଜୟ କୁମାର ନନ୍ଦ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ବାସେଳିସାହି ଆଇଆଇସି ବିକ୍ରମ କିଶୋର ଜେନା, ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ମୁଖ୍ୟ କେନାଲ ବନ୍ଧ ପୋଲ

ନିମାପଡ଼ା,୨୭।୫(ସମିସ)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଡେଲ୍‌ଟା ଛକ ମୁଖ୍ୟ କେନାଲ ଉପରେ ଜଳସମ୍ପଦ ବିଭାଗ ଅଧୀନସ୍ଥ କେନାଲ ପୋଲଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବ ସଠିକ୍ କହିହେବନି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କ ପାଖରେ କୌଣସି ଖବର ନାହିଁ ବୋଲି ଜଣାପଡ଼ିଛି।



ସୂଚନା ମୁତାବକ, ନିମାପଡ଼ା ଏନ୍‌ଏସି ୪ ନମ୍ବର ୱାର୍ଡ ପୂର୍ଣ୍ଣେଶ୍ୱରୀ ସାହି ଭୁବନପୁର ସଂଲଗ୍ନ ମୁଖ୍ୟ କେନାଲ ଉପରେ ଥିବା ପୋଲଟି ଚାରିପଟୁ ଭାଙ୍ଗିଯାଇ ଛଡ଼, ଜାଲି ସବୁ ବାହାରିପଡ଼ିଛି। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ତଥା ସଂକୀର୍ଣ୍ଣ ପୋଲଟି ସମ୍ପୂର୍ଣ୍ଣ ବିପଦସଂକୁଳ ଅବସ୍ଥାରେ ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ଅଣଦେଖା କରାଯାଉଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବିପଦପୂର୍ଣ୍ଣ ଅବସ୍ଥା ଖୋଦ୍ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦେଢ଼ବର୍ଷ ପୂର୍ବେ ତେଣୁଅଁ ପଞ୍ଚାୟତ ଛେନୁଅଠାରୁ ପାଟପୁର ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗର ମେଗା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ କେନାଲ ଲାଇନିଂ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ କେନାଲର ଶଯ୍ୟା ତଥା ପଠା ଏବଂ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ଭୁବନପୁର ନିକଟସ୍ଥ କେନାଲରେ ଗାର୍ଡୱାଲ ନିର୍ମାଣ ସମୟରେ ପୋଲଟି ବିପଦସଂକୁଳ ଅବସ୍ଥାରେ ଥିବାରୁ ଗ୍ରାମବାସୀମାନେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାରମ୍ବାର ଜଣାଇବା ପରେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ। କେନାଲ ବିପଦସଂକୁଳ ଅବସ୍ଥାରେ ଥିବାର ଜାଣିବା ପରେ ମଧ୍ୟ ରାସ୍ତାକାମ ପାଇଁ ସେହି କେନାଲ ଉପର ଦେଇ ଭାରୀଯାନ ଚଳପ୍ରଚଳ କରାଇଥିଲେ। ଯନ୍ତ୍ରୀ, ଠିକାଦାରଙ୍କ ଅସାବଧାନତା ଏବଂ ଦାୟିତ୍ୱହୀନତା ଯୋଗୁଁ ୪୦ବର୍ଷର ପୁରାତନ ପୋଲର ଦୁଇକଡ଼ ୱାଲ୍ ଭାଙ୍ଗିଯାଇଥିଲା। ଭୁବନପୁର, ପୂର୍ଣ୍ଣେଶ୍ୱରୀ ସାହି, ମୁସ୍‌ଲିମ ବସ୍ତି, ଡେଲ୍‌ଟା ଛକ ଆଦି ଏନ୍‌ଏସିର ୩ଟି ୱାର୍ଡର ଶତାଧିକ ଲୋକ ଦୈନିକ ଯିବାଆସିବା କରୁଥିବାବେଳେ ସ୍କୁଲ, କଲେଜ, ହାଟ, କୋର୍ଟକୁ ଯିବାପାଇଁ ଏହି ପୋଲ ଉପରେ ଶତାଧିକ ଲୋକ ନିର୍ଭର କରିଥା'ନ୍ତି। ପୋଲର ଦୁଇକଡ଼ ୱାଲ୍‌ର ତଳପାଖର୍ ଫାଟି ଛଡ଼ ବାହାରିଯିବା ସହିତ ଗୋଟେପାଖ ଦବିଯାଇଛି। ଫଳରେ ଯାତାୟାତ ଦୃଷ୍ଟିରୁ ଏକରକମ ଅସୁରକ୍ଷିତ ହୋଇପଡ଼ିଛି। ଏହି ପୋଲ ଦେଇ ପ୍ରତ୍ୟହ ଶତାଧିକ ଯାନବାହନ ଚଳାଚଳ କରୁଥିବା ହେତୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୋଲଟି କେତେବେଳେ ଯେ ଭୁଶୁଡ଼ି ପଡ଼ିବ ତାହା କହିହେବ ନାହିଁ। ଏହାର ରକ୍ଷଣାବେକ୍ଷଣ, ମରାମତି ଦାୟିତ୍ୱ ଜଳସେଚନ ବିଭାଗର ହୋଇଥିବାବେଳେ କ'ଣ ପାଇଁ ଏହାକୁ ଅଣଦେଖା କରାଯାଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଯନ୍ତ୍ରୀ, ଅଧିକାରୀଙ୍କ ସମନ୍ୱୟ ଅଭାବରୁ ଲୋକଙ୍କ ଜୀବନ ବିପଦରେ ପଡୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ତୁରନ୍ତ ବିପଦସଂକୁଳ ପୋଲଟିର ମରାମତି କରାଯାଉ ନଚେତ୍ ନୂତନ ପୋଲ ନିର୍ମାଣ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

■ ଅସରାଏ ବର୍ଷାରେ ୧୧ନଂ ୱାର୍ଡ ଉବୁଟୁବୁ

# ଘରେ ପାଣି ପଶି ସ୍ଥିତି ବେହାଲ

ପଟ୍ଟାମୁଣ୍ଡାଇ,୨୭।୫(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆଜି ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ଉବୁଟୁବୁ ହେବା ସହିତ କୃତ୍ରିମ ବନ୍ୟା ପରିସ୍ଥିତି ଦେଖାଦେଇଛି। ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷାରେ ମୁସଲମାନ



ବସ୍ତିରେ ଥିବା ଲୋକଙ୍କ ଘରେ ବର୍ଷା ପାଣି ଲହଡି ଭାଙ୍ଗୁଛି। କେତେକଙ୍କ ଘରେ ଆଣ୍ଠୁଏରୁ ଜଙ୍ଘେ ଯାଏ ପାଣିରେ ବୁଡି ରହିଛି। ଏଥିସହିତ ଚୁଲିରେ ପାଣି ପଶିବା ସହିତ ଙ୍କସାବାସନ ଭାସୁଛି। ମୁସଲମାନ ବସ୍ତିରେ ଥିବା ଗରିବ ଖଟିଖିଆ ଏଭଳି ସ୍ଥିତିରେ ଖଟ ଉପରେ ଉପାସ ଭୋକରେ ପିଲାଛୁଆ ଧରି ରହିଛନ୍ତି। ଅସରାଏ ବର୍ଷା ହେଲେ ମୁସଲମାନ ବସ୍ତି ଉବୁଟୁବୁ ହେବା ସହିତ ବାସିନ୍ଦାଙ୍କ ସମସ୍ୟା ବଢ଼ି ଚାଲିଛି। ସ୍ଥାନୀୟ ଅଧିବାସୀ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି। ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଜଳନିଷ୍କାସନ ହେଉ ନ ଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଆଗକୁ ଆହୁରି ତିନିଦିନ ବର୍ଷା ଲାଗି ରହିବା ସମ୍ଭାବନା ଥିବାରୁ ସମସ୍ୟା ଆହୁରି ଅଧିକ ଜଟିଳ ହେବାର ଆଶଙ୍କା କରାଯାଉଛି। ପୌରନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ବସ୍ତିବାସିନ୍ଦାଙ୍କ ନିକଟରେ ପହଞ୍ଚି ଜଳବନ୍ଦୀ ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁସଲମାନ ବସ୍ତିରୁ ଜଳନିଷ୍କାସନ ପାଇଁ ପୌର ପ୍ରଶାସନ ପକ୍ଷରୁ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଛି। ସରକାରୀ ଜମି ଜବରଦଖଲ କରାଯାଇ ବାସଗୃହ ନିର୍ମାଣ କରିବା, ପାଣି ନିଷ୍କାସନ ବାଟ ବନ୍ଦ କରିଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବାରୁ ଖୁବଶୀଘ୍ର ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯିବ ବୋଲି ପୌରନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଅହଲ୍ୟା ବାଇ ହୋଲକର ଜୟନ୍ତୀ ଓ ସ୍ୱଚ୍ଛତା ଅଭିଯାନ



ପଟ୍ଟାମୁଣ୍ଡାଇ, ୨୭।୫(ସମିସ): ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପରିସରରେ ଅହଲ୍ୟା ବାଇ ହୋଲକାରଙ୍କ ୩୦୦ତମ ଜୟନ୍ତୀ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ଓ ସ୍ୱଚ୍ଛତା ନିରୀକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୧୦ନଂ ୱାର୍ଡ କାଉନସିଲର ବିଦ୍ୟାଧର ସେଠୀ, ଜିଲ୍ଲା ବିଜେପି ସମ୍ପାଦକ ଚନ୍ଦନ ପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସହସଂଯୋଜକ ଅଭିଷେକ ଦାସ, ମନ୍ କି ବାତ୍ ସଂଯୋଜକ ରବୀନ୍ଦ୍ର ବିଶ୍ୱାଳ, ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା ଓ ଉପେନ୍ଦ୍ର ନାୟକ, ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ସାହୁ, ଯୁବ ମୋର୍ଚ୍ଚା ସଭାପତି ଅଶୋକ ସେଠୀ, ଆଡଭୋକେଟ ପ୍ରମୋଦ ସାହୁ, ପୀତାମ୍ବର କର, ସମୀର ପାତ୍ର, ସୁଧାଂଶୁ ଜେନା, ପକ୍ଷରେଶ୍ୱର ପାତ୍ର, ଶତ୍ରୁଘ୍ନ ପାତ୍ର, ବିଘ୍ନେଶ୍ୱର ମଲିକ, ଅଶୋକ ବେହେରା ପ୍ରମୁଖ ବହୁ ବିଜେପି ନେତା, କର୍ମକର୍ତ୍ତା ଓ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇ ଶ୍ରୀରାମ ମନ୍ଦିର ଭିତର ଓ ବାହାର ସଫେଇ କରିଥିଲେ।

# ଗୁପ୍ତେଶ୍ୱର ପୀଠରେ ଦେବ ଦମ୍ପତି ବିବାହ ପାଇଁ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୨୭।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ଗ୍ରାମର ଆରାଧ୍ୟ ଦେବତା ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ୧୪ତମ ଶୀତଳ ଷଷ୍ଠି ଉତ୍ସବ ସହ ଦେବଦେବ ମହାଦେବ ଓ ମା' ପାର୍ବତୀଙ୍କ ବିବାହ ଆଡ଼ମ୍ବର ସହକାରେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୩୦, ୩୧, ଜୁନ୍ ୧ ତାରିଖ ୩ ଦିନ ଧରି ବିବିଧ କାର୍ଯ୍ୟକ୍ରମ ସହିତ ପାରମ୍ପରିକ ରୀତିରେ ସମସ୍ତ ନୀତିକାନ୍ତି କରାଯିବ। ଏଥିରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ, ରାଣୀ ମୃଣାଳିନୀ ଦେବୀ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଡ. ଅଲେଖ କୁମାର ଜେନା ପ୍ରମୁଖଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଶୀତଳ ଷଷ୍ଠି କମିଟି ଆବାହକ ଭାସ୍କର ରାଉତରାୟ ସୂଚନା ଦେଇଛନ୍ତି।

# ୨ ପଥର ବୋଝେଇ ଟ୍ରକ୍ ଜବତ

ପଟ୍ଟାମୁଣ୍ଡାଇ,୨୭।୫(ସମିସ): ଖଣିଜ ସମ୍ପଦର ଚୋରା ଚାଲାଣ ରୋକିବାକୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଜି ପଟ୍ଟାମୁଣ୍ଡାଇ ସହର ରାସ୍ତା ଦେଇ ଆଳି ଅଭିମୁଖେ ଯାଉଥିବା ଦୁଇଟି ଚୋରା ପଥର ବୋଝେଇ ଟ୍ରକ୍‌କୁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ପତ୍ରପୁର ପୋଲ ନିକଟରୁ ଜବତ କରାଯାଇଛି। ଟ୍ରକରେ ପଥର ଚୋରା ଚାଲାଣ ହେଉଥିବା ଖବର ପାଇ କେନ୍ଦ୍ରାପଡ଼ା ଜିଲ୍ଲା ଖଣି ବିଭାଗ ଅଧିକାରୀ ଦିନେଶ ମହାପାତ୍ର ତାଙ୍କ ଟିମ୍ ସହିତ ପିଛା କରିଥିଲେ। ଏହି ଟିମରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଚଉଦକୁଲାଟ ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ଗ୍ରହାଚାର୍ଯ୍ୟ ସାମିଲ ଥିଲେ। ଚୋରା ପଥର ବୋଝେଇ ୨ଟି ଟ୍ରକ ଦ୍ରୁତ ଗତିରେ ଖସି ପଳାଉଥିବାବେଳେ ପତ୍ରପୁର ପୋଲ ନିକଟରେ ଧରାପଡ଼ିଥିଲେ। ପଥର ବୋଝେଇ ଟ୍ରକ ୨ଟିକୁ ଜିଲ୍ଲା ଖଣି ବିଭାଗ ଅଧିକାରୀ ଶ୍ରୀ ମହାପାତ୍ର ଜବତ କରି ପଟ୍ଟାମୁଣ୍ଡାଇ ପୁଲିସ ଜିମା ଦେଇଥିବାବେଳେ ଟ୍ରକ୍ ୨ଟି ଚଉଦକୁଲାଟ ଫାଣ୍ଡି ଦାୟିତ୍ୱରେ ରହିଛି।

ଶିଳାନ୍ୟାସକୁ ପୂରିଲା ୫ ମାସ

# କେବେ ହେବ କରାଣ୍ଡିଆ ଶାଖା ନାଳର କଂକ୍ରିଟ୍ କାମ

ଡେରାବିଶ,୨୭।୫(ସମିସ):







ସରକାରଙ୍କ ପକ୍ଷରୁ ଚାଷ ଜମିକୁ ଜଳସେଚିତ କରିବା ପାଇଁ କେନାଲ ନିର୍ମାଣ କରାଯାଇଛି। ତେବେ ବହୁ ସମୟରେ କେନାଲ ବନ୍ଧରେ ଘଳିଆ ପଡ଼ି ପାଣି ନଷ୍ଟ ହେବା ଦ୍ୱାରା ଚାଷଜମିରେ ସଠିକ୍ ପରିମାଣରେ ପାଣି ପହଞ୍ଚି ପାରି ନ ଥାଏ। ଏହାକୁ ଦୃଷ୍ଟିରେ ରଖି ସରକାର ଏବେ କେନାଲର ଶଯ୍ୟା ଓ ଦୁଇ ପାଶ୍ୱର୍ ବନ୍ଧକୁ କଂକ୍ରିଟ କାମ କରାଉଛନ୍ତି। ଫଳରେ କେନାଲ୍‌ରେ ସଠିକ ଢ଼ଙ୍ଗରେ ପାଣି ଯାଇ ଚାଷଜମିରେ ପହଞ୍ଚିପାରିବ। ଏହି କ୍ରମରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା କରାଣ୍ଡିଆ ମାଇନର କେନାଲର ଡେରାବିଶ ବ୍ଲକ୍ ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତର ଗରାମଠାରୁ ଇନ୍ଦାଳୋ ପଞ୍ଚାୟତର ବାଲିସାହି ପର୍ଯ୍ୟନ୍ତ କଂକ୍ରିଟ୍ ଲାଇନିଂ କରାଯିବା ପାଇଁ ଟେଣ୍ଡର କରାଯାଇଥିଲା। ଏଥିପାଇଁ ଠିକା ସଂସ୍ଥାକୁ ଏହି ୪ କିଲୋମିଟର ୨୦୦ ମିଟର ଲମ୍ବ କଂକ୍ରିଟ ଲାଇନିଂ କାର୍ଯ୍ୟକୁ ୬ କୋଟି ୭୪ ଲକ୍ଷ ୫୯ ହଜାର ୯୦୮ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାମ କରିବା ପାଇଁ ପାଟକୁରା ବିଧାୟକ ଗତ ଜାନୁଆରୀ ମାସ ୩୧ ତାରିଖ ଦିନ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଶିଳାନ୍ୟାସକୁ ୫ ମାସ ବିତିଯାଇଥିଲେ ମଧ୍ୟ ଠିକାଦାର ଜଣକ ଅଦ୍ୟାବଧି କାମ ଆରମ୍ଭ କରିନାହାନ୍ତି।

ଠିକାଦାର ଜଣକ ସେତେବେଳେ କେବଳ ଏକ ଜେସିବି ମେସିନ୍ ସହାୟତାରେ ନାଳର ଶଯ୍ୟାକୁ ସଫେଇ କରିଥିଲେ। ଏହି ୪ କିଲୋମିଟର ନାଳର ଉଭୟ ପାଶ୍ୱର୍ରେ ରହିଥିବା ସମସ୍ତ ଗଛକୁ କାଟି ଦେଇଥିଲା। ଏପରିକି କଂକ୍ରିଟ୍ କାର୍ଯ୍ୟ ହେବାକୁ ନ ଥିବା ସ୍ଥାନରେ ମଧ୍ୟ ଗଛକୁ କାଟିବା ପାଇଁ ଠିକାଦାର ପଛାଇ ନ ଥିଲେ। ସେତେବେଳେ ଅନାବଶ୍ୟକ ଗଛ କାଟିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କାରିଥିଲେ। ଫଳରେ ବନ୍ଧର ଅନାବଶ୍ୟକ ସ୍ଥାନରେ ରହିଥିବା କିଛି ଗଛ ଠିକାଦାରଙ୍କ ମୁହଁରୁ ବର୍ତ୍ତିଯାଇଥିଲା। ତେବେ ନାଳ କାମ ପାଇଁ କେବଳ ଯାହା ଶହଶହ ଗଛ ସିନା ବଳିଦାନ ଦେଲେ, ଏବେ ସୁଦ୍ଧା କାମ ଆରମ୍ଭ ହୋଇପାରିଲାନାହିଁ। ଆଉ କିଛିଦିନ ପରେ ମୌସୁମୀ ଆସିଯିବ ଓ କେନାଲ୍‌ରେ ଖରିଫ ଚାଷ ପାଇଁ ପାଣି ଛଡ଼ାଯିବ। ତେବେ ଏହି କେନାଲ୍ କଂକ୍ରିଟ ଲାଇନିଂ ହେବା କାର୍ଯ୍ୟ ଶୁଣି ଡେରାବିଶ ବ୍ଲକର ଯଅଁରାବାରିମୂଳ, ହରିଅଙ୍ଗ, ଇନ୍ଦାଳୋ ପଞ୍ଚାୟତ ସମେତ ନିକଟସ୍ଥ ମାର୍ଶାଘାଇ ଓ ଗରଦପୁର ବ୍ଲକ୍‌ର ଚାଷୀ ଖୁସି ହୋଇଥିଲେ। ଏହି କେନାଲ୍‌ରେ ତଳମୁଣ୍ଡର ଚାଷଜମିକୁ ଜଳସେଚିତ କରିବା ପାଇଁ ଅଧିକ ମାତ୍ରାରେ ପାଣି ଛାଡ଼ିଲେ ଅଧିକାଂଶ ସ୍ଥାନରେ ଦୁର୍ବଳ ବନ୍ଧ ଭାଙ୍ଗିଯାଇଥାଏ। ତେଣୁ ବହୁ ସମୟରେ ତଳମୁଣ୍ଡର ଚାଷୀ ସଠିକ୍ ପରିମାଣରେ ପାଣି ପାଉ ନ ଥିଲେ। ତେବେ ଚଳିତ ବର୍ଷ କେନାଲ୍‌ରେ ପାଣି ଆସିବା ପରେ ଆଉ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ହୋଇପାରିବ ନାହିଁ। ଫଳରେ ଚାଷୀଙ୍କୁ ପୁନର୍ବାର ଆଉ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି।

# ଅସଦାଚରଣ ଅଭିଯୋଗରେ ବୋରିଂ ମିସ୍ତ୍ରି ଅଟକ

କେନ୍ଦ୍ରାପଡ଼ା,୨୭।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତଥା ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ପେଟଛେଳା ପଞ୍ଚାୟତର ଜଙ୍ଗଲ ଘେରୀ ନିକଟରେ ନିର୍ମାଣଧୀନ ବ୍ରିଜ୍‌ରେ ବୋରିଂ ମିସ୍ତ୍ରି ଭାବେ କାମ କରୁଥିବା ବିହାରର ଯୁବକ ରଞ୍ଜିତ କୁମାରଙ୍କ ନାମରେ ଅସଦାଚରଣ ଅଭିଯୋଗ ହୋଇଛି। ବ୍ରିଜ୍ କାମରେ ରାତ୍ର ଜଗୁଆଳି ଭାବେ ଡ୍ୟୁଟିରେ ଥିବା କର୍ମଚାରୀଙ୍କ ଘରେ ରାତିରେ ପଶି ତାଙ୍କ ପତ୍ନୀଙ୍କୁ ଅସଦାଚରଣ କରିଥିବା ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଜମ୍ବୁ ପୁଲିସ ରଞ୍ଜିତକୁ ଅଟକ ରଖିଛି। ଅଭିଯୋଗ ମୁତାବକ, ସୋମବାର ରାତିରେ ରାତ୍ର ଜଗୁଆଳି ଡ୍ୟୁଟିରେ ଥିଲେ। ସ୍ତ୍ରୀ ଘରେ ଏକାକୀ ଶୋଇଥିବା ସମୟରେ ବୋରିଂ ମିସ୍ତ୍ରି ଘରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିଲା। ନିଜକୁ ବଞ୍ଚାଇବା ପାଇଁ ପୀଡ଼ିତା ଚିତ୍କାର କରି ପଡୋଶୀଙ୍କୁ ଡାକିଥିଲେ। ପଡ଼ୋଶୀ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ପୀଡ଼ିତାଙ୍କ ସ୍ୱାମୀ ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଛି।

■ ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ପାଣି

# ହୀନସ୍ତା ଭୋଗୁଛନ୍ତି ୩୦୦ ପରିବାର; ପ୍ରତିକାର ଦାବି



ଆଳି,୨୭।୫(ସମିସ): ବର୍ଷାଦିନ ଆରମ୍ଭ ନ ହେଉଣୁ ସାମାନ୍ୟ ବର୍ଷାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଘରୁ ପଦାକୁ ବାହାରିଲେ ପାଣି ପଶି ଯିବାକୁ ପଡୁଛି। ସେହି ପାଣିରେ ପଶି ନଳକୂପରୁ ପାଣି ଆଣିବା ସହିତ ନିତ୍ୟ ବ୍ୟବହାର ଜିନିଷ କିଣିବା ପାଇଁ ବଜାରକୁ ଯିବାଆସିବା କରିବାକୁ ପଡୁଛି। ଏଭଳି ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ଏକ ନମ୍ବର ଓ ଦୁଇ ନମ୍ବର ୱାର୍ଡର ପାଖାପାଖି ୩୦୦ ପରିବାର ଘରୁ ବାହାରି ନ ପାରି ଜଳବନ୍ଦୀ ରହିଛନ୍ତି। ଏ ନେଇ ସେମାନେ ସରପଞ୍ଚଙ୍କଠୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସାଧାରଣ ଲୋକେ ଦୁଃଖ ପ୍ରକାଶ କରିଛନ୍ତି।

ବର୍ଷାଜଳ ନିଷ୍କାସନର ସଠିକ ବ୍ୟବସ୍ଥା ନ ଥିବାରୁ ଏଭଳି ଅବସ୍ଥା ପ୍ରତିବର୍ଷ ଦେଖାଯାଉଛି। ସାମାନ୍ୟ ବର୍ଷାରେ ଘର ଭିତରକୁ ପାଣି ପଶୁଥିବାବେଳେ ଆଗକୁ ଆସୁଛି ବର୍ଷା। ସେ ସମୟରେ ସେମାନଙ୍କ ଅବସ୍ଥା କ'ଣ ହେବ ଏହି ଚିତ୍ର ବୟାନ କରୁଛି। ଏବେ ଯେମିତି ହେଲେ ଘରୁ ବାହାରି ହେଉଛି। କିନ୍ତୁ ଆଗକୁ ଘରୁ ବାହାରିବା କଷ୍ଟ ହୋଇପଡ଼ିବ। ଏପଟେ ଯେଉଁ ବାଟେ ଜଳ ନିଷ୍କାସନ ହେଉଥିଲା, ସେହି ବାଟରେ ଜମିର ମାଲିକ ଘର କରିବାକୁ ମାଟି ପକାଇ ଉଚ୍ଚା କରିଦେବା ଫଳରେ ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ସେହି ବାଟ ଦେଇ ବୟସ୍କ, ବୃଦ୍ଧାବୃଦ୍ଧ, ମହିଳା, ସ୍କୁଲ ଯାଉଥିବା ଛୋଟ ପିଲା ରାତି ପାହିଲେ ପାଣି ଭିତରେ ପଶି ଯାତାୟାତ କରିଥା'ନ୍ତି। ଫଳରେ ଲୋକେ କୁଣ୍ଡିଆ, ଥଣ୍ଡା, ଜ୍ୱର, କାଶରେ ଆକ୍ରାନ୍ତ ହେଉଛନ୍ତି। ପାଣି ନିଷ୍କାସନ ନ ହେବା ଫଳରେ ପାଣି ପଚି ମଶା, ମାଛି ବଂଶ ବୃଦ୍ଧି ପାଇବା ସହ ପାଣିରେ ସରୀସୃପ, ଜୀବଜନ୍ତୁ ଘର ଭିତରକୁ ପଶି ଆସୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାରୁ ବର୍ଷାଜଳ ନିଷ୍କାସନ କରିବା ପାଇଁ ରାସ୍ତାକୁ ଉଚ୍ଚ କରିବା ସହ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ତସୋ ବିବି, ରସିନ ପରବିନ, ରେହମତୁନ ବିବି, ନଜିଆ ପରବିନ, ଏସକେ ଇଜାଦୁଲ୍ଲା, ସେକ ବାରି, ସେକ ସଲିମ, ସେକ ରାଜୁ, ସେକ ଯୋସିମଙ୍କ ସମେତ ଦୁଇଟି ୱାର୍ଡର ଶତାଧିକ ଲୋକେ ସରପଞ୍ଚ, ବିଧାୟକ ଓ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି।

● ଜିଲ୍ଲାର ସମସ୍ତ ବର୍ଗର କଳାକାରଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



କେନ୍ଦ୍ରାପଡ଼ା,୨୭।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବର୍ଗର କଳାକାର, ସାହିତ୍ୟିକ ଓ ସଂସ୍କୃତି ଗବେଷକଙ୍କ ସମିଶ୍ରଣରେ ଗଠନ କରାଯାଇଛି ସଂଗଠନ। ଏହି ସଂଗଠନ ପକ୍ଷରୁ ଭଜନ, ପାଲା, ଘୋଡ଼ା ନାଚ, ସଂକୀର୍ତ୍ତନ, କେନ୍ଦରା ଗୀତ, ଭାଗବତ ଟୁଙ୍ଗୀ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ କଳାକାରଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସମାଧାନ କିମ୍ବା ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସହଯୋଗ ମିଳୁନାହିଁ। ଏ ନେଇ ପୁନର୍ବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ସମାଧାନ ନ ହୁଏ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ସେହି ସମସ୍ୟା ମଧ୍ୟରେ ଓଡ଼ିଆର ଅନ୍ୟଏକ ପରିଚୟ ଭାଗବତ ଟୁଙ୍ଗୀ। ଦୀର୍ଘଦିନର ଲଢ଼େଇ ପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ୪୩୮ଟି ଭାଗବତ ଟୁଙ୍ଗୀ ନିମନ୍ତେ ୫୦ ହଜାର ଲେଖାଏଁ ୨କୋଟି ୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ୯ଟି ବ୍ଲକରେ ଗୋଟିଏ ବି ଭାଗବତ ଟୁଙ୍ଗୀକୁ ସହାୟତା ପ୍ରଦାନ କରାଯାଇନାହିଁ। କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପ୍ରଚାର ପାଇଁ ଆସୁଥିବା ଅର୍ଥ ସଠିକ୍ ଭାବେ ଖର୍ଚ୍ଚ କରାଯାଉନାହିଁ କିମ୍ବା କଳାକାରଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। କଳା ଓ କଳାକାରଙ୍କ ଉନ୍ନତି ପାଇଁ ଗଠନ ହୋଇଥିବା ବିକେଏସ୍ଏସ୍ ଓ ଜେଡ୍‌କେଏସ୍ଏସ୍ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ନିର୍ବାଚନ କରାଯାଇ ନୂତନ ଉପସଭାପତି ଚୟନ କରାଯାଉନାହିଁ। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ସରକାରୀ ସ୍ତରରେ ଜିଲ୍ଲା ମହୋତ୍ସବ ହେଉଥିବାବେଳେ କେନ୍ଦ୍ରାପଡା ଜିଲ୍ଲାରେ ତାହା କରାଯାଉନାହିଁ। ଫଳରେ କଳାକାର, ସାହିତ୍ୟିକ ଓ ସଂସ୍କୃତି ଗବେଷକଙ୍କୁ ଉଚିତ୍ ସମ୍ମାନ ମିଳୁନାହିଁ। ଜିଲ୍ଲାରେ ଯେଉଁ କେତୋଟି ସରକାରୀ କାର୍ଯ୍ୟକ୍ରମ କରାଯାଉଛି ସେଥିରେ ନିର୍ଦ୍ଦିଷ୍ଟ କେତୋଟି ଜିଲ୍ଲା ମୁଖ୍ୟାଳୟରେ ଥିବା ଅନୁଷ୍ଠାନକୁ ସୁଯୋଗ ଦିଆଯାଉଛି। ଜିଲ୍ଲା ସଂଗଠନ ସହିତ କୌଣସି ଆଲୋଚନା କରା ନ ଯାଇ ମନମୁଖୀ ଚୟନ ସହିତ ସ୍ୱଳ୍ପ ପ୍ରାପ୍ୟ ପ୍ରଦାନ କରାଯାଉଛି। ଯଦ୍ୱାରା ଜିଲ୍ଲା ସଂସ୍କୃତି ବିଭାଗର ଅର୍ଥ ହେର୍‌ଫେର୍‌ର ପ୍ରମାଣ ଦେଉଛି। ଉପରୋକ୍ତ ସମସ୍ୟାର ଆଗାମୀ ୧୦ଦିନ ମଧ୍ୟରେ ଯଦି କୌଣସି ଆଖିଦୃଶିଆ ସମାଧାନ କରା ନ ଯାଏ ନୂତନ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ସମୟରେ ସମସ୍ତ ବ୍ଲକ୍‌ରେ କଳା ଦିବସ ପାଳନ କରାଯିବା ସହିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ବାଧ୍ୟ ହେବେ ବୋଲି ସଭାପତି ସୁବ୍ରତ ରାଉତ ଓ ସମ୍ପାଦକ ନିରାକାର ମହାପାତ୍ର ଦାବିପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସୁରେନ୍ଦ୍ର ଶତପଥୀ, ଜ୍ଞାନରଞ୍ଜନ ରାଉତ, ଶିବପ୍ରସାଦ ବେହେରା, ପ୍ରସନ୍ନ ଦାସ, ଭାଗ୍ୟଧର ରାଉତ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବେଙ୍ଗାଲୁରୁରେ ସାମୂହିକ ସାବିତ୍ରୀ ବ୍ରତ

ରାଜନଗର, ୨୭।୫(ସମିସ): ପ୍ରବାସୀ ଓଡ଼ିଆ ମହିଳା ବେଙ୍ଗାଲୁରୁର ବିହୋଷାହାଲି, ସରଜାପୁରଠାରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସାମୂହିକ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ମହାନ ପର୍ବକୁ ସୁଚାରୁପେ ପରିଚାଳନା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ଟ୍ରଷ୍ଟ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଥିଲା। ଶତାଧିକ ମହିଳା ମନ୍ଦିରରେ ପୂଜା କରିଥିଲେ। ଟ୍ରଷ୍ଟ ପକ୍ଷରୁ ସାବିତ୍ରୀ ବ୍ରତ ପୂଜା ସାମଗ୍ରୀ ବ୍ରତୀମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ନବନିର୍ମିତ ଆନନ୍ଦ ବଜାର ପରିସରରେ ଦୁଇଟି ମଣ୍ଡପରେ ମନ୍ଦିରର ପୂଜକ କରୁଣାକର ପଣ୍ଡା, ସୁରେନ୍ଦ୍ର ପଣ୍ଡା ଓ ନାରାୟଣ ପଣ୍ଡା ପୂଜା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଟ୍ରଷ୍ଟ ଆସନ୍ତା ଜୁନ ୧୧ରେ ସ୍ନାନଯାତ୍ରା ଓ ଜୁନ ୨୭ରେ ହେବାକୁ ଥିବା ମହାପ୍ରଭୁଙ୍କ ରଥଯାତ୍ରାର ସୂଚନା ଭକ୍ତଙ୍କୁ ଦେଇଥିଲେ। ବିଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ରଥଯାତ୍ରାରେ ସହଯୋଗ କରିବାକୁ ଭକ୍ତଙ୍କୁ ନିବେଦନ କରିଛନ୍ତି। ତୃତୀୟ ବର୍ଷର ରଥଯାତ୍ରା ମହାପ୍ରଭୁଙ୍କ କୃପାରୁ ସୁଚାରୁରୂପେ ହେବ ବୋଲି ସମସ୍ତ କର୍ମକର୍ତ୍ତା ଆଶାବାଦୀ ଅଛନ୍ତି।



ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୬୯ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ରାଜକନିକା,୨୭।୫(ସମିସ):



କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ପରିସରରେ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସିଡିଓ ଅଜାମ୍ବର ମହାନ୍ତି, ଏଡିଏମ୍ ରବୀନ୍ଦ୍ର ମଲ୍ଲିକ, ସବ୍‌କଲେକ୍ଟର ଅରୁଣ ନାୟକ, ବିଡିଓ କୈଳାସ ଚନ୍ଦ୍ର ମହାଲିକ, କନିକା ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ୬୯ଟି ଅଭିଯୋଗର ଶୁଣାଣି କରିଥିଲେ। ୬୩ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବାବେଳେ ୬ଟି ସାମୂହିକ ଅଭିଯୋଗ ହୋଇଥିଲା।

ଉକ୍ତ ଶିବିରରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା ନିର୍ମାଣ, ପାନୀୟଜଳ ସମସ୍ୟା ଓ ରାସନ କାର୍ଡ ଆଦି ଅଭିଯୋଗ ହୋଇଥିବାବେଳେ ଅଚଳ ଷ୍ଟ୍ରିଟ୍‌ଲାଇଟ୍ ସଚଳ କରିବା ଓ ରାସ୍ତା ନିର୍ମାଣ ପାଇଁ ସାମୂହିକ ଅଭିଯୋଗ ହୋଇଥିଲା। ଏହି ଶିବିରରେ ବ୍ଲକସ୍ତରୀୟ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗ, ଜଳସମ୍ପଦ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ଆରଡବ୍ଲୁଏସଏସ ବିଭାଗ, ମିଶନ ଶକ୍ତି ବିଭାଗ ଓ ଶିକ୍ଷା ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। କଣ୍ଟପଡ଼ା ବଜାରରେ ଦୀର୍ଘଦିନ ଧରି ଅଚଳ ହୋଇପଡିଥିବା ଷ୍ଟ୍ରିଟ୍‌ଲାଇଟକୁ ସଚଳ କରିବା ପାଇଁ ସତ୍ୟନାରାୟଣ ବଣିକ ସଂଘ ପକ୍ଷରୁ ସଭାପତି ଅଜୟ ଦାଶ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ, ନିରୋଦ ଜେନା, ସୁଶାନ୍ତ ପରିଡା, ପ୍ରଶାନ୍ତ ଭଞ୍ଜ, ଭରତ ବାରିକଙ୍କ ସମେତ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କୁ ସିଡିଓ ନିର୍ଦ୍ଦେଶ ଦେଇ ସଚଳ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ଆଖୁଳିପଡ଼ା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ସହ ଏହି ପଞ୍ଚାୟତର ମଲ୍ଲିସାହାଡ଼ା ଗାଁର ପ୍ରାଇମେରୀ ସ୍କୁଲର ନୂତନ ଗୃହ ନିର୍ମାଣ ପାଇଁ ଆସିଥିବା ଅନୁଦାନକୁ ଗାଏବ କରାଯିବା ଓ ପରବର୍ତ୍ତୀ ମୁହୂର୍ତ୍ତରେ ଅଭିଯୋଗ ହେବା ପରେ ବେଆଇନ୍ ଭାବେ ପୁରୁଣା ଭଙ୍ଗା ଶ୍ରେଣୀ ଗୃହ ଉପରେ ନିର୍ମାଣ କରିବା, ନହୁଣୀ, ଜୟନଗର ଓ ଆଖୁଳିପଡା ପଞ୍ଚାୟତରେ ଫେସିଲେଟେଡ୍ ସେଣ୍ଟର୍ ପାଇଁ ୧୦ ହଜାର ବ୍ୟୟବରାଦ ଥିବାବେଳେ ତାହା ନାମକୁ ମାତ୍ର କରାଯିବା, ନବୀନ ଓଡିଶା ଆମ ଓଡିଶା ଯୋଜନାରେ ପ୍ରତି ପଞ୍ଚାୟତକୁ କ୍ରୀଡ଼ା ସାମଗ୍ରୀ ପାଇଁ ୨.୫ ଲକ୍ଷ ଅନୁଦାନ ଆସିଥିଲେ ମଧ୍ୟ କାଁ, ଭାଁ ପଞ୍ଚାୟତକୁ ଛାଡିଦେଲେ ଅନ୍ୟ ପଞ୍ଚାୟତରେ ସାମଗ୍ରୀ କିଣାଯାଇ ନ ଥିବା ନେଇ ସିପିଆଇ(ଏମଏଲ) ଜିଲ୍ଲା ସମ୍ପାଦକ ବିଧାନ ଦାସ ଅଭିଯୋଗ କରିଥିଲେ। ଏଡିଏମ୍ ୧୫ ଦିନ ମଧ୍ୟରେ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବାଦଲ ମହାନ୍ତି, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଧିରେନ ଜେନା, ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ, ରାଜକନିକା ବ୍ଲକ କୃଷି ଅଧିକାରୀ ଜ୍ୟୋତିର୍ମୟୀ ବେହେରା, ସହକାରୀ ବ୍ଲକ କୃଷି ଅଧିକାରୀ ସୁବାଶିଷ ଭାଟ୍ଟରାୟ, ଉଦ୍ୟାନ କୃଷି ବିଭାଗର ମୋନାଲିସା ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅୟସ ମହାପାତ୍ର , ଆରଡବ୍ଲୁଏସଏସ ବିଭାଗ ସହକରୀ ଯନ୍ତ୍ରୀ ସଞ୍ଜୟ ଦାସ, ମିଶନ ଶକ୍ତି ବିଭାଗର ବ୍ଲକ ସଂଯୋଜିକା ମୋନାଲିସା ନାୟକ ଓ ଶିକ୍ଷା ବିଭାଗର ବ୍ଲକ ଶିକ୍ଷାଧିକାରୀ ନଳିନୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ସମ୍ଭାବ୍ୟ ବର୍ଷାକୁ ନେଇ ସମୀକ୍ଷା ବୈଠକ

# ମୁଖ୍ୟାଳୟ ନ ଛାଡ଼ିବାକୁ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



କେନ୍ଦ୍ରାପଡ଼ା,୨୭।୫(ସମିସ): ପାଣିପାଗ ବିଭାଗ ସୂଚନା ମୁତାବକ ଆଗାମୀ ଦୁଇ/ତିନ ଦିନ ଜିଲ୍ଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ବିଭାଗର ପ୍ରସ୍ତୁତିକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ସମସ୍ତ ବିଭାଗ ସହିତ ସମୀକ୍ଷା କରିଛନ୍ତି। କଣ୍ଟ୍ରୋଲ ରୁମ, ପାନୀୟଜଳ ବ୍ୟବସ୍ଥା, ଶୁଖିଲା ଖାଦ୍ୟ ମହଜୁଦ, ଜେନେରେଟର, ଔଷଧ, ବାତ୍ୟା ଆଶ୍ରୟ ସ୍ଥଳ ସ୍ଥିତି, ଡଙ୍ଗା ସ୍ଥିତି ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମସ୍ତ ଉପକରଣ ସଠିକ କରି ସଜାଗ ରହିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା କୌଣସି ବି ଅଧିକାରୀ ଜିଲ୍ଲା ମୁଖ୍ୟାଳୟ ନ ଛାଡିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍‌ର ବିଡିଓ, ତହସିଲଦାର ଭିଡିଓ କନଫରେନସିଂ ମାଧ୍ୟମରେ ଯୋଡ଼ି ହୋଇ ବର୍ତ୍ତମାନ ପରିସ୍ଥିତି ଓ ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।

# ଭୁବନେଶ୍ୱର ସିଟି



# ରାଜପଥ ଅଣ୍ଡରପାସ୍ ତଳେ କୃତ୍ରିମ ପୋଖରୀ

ଭୁବନେଶ୍ୱର, ୨୭।୫(ସମିସ)



ଅସରାଏ ବର୍ଷାରେ ବାଟ ବନ୍ଦ; ହନ୍ତସନ୍ତ ଅଞ୍ଚଳବାସୀ

ଅସରାଏ ବର୍ଷାରେ ରାସ୍ତା ଉପରେ ପ୍ରବାହିତ ହେଉଛି ଆଣ୍ଠୁଏ ଉଚ୍ଚର ପାଣି। ପାଣି ଭିତରେ ୭୦ ପ୍ରତିଶତ ବୁଡ଼ି ଯାଉଛି ଚାରିଚକିଆ ଗାଡ଼ି ସାଙ୍ଗକୁ ବାଇକ୍ ଓ ସ୍କୁଟି। ଫଳରେ କାହାର ଗାଡ଼ି ଇଞ୍ଜିନ ଖରାପ ହେଉଯାଉଛି ତ ଆଉ କାହାର ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇ ଯାଉଛି। ପାଦଚଲା ପଥଚାରୀଙ୍କ ପାଇଁ ଆହୁରି ବିପଦ। କାରଣ ଅଣ୍ଟାଏ ପାଣି ଭିତରେ ପଶି ଯିବାଆସିବା କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶହଶହ ଲୋକେ। ଅନେକ ସ୍ଥାନୀୟ ଲୋକେ ୨ରୁ ଅଢ଼େଇ କିଲୋମିଟର ବୁଲି ଯିବାଆସିବା କରୁଥିବା ବେଳେ ଅଧିକାଂଶ ଲୋକେ ରଙ୍ଗ୍ ରୁଟରେ ଯାଉଛନ୍ତି। ଫଳରେ ଦୁର୍ଘଟଣା ଘଟିବା ସହ ଭଡ଼ାରେ ଆସୁଥିବା ଗାଡ଼ି ଚାଳକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିଏମ୍‌ସି ଅଧିନସ୍ଥ ୪ନମ୍ବର ୱାର୍ଡର ପାହାଳସ୍ଥିତ ମିଲେନିୟମ୍ ସିଟି ନିକଟ ଅଣ୍ଡରପାସ୍ ନିକଟରେ। ପ୍ରତିବର୍ଷ ବର୍ଷା ଋତୁରେ ଏଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବାରୁ ଏଠାରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଥିଲା। ହେଲେ ରାସ୍ତାର ଉଚ୍ଚତା ଠାରୁ ଡ୍ରେନର ଉଚ୍ଚତା ଅଧିକ ହୋଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଅସରାଏ ବର୍ଷାରେ ଅଣ୍ଡରପାସ୍ ରାସ୍ତାରେ ୩ ଦିନ ପର୍ଯ୍ୟନ୍ତ ଜମି ରହୁଛି ପାଣି। ଏହାଦ୍ୱାରା ସ୍କୁଲ ବସ୍ ଠାରୁ ଆରମ୍ଭ କରି ବଡ଼ ବଡ଼ ଯାନବାହାନ ବାଧ ହୋଇ ରଙ୍ଗ୍ ରୁଟରେ ଯାଉଥିବା ଦେଖିବାକୁ ମିଳିଛି।

ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର-୪ ଅଧୀନରେ ରହିଛି ଏହି ଅଞ୍ଚଳ। କିନ୍ତୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ୍ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଅଣ୍ଡରପାସ୍ ଗୁଡ଼ିକର ଉଚ୍ଚତା କମ୍ ରଖାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳଟି ଖାଲୁଆ ଅଞ୍ଚଳ ହୋଇଥିବା ବେଳେ ବର୍ଷା ଜଳ ନିକଟସ୍ଥ ଜମି ମଧ୍ୟକୁ ଯାଇଥାଏ। ରାସ୍ତା କଡ଼ରେ ରହିଥିବା ଡ୍ରେନେଜ୍ ଉଚ୍ଛୁଳି ପାଣି ସବୁ ଜମି ମଧ୍ୟରୁ ଯାଉଥିବା ବେଳେ ବର୍ତ୍ତମାନ ଜମି ଗୁଡ଼ିକରେ ଘର ତିଆରି ଆରମ୍ଭ ହୋଇଛି। ଫଳରେ ଜମି ମାଲିକମାନେ ଜମିକୁ ପାଣି ଛାଡ଼ିବାକୁ ବାରଣ କରିବା ସହ ବାଟ ବନ୍ଦ କରିଦେଇଥିବାରୁ ବର୍ଷା ପାଣି ରାସ୍ତା ଉପରେ ଜମି ରହୁଛି। ତେବେ ଗତ ବର୍ଷ ଏଠାରେ ବର୍ଷାଜଳ ପାଇଁ ଉତ୍କଳ ହାଇଟସ୍(୨୨ତାଲା), ଉତ୍କଳ ସିଗ୍‌ନେଚର କର୍ମଚାରୀମାନେ ମଧ୍ୟ ଯିବା ଆସିବା କରିବାକୁ ନାକେଦମ୍ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ଏନଏଚ୍‌ଏଆଇ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏହି ଅଣ୍ଡର୍‌ପାସ୍ ତଳେ ପୂର୍ବରୁ ପିଚୁ ରାସ୍ତା ରହିଥିଲା। ଫଳରେ ବର୍ଷା ହେଲେ ଖାଲଖମାରେ ପାଣି ଭର୍ତ୍ତି ହୋଇ ଅନେକ ଦୁର୍ଘଟଣା ଘଟୁଥିଲା। ତେଣୁ ଏହାକୁ କଂକ୍ରିଟ ବା ଢ଼ଲେଇ କରାଯାଇଥିଲେ ବି ଅବସ୍ଥାରେ କୌଣସି ସୁଧାର ଆସି ନାହିଁ। ରାସ୍ତା ଉପରେ ପୂର୍ବଭଳି ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ଏଠାରେ ରହିଥିବା ଆପର୍ଟମେଣ୍ଟରେ କାମ(ମେଡ୍) କରୁଥିବା ଲୋକମାନେ ଏହି ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି। ତେବେ ଗାଡ଼ି ଚାଳକମାନେ ପାହାଳ ମାର୍କେଟ ଦେଇ ବୁଲି ଆସୁଥିବା ଅଧିକାଂଶ ଚାଳକ ରଙ୍ଗ ରୁଟ୍‌ରେ ଯାଉଥିବା ସହ ଅନଲାଇନ୍‌ରେ ବୁକ୍ କରାଯାଉଥିବା ଗାଡ଼ି ଚାଳକମାନେ ପାଣି ଭୟରେ ଫେରିଯାଉଛନ୍ତି। ଏନେଇ ୱାର୍ଡର କର୍ପୋରେଟର ସୁକୁମାର ସାହୁ କହିଛନ୍ତି ଯେ, ଏହି ସମସ୍ୟା ବର୍ଷବର୍ଷ ଧରି ଲାଗି ରହିଛି। ଏଥିପାଇଁ ବାରମ୍ବାର ଏନଏଚ୍‌ଏଆଇକୁ ଅଭିଯୋଗ କରାଯିବା ସହ ବର୍ଷା ସମୟରେ ପମ୍ପ ଯୋଗେ ପାଣି ଶୁଖାଇବା ବ୍ୟବସ୍ଥା କରାଯିବ।

## ନଈବନ୍ଧ ଅତଡ଼ା ଖାଇ ଓଲଟିଲା ସ୍ୱେରେଜ୍ ଗାଡ଼ି

ନନ୍ଦନକାନନ, ୨୭।୫(ସମିସ): ଗଣ୍ଡରପୁର ପ୍ରତାପନଗରୀ କୁଆଖାଇ ନଦୀ ବନ୍ଧରେ ଅତଡ଼ା ଖାଇଯିବାରୁ ମଙ୍ଗଳବାର ଅପରାହ୍ଣରେ ଏକ ସ୍ୱେରେଜ ଟାଙ୍କି ଗାଡ଼ି ଓଲଟି ପଡ଼ିଛି। ନଦୀବନ୍ଧ ରାସ୍ତାର ଦୁଇ ପାର୍ଶ୍ୱ ଗଡ଼ାଣିଆରେ ମାଟି ଠିକ ଭାବରେ ପଡ଼ି ନ ଥିବାରୁ ଉଭୟ ପାର୍ଶ୍ୱରେ ବଡ ବଡ ଖାଲ ହୋଇଯାଇଛି। ଫଳରେ ଗାଡ଼ିର ଚକା ସେହି ଖାଲରେ ପଡ଼ି ଓଲଟି ପଡ଼ିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଗାଡି ଓଲଟି ବନ୍ଧ ତଳକୁ ଖସି ପଡ଼ିଥିଲା ବେଳେ ଚାଳକ ବର୍ତ୍ତି ଯାଇଛନ୍ତି। ଏଥିରେ କାହାର କୌଣସି ବିଶେଷ କ୍ଷତି ହୋଇ ନ ଥିବା ଜାଣିବାକୁ ମିଳିଛି। ଗଣ୍ଡରପୁର ପ୍ରତାପ ନଗରୀ କୁଆଖାଇ ବନ୍ଧ ରାସ୍ତା କଟକ ଭୁବନେଶ୍ୱର ଯିବାକୁ ଅଳ୍ପ ସମୟ ଲାଗୁଥିବାରୁ ଏହି ରାସ୍ତା ଦେଇ ବହୁ ଯାନବାହାନ ଯିବା ଆସିବା କରିଥାଏ। ଭାରୀଯାନ ଠାରୁ ଲଗାଇ ବହୁ ୨ ଚକିଆ ଯାନ ଯାତାୟତ ହୋଇଥାଏ। ରାସ୍ତାଯାକ ଦୁଇ ପାର୍ଶ୍ୱରେ ଝରଣା ହେଲା ଭଳି ଖାଲ ହୋଇଯାଇଛି। ଉପରେ ଘାସ ଥିବା ବେଳେ ଭିତରେ ମାଟିବୋହି ବନ୍ଧ ସାରା ଖାଇ ହୋଇଯାଇଛି। ଏଥି ସହ ଏହି ରାସ୍ତାରେ ଦୈନନ୍ଦିନ ବହୁ ଲୋକ ଯାତାୟତ କରୁଥିବା ବେଳେ ଏହି ଖାଲଗୁଡ଼ିକ ବିପଦ ସୃଷ୍ଟି କରୁଛି।

## 'ପୁରୀ ହିଁ କେବଳ ଜଗନ୍ନାଥ ଧାମର ମାନ୍ୟତା ପାଇଁ ଶାସ୍ତ୍ରସମ୍ମତ'



ଭୁବନେଶ୍ୱର, ୨୭।୫(ସମିସ): ଶ୍ରୀକ୍ଷେତ୍ର ପୁରୀକୁ ଜଗନ୍ନାଥଧାମ ଭାବେ ମାନ୍ୟତା ଦେବା ଶାସ୍ତ୍ରସମ୍ମତ। ଶ୍ରୀମନ୍ଦିର କୋଣେ ଅନୁକୋଣେ ପ୍ରତିଷ୍ଠା ହୋଇ ତାଙ୍କ ସଂସ୍କୃତିର ପ୍ରସାର ଓ ପ୍ରଚାର ହେବା ଅଭିନନ୍ଦନୀୟ ମାତ୍ର ଶାସ୍ତ୍ରସମ୍ମତ ପରମ୍ପରାକୁ ଉଲ୍ଲଂଘନ କରି କୌଣସି ସ୍ଥାନକୁ ଜଗନ୍ନାଥ ଧାମ ଭାବେ ନାମିତ କରାନଯାଉ ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ '୨୦୭ ତମ ଆଲୋଚନାଚକ୍ର'ରେ ମୁକ୍ତଚିନ୍ତନ ମଞ୍ଚର ସଭାପତି ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ରୂପେ ଜଗନ୍ନାଥଙ୍କୁ ବିଶ୍ୱବ୍ୟାସୀ ସ୍ୱୀକାର କରିଛନ୍ତି ବୋଲି ଦର୍ଶାଇ ତାଙ୍କର ଜନ୍ମସ୍ଥାନ ପୁରୀକୁ କେବଳ ଜଗନ୍ନାଥଧାମ କୁହାଯାଇପାରିବ ବୋଲି ବକ୍ତବ୍ୟରେ ଦର୍ଶାଇଥିଲେ। ମୁଖ୍ୟଅତିଥି ସଂସ୍କୃତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ଶାସ୍ତ୍ରରୁ ଉଦାହରଣ ଦେଇ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବାମଦେବ ସଂହିତା, ମହାପୁରୁଷ ବିଦ୍ୟା, ନୀଳାଦ୍ରି ମହୋଦୟ ଓ ମୁକ୍ତି ଚିନ୍ତାମଣିରୁ ଉଦ୍ଧୃତ କରି ଶ୍ରୀକ୍ଷେତ୍ର ଜଗନ୍ନାଥଧାମ ବୋଲି ଦର୍ଶାଇଥିଲେ। ସମ୍ମାନିତ ବକ୍ତା ଭାବେ ଅସିତ ମହାନ୍ତି ଉପସ୍ଥିତ ଥିଲେ। ସଭାରେ ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ ସ୍ଥାନକୁ ଜଗନ୍ନାଥଧାମ ନାମକରଣ କରିବା ବିରୁଦ୍ଧରେ ସମସ୍ତ ବକ୍ତା ତଥା ସଭାରେ ଉପସ୍ଥିତ ସଭ୍ୟଗଣ ସ୍ୱର ଉତ୍ତୋଳନ କରିଥିଲେ। ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଏବଂ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଷ୍ଟୁଆର୍ଟ ସ୍କୁଲର ଛାତ୍ରଙ୍କୁ ରାଜ୍ୟପାଳଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୭।୫(ସମିସ): ଷ୍ଟୁଆର୍ଟ ସ୍କୁଲର ଛାତ୍ର ମିତ୍ରୟା ଅଭିଲାଶ ପଟ୍ଟନାୟକ ଦଶମ ଶ୍ରେଣୀ ପରୀକ୍ଷାରେ ଟପ୍ପର ହୋଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଆଇସିଏସ୍‌ଇ ବୋର୍ଡ ପରୀକ୍ଷାରେ ୯୯ ପ୍ରତିଶତ ନମ୍ବର ରଖି ଟପ୍ପର ହେବା ସହ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ବିଦ୍ୟାଳୟର ଉନ୍ନତ ଓ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସହାୟକ ହୋଇଥିବା ଅଭିଳାଶ କହିଛନ୍ତି। ଷ୍ଟୁଆର୍ଟ ସ୍କୁଲ ଅଧ୍ୟକ୍ଷା ଡ. ରଶ୍ମିରେଖା ସେନାପତି ଶୁଭେଚ୍ଛା ଜଣାଇଛନ୍ତି।

## 'ରତ୍ନଚିରା' ଚତୁର୍ଥ ସ୍ୱନକ୍ଷତ୍ର ଓ ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୭।୫(ସମିସ): ମାସିକ ସାହିତ୍ୟ ପତ୍ରିକା 'ରତ୍ନଚିରା'ର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ମାନନିତ ଅତିଥି ଭାବେ ଡ. ଅର୍ଚ୍ଚନା ନାୟକ ଯୋଗ ଦେଇଥିବା ବେଳେ 'ରତ୍ନଚିରା'ର ଉପଦେଷ୍ଟା ତଥା ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ। ଏହି ଅବସରରେ 'ରତ୍ନଚିରା ସ୍ୱନକ୍ଷତ୍ର ବିଶେଷାଙ୍କ' ଉନ୍ମୋଚିତ ହେବା ସହ ସାରସ୍ୱତ ସାଧକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଳ୍ପିକା ରୁମ୍‌ଝୁମ୍ ନାୟକଙ୍କୁ ରତ୍ନଚିରା ସାରସ୍ୱତ ସମ୍ମାନ -୨୦୨୫, ରତ୍ନଚିରା ଯୁବ ଲେଖକ ସମ୍ମାନ -୨୦୨୫ ଗାଳ୍ପିକ ରାଜେଶ କୁମାର ତ୍ରିପାଠୀଙ୍କୁ ଏବଂ ରତ୍ନଚିରା ପାଠକ ସମ୍ମାନ-୨୦୨୫ ବୃନ୍ଦାବତୀ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହା ବ୍ୟତିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ମଧ୍ୟ ୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ସ୍ନେହଲତା ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଋତୁସ୍ରାବ ପରିଚ୍ଛନ୍ନତା ସଚେତନତା ଅଭିଯାନ

## 'ଚାଲ ପିରିୟଡ୍‌ସ ବିଷୟରେ କଥା ହେବା'

■ ଡିଜିଟାଲ କ୍ୟାମ୍ପେନ୍ ମାଧ୍ୟମରେ ସଚେତନତା

ଭୁବନେଶ୍ୱର, ୨୭।୫(ସମିସ): ମାସିକ ଋତୁସ୍ରାବ ବା ପିରିୟଡ୍‌ସ ବିଷୟରେ ଡିଜିଟାଲ ମିଡିଆ ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଆରମ୍ଭ ହୋଇଛି 'ଚାଲ ପିରିୟଡ୍‌ସ ବିଷୟରେ କଥା ହେବା'। ପ୍ରତିବର୍ଷ ମେ ୨୮ ତାରିଖକୁ 'ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ' ଭାବେ ପାଳନ କରାଯାଉଥିବା ବେଳେ ଏହାର ଥିମ୍ ରହିଛି 'ଟୁଗେଦର ଫର ଏ ପିରିୟଡ୍ ଫ୍ରେଣ୍ଡଲି ୱାର୍ଲ୍ଡ'। ଏହି ଅବସରରେ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ୍ ଏବଂ ଓଡ଼ିଶାଲାଇଭ୍ ପକ୍ଷରୁ ଲଗାତର ତୃତୀୟ ବର୍ଷ ପାଇଁ 'ଚାଲ ପିରିୟଡ୍‌ସ ବିଷୟରେ କଥା ହେବା' ଶୀର୍ଷକରେ ଏକ ମିଳିତ ଅଭିଯାନ ଆରମ୍ଭ ହୋଇଛି। ମେ ୨୦ରୁ ୨୯ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଭିଯାନ ଅଧୀନରେ ଋତୁସ୍ରାବ ଭଳି ଏକ ସମ୍ବେଦନଶୀଳ ବିଷୟରେ ବିଭିନ୍ନ ଡାକ୍ତରଙ୍କ ସାକ୍ଷାତକାରକୁ ଆଧାରକରି ଭିଡିଓ ସିରିଜ ସୋସିଆଲ ମିଡିଆ ମାଧ୍ୟମରେ ପ୍ରସାରଣ କରାଯାଉଛି। ଏହାସହ ଋତୁସ୍ରାବକୁ ନେଇ ପ୍ରମୁଖ ସାମାଜିକ କର୍ମୀ, ସେଲିବ୍ରିଟି ତଥା ଯୁବପିଢ଼ିର ଅନୁଭୂତି ଓ ଅଭିମତକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି, ପ୍ରଥମ ଋତୁସ୍ରାବରୁ (ମେନାର୍କି) ଶେଷ ଋତୁସ୍ରାବ (ମେନୋପଜ୍) ପର୍ଯ୍ୟନ୍ତ ଜଣେ ମହିଳାଙ୍କ ଜୀବନର ବିଭିନ୍ନ ଅବସ୍ଥା ସମ୍ପର୍କରେ ଏହି ଅଭିଯାନରେ ସଚେତନତାର ବାର୍ତ୍ତା ଦିଆଯାଉଛି। ଅଭିଯାନରେ ପ୍ରସାରିତ ବିଭିନ୍ନ ବିଷୟ ମଧ୍ୟରେ ରହିଛି ଋତୁସ୍ରାବ କ'ଣ, ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା, ଋତୁସ୍ରାବଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ଉପଚାର ସହିତ ବିଭିନ୍ନ ଅନ୍ଧବିଶ୍ୱାସର ମୁକାବିଲା, ସାନିଟାରି ପ୍ୟାଡ୍ ଠାରୁ ଆରମ୍ଭକରି ପରିବେଶ ଉପଯୋଗୀ ପିରିୟଡ୍ କପ୍ ଏବଂ ଟାମ୍ପୁନ୍ ଭଳି ଆଧୁନିକ ପିରିୟଡ୍ ପ୍ରଡକ୍ଟ ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଉଥିବା କ୍ୟାମ୍ପେନର ନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟପ୍ଲସ୍ ନେଟୱର୍କର ସିଇଓ ସିଦ୍ଧାର୍ଥ ରଥ କହିଛନ୍ତି। ଏହି ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ନିଳାମ୍ବର ରଥ ରହିଥିବା ବେଳେ କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱର ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ ଚଳିତ ବର୍ଷ ଆସୋସିଏଟ୍ ପାର୍ଟନର ରହିଛନ୍ତି।

## ପିସିସି ପକ୍ଷରୁ ପଣ୍ଡିତ ନେହରୁଙ୍କ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର, ୨୭।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଶ୍ରାଦ୍ଧବାର୍ଷିକୀ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ସୁରେଶ କୁମାର ରାଉତରାୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ସ୍ୱସ୍ତିବନ ସତସଙ୍ଗରେ ବିଧାୟକ ସାମିଲ



ନନ୍ଦନକାନନ, ୨୭।୫(ସମିସ): କଲ୍ୟାଣପୁର ସ୍ୱସ୍ତିବନ ଠାରେ ମଙ୍ଗଳବାର ଅନୁଷ୍ଠିତ ସତସଙ୍ଗରେ ଯୋଗ ଦେଇଥିଲେ ବିଧାୟକ ସୁଶାନ୍ତ କୁମାର ରାଉତ। ପରମ ଦୟାଳ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୫୧ତମ ସ୍ନାନ ମହୋତ୍ସବ ଉପଲକ୍ଷେ ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ସ୍ୱସ୍ତିବନ ସତସଙ୍ଗ କେନ୍ଦ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ନାମ ସଂକୀର୍ତ୍ତନ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। କର୍ପୋରେଟର ସୁକୁମାର ସାହୁ ଯୋଗଦେଇ ଆଶୀର୍ବାଦ ଲଭିଥିଲେ। ରିତ୍ୱିକ ରବୀନ୍ଦ୍ର ବିଶ୍ୱାଳଙ୍କ ପରିଚାଳନାରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା ବେଳେ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରୁ ଶତାଧିକ ସତସଙ୍ଗୀ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଲଭିଥିଲେ।

## ଚତୁର୍ଦ୍ଧା ଫାଉଣ୍ଡେସନ ପକ୍ଷରୁ ସେବାମୂଳକ କାର୍ଯ୍ୟ

● ଲକ୍ଷ୍ମୀସାଗର ପ୍ରାଥମିକ ବିଦ୍ୟାଳୟରେ ଲାଗିଲା ୱାଟର୍ କୁଲର





ଭୁବନେଶ୍ୱର ୨୭।୫ (ସମିସ): ସାମାଜିକ କଲ୍ୟାଣ ଅନୁଷ୍ଠାନ ଚତୁର୍ଦ୍ଧା ଫାଉଣ୍ଡେସନ ପକ୍ଷରୁ ଲକ୍ଷ୍ମୀସାଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ୱାଟର କୁଲର ସ୍ଥାପନ କରାଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ନାତା ପତି, ଅନ୍ୟ ଶିକ୍ଷୟିତ୍ରୀଙ୍କ ସହ କ୍ଷୀରୋଦ ସାହୁ, ରାଜେଶ ପାତ୍ର, କିଶୋର ଅଗ୍ରୱାଲ, ଦୀପକ ପରିଡ଼ା, ରାଜକିଶୋର ସାହୁ, ମଧୁସ୍ମିତା ସାମଲ, ପ୍ରଭାତ ପରିଡ଼ା, ପ୍ରମୋଦ ନାୟକ, ଭରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଏପରି ସହାୟତା ଯୋଗାଇ ଦେଇଥିବାରୁ ଅଭିଭାବକମାନେ ଚତୁର୍ଦ୍ଧା ଫାଉଣ୍ଡେସନ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ପୂର୍ବରୁ ଚତୁର୍ଦ୍ଧା ଫାଉଣ୍ଡେସନ ପକ୍ଷରୁ ଗ୍ରୀଷ୍ମ ଋତୁରେ ଭୁବନେଶ୍ୱର ସହର ସହ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍କୁଲଗୁଡ଼ିକରେ ପିଲାମାନଙ୍କ ପାଇଁ ୱାଟର କୁଲର ଲଗାଯାଇଥିଲା।

ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଅନ୍ତର୍ଜାତୀୟ ଟ୍ରେଡ ଫେୟାର

## ଘରସଜ୍ଜା ସାମଗ୍ରୀ କିଣିବାକୁ ଲମ୍ବା ଲାଇନ୍



ଭୁବନେଶ୍ୱର, ୨୭।୫(ସମିସ): ଗୁପ୍ତା ଇଭେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜନତାମଇଦାନରେ ଆରମ୍ଭ ହୋଇଛି ୧୧ତମ ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର। ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଟ୍ରେଡ୍ ଫେୟାରରେ ଦିନକୁ ଦିନ ବଢ଼ୁଛି ଗ୍ରାହକଙ୍କ ଭିଡ଼। ଏଠାରେ ପ୍ରାୟ ୫୦୦ଟି ଷ୍ଟଲରେ ବିଭିନ୍ନ ଡିଜାଇନର ଫର୍ଣ୍ଣିଚର ଠାରୁ ଆରମ୍ଭ କରି ଘରସଜ୍ଜା ସମାଗ୍ରୀ, ଖାଦ୍ୟ, ପୋଷାକ ଆଦି କିଣିବାକୁ ପ୍ରତିଦିନ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଏଠାରେ ବାଂଲାଦେଶୀ ଶାଢ଼ୀ, କୋରିଆର ମହିଳାଙ୍କ ପାଇଁ ବିଭିନ୍ନ ସାମଗ୍ରୀ କିଣିବାକୁ ଲମ୍ବା ଲାଇନ୍ ଲାଗୁଛି। ସେହିପରି ଇରାନ୍ ଖଜୁରୀ ସାଙ୍ଗକୁ ପ୍ରାୟ ୧୦୦ ପ୍ରକାରର ଡ୍ରାଏଫ୍ରୁଟସ୍ ଉପଲବ୍ଧ ରହିଛି। ତା ସାଙ୍ଗକୁ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଗୁଡ଼ିକ ମଧ୍ୟ ଗ୍ରାହକ ଦୃଷ୍ଟି ଆକର୍ଷଣ କରୁଛି। ବିଭିନ୍ନ ଦେଶ ତଥା ସିଙ୍ଗାପୁର, ଇରାନ୍, ଦୁବାଇରୁ ଆସିଥିବା ପୋଷାକ ସାଙ୍ଗକୁ କସମେଟିକ୍ସ ପ୍ରତି ଯୁବଗୋଷ୍ଠୀଙ୍କ ଡିମାଣ୍ଡ ବଢ଼ୁଥିବା ବେଳେ ଆଣ୍ଟିକ୍, ମେଟାଲ, ଷ୍ଟୋନ୍ ଡିଜାଇନ୍ ଅଳଙ୍କାର, ୱାଲ ଫ୍ରେମ୍, ଚମଡ଼ାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ଖଦୀରୁ ପ୍ରସ୍ତୁତ ପୋଷାକ ଓ ଶାଢ଼ୀ ସାଙ୍ଗକୁ ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ସମ୍ବଲପୁର ଆଦିର ପ୍ରସିଦ୍ଧ ଶାଢ଼ୀ ଓ ପୋଷାକ ଷ୍ଟଲରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସମେତ ମାର୍ବଲ ଷ୍ଟାଚ୍ୟୁ, ପ୍ରସାଧନ ସାମଗ୍ରୀ ମଧ୍ୟ ରହିଛି। ମେଳା ପରିସରରେ ରହିଥିବା ଫୁଡଜୋନ୍ ରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ତେବେ ୧୧ଦିନ ମଧ୍ୟରେ ମେଳା ପରିସରକୁ ୫ଲକ୍ଷ ଗ୍ରାହକଙ୍କ ଆଗମନ ହେବ ବୋଲି ଆୟୋଜନ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ଏହି ମେଳା ଆସନ୍ତା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

ରାଜଧାନୀ ରାସ୍ତାକଡ଼ରେ ଜାମୁକୋଳି ପସରା

# ଲୁଗା, ଆଙ୍କୁଡ଼ିରେ ପରିବାର ପ୍ରତିପୋଷଣ

ଭୁବନେଶ୍ୱର, ୨୭।୫(ସମିସ): ରାଜଧାନୀରେ ଏବେ ଫଳ ଋତୁ ଚାଲିଛି। ସହରର ବିଭିନ୍ନ ଛକବଜାରରେ ଭିନ୍ନଭିନ୍ନ ପ୍ରକାରର ଫଳମୂଳ ବିକ୍ରି ହେଉଛି। ସେଥିମଧ୍ୟରୁ ଜାମୁକୋଳି ଅନ୍ୟଏକ କୋଳି ଯାହା ରାଜଧାନୀର ବିଭିନ୍ନ ଛକରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ବିକ୍ରି କରୁଥିବା ରାଜଧାନୀ ଆଖପାଖ ଅଞ୍ଚଳର ତଥା ବସ୍ତିର ଲୋକେ ସକାଳୁ ସକାଳୁ ଗୋଟିଏ ପୁରୁଣା ଲୁଗା ଏବଂ ଅଙ୍କୁଡ଼ି ଧରି ରାସ୍ତାକଡ଼ରେ ଥିବା ଜାମୁକୋଳି ଗଛରୁ କୋଳି ତୋଳି ବିକ୍ରି କରିଥାନ୍ତି। ସନ୍ଧ୍ୟା ହେଲେ ସେଥିରୁ ଯାହା ରୋଜଗାର କରନ୍ତି ସେଥିରେ ପୂରା ପରିବାର ପ୍ରତିପୋଷଣ କରି ଆସୁଛନ୍ତି।

ଆପଣ ଯଦି ସକାଳୁ ସକାଳୁ ରାଜଧାନୀର ରାସ୍ତାକଡ଼କୁ ନଜର କରିବେ ତେବେ ଜାଣିପାରିବେ କିଛି ମହିଳା ଏବଂ ପିଲା ଏକ ପୁରୁଣା ଲୁଗା ସାଙ୍ଗକୁ ଆଙ୍କୁଡ଼ି ଧରି ବାହାରି ପଡ଼ନ୍ତି। ପାର୍କ ଭିତରେ ତଥା ରାସ୍ତାକଡ଼ରେ ଥିବା ଜାମୁ କୋଳିଗଛମୂଳେ ଲୁଗା ପକାଇ ଆଙ୍କୁଡ଼ାରେ ଗଛର ଡାଳକୁ ହଲାଇ ଦିଅନ୍ତି। ବହୁ ସମୟ ଧରି ଡାଳ ହଲାଇ ଗଛରୁ କୋଳିଗୁଡ଼ିକୁ ସଂଗ୍ରହ କରନ୍ତି। ସେଗୁଡ଼ିକ ଛୋଟଛୋଟ ପୁଡ଼ିଆ କରି ରାସ୍ତାକଡ଼ରେ ବସିପଡ଼ନ୍ତି। କିଲୋ ୧୮୦ରୁ ଦୁଇଶହ ଟଙ୍କା ହିସାବରେ ଅଧାକିଲୋ ଓ ଅଢ଼େଇଶହ ଗ୍ରାମର ପୁଡ଼ିଆ କରି ବିକ୍ରି କରନ୍ତି।



ଅଧା କିଲୋକୁ ୯୦ ଟଙ୍କା ଆଉ ଅଢ଼େଇଶହ ଗ୍ରାମ୍‌କୁ ୫୦ ଟଙ୍କାରେ ବିକ୍ରି କରନ୍ତି। ଦିନସାରା ବିକ୍ରି କରିବା ପରେ ସଞ୍ଜ ବେଳକୁ ୫ଶହରୁ ୭ ଟଙ୍କା ଟଙ୍କା ଧରି ଘରକୁ ଯାଆନ୍ତି। କେବଳ ରାଜଧାନୀ ବସ୍ତିର ଲୋକେ ନୁହନ୍ତି ରାଜଧାନୀ ଉପକଣ୍ଠସ୍ଥ ଢେଲାଙ୍ଗ, ପିପିଲି ଅଞ୍ଚଳରୁ ମଧ୍ୟ ଅନେକ ଲୋକେ ଏହି କୋଳି ବିକ୍ରି କରି ଆସୁଛନ୍ତି। ସେମାନେ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ କୋଳି ସଂଗ୍ରହ କରି ରାଜଧାନୀର ରାଜଭବନ, ଏଜି, ପାୱାର ହାଉସ ଛକରୁ ବାଟାଲିଅନ୍ ଛକ, ମଧୁସୂଦନ ପାର୍କ ରାସ୍ତା ଆଦିରେ ଜାମୁକୋଳି ପସରା ମେଲାଇ ବସନ୍ତି।

ଏନେଇ ଏଜି ଛକ ରାସ୍ତାରେ ବସି ଜାମୁକୋଳି ବିକ୍ରି କରୁଥିବା ବେପାରୀ କୁହନ୍ତି ସହରର ଉପକଣ୍ଠ ଗାଁ ମାନଙ୍କୁ କୋଳି ସଂଗ୍ରହ କରିବାକୁ ପଡୁଥିବା ବେଳେ ସହର ଭିତରୁ ମଧ୍ୟ କିଛି ସଂଗ୍ରହ କରିବାକୁ ପଡ଼ିଥାଏ। କୋଳିକୁ ଅଧିକ ବୟସ୍କ ଲୋକ କିଣି ନେଉଛନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଏବେକା ପିଲା ଏ କୋଳି ବିଷୟରେ କିଛି ଜାଣନ୍ତି ନାହିଁ। ହେଲେ ଏହି କୋଳି ଅନେକ ରୋଗର ଔଷଧି ସାଜିଛି ବୋଲି କହିଛନ୍ତି।

ଜାମୁକୋଳିରେ ଲୌହସାର, କ୍ୟାଲ୍‌ସିଅମ, ଖଣିଜ ଲବଣ, ଫସଫରସ୍, କାର୍ବୋହାଇଡ୍ରେଟ୍ ଆଦି ରହିଛି। ମଧୁମେହ ରୋଗୀଙ୍କ ପାଇଁ ଏହି କୋଳି ବହୁତ ଉପକାରୀ ହୋଇଥାଏ। ଏବଂ ଟୁଟିକିମ୍ବା ବାଳି ଯଦି ଖାଦ୍ୟରେ ଖାଇଦେଇଥଲେ ଏହି କୋଳି ଖାଇଲେ ହଜମ ହୋଇଯାଏ ବୋଲି ଆୟୁର୍ବେଦ ଡ଼. ଅଶୋକ ପଣ୍ଡା କହିଛନ୍ତି।

# ଅଦିନିଆ ବର୍ଷାରେ ଉବୁଟୁବୁ ସମ୍ବଲପୁର







**ସମ୍ବଲପୁର, ୨୭।୫(ସମିସ):**

ଅଦିନିଆ ବର୍ଷାରେ ଉବୁଟୁବୁ ସମ୍ବଲପୁର ସହର। ସହରର ଉନ୍ନତି ଆଳରେ ବିଭିନ୍ନ ରାସ୍ତାକୁ ଖୋଳି ଦିଆଯାଇଛି।ଫଳରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିପାଇଁ ସାମାନ୍ୟ ବର୍ଷାରେ ଗର୍ତ୍ତରେ ପାଣି ଜମା ହୋଇ କାରଗୁଡ଼ିକ ଫସି ରହିଥିବା ନଜିର ଦେଖିବାକୁ ମିଳିଥିଲା। ଏହା ସହ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ରାସ୍ତା ଉପରେ ବର୍ଷା ପାଣି ପ୍ରାୟ ୨ ଫୁଟ ଉଚ୍ଚରେ ପ୍ରବାହ ହେଉଥିଲା। ସୂଚନା ଅନୁସାରେ ଲଘୁଚାପ ଯୋଗୁଁ ସମ୍ବଲପୁର ସହରରେ ଆଜି ପ୍ରାୟ ୧ ଘଣ୍ଟାରୁ ଅଧିକ ମୂଷଳଧାରାରେ ବର୍ଷା ହୋଇଛି। ଯାହାର ପ୍ରଭାବରେ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷା ପାଣି ଲହଡ଼ି ମାରୁଛି। ଯାହାର ପ୍ରଭାବରେ ସମ୍ବଲପୁର ସହରର ବାଲିବନ୍ଧା, ଏନଗୁହାଲେନ, ଦଳଦଳିପଡ଼ା, କ୍ଷେତରାଜପୁର, ଗୋପାଳମାଳ, ସାକ୍ଷୀପଡ଼ା, ଶୁଭଶ୍ରୀବିହାର ଓ ଟାଙ୍ଗରପାଲି ତଳି ଅଞ୍ଚଳରେ ବର୍ଷା ପାଣି ଲହଡ଼ି ମାରୁଛି। ଡ୍ରେନେଜ ସୁବିଧା ନଥିବାରୁ ପାଣି ନିଷ୍କାସନ ହୋଇ ପାରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପୀରବାବା ଛକ, ଖାଓଗଳି ଇତ୍ୟାଦି ସ୍ଥାନରେ ବର୍ଷା ପାଣି ବହୁତ ସମୟ ଧରି ରାସ୍ତା ଉପରେ ଅଟକି ରହିଥିଲା। ବିଭିନ୍ନ ସ୍ଥାନରେ ଡ୍ରେନ ସମସ୍ୟା ଲାଗି ରହୁଛି। ଡ୍ରେନ ସୁବିଧା ନଥିବା ଅଞ୍ଚଳରେ ଅସରାଏ ବର୍ଷା ହେଲେ ପାଣି ଘରଗୁଡିକୁ ଘେରି ରହୁଛି। ଯଦି ବର୍ଷାର ପରିମାଣ ବଢ଼ିଲେ ଘର ଭିତରୁ ପ୍ରବେଶ କରୁଛି। ସାକ୍ଷୀପଡ଼ା ଅଞ୍ଚଳରେ ଡ୍ରେନ ରହିଛି। ହେଲେ ତ୍ରୁଟି ପୂର୍ଣ୍ଣ ଭାବେ ଡ୍ରେନ ନିର୍ମାଣ ହୋଇଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ପାଣି ଯିବା ଉଚ୍ଚତାଠୁ ଡ୍ରେନର ଉଚ୍ଚତା ଅଧିକ ରହିଛି। ସେଥିପାଇଁ ପାଣି ନିଷ୍କାସନ ହୋଇ ନପାରି ଘର ମୁହାଁ ହୋଇଛି। ସେହିପରି ଅଇଁଠାପାଲି ଶୁଭଶ୍ରୀବିହାର ଅଞ୍ଚଳରେ ଆଜିର ବର୍ଷାର ପ୍ରଭାବରେ ପାଣି ରାସ୍ତାର ୨ଫୁଟ ଯାଏଁ ବୋହିଥିଲା। ତଳି ଅଞ୍ଚଳର କେତେକ ଘରେ ନର୍ଦ୍ଦମା ପାଣି ପଶି ଯାଇଛି। ଘରୁ ପାଣି କାଢ଼ିକାଢ଼ି ଲୋକେ ନୟାନ୍ତ ହୋଇପଡ଼ିଛନ୍ତି। ପୂରା ପାଣି ବାହାର କରିବା ପରେ ମଧ ପଚାଗନ୍ଧରେ ନାକ




ଫାଟି ପଡୁଛି। ଅଧିକାଂଶ ଲୋକଙ୍କ ଘରେ ରୋଷେଇ କରି ଖାଇବା ସମ୍ଭବ ହୋଇନାହିଁ। ଏମିତିକି ହୋଟେଲ୍‌ରୁ ଖାଇବା କିଣି ଆଣିଲେ ବି ପଚା ଗନ୍ଧରେ ଲୋକେ ଖାଇ ପାରିନାହାନ୍ତି। ଖାଲି ଆଜି ନୁହେଁ, ପ୍ରତିବର୍ଷ ସାମାନ୍ୟ ବର୍ଷା ହେଲେ ଏଭଳି ଦୟନୀୟ ସ୍ଥିତି ସାମ୍ନା କରୁଛନ୍ତି ଶୁଭଶ୍ରୀବିହାରବାସୀ। ପାଣି ଜମିଥିବାରୁ ମଶାଙ୍କ ବଂଶ ବଢ଼ିବାରେ ଲାଗିଛି। ମଇଳା ପାଣିରେ ଯିବା ଆସିବା କରିବା ଫଳରେ ଗୋଡ଼ କୁଣ୍ଡେଇ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ବର୍ଷା କମିଲେ ମଧ ପଡ଼ାବାସୀଙ୍କୁ ଭୟଘାରି ରହୁଛି। ବିଷାକ୍ତ ଜଳଚର ପୋକ ଓ ସାପ କାମୁଡିବାର ଭୟରହୁଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ସେପଟେ ସହରର ପାଞ୍ଚଗଛିଆ, ଧୁଚରାପଡ଼ା ଆଦି ଅଞ୍ଚଳରେ ରାସ୍ତା ମରାମତି ପାଇଁ ମାଟି ଖୋଳି ଦିଆଯାଇଛି। ତେଣୁ ଆଜି ପ୍ରବଳ ବର୍ଷା ହେବାରୁ ପାଣି ଭରି ରହିଥିଲା। ପାଞ୍ଚ ଗଛିଆ ଛକ ସ୍ଥିତ ଏକ ଗର୍ତ୍ତରେ କାର ଅନେକ ସମୟ ଧରି ଫସି ରହିଥିଲା। ପ୍ରତି ବର୍ଷ ବର୍ଷା ଦିନ ପୂର୍ବରୁ ମରାମତି କାର୍ଯ୍ୟ କରାଯାଇ ନଥାଏ। ଠିକ ବର୍ଷା ସମୟରେ ମରାମତି କାମ କରୁଥିବାରୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ଶୀଘ୍ର ବର୍ଷା ଦିନ ଆସିବା ପୂର୍ବରୁ ଡ୍ରେନ ସମସ୍ୟା ସୁଧାରିବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟୁତ୍ ଆଘାତରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର



**ରେଢ଼ାଖୋଲ/ନାକଟିଦେଉଳ, ୨୭।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଧିନ ବାଟଗାଁ ଗ୍ରାମ ପଞ୍ଚାୟତ ଭାଲୁଗାଡିଆ ଗ୍ରାମରେ ବିଦ୍ୟୁତ୍ ଆଘାତରେ ସ୍ତ୍ରୀ ମୃତ୍ୟୁବରଣ କରିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛି। ଗାଧୋଇବା ପାଇଁ ଯାଇଥିବା ବେଳେ ବିଦ୍ୟୁତ ତାର ସମ୍ପର୍ଶରେ ଆସି ଜଣେ ଶିକ୍ଷୟତ୍ରୀ ସ୍ତ୍ରୀ ମୃତ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତ ଶିକ୍ଷୟିତ୍ରୀ ଜଣଙ୍କ ଅନିତା ପୁରୋହିତ(୫୨), ଗୁରୁତର ସ୍ୱାମୀ ସନ୍ତୋଷ ଶତପଥୀ। ସୂଚନା ଯୋଗ୍ୟ ଯେ ଭାଲୁଗାଡ଼ିଆ ଗ୍ରାମର ସନ୍ତୋଷ ଶତପଥୀଙ୍କ ପତ୍ନୀ ଗତ ୪ ବର୍ଷ ହେଲା ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ରହିଥିଲେ। ମଙ୍ଗଳବାର ଦିନ ସକାଳ ସମୟରେ ନିଜ ଘରବାଡ଼ି ପଟରେ ଥିବା ଏକ କୂଅରୁ ପାଣି ଉଠାଇବା ପାଇଁ ଟୁଲୁ ପମ୍ପ ଲଗାଇ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ି ଯାଇଥିଲେ। ସ୍ତ୍ରୀ ତଳେ ପଡ଼ିଥିବା ଦେଖି ସ୍ୱାମୀ ସନ୍ତୋଷ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପାଟି କରିବାରୁ ପାଖରେ ଥିବା ସ୍ଥାନୀୟ ଲୋକ ଆସି ଉଦ୍ଧାର କରିଥିଲେ। ତୁରନ୍ତ ଉଭୟଙ୍କୁ ନାକଟିଦେଉଳ ଡାକ୍ତରଖାନା ଅଣାଯାଇ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ନାକଟିଦେଉଳ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ କେସ ନଂ ୬/୨୫ ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ମୃତ ଶିକ୍ଷୟିତ୍ରୀଙ୍କ ଦୁଇଟି ପୁଅ ଓ ଝିଅ ମଧରୁ ପୁଅ ଆମେରିକାରେ ଚାକିରି କରୁଥିବା ବେଳେ ଝିଅଟି ଘରେ ରହିଛନ୍ତି।

## ନନ୍ଦପଡ଼ା ଶୀତଳଷଷ୍ଠୀ
## ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତର୍‌ପେଁଡ଼ି ସମ୍ପନ୍ନ

**ସମ୍ବଲପୁର, ୨୭।୫ (ସମିସ) :** ଆଜିଠାରୁ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ବିବାହୋତ୍ସବ ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ଦେବବିବାହ ନିମନ୍ତେ ପତର୍‌ପେଁଡ଼ି ସମ୍ପନ୍ନ ହୋଇଛି। ଆସନ୍ତା ୨୯ ତାରିଖ ଝାଡ଼ୁଆପଡ଼ା, ମୁଦିପଡ଼ା, ବଡ଼ବଜାର ଓ ଠାକୁରପଡ଼ା ସହ ସମସ୍ତ ଶିବାଳୟର ମହାଦେବ ବାବାଙ୍କ ପତର୍‌ପେଁଡ଼ି ହେବ। ଆଜି ସନ୍ଧ୍ୟାରେ ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ବରପିତା ରାମ ଚରଣ ମିଶ୍ରଙ୍କ ସହ ସପ୍ତଋଷି ଏକ ସୁସଜ୍ଜିତ ରଥରେ ବାଜାଗଜା ସହ କନ୍ୟା ଅନ୍ୱେଷଣରେ ବାହାରିଥିଲେ। ମନ୍ଦିର ପୂଜକ ପଣ୍ଡିତ ଲକ୍ଷପତି ମହାପାତ୍ର ଓ ବିବାହ ପୂଜକ ପଣ୍ଡିତ ଶଶାଙ୍କ ଶେଖର ମିଶ୍ରଙ୍କ ସହ ସପ୍ତଋଷି ବିଜୟ ମିଶ୍ର, କାମପାଳ ହୋତା, ଗୋଲକ ବିହାରୀ ମିଶ୍ର, ଅଶୋକ କୁମାର ମିଶ୍ର, ଚକ୍ରଧର ମିଶ୍ର, ପର୍ଣ୍ଣାନନ୍ଦ ମିଶ୍ର ଓ ଅମରେନ୍ଦ୍ର ପୂଜାରୀ ମନ୍ଦିରରୁ ବାହାରିଥିଲେ। ପାରମ୍ପରିକ ଶଙ୍ଖ, ଘଣ୍ଟ, ଦୁଲଦୁଲି, ଧମାଲ ବାଦ୍ୟ, ମୟୂର ଝାର ନୃତ୍ୟ, ଜୋଡ଼ି ଶଙ୍ଖ ସହ ସୁସଜ୍ଜିତ ରଥ ଏବଂ ଡିଜିଟାଲ ଓ ପାରମ୍ପରିକ ଆଲୋକରେ ହାଟପଡ଼ା, ନନ୍ଦପଡ଼ା, ମହାନ୍ତିପଡ଼ା, କଂସାରିପଡ଼ା, ବୈଦ୍ୟନାଥ ଛକ, ଶକ୍ତିସଙ୍ଘ ଛକ ଦେଇ ମ୍ୟୁନିସପାଲିଟି ଛକସ୍ଥିତ ନାରୀସେବା ସଦନରେ ପହଞ୍ଚିଥିଲେ। କନ୍ୟା ପିତା ପ୍ରତାପ ନନ୍ଦ ଓ କନ୍ୟାମାତା ଲିପିକା ନନ୍ଦ ଓ ପରିବାରବର୍ଗ ସେମାନଙ୍କୁ ସ୍ୱାଗତ କରିଥିଲେ।କନ୍ୟା ପକ୍ଷ ପାଛୋଟି ନେବାପରେ ତାଙ୍କ ଗୃହକୁ ଆଗମନର ଅଭିପ୍ରାୟ ବିଷୟରେ ବରପକ୍ଷଙ୍କୁ ପଚାରିଥିଲେ। ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ବିବାହ ପାଇଁ କନ୍ୟା ଅନ୍ୱେଷଣରେ ସେମାନେ ଆସିଥିବା କହିଥିଲେ। ଏହାପରେ ବରପିତା ଶ୍ରୀ ମିଶ୍ରଙ୍କ ସହିତ ଆସିଥିବା କହିବାପରେ ସପ୍ତଋଷି ମନ୍ତ୍ର ଉଚ୍ଚାରଣ ସହିତ ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ଗୁଣ ବଖାଣିଥିଲେ। କନ୍ୟାପକ୍ଷ ମଧ ମାତା ପାର୍ବତୀଙ୍କ ଗୁଣ ବର୍ଣ୍ଣନା କରିବାସହ ଶ୍ମଶାନ ନିବାସୀ ଓ ଭସ୍ମ ବୋଳିହୋଇଥିବା ମହାଦେବଙ୍କୁ ତାଙ୍କ ଅଲିଅଳ କନ୍ୟା ଦେବାକୁ ଅରାଜି ହୋଇଥିଲେ। ବରପକ୍ଷ ଶ୍ଳୋକ ଉଚ୍ଚାରଣ କରି ତାହାକୁ ଖଣ୍ଡନ କରିଥିଲେ। ଏହାପରେ ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ସହ ମାତା ପାର୍ବତୀଙ୍କ ବିବାହ ସକାଶେ ନିଷ୍ପତ୍ତି ହୋଇଥିଲା। ରୀତିନୀତି ଅନୁଯାୟୀ ବରପିତା ରାମ ଚରଣ ମିଶ୍ର କନ୍ୟାପିତା ପ୍ରତାପ ନନ୍ଦଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ, ଫଳମୂଳ, ମିଷ୍ଟାନ୍ନ ଆଦି ଦେଇ ବିବାହ ପାଇଁ କନ୍ୟା ଚୂଡ଼ାନ୍ତ କରିଥିଲେ। ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସମୀର ରଞ୍ଜନ ବାବୁ, ସାଧାରଣ ସମ୍ପାଦକ ସୁଶ୍ରୀତ ମିଶ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ପତର୍‌ପେଁଡ଼ି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।










## ଶୋଭାଯାତ୍ରାରେ ଆକର୍ଷିତ କରିବ ବ୍ରହ୍ମୋସ୍



**ସମ୍ବଲପୁର, ୨୭।୫ (ସମିସ)**

ଅକ୍ଷୟ ତୃତୀୟା ଅବସରରେ 'ଥାଳ ଉଠା' ପରେ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଦେବବିବାହକୁ ମହାଆଡ଼ମ୍ବରରେ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯାତ୍ରା କମିଟି ପକ୍ଷରୁ ଏହା ଜାଗେଶ୍ୱର ବାବାଙ୍କ ୪୮ତମ ଯାତ୍ରା। ବିଶାଳ ପରଭାରେ ବିରାଜମାନ ହୋଇ ମହାଦେବ ବାବା ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ନଗର ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। 'ଅପରେସନ ସିନ୍ଦୂର'କୁ ଦୃଷ୍ଟିରେ ରଖି ଭାରତୀୟ ସେନା ସହିତ ସର୍ବାଗ୍ରେ ଥିବା ବ୍ରହ୍ମୋସ୍ ଚଳିତବର୍ଷ ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବ। ଏହାସହିତ ଯୁଗଳ ଦର୍ଶନ ଶୋଭାଯାତ୍ରାରେ କୋଲକାତାର ସୃଜନୀ ଗ୍ରୁପ୍ ନୃତ୍ୟ ଏବଂ ମୁମ୍ବାଇର ଲାଓନୀ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିବ। ଶୀତଳଷଷ୍ଠୀ ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାମିଲ ହେବେ ପ୍ରାୟ ୨୫୦୦ କଳାକାର। ଚଳିତବର୍ଷ ବ୍ୟୟ ଅଟକଳ ପ୍ରାୟ ୪୫ ଲକ୍ଷ ଟଙ୍କା ହେବ ବୋଲି ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡା ସୂଚନା ଦେଇଛନ୍ତି। ପ୍ରଜ୍ଞାପନ ମେଢ଼ରେ ଚଳିତବର୍ଷ ଭରତ କରାଳି ନରସିଂହ ଅବତାର ଓ ଗରୁଡ଼ ତିଆରି କରୁଥିବାବେଳେ ତାହା ଶିଶୁମାନଙ୍କୁ ଆକୃଷ୍ଟ କରିବ। ଅନ୍ୟପକ୍ଷରେ ପାକିସ୍ତାନ ସହ ଯୁଦ୍ଧ ସ୍ଥିତି ଥିମ୍‌କୁ ନେଇ 'ବ୍ରହ୍ମୋସ' ମିଜାଇଲ୍ ତିଆରି କରୁଛନ୍ତି ପୁରନ ସିଂହ। ଶିବ ପାର୍ବତୀଙ୍କ ମୁଖ୍ୟମେଢ଼ ମୟୁର ରଥ ଏବଂ ହନୁମାନ ରଥକୁ ଭାନୁ ରଥ ହେବାକୁ ଥିବାବେଳେ ପୁରୀର କାରିଗର ଉପେନ୍ଦ୍ର ପଣ୍ଡା ଏହାକୁ କରୁଛନ୍ତି। ସମ୍ବଲପୁରର ଚନ୍ଦନ ବାରିକ ରାମସୀତା ରଥକୁ ନୀଳଚକ୍ର ଢାଞ୍ଚାରେ ତିଆରି କରୁଛନ୍ତି।

ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ନଗର ପରିକ୍ରମା ଶୋଭାଯାତ୍ରାରେ ତଳନାଚ ବର୍ଗରେ ସୁବର୍ଣ୍ଣପୁରର ଘଣ୍ଟ ପାର୍ଟି, ବରଗଡ଼ର ଦୁଲଦୁଲି ଏବଂ ଡିଜେ, ବଲାଙ୍ଗୀରର ଢୋଲ ବାଜା, ବୌଦ୍ଧର ମୟୁର ନୃତ୍ୟ, କୋଲକାତାର ସୃଜନୀ ଡାନ୍ସ ଗ୍ରୁପ୍, ପୁରୀର ଦୁର୍ଗା ନୃତ୍ୟ, କୋରାପୁଟର ଆଦିବାସୀ ନୃତ୍ୟ, ରାଉରକେଲାର କାଳିସୀ ନୃତ୍ୟ, ଛତିଶଗଡ଼ର ମାଛ ଓ ଗରିଲା ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ, ସୁନ୍ଦରଗଡ଼ର ଝାଜିର୍ ଓ କୁଚିଣ୍ଡାର ଗଉଡ଼ବାଡ଼ି ନୃତ୍ୟ ରହିଛି। ସେହିପରି ଉପରନାଚ ବର୍ଗରେ ମୁମ୍ବାଇର ଲାଓନୀ, ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱର, କଲକାତା, ପୁନେ ଓ ନାଗପୁରର ଆଲବମ ନୃତ୍ୟ ଦଳ ମନୋରଞ୍ଜନ କରିବେ।

ପୂର୍ବବର୍ଷ ଭଳି ଚଳିତବର୍ଷ ମଧ ଜାଗେଶ୍ୱର ବାବାଙ୍କ ପିତାମାତା ଦାୟିତ୍ୱ ତୁଲାଉଛନ୍ତି ମଧୁସୂଦନ ନେଗୀ ଓ ସନ୍ତୋଷିନୀ ପୁରୋହିତ। ଅନ୍ୟପକ୍ଷରେ କନ୍ୟା ପିତାମାତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ବୁର୍ଲା କଣ୍ଟ୍ରାକ୍ଟର୍ସ କଲୋନୀର ମୃତ୍ୟୁଞ୍ଜୟ ଦାଶ ଓ ମଧୁସ୍ମିତା ପଣ୍ଡା।



### କାର୍ଯ୍ୟକ୍ରମ

- ମେ ୨୯ : ପତରପେଁଡ଼ି (ନିର୍ବନ୍ଧ)
- ମେ ୩୦ : ଗୁଆଗୁଣ୍ଡା (ଦେବ ନିମନ୍ତ୍ରଣ)
- ମେ ୩୧ : ବରାନୁଗମନ ଓ ଦେବବିବାହ
- ଜୁନ ୧ : ଯୁଗଳ ଦର୍ଶନ ଶୋଭାଯାତ୍ରା ଆରମ୍ଭ
- ଜୁନ ୨ : ଶୋଭାଯାତ୍ରା ପରେ ସନ୍ଧ୍ୟାରେ ମନ୍ଦିର ପ୍ରବେଶ

### ଯାତ୍ରା କମିଟି କାର୍ଯ୍ୟକର୍ତ୍ତା

ସଭାପତି - ଜଗଦୀଶ ପଣ୍ଡା
ସମ୍ପାଦକ - ଦୁର୍ଗା ପ୍ରସାଦ ପଟ୍ଟନାୟକ
କୋଷାଧକ୍ଷ - ଖଡ଼ିରତ୍ନ ବେହେରା
ଉପସଭାପତି - ଗତିକୃଷ୍ଣ ଷଡ଼ଙ୍ଗୀ, ଲକ୍ଷ୍ମୀନାରାୟଣ ପଟେଲ, ବିନୋଦ ପଣ୍ଡା, ସୁଧୀର ରଞ୍ଜନ ବହିଦାର
ମୁଖ୍ୟ ଆୟୋଜନ ସମ୍ପାଦକ - ଅଜିତ କର୍ଣ୍ଣ
ସହସମ୍ପାଦକ - ଗଙ୍ଗାଧର ଭୋଇ
ଗଣମାଧମ ସଂଯୋଜକ - ବ୍ୟୋମକେଶ ପଣ୍ଡା



### ବହୁଦିନର ଇଚ୍ଛା ପୂରଣ ହେଲା : ମଧୁସ୍ମିତା ପଣ୍ଡା

ପ୍ରାୟ ୩୦ ବର୍ଷ ପୂର୍ବରୁ ମୁଁ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ମୋ ବାପା ବସନ୍ତ କୁମାର ପଣ୍ଡା ଓ ମା' ଆହ୍ଲାଦିନୀ ପଣ୍ଡା ମୁଦିପଡ଼ାର ଜାଗେଶ୍ୱର ବାବାଙ୍କୁ ଦେବବିବାହରେ କନ୍ୟାଦାନ କରିଥିଲେ। ମାମୁଁ ଘର ମୁଦିପଡ଼ାରେ ହୋଇଥିବାରୁ ସବୁ ସମୟରେ ଷଷ୍ଠୀ ଯାତ୍ରା ଦେଖିବାକୁ ଯାଉଥିଲୁ। ବାହାଘର ପରେ ଷଷ୍ଠୀ ଦେଖିବାକୁ ନିୟମିତ ଯାଇଥାଉ। ବହୁଦିନରୁ ଆମର ଇଚ୍ଛା ଥିଲା ମା'ଙ୍କୁ କନ୍ୟା ରୂପେ ପାଇବା ପାଇଁ ଏବଂ ଚଳିତ ବର୍ଷ ସେ ସୌଭାଗ୍ୟ ମିଳିଲା ବୋଲି କହିଛନ୍ତି କନ୍ୟା ମାତା ମଧୁସ୍ମିତା ପଣ୍ଡା। ଗତବର୍ଷ ଷଷ୍ଠୀ ସମୟରୁ ଆମେ ନିଷ୍ପତ୍ତି ନେଇଥିଲୁ ଚଳିତବର୍ଷ ଏହି ଦାୟିତ୍ୱ ନେବୁ। ମା'ଙ୍କୁ କନ୍ୟାଦାନ ଦେବା ପାଇଁ ବହୁତ ଖୁସି ଲାଗୁଛି। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି ବୋଲି ସେ କହିଛନ୍ତି। କନ୍ୟାପିତା ମୃତ୍ୟୁଞ୍ଜୟ ଦାଶ କହିଛନ୍ତି, ଉଭୟ ପରିବାରର ଲୋକ ବହୁତ ଖୁସି ଅଛନ୍ତି ଓ ସହଯୋଗ କରୁଛନ୍ତି। ଘରକୁ କୁଣିଆ ମୈତ୍ର ଆସି ସାରିଲେଣି। ସମ୍ବଲପୁରରେ ଅନେକ ସମ୍ପର୍କୀୟ ଥିବାବେଳେ ଘରେ ଏବେ ବାହାଘରର ମାହୋଲ ହୋଇଗଲାଣି ବୋଲି ଶ୍ରୀ ଦାଶ କହିଛନ୍ତି। ବାହାଘରରେ ଲାଗୁଥିବା ସମସ୍ତ ସାମଗ୍ରୀ ଯେପରିକି ସମସ୍ତ ଘରକରଣା ସାମଗ୍ରୀ ଏବଂ ସୁନା ଓ ରୂପାର ମାଳି, ମୁଦି, କାନଫୁଲ, ମଥାମଣୀ, ପାଉଜି, ରୂପା ଫରୁଆ, ଖଡୁ ଆଦି ଗହଣା, ତ୍ରିଶୁଳ, ଡମ୍ବରୁ, କଠଉ, ଲୁଗାପଟା ଆଦି ପ୍ରସ୍ତୁତି ଶେଷ ହୋଇସାରିଛି।

କନ୍ୟା ପିତା ମୃତ୍ୟୁଞ୍ଜୟ ଦାଶ ଭବାନୀପାଟଣାରେ ଅଧାପକ ଥିବାବେଳେ କନ୍ୟା ମାତା ମଧୁସ୍ମିତା ପଣ୍ଡା ଟିପିଡବ୍ଲ୍ୟୁଓଡିଏଲ୍‌ର ମାନବ ସମ୍ବଳ ଅଧିକାରୀ ଅଛନ୍ତି। ସେମାନଙ୍କ ଝିଅ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ପୁଅ ପ୍ରଥମ ଶ୍ରେଣୀରେ ପାଠ ପଢୁଛି। ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପଠାରେ ୨୭ ତାରିଖ ପତରପେଁଡ଼ି ଓ ୩୧ ତାରିଖ ବିବାହୋତ୍ସବ ଆୟୋଜିତ ହେବ ବୋଲି କନ୍ୟାପକ୍ଷରୁ ସୂଚନା ଦେଇଛନ୍ତି।

## ପୁଣି ଟ୍ରେନ କୋଚକୁ ପଥର ମାଡ଼



● କାଚ ଭାଙ୍ଗି ୩ ଗିରଫ
● ୧୦ ଦିନରେ ଦୁଇ ଥର ଆକ୍ରମଣ

**ସମ୍ବଲପୁର, ୨୭।୫(ସମିସ):** ପୁଣି ସମ୍ବଲପୁରରେ ଟ୍ରେନକୁ ପଥର ଫିଙ୍ଗା ଯାଇଛି। ମାତ୍ର ୧୦ ଦିନ ବ୍ୟବଧାନରେ ଏପରି ଘଟଣା ପୁଣି ଥରେ ଘଟିଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ରାତିରେ ଧାନବାଦ - ଆଲପୁଝା ଏକ୍ସପ୍ରେସକୁ ପଥର ମାଡ଼ କରିଥିବା ଅଭିଯୋଗରେ ଆରପିଏଫ ୩ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ସୋମବାର ରାତିରେ ୧୧ ଟା ବେଳେ ଧାନବାଦ ଆଲପୁଝା ଏକ୍ସପ୍ରେସର ସାଧାରଣ ବଗି ଉପରକୁ କ୍ଷେତରାଜପୁର ତାଲଭଟାପଡ଼ା ଅଞ୍ଚଳରେ ପଥରମାଡ଼ ହୋଇଥିଲା। ସମ୍ବଲପୁର ମୁଖ୍ୟ ଷ୍ଟେସନକୁ ପହଞ୍ଚିବା ପୂର୍ବରୁ ତାଲଭଟାପଡ଼ାରେ ଗ୍ରୀନ ସିଗନାଲ ନମିଳିବାରୁ ଟ୍ରେନଟି ଅଟକି ରହିଥିଲା। ଏହି ସମୟରେ ୩ ଜଣ ଯୁବକ ଟ୍ରେନର ଏକ ସାଧାରଣ ବଗି କୁ ପଥର ମାରିଥିଲେ। ଫଳରେ କାଚ ଭାଙ୍ଗି ଯାଇଥିଲା। କିଛି ସମୟ ପାଇଁ ଯାତ୍ରୀଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏଥିରେ କୌଣସି ଯାତ୍ରୀ ଆହତ ହୋଇ ନଥିଲେ। ଆରପିଏଫ୍ ଏକ ମାମଲା ରୁଜୁ କରି ତଦନ୍ତ ପରେ ୩ ଜଣଙ୍କୁ ଗିରଫ କରିଛି। ସେପଟେ ଗତ ୧୭ ତାରିଖ ଭୋର ୫.୪୫ ସମୟରେ ତପସ୍ୱିନୀ ଏକ୍ସପ୍ରେସକୁ ମଧ ପଥର ମାଡ ହୋଇଥିଲା। ରେଙ୍ଗାଲି ଲପଙ୍ଗା ଷ୍ଟେସନ ନିକଟରେ ୭ ନମ୍ବର ଏସି କୋଚ ଉପରକୁ କେହି ଦୁର୍ବୃତ୍ତ ପଥର ମାଡ଼ କରିଥିଲା। ପଥର ବାଜି କୋଚର କାଚ ଭାଙ୍ଗି ଯାଇ ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ।

ସକାଳ
THE SAKALA



# ରବିଧାନ କିଣିବା ପାଇଁ ବାଲେଶ୍ୱର ଜିଲ୍ଲାକୁ ଅଧିକ ଟାର୍ଗେଟ ମିଳୁ



## ସଚିବଙ୍କୁ ଦାବି ଜଣାଇଲେ ବିଧାୟକ ଗୌତମବୁଦ୍ଧ

ବାଲେଶ୍ୱର(ଉତ୍ତର),୨୭।୫ (ସମିସ): ରବି ଋତୁରେ ଉତ୍ପାଦିତ ଧାନକିଣାରେ ସରକାର ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କୁ ମିଳିଥିବା ଟୋକନ୍ ତୁଳନାରେ ଅତ୍ୟନ୍ତ କମ୍ ଟାର୍ଗେଟ ଦେଇଥିବାରୁ ବାଲେଶ୍ୱର ଜିଲ୍ଲାରେ ଧାନ କିଣା ଗୁରୁତର ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ ଭୋଗରାଇ ବ୍ଲକରେ ଚଳିତ ରବି ଋତୁରେ ପ୍ରାୟ ୫ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦିତ ହୋଇଥିବା ବେଳେ ଏଥିରୁ ମାତ୍ର ୧୮,୫୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ ୧୨ ଦିନ ହେଲା ଧାନ କିଣା ଏକ ପ୍ରକାର ବନ୍ଦ ରହିଛି। ଏହି ପରିପ୍ରେକ୍ଷୀରେ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରାଇବା ସହିତ ଭୋଗରାଇ ପାଇଁ ଅତିକମ୍‌ରେ ଆଉ ୩ଲକ୍ଷ କୁଇଣ୍ଟାଲ ଧାନର ଟାର୍ଗେଟ ଦେବାକୁ ଲିଖିତ ଭାବେ ଦାବି କରିଛନ୍ତି। ପ୍ରମୁଖ ସଚିବ ଶ୍ରୀ ସିଂ ମଧ୍ୟ ଏହାର ଗୁରୁତ୍ୱ ଉପଲବ୍‌ଧି କରି ଖୁବ୍ ଶୀଘ୍ର ବାଲେଶ୍ୱର ଜିଲ୍ଲାକୁ ଆଉ ୮ ଲକ୍ଷ କୁଇଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ଦିଆଯିବ ବୋଲି ବିଧାୟକ ଶ୍ରୀ ଦାସଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ଟାର୍ଗେଟରୁ ଭୋଗରାଇର ୧୨ହଜାର ପଞ୍ଜୀକୃତ ଚାଷୀଙ୍କୁ ଅତି କମ୍‌ରେ ଆଉ ୩ଲକ୍ଷ କୁଇଣ୍ଟାଲର ଟାର୍ଗେଟ ମିଳିବ ବୋଲି ଶ୍ରୀ ଦାସ ଆଶା ପୋଷଣ କରିଛନ୍ତି। ସେହିପରି ଶ୍ରୀ ଦାସ ଲୋକସେବା ଭବନରେ ଯୋଗାଣ ମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ ଅନୁରୂପ ଦାବି ସମ୍ବଳିତ ଏକ ପତ୍ର ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ପ୍ରଦାନ କରିଥିବା ଜଣାଇଛନ୍ତି।

# ସମବାୟ ସମିତିରେ ତାଲା ପକାଇ ଚାଷୀଙ୍କ ଧାରଣା

ଭୋଗରାଇ, ୨୭।୫ (ସମିସ)



ଚଳିତ ରବି ଋତୁରେ ପଞ୍ଜିକୃତ ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଟୋକନର ପରିମାଣ ଓ ଧାନ କ୍ରୟକେନ୍ଦ୍ର ଦାୟିତ୍ୱ ପାଇଥିବା ସେବା ସମବାୟ ସମିତି ମାନଙ୍କୁ ଧାନ କ୍ରୟ ସକାଶେ ଦିଆଯାଇଥିବା ଟାର୍ଗେଟ ମଧ୍ୟରେ ବିଶାଳ ପାର୍ଥକ୍ୟ ରହିଥିବାରୁ ଧାନ କ୍ରୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମିଲମାଲିକ ମାନେ ଏଫ୍‌ଏକ୍ୟୁ ମାନକୁ ନେଇ କ୍ୱିଣ୍ଟାଲ ପିଛା ସାତ କିଲୋରୁ ୮ କିଲୋ ଧାନ କଟନୀ ଛଟନି କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଏ ବାବଦରେ ଭୋଗରାଇ ବ୍ଲକ ଜୟରାମପୁର ସେବା ସମବାୟ ସମିତିରେ ଶତାଧିକ ଚାଷୀମାନେ ପୂର୍ବରୁ ସରକାରଙ୍କୁ ଉପରୋକ୍ତ ସମସ୍ୟାର ସମାଧାନ କରିବାକୁ ଦାବି ରଖିବା ସହ ଆନ୍ଦୋଳନ ଚେତାବନୀ ଦେଇଥିଲେ। ତେଣୁ ଏହା ପରିପ୍ରେକ୍ଷୀରେ ଆଜି ଚାଷୀମାନେ ସମିତିରେ ତାଲା ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ ସ୍ଥଳରେ ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା, ଜୟରାମପୁର ସରପଞ୍ଚ ଦୀପ୍ତିରାଣୀ ମିଶ୍ର, ଗୋପୀନାଥପୁର ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଦୁର୍ଗା ଚରଣ ସାହୁ, ସମିତି ପରିଚାଳନା କମିଟିର ସଦସ୍ୟ ରବୀନ୍ଦ୍ର କୁମାର ଘୋଷ, ବିଦ୍ୟୁତ ସାମଲ, ବିଷ୍ଣୁପଦ ଗିରି ସମେତ ହୀରାଚାନ୍ଦ ଦାସ, ସୁନୀଲ କୁମାର ଜେନା, ରଘୁନାଥ ମହାନ୍ତି, ହରି ନାରାୟଣ ଜେନା, ଅଶୋକ ସାମଲ, ପଞ୍ଚାନନ ସାହୁ, ହରିପଦ ମିଶ୍ର, ଅନିରୁଦ୍ଧ ପରିଡ଼ା ପ୍ରମୁଖ ଚାଷୀମାନେ ଧାରଣା ସ୍ଥଳରେ ଉପସ୍ଥିତ ହୋଇ ଚାଷୀ ମାନଙ୍କର ନ୍ୟାର୍ଯ୍ୟ ଦାବି ପ୍ରତି ସମର୍ଥନ ଜଣାଇବା ସହିତ ତୁରନ୍ତ ସରକାର ଟୋକାନ ଅନୁଯାଇ ଧାନ କିଣାର ଟାର୍ଗେଟ ନ ଦେଲେ ଚାଷୀ ଧାନର ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ବୋଲି କହିଥିଲେ। ପରେ ସମିତି ପକ୍ଷରୁ ବହୁ ବୁଝାସୁଝା ପରେ ଚାଷୀମାନେ ଅପରାହ୍ନ ୨ ଘଟିକା ସମୟରେ ଆନ୍ଦୋଳନରୁ ଓହରି ଯାଇ ଥିଲେ। ତେବେ ତୁରନ୍ତ ଯଦି ଅନୁରୂପ ଦାବି ପ୍ରତି ସରକାର ଉଦାସୀନ ହୁଅନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବା ସହିତ ଆଗାମୀ ବୁଧବାର ପୁଣି ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ଚାଷୀ ମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

# ୨୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ



ବାଲେଶ୍ୱର,୨୭।୫(ସମିସ): ଅବକାରୀ ବିଭାଗ ପକ୍ଷରୁ ଆଜି ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଛି। ଏହି ଘଟଣାରେ ଜଣେ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖନ୍ତାପଡ଼ା ଥାନା ଅନ୍ତର୍ଗତ ହିରାଟିକିରି ଗ୍ରାମର ବିଜୟ କୁମାର ପଣ୍ଡା(୨୪)। ତାଙ୍କ ନିକଟରୁ ୨୨୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଅବକାରୀ ଅଧିକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ଅବକାରୀ ଥାନା ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଚଢ଼ଉରେ ବାଲେଶ୍ୱର ସଦର ଅବକାରୀ ଥାନା ଅଧିକାରୀ ଦୀପ୍ତିମୟୀ ସାହୁ, ଓଆଇସି ଭାବେଶ ଦାସ, ପ୍ରଜ୍ଞାପ୍ରିୟଙ୍କା ନାୟକ, ଏଏସ୍‌ଆଇ ଅନିକ କୁମାର ଶଙ୍ଖୁଆ, କବିତା ସେନାପତି, କନେଷ୍ଟବଳ ଏସ୍କେ କଲିମ, ପଙ୍କଜ ମହାନ୍ତି, ରଶ୍ମିରେଖା ପାତ୍ର ଚଢ଼ଉରେ ସାମିଲ ହୋଇଥିଲେ।

# ଅଞ୍ଜଳି ପଣ୍ଡାଙ୍କ ଗଳ୍ପଗ୍ରନ୍ଥ 'ସୁବର୍ଣ୍ଣା' ଲୋକାର୍ପିତ



ବାଲେଶ୍ୱର,୨୭।୫ (ସମିସ): ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଶିଳ୍ପୋଦ୍ୟାଗୀ ତଥା ସମାଜସେବୀ ସୁଧାସିନ୍ଧୁ ପଣ୍ଡାଙ୍କ ୭୯ତମ ଜନ୍ମଦିବସ ଅବସରରେ ତାଙ୍କ ସହଧର୍ମିଣୀ ତଥା ସାରସ୍ୱତ ସାଧିକା, କବୟିତ୍ରୀ ଓ ସମାଜସେବୀ ଅଞ୍ଜଳି ପଣ୍ଡାଙ୍କ ଗଳ୍ପଗ୍ରନ୍ଥ "ସୁବର୍ଣ୍ଣା" ସ୍ଥାନୀୟ ହୋଟେଲ ଲକ୍କି ଇଣ୍ଟରନ୍ୟାସନାଲ ପରିସରରେ ଲୋକାର୍ପିତ ହୋଇଯାଇଛି। ବାଲେଶ୍ୱରର ଅକ୍ଷାଂଶ ପ୍ରକାଶନୀ ଆନୁକୂଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ପୌରହିତ୍ୟ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହିତ ଶ୍ରୀମତୀ ପଣ୍ଡାଙ୍କ ଲେଖନୀ ଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜର ପ୍ରତିଛବି ସମ୍ବଳିତ ବିଷୟବସ୍ତୁ ପାଠକଙ୍କ ମନକୁ ବେଶ ଛୁଇଁବ ବୋଲି ଆଶାପ୍ରକାଶ କରିଥିଲେ। ଗଳ୍ପଗ୍ରନ୍ଥ "ସୁବର୍ଣ୍ଣା" ରଚୟିତା ଅଞ୍ଜଳି ପଣ୍ଡା ଏଥିରେ ମଞ୍ଚାସୀନ ନିଜର ଲେଖକୀୟ ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୁସ୍ତକକୁ ପ୍ରକାଶିତ କରିଥିବା ବାଲେଶ୍ୱରର ଅକ୍ଷାଂଶ ପ୍ରକାଶନୀର ଡ. ସାରଙ୍ଗଧର ତ୍ରିପାଠୀ ଏଥିରେ ପ୍ରକାଶକୀୟ ମତ ରଖିଥିବା ବେଳେ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକଟିର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ କବି ଦୀପକ ବୋଷ ପ୍ରାକ କଥନ ସହ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଇତିଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାହାନଗାରେ ମିଳିତ ଜନଶୁଣାଣି ଶିବିର



ବାହାନଗା,୨୭।୫(ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ସଭାଗୃହରେ ଆଜି ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ବିଭିନ୍ନ ବିଭାଗରୁ ସମୁଦାୟ ୧୩୨ଟି ଅଭିଯୋଗ ଆସିଥିବା ବେଳେ ଜିଲ୍ଲାପାଳ ବିଭିନ୍ନ ବିଭାଗ ମାଧ୍ୟମରେ କିଛି ଅଭିଯୋଗର ତତ୍କାଳ ସମାଧାନ କରାଇଥିବାର ସୂଚନା ମିଳିଛି। ଆଜିର ଏହି ଅଭିଯୋଗ ଶୁଣାଣୀ ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଉପ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମନ୍ତରାୟ, ଜଳ ଓ ପରିମଳ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସମୀର ଚନ୍ଦ୍ର ଦେ, ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରାଚୀ ତନୟା ଗିରି, ବାହାନଗା ତହସିଲଦାର ଶଙ୍କର ପଟ୍ଟନାୟକ, ବାହାନଗା ବିଡ଼ିଓ ବିକ୍ରମ କୁମାର ପରିଡ଼ାଙ୍କ ସହ ବିଦ୍ୟୁତ, ଖନ୍ତାପଡ଼ା ଥାନା, ଅବକାରୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ସହ ଅନ୍ୟାନ୍ୟ ବିଭାଗର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣୀ ଶିବିରରେ ସମୁଦାୟ ୧୩୨ଟି ଅଭିଯୋଗ ଆସିଥିଲା। ସେଥିରୁ ସର୍ବାଧିକ ଭୂମିହୀନ ପଟ୍ଟା, ସୁଭଦ୍ରା ଯୋଜନା, ଭତ୍ତା ସଂକ୍ରାନ୍ତୀୟ ଅଭିଯୋଗ ଆସିଥିଲା। ବାହାନଗା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ନାମରେ ୨୧ଟି ଅଭିଯୋଗ ଆସିଥିବା ବେଳେ ତହସିଲ ପ୍ରଶାସନ ସଂକ୍ରାନ୍ତୀୟ ୨୭ଟି ଅଭିଯୋଗ ଆସିଥିବା ଜଣାପଡିଛି। ସେହିଭଳି ବାହାନଗା ବ୍ଲକରେ ସୁଷମା ରାଉତ ନାମକ ବ୍ୟକ୍ତି ରୋଗରେ ପୀଡିତ ଥିବାରୁ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଜିଲ୍ଲାପାଳ ଅଭିଯୋଗକୁ ଗୁରୁତ୍ୱର ଭାବେ ନେଇ ତୁରନ୍ତ ତାଙ୍କ କାଗଜପତ୍ର ଯାଞ୍ଚ କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଜରୁରୀ କାଳୀନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେପଟେ ଅନେକ ଅଭିଯୋଗକାରୀ ଜନ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଅଭିଯୋଗର ସମାଧାନ ହେଉନଥିବାରୁ ଅନେକ ଅଭିଯୋଗକାରୀ କ୍ଷୋଭ ପ୍ରକାଶ କରିଛନ୍ତି।

# ଜଳେଶ୍ୱରରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ଖୋଲିବା ବିଜ୍ଞପ୍ତି ରଦ୍ଦ ଦାବି



ଜଳେଶ୍ୱର, ୨୭।୫ (ସମିସ): ସରକାର ଜଳେଶ୍ୱରରେ ଦେଶୀ ମଦ ଦୋକାନ ଖୋଲିବା ପ୍ରସ୍ତାବିତ ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ( ମୋନା ) ଜଳେଶ୍ୱର ଶାଖା ତରଫରୁ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ ସହିତ ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ଏବଂ ଜଳେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅବକାରୀ ନିରୀକ୍ଷକଙ୍କୁ ଏକ ନକଲ୍ ପ୍ରଦାନ କରାଯାଉଛି। ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୫ ଏବଂ ୯ ରେ ଦେଶୀ ମଦ ଦୋକାନ ଖୋଲିବା ପାଇଁ ଗତ ମେ ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବେ ମଦ ବନ୍ଦ ପାଇଁ ନିର୍ବାଚନୀ ଇସ୍ତାହାର ରେ ପ୍ରତିଶୃତି ଦେଇଥିଲେ ମାତ୍ର ଏହା ପାଳନ ନ କରି ଦେଶୀ ମଦ ଦୋକାନ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସରକାର୍ ଏହାକୁ ବନ୍ଦ କରନ୍ତୁ ବୋଲି ମୋନା ନିଶା ନିବାରଣ ସଂଗଠନ ପକ୍ଷରୁ ଦାବି ପତ୍ର ପ୍ରଦାନ ହୋଇଛି। ଏହି ସମୟରେ ନିଶା ନିବାରଣ ସଂଗଠନ ପକ୍ଷରୁ ସଭାପତି ଅଶୋକ ଜେନା, ସଂପାଦକ ପ୍ରଦିପ କୁମାର୍ ସିଂହ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ସେନାପତି, ନିରୋଜ ବେହେରା, ଗଣେଶ ଚନ୍ଦ୍ର ଗିରି, ବବିତା ପାତ୍ର, ତାପସ ବେରା, ଚନ୍ଦନ କୁମାର୍ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଟନ୍ ଚୋରା ଲୁହା ରଡ୍ ସହ ପିକ୍‌ଅପ୍ ଜବତ

ସିମୁଳିଆ, ୨୭।୫ (ସମିସ) : ସିମୁଳିଆ ପୁଲିସ ୧୦ ଟନରୁ ଉଦ୍ଧ୍ୱର୍ ଚୋରା ରଡ଼ ଓ ଲୁହାସାମଗ୍ରୀ ସହିତ ପିକଅପ ଗାଡିକୁ ଜବତ କରିଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସିମୁଳିଆ ଥାନା ଅନ୍ତର୍ଗତ କୁପୁରା ଗ୍ରାମର ମଣ୍ଟୁ ସାହାଜିଙ୍କ ପୁତ୍ର ନବୀବ ସାହାଜିଙ୍କ ପିକଅପ ଗାଡ଼ିରେ ଚୋରା ଲୁହା ରଡ଼. ପ୍ଲେଟ, ଯଗ, ବିକ୍ରି ହେବାକୁ ଯାଉଥିବାର ଖବର ପାଇ ସିମୁଳିଆ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ପୁଲିସ ଟିମ୍ ନେଇ ତୁରନ୍ତ ଘଟଣା ସ୍ଥଳରେ ପହଂଚି ଯାଇଥିଲେ । ଲୁହା ବୋଝେଇ ପିକଅପ ଗାଡିକୁ ଜବତ କରି ତଦନ୍ତ କରିବା ପରେ ତାହା ଚୋରି ସାମଗ୍ରୀ ବୋଲି ଜାଣିବାକୁ ପାଇଥିଲେ। ନବୀବ ସାହାଜିକୁ ଜେରା କରିବା ପରେ ୧୬ ନମ୍ବର ଜାତୀୟ ରାଜପଥରେ ପୋଲ କାର୍ଯ୍ୟ ରେ ବ୍ୟବହୃତ ଲୁହା ରଡ଼, ଲୁହା ସାମଗ୍ରୀକୁ ବାହାନଗାଠାରେ କାର୍ଯ୍ୟ କରୁଥିବା ଲେବର ସୁପର ଭାଇଜର ବିକ୍ରି କରିଥିବାର ଜାଣିବାକୁ ପାଇଥିଲେ। ତୁରନ୍ତ ବାହାନଗାରୁ ବିହାର ରାଜ୍ୟର ଛୋଟୁ ଲାଲ ସାହୁଙ୍କୁ ପଚାରିବାରୁ ସେ ୫ କୁଇଣ୍ଟାଲ ବିକ୍ରି କରିଥିବାର ପ୍ରକାଶ କରିବା ପରେ ତାକୁ ସିମୁଳିଆ ପୁଲିସ ଗିରଫ କରି ସିମୁଳିଆ ଥାନାକୁ ନେଇ ଆସିଥିଲେ। ପୁଲିସ କୁପୁରା ଗ୍ରାମର ନବୀବ ସାହାଜିଙ୍କ ଠାରୁ ୧୦ ଟନ ଓଜନର ରଡ଼ ଓ ଲୁହା ସାମଗ୍ରୀ ଜବତ କରିବା ସହିତ ପିକଅପ ଗାଡିକୁ ଜବତ କରି ଥାନାକୁ ନେଇଆସିଥିଲେ। ସିମୁଳିଆ ମାମଲା ରୁଜୁ କରି ନବୀବ ସାହାଜି ଓ ଛୋଟୁଲାଲ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଆଜି ସିମୁଳିଆ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ସଦର ଏସଡିପିଓ ସୁଧାଂଶୁ ଶେଖର ନାୟକ ସୂଚନା ଦେବା ସହିତ କୁପୁରା ଗ୍ରାମର ନବୀବ ସାହାଜି ଅନ୍ୟାନ୍ୟ ଚୋରି ଘଟଣାରେ ସମ୍ପୃକ୍ତ ଥିବାର ସୂଚନା ଦେଇଥିଲେ। ଉକ୍ତ ସମ୍ମିଳନୀରେ ସିମୁଳିଆ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା, କ୍ଷୀତିଶ କୁମାର ସାମଲଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।




# ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା' ଜର୍ମାନରେ ପ୍ରଦର୍ଶିତ

ବାରିପଦା, ୨୭।୫(ସମିସ): ବାରିପଦାର ଦୀପକ କୁମାର ବେଶ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପଶ୍ଚିମବଙ୍ଗର ଜୋନା ମାର୍ଣ୍ଡିଙ୍କ ପ୍ରଯୋଜିତ ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା' ବାରିପଦା ଓ ତାର ଆଖପାଖ ଅଞ୍ଚଳରେ ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଚଳଚ୍ଚିତ୍ରଟି ବହୁ ପୁରସ୍କାର ଜିତିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଂଶ ଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିସାରିଛି। ଗତ ୨୩ ତାରିଖରେ ଜର୍ମାନୀର ଟୁବିଙ୍ଗେନ ବିଶ୍ୱବିଦ୍ୟାଳୟରେ ଏହି ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ବେଶ ପ୍ରଶଂସିତ ହୋଇଛି।




ଏଥିସହିତ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଫେସର ନିର୍ଦ୍ଦେଶକ ଶ୍ରୀ ବେଶ୍ରାଙ୍କ ସହିତ ଭିଡିଓ କନଫରେନ୍ସ ମାଧ୍ୟମରେ ଚଳଚ୍ଚିତ୍ରର କାହାଣୀ ଉପରେ ଆଲୋଚନା କରିଥିଲେ। ମୟୂରଭଞ୍ଜର ସାନ୍ତାଳୀ ସଂସ୍କୃତିକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ସ୍ତରରେ ଏଭଳି ଚର୍ଚ୍ଚିତ ହେବ ବୋଲି କେବେ ଆଶା କରିନଥିଲେ ବୋଲି ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅନେକ ସାନ୍ତାଳୀ ଚଳଚ୍ଚିତ୍ର ନିର୍ମାଣ ଦିଗରେ ଏହା ତାଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବାରିପଦା ବ୍ଲକ ଅନ୍ତର୍ଗତ ବାଙ୍କିଶୋଳ ପଞ୍ଚାୟତ ତାଲଡିହା କଲୋନିସାହୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପମା ସେନାପତି, ଭାଗବତପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଭୁଜବଳ ଏବଂ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଶିଶୁ କଳାକାରଙ୍କ ଚୟନ କ୍ଷେତ୍ରରେ ସହାୟତା କରିଥିଲେ।

**ଜମା ଅର୍ଥ ଫେରାଇବା ଦାବି**

# ଆର୍ଥିକ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ ଗଠିତ

ଭୋଗରାଇ, ୨୭।୫(ସମିସ)



ଭୋଗରାଇ ବ୍ଲକ୍ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ ଥିବା ମନ୍ଦାରସାହି ଆଞ୍ଚଳିକ କ୍ଷୁଦ୍ର ଚାଷୀ ଉନ୍ନୟନ ସମବାୟ ସମିତିରେ ଦୈନିକ ସଞ୍ଚୟ ଖାତା ଖୋଲିଥିବା ଜମାକାରୀଙ୍କ ଜମା ଅର୍ଥ ୧୭ ଜୁଲାଇ ୨୦୨୩ ମାଚ୍ୟୁରିଟି ହୋଇଥିଲେ ମଧ୍ୟ ଦୀର୍ଘ ୨୩ ମାସ ବିତିଯାଇଥିଲେ ବି ଜମାକାରୀମାନେ ତାଙ୍କର ଟଙ୍କା ଫେରିପାଇ ନାହାନ୍ତି। ସେଥିପାଇଁ ଆଜି ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ମନ୍ଦାରସାହି ସରପଂଚ ମମତା ସାହୁ, ସମାଜସେବୀ ଶକ୍ତିପଦ ଦାସମହାପାତ୍ର,ଜାମସେଦ ଅଲ୍ଲି ଖାଁଙ୍କ ନେତୃତ୍ୱରେ ଆଜି ୨ ଶହରୁ ଅଧିକ ଜମାକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଜେନାଙ୍କ ସଭାପତିତ୍ୱରେ ପରିଚାଳିତ ଏହି ବୈଠକରେ ମନ୍ଦାରସାହି ଆଞ୍ଚଳିକ କ୍ଷୁଦ୍ର ଚାଷୀ ଉନ୍ନୟନ ସମବାୟ ଦ୍ୱାରା ଆର୍ଥିକ କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ନେଇ ଏକ ମିଳିତ ମଞ୍ଚ ଗଠନ କରାଯାଇଥିଲା। ଏହି ମଞ୍ଚରେ ସ୍ଥାୟୀ ସଭାପତି ଭାବେ ଶକ୍ତିପଦ ଗିରି, ସମ୍ପାଦକ ଭାବେ ରାଜୀବ ଗିରି, ଗୋପାଳ ଗିରି, ନାରାୟଣ ଚନ୍ଦ୍ର ଜେନା,ତପନ ପାତ୍ର, ରାଧା ରଞ୍ଜନ ମହାନ୍ତି, ମନୋଜ ଗିରି, ଜୟନ୍ତ ପାଳ, ସାରୁ ଖାଁ, ବିଶ୍ୱଜିତ ତୋଳା, ବରେନ୍ଦ୍ର ବାଣୁଆ, ଜଗନ୍ନାଥ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ମନ୍ଦାରସାହି ଆଞ୍ଚଳିକ କ୍ଷୁଦ୍ର ଚାଷୀ ଉନ୍ନୟନ ସମବାୟ ସମିତି ନୂଆ କରି ଖୋଲିଲା ପରେ ଲୋକମାନେ ନିଜର କଷ୍ଟ ଅର୍ଜିତ ଟଙ୍କା ଅଳ୍ପ ଅଳ୍ପ କରି ଜମା ରଖିଥିଲେ। ସେହି ସମିତିର ସଭାପତି ଭାବେ ଗଣେଶ ଚନ୍ଦ୍ର ଗିରି ଏବଂ ସମ୍ପାଦକ ଭାବେ ହରେକୃଷ୍ଣ ବେହେରା, ଗତ ୨୦୨୩ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା କ୍ରମାନ୍ୱୟରେ ଜମାଟଙ୍କା ଫେରସ୍ତ ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ମାନେ ଏହି ସମିତିକୁ ହଠାତ ବନ୍ଦ କରିଦେଇଥିଲେ ଏବଂ ସମ୍ପୃକ୍ତ ସମବାୟ ସମିତିର ସଭାପତି ଶ୍ରୀ ଗିରି ମନ୍ଦାରସାହି-ପାଣିଶଣ୍ଢା ସମବାୟ ସମିତି ନାମରେ ଅନ୍ୟ ଏକ ସମିତି ନିଜ ବାସଭବନରେ କାର୍ଯ୍ୟାଳୟ ଖୋଲି ଅର୍ଥ କାରବାର କରୁଛନ୍ତି। ମାତ୍ର ମନ୍ଦାରସାହି ସାହି ଆଞ୍ଚଳିକ କ୍ଷୁଦ୍ର ଚାଷୀ ସଂଘରୁ ହଡ଼ପ କରିନେଇଥିବା ଟଙ୍କା ଦେଉନାହାନ୍ତି କି ଉକ୍ତ ସମବାୟ ମଧ୍ୟ ଖୋଲୁ ନାହାନ୍ତି ବୋଲି ଜମାକାରୀ ମାନେ ଅଭିଯୋଗ କରିଛନ୍ତି। ସେହିପରି ଏହି ସମବାୟ ସମିତିର ସମ୍ପାଦକ ହରେକୃଷ୍ଣ ବେହେରା ସମେତ ଅନ୍ୟ କର୍ମଚାରୀ ମାନେ ମଧ୍ୟ ଘର ଛାଡି ପଳାଇଯିବାର ସୂଚନା ରହିଅଛି। ଜିଲ୍ଲା ପରିଷଦ ଶ୍ରୀ ଜେନା ସମବାୟ ସମିତିର ସମ୍ପାଦକଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଥିଲେ ଯେ ସମବାୟର ଅଧିକାଂଶ ନିର୍ଦ୍ଦେଶକ ମାନେ ନିଜ ପାଖରେ ଟଙ୍କା ରଖିଥିଲା ବେଳେ ଆଉ କିଛି ଟଙ୍କା ଲୋକମାନଙ୍କୁ ଋଣ ଆକାରରେ ଦିଆଯାଇଛି।। ମାତ୍ର ସେ ବାବଦରେ ତାଙ୍କର ପାଖରେ କୌଣସି ଲିଖିତ କାଗଜ ପତ୍ର ମଧ୍ୟ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଜମାକାରୀ ମାନେ ତାଙ୍କ ଜମା ଟଙ୍କା କେମିତି ଫେରିପାଇବେ ସେନେଇ ଆର୍ଥିକ କ୍ଷତିଗ୍ରସ୍ତ ମିଳିତ ମଞ୍ଚଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଆଗାମୀ ଦିନରେ ଆର୍ଥିକ କ୍ଷତିଗ୍ରସ୍ତ ମିଳିତ ମଞ୍ଚପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳ, ସିଆର୍‌ସିଏସ୍ ଓ ଜିଆର୍‌ସିଏସ୍‌ଙ୍କୁ ଲିଖିତ ଅଭିଯୋଗ ଦେବା ସମେତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ସିଦ୍ଧାନ୍ତ ହୋଇଥିଲା।

ଦ୍ୱାଦଶାହ ଉପଲକ୍ଷେ
ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତିଲତା ସାହୁ
ଅବିର୍ଭାବ: ୧୦.୦୬.୧୯୬୧ ତିରୋଧାନ: ୧୨.୦୫.୨୦୨୫
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ,
ବାଲିବ୍ରହ୍ମପୁର, ମହାରଣା କୁଟୀର, ଯାଜପୁର

ତୁମେ ସିନା ଚାଲିଗଲ, ହେଲେ ତୁମର ଅଭୁଲା ସ୍ମୃତି ଆମମାନଙ୍କ ହୃଦୟରେ ଚିରଦିନ ପାଇଁ ଅମର ହୋଇରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:- ସ୍ୱାମୀ-ଅକ୍ଷୟ କୁମାର ମହାରଣା, ପୁତ୍ର-ପ୍ରକାଶ ମହାରଣା ଓ ଅମରେଶ ମହାରଣା, ପୁତ୍ରବଧୂ-ରାଜି, ଲିନା, ଝିଅ-ମାମି, ଜବି, ମାନ, ନାତି-ପ୍ରକୃଦବ, ନାତୁଣୀ-ଆରାଧ୍ୟା ତଥା ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ମୃତ୍ୟୁଞ୍ଜୟ ବାରିକ
ଆବିର୍ଭାବ -୧୮/୦୭/୧୯୮୭
ତିରୋଧାନ -୧୨/୦୬/୨୦୨୧

ଘରର ମେରୁଦଣ୍ଡ ଆଉ ଆମ ତିନି ଭଉଣୀଙ୍କର ସାହସ ଥିଲୁ ତୁ।
ତୁ ସବୁବେଳେ ଆମ ସହ ଅଛୁ ଆଉ ତୋ ଆଶ୍ରିବାଦ ବି ଆମ ସହ ଅଛି ବୋଲି ଦୁନିଆରେ ଯେତେ ବାଧାବିଘ୍ନ ଆସିଲେ ବି ଆମେ ଆଗେଇ ଚାଲିଛୁ.. ତୁ ଯୋଉଠି ଥାଆ ଖୁସି ରେ ଥାଆ...
ତୁ ସବୁବେଳେ ଆମ ମାନଙ୍କର ମନେ ପଡୁଛୁ...
ଆମ ମାନଙ୍କର ଜୀବନରେ ତୋ ସ୍ଥାନ ସଦାସର୍ବଦା ଅପୂରଣୀୟ ହୋଇ ରହିବ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ